# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୩୧/୨୦୧୮ (୨୦ ପୃଷ୍ଠା) | Bhubaneswar, Monday, December 31/ 2018 | ★★★★

୪୫ଶ ଭାଗ ୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ପନ୍ତଙ୍କ ସଫଳତା**

ଚଳିତ ଅଷ୍ଟ୍ରେଲିଆ ବିପକ୍ଷ କ୍ରିକେଟ ଟେଷ୍ଟ ସିରିଜରେ ଉଇକେଟ ପଛରେ ୨୦ଟି କ୍ୟାଚ୍ ନେଇ ରିଷଭ ପନ୍ତ ଏକ ବଡ଼ ସଫଳତା ହାସଲ କରିଛନ୍ତି।

୧୯

୦୨

**ହନିମୁନ୍ ପାଇଁ ବିଦେଶରେ ଦୀପିକା**

ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ରଣବୀର ସିଂ ହନିମୁନ୍ ଉଦ୍ଦେଶ୍ୟରେ ବିଦେଶ ଯାତ୍ରା କରିଛନ୍ତି।








## ମେଲବୋର୍ନ ଟେଷ୍ଟରେ ଭାରତର ବିଜୟ

**ମେଲବୋର୍ନ, ୩୦।୧୨ (ପି.ଟି.)**

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ୧୩୭ ରନରେ ବିଜୟୀ ହୋଇଛି। ୪ ମ୍ୟାଚ ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ୨–୧ରେ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ରେ ମୋଟ ୯ଟି ଉଇକେଟ ହାସଲ କରିଥିବା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥି ସହିତ ଭାରତ ବର୍ଡର–ଗାଭାସ୍କର ଟ୍ରଫିକୁ ବଜାୟ ରଖିବାରେ ସଫଳ ହୋଇଛି ଓ ୧୫୦ତମ ଟେଷ୍ଟ ବିଜୟ ହାସଲ କରିଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ବିଦେଶରେ ୧୧ଟି ଟେଷ୍ଟ ଜିତିଛି। ଫଳରେ କୋହଲି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି।

(ବିସ୍ତୃତ ରିପୋର୍ଟ ପୃଷ୍ଠା–୧୯)

**ଆଜିର ସମ୍ପାଦକୀୟ**

### ବିପଦରେ ଜୀବନ

**ଆଜିର ମନ୍ତବ୍ୟ**

"ବିରୋଧୀ ମେଣ୍ଟ ଗାଡ଼ିର ଯିଏ ଡ୍ରାଇଭର ହେବେ ତାଙ୍କର ଲର୍ନର ଲାଇସେନ୍ସ ମଧ ନାହିଁ।

– ମୁଖ୍‌ତାର ଆବାସ ନକ୍‌ଭି
କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ–ନଭେମ୍ବର ସମୟରେ ଇ–ନିଲାମ ଯୋଗେ ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣରେ ୨୦% ହ୍ରାସ ଘଟିଛି। – କୋଇଲା ମନ୍ତ୍ରଣାଳୟ







CBSE
Exam Mate
ପୃଷ୍ଠା -୧୫


# ଥରୁଛି ସାରା ଓଡ଼ିଶା

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

- ଦାରିଙ୍ଗବାଡ଼ିରେ ୩ ଡିଗ୍ରୀ
- ୮ ଡିଗ୍ରୀ ତଳେ ୧୩ ସହର

ପ୍ରବଳ ଥଣ୍ଡାରେ ଥରୁଛି ସାରା ଓଡ଼ିଶା। ହାଡ଼ଭଙ୍ଗା ଶୀତ ସାଙ୍ଗକୁ କୋହଲା ପାଗ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସକାଳୁ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ୧୦ଟା ନ ହେବା ପର୍ଯ୍ୟନ୍ତ ବାହାରକୁ ଯିବା କଷ୍ଟକର ହୋଇପଡୁଛି। ଗ୍ରାମାଞ୍ଚଳଗୁଡ଼ିକରେ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ପୋଉଁଥିବା ଦେଖିବାକୁ ମିଳୁଛି। ତେବେ ଉପକୂଳ ଓଡ଼ିଶା ଅପେକ୍ଷା ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳର ଦାରିଙ୍ଗବାଡ଼ିରେ ତାପମାତ୍ରା ୩ଡିଗ୍ରୀକୁ ଖସିଆସିଛି। ଏଠାରେ ତୁଷାରପାତ ହେଉଥିବାବେଳେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ପଶ୍ଚିମ ଓଡ଼ିଶାର ଏକାଧିକ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି।

ରବିବାର ରାଜ୍ୟର ୧୩ ସହରର ତାପମାତ୍ରା ୮ଡିଗ୍ରୀ ତଳେ ରହିଥିଲା। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୪.୫ଡିଗ୍ରୀ ରହିଥିଲାବେଳେ ଅନୁଗୋଳ ୫.୬, ସୋନପୁର ୬, କେନ୍ଦୁଝର ୬.୪, ଭବାନୀପାଟଣା ୬.୫, ଝାରସୁଗୁଡ଼ା ଓ ଟିଟିଲାଗଡ଼ ୭ ଡିଗ୍ରୀ, ବଲାଙ୍ଗୀର ୭.୧, କୋରାପୁଟ ୭.୨, ସମ୍ବଲପୁର ୭.୩, ବାଲେଶ୍ୱର ୭.୮, ସୁନ୍ଦରଗଡ଼ରେ ସର୍ବନିମ୍ନ ତାପମାତ୍ରା ୮ଡିଗ୍ରୀ ରେକର୍ଡ କରାଯାଇଥିଲା। ୫ ସହରର ତାପମାତ୍ରା ୮ରୁ ୧୦ ଡିଗ୍ରୀ ମଧ୍ୟରେ ରହିଛି। ସେଗୁଡ଼ିକ ହେଲା କଟକ, ଭୁବନେଶ୍ୱର, ବାରିପଦା, ହୀରାକୁଦ ଏବଂ ଚାନ୍ଦବାଲି। ସେହିପରି ପାରାଦୀପରେ ତାପମାତ୍ରା ୧୦.୯ ଡିଗ୍ରୀ ରହିଥିବାବେଳେ ଗୋପାଳପୁର ୧୧.୬, ପୁରୀ ୧୨.୧, ମାଲକାନଗିରିରେ ୧୧.୨ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ଦୁଇଦିନ ମଧ୍ୟରେ ପାରଦ ଆହୁରି ଖସିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ମଧ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଏଠାରେ ଗତ କିଛିଦିନ ହେବ ପାରଦ ୧୩ରୁ ୧୦ଡିଗ୍ରୀ ମଧ୍ୟରେ ରହୁଥିଲା। କିନ୍ତୁ ହଠାତ୍ ତାହା ୮.୨ ଡିଗ୍ରୀକୁ ଖସିଯାଇଛି। ଦିନ ସାରା କୋହଲା ପବନ ଜନଜୀବନକୁ ପ୍ରଭାବିତ କରୁଛି। ବିଶେଷ କରି ବାଇକ୍ ଆରୋହୀମାନେ ଅଧିକ ସମସ୍ୟାରେ ପଡୁଛନ୍ତି। ରାଜଧାନୀବାସୀ ଆହୁରି ୩/୪ ଦିନ ପର୍ଯ୍ୟନ୍ତ ଜାଡ଼ରୁ ରକ୍ଷା ପାଇପାରିବେ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ସୂଚନାଯୋଗ୍ୟ, ଦକ୍ଷିଣ ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ସୃଷ୍ଟ ଘୂର୍ଣ୍ଣବଳୟ ଯୋଗୁ କୋହଲା ପାଗ ସହିତ ଶୀତର ପ୍ରକୋପ ବଢ଼ିଛି। ନୂଆବର୍ଷରୁ ଶୀତର ପ୍ରକୋପ କମିବା ସହିତ କୋହଲା ପାଗ ମଧ ହଟିଯିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

## ଦାରିଙ୍ଗବାଡ଼ିରେ ବର୍ଷର ପ୍ରଥମ ତୁଷାରପାତ



ଦାରିଙ୍ଗବାଡ଼ି ଅଞ୍ଚଳରେ ତୁଷାରପାତର ଦୃଶ୍ୟ।

**ଫୁଲବାଣୀ ଅଫିସ/ଦାରିଙ୍ଗବାଡ଼ି/କ.ନୂଆଗାଁ,୩୦।୧୨(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ରବିବାର ଚଳିତ ବର୍ଷର ପ୍ରଥମ ତୁଷାରପାତ ହୋଇଛି। ରବିବାର ଜିଲା ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଫୁଲବାଣୀରେ ପାରଦ ୪.୫ ଡିଗ୍ରୀ ଏବଂ ଦାରିଙ୍ଗବାଡିରେ ୩ଡିଗ୍ରୀ ସେଲସିୟସ ତଳକୁ ଖସିଛି, ଯାହାକି ଚଳିତବର୍ଷର ଏ ପର୍ଯ୍ୟନ୍ତ ସବୁଠାରୁ କମ୍ ତାପମାତ୍ରା ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ରବିବାର ୫ମିଲିମିଟର ତୁଷାରପାତ ହୋଇଥିବା କୁହାଯାଉଛି। ଆଗକୁ ପାରଦ ଆହୁରି କମିବ ବୋଲି ଜିଲା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅପରପକ୍ଷେ ଶୀତ ସାଙ୍ଗକୁ ଘନ କୁହୁଡି ସ୍ଥିତିକୁ ଆହୁରି ସଂଗିନ କରୁଛି।

ବ୍ରାହ୍ମଣୀଗାଁ ଅଞ୍ଚଳରେ ରବିବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବାବେଳେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏଭଳି ତୁଷାରପାତ କେବେ ବ୍ରାହ୍ମଣୀଗାଁ ଅଞ୍ଚଳରେ ହୋଇ ନ ଥିବା ଅଞ୍ଚଳର ୬୦ ବର୍ଷର ବୃଦ୍ଧ ଖଲିଆ ମହାକୁଡ଼, ପୂର୍ବତନ ମହିଳା ସରପଞ୍ଚ କାଗେରୀ ପ୍ରଧାନ ପ୍ରମୁଖ କହିଛନ୍ତି।

ଦାରିଙ୍ଗବାଡ଼ିକୁ ଛାଡ଼ିଦେଲେ ଆଭ୍ୟନ୍ତରୀଣ ଅଞ୍ଚଳ କିଲାବାଡ଼ି, ସସକୁଟି, ଭ୍ରମରବାଡ଼ି, ଗ୍ରିନବାଡ଼ି, ଲାଇନପଡ଼ା, ସିର୍କାବର୍ଗ, ଦନେକବାଡ଼ି, ପ୍ଲିହେରୀ, ଦାସିଂବାଡ଼ି, ସିଆଙ୍ଗବାଲି, ସଲାବାଡ଼ି, ଡକରବାଡ଼ି, ☞ପୃଷ୍ଠା–୪

## ରାଜ୍ୟ ସଭାରେ 'ତିନି ତଲାକ୍' ଆଲୋଚନା ଆଜି

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**



ଲୋକ ସଭାରେ ଉତ୍ତୀର୍ଣ୍ଣ ହେବା ପରେ ରାଜ୍ୟ ସଭାରେ ଏବେ ଅସଲ ପରୀକ୍ଷା। ମୁସଲମାନ ସମ୍ପ୍ରଦାୟରେ ପ୍ରଚଳିତ ତତ୍କାଳ ତିନି ତଲାକ୍ ପ୍ରଥାର ଅପରାଧୀକରଣ ଲାଗି କେନ୍ଦ୍ର ସରକାର ଆଣିଥିବା ବିଲ୍ ଉପରେ ସୋମବାର ରାଜ୍ୟ ସଭାରେ ଆଲୋଚନା କରାଯିବ। ଏଥିପାଇଁ କଂଗ୍ରେସ ଓ ଭାଜପା ପକ୍ଷରୁ ହ୍ୱିପ ଜାରି କରାଯାଇଛି।

କେନ୍ଦ୍ରମନ୍ତ୍ରୀ ବିଜୟ ଗୋୟଲ ରବିବାର ସବୁ ଦଳର ନେତାଙ୍କୁ ଭେଟି ବିଲ୍‌କୁ ସମର୍ଥନ କରିବା ଲାଗି ଅନୁରୋଧ କରିଛନ୍ତି। ଗୁରୁବାର ଏହି ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ବିଲ୍ ସପକ୍ଷରେ ୨୪୫ ଭୋଟ ମିଳିଥିବାବେଳେ ବିରୋଧରେ ୧୧ ଭୋଟ ଯାଇଥିଲା। ତିନି ତଲାକ୍‌ର ଅପରାଧୀକରଣକୁ ବିରୋଧ କରି କେତେକ ବିରୋଧୀ ଦଳ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ତେବେ ରାଜ୍ୟ ସଭାରେ ସରକାରଙ୍କର ସଂଖ୍ୟାବଳ ନ ଥିବାରୁ ଏହି ବିଲ୍ ଗୃହୀତ କରାଇବା କଷ୍ଟକର ହେବ। ବିଲ୍‌କୁ ବର୍ତ୍ତମାନ ସ୍ଥିତିରେ ଗୃହୀତ ହେବାକୁ ଦିଆଯିବ ନାହିଁ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ ବିଲ୍ ପାସ୍ ଲାଗି ରାଜ୍ୟ ସଭାରେ ସମର୍ଥନ ମିଳିଯିବ ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଶୁକ୍ରବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରାଜ୍ୟ ସଭାରେ ବିଲ୍‌କୁ ଅଟକାଇବା ଲାଗି କଂଗ୍ରେସ ଅନ୍ୟ ବିରୋଧୀ ଦଳ ସହ ହାତ ମିଳାଇବ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ଲୋକ ସଭାରେ ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ବିଲ୍, ୨୦୧୮କୁ ୧୦ଟି ବିରୋଧୀ ଦଳ ଖୋଲା ବିରୋଧ କରିଥିଲେ। ଏପରି କି ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ସମର୍ଥନ ଦେଇଆସିଥିବା ଏଆଇଏଡିଏମ୍‌କେ ମଧ ବିଲ୍‌କୁ ବିରୋଧ କରିଥିଲା। ତିନି ତଲାକ୍‌ର ଅପରାଧୀକରଣ ଏବଂ ୩ ବର୍ଷ ଜେଲଦଣ୍ଡ ବ୍ୟବସ୍ଥାକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିଲେ। ଏହାର ଅଧିକ ଅନୁଧ୍ୟାନ ଲାଗି ଯୁଗ୍ମ ଚୟନ କମିଟିକୁ ପଠାଇବା ଲାଗି କଂଗ୍ରେସ ଦାବି କରିଥିଲା। ମହିଳା ସଶକ୍ତୀକରଣ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ ଲାଗି ଅଣାଯାଇଥିବା ବିଲ୍‌କୁ ନେଇ ରାଜନୀତି କରାଯିବା ଉଚିତ ନୁହେଁ ବୋଲି ପ୍ରସାଦ କହିଥିଲେ। ଅନ୍ୟପକ୍ଷରେ ତିନି ତଲାକ୍ ବିଲ୍ ଆଇନରେ ପରିଣତ ହେଲେ ଏହା ବହୁ ପରିବାରକୁ ☞ପୃଷ୍ଠା–୪

## ବଦଳିଲା ୩ ଦ୍ୱୀପର ନାମ

**ପୋର୍ଟ ବ୍ଲେୟାର,୩୦।୧୨**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଥିବା ତିନୋଟି ଦ୍ୱୀପର ନାଁ ବଦଳାଇଛନ୍ତି। ଦେଶର ସ୍ୱାଧୀନତା ପାଇଁ ଲଢ଼େଇବେଳେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ଜାତୀୟ ପତାକା ଉଡ଼ାଇଥିଲେ। ଏହାର ୭୫ତମ ବାର୍ଷିକୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ରୋସ୍ ଆଇଲ୍ୟାଣ୍ଡକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ଭାବେ ନାମିତ କରିଥିବାବେଳେ ନେଲ୍ ଆଇଲ୍ୟାଣ୍ଡକୁ ଶହୀଦ ଦ୍ୱୀପ ଏବଂ ହାଭେଲକ ଆଇଲ୍ୟାଣ୍ଡକୁ ସ୍ୱରାଜ ଦ୍ୱୀପ ଭାବେ ନାମିତ କରିଛନ୍ତି। ପୋର୍ଟବ୍ଲେୟାରଠାରେ ଏକ ସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ଏକ ସ୍ମାରକୀ ଡାକ ଟିକେଟ ଏବଂ ୭୫ ଟଙ୍କିଆ ମୁଦ୍ରାକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିଲେ ଏବଂ ନେତାଜୀ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଘୋଷଣା କରିଥିଲେ। ଏହା ପୂର୍ବରୁ ମୋଦି ମାରିନା ପାର୍କ ଯାଇ ସେଠାରେ ୧୫୦ ଫୁଟ ସ୍ତମ୍ଭରେ ଜାତୀୟ ପତାକା ଉଡାଇଥିଲେ।

## ■ ପୁଣି ଉଠିଲା ମହାନଦୀ ବିବାଦ

# ଫାଇଦା ବଦଳରେ ବଢ଼ିଲା ଅଡୁଆ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

- ମହାନଦୀ ଆମର: ଛତିଶଗଡ ଜଳସମ୍ପଦ ମନ୍ତ୍ରୀ
- ବୈଷୟିକ ଆଲୋଚନା ମାଧ୍ୟମରେ କରାଯିବ ସମାଧାନ: ନିରଞ୍ଜନ



ଛତିଶଗଡ଼ରେ ଭାଜପା ଶାସିତ ରମଣ ସିଂଙ୍କ ସରକାର ଥିବାବେଳେ ମହାନଦୀ ବିବାଦର ସମାଧାନ ନେଇ ଅନିଶ୍ଚିତତା ଲାଗି ରହିଥିଲା। କେନ୍ଦ୍ରରେ ଭାଜପା ଶାସନ କ୍ଷମତାରେ ଥିବାରୁ ଛତିଶଗଡ଼ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ପ୍ରସଙ୍ଗରେ ଓଡ଼ିଶା ଦାବିକୁ ବାରମ୍ବାର ଅଣଦେଖା କରୁଥିବା ଅଭିଯୋଗ ହେଉଥିଲା। ରାଜ୍ୟର ଶାସକ ବିଜେଡି ମଧ ମହାନଦୀ ପ୍ରସଙ୍ଗ ଉଠାଇ କେନ୍ଦ୍ର ଉପରେ ଦୋଷ ଲଦିବା ସହ ବେଶ୍ ରାଜନୈତିକ ଫାଇଦା ହାସଲ କରିବାରେ ସଫଳ ହେଉଥିଲା। ମାତ୍ର ନିକଟରେ ଛତିଶଗଡ ସାଧାରଣ ନିର୍ବାଚନରେ ରମଣ ସିଂଙ୍କ ସରକାରର ପତନ ଘଟି କଂଗ୍ରେସ କ୍ଷମତାକୁ ଫେରିଲା। ଫଳରେ ମହାନଦୀ ଲଢେଇରେ ସାମିଲ ହୋଇ ରାଜ୍ୟ କଂଗ୍ରେସ ନେତୃତ୍ୱ ପତିଆରା ନେବାକୁ ପ୍ରୟାସ କରିଥିଲେ। ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ସହ ଆଲୋଚନା ହୋଇଛି ଏହାର ସମାଧାନ ପାଇଁ ଖୁବ୍‌ଶୀଘ୍ର ବାଟ ଫିଟିବ ବୋଲି କହି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ନୂଆ ଚର୍ଚ୍ଚା ଆରମ୍ଭ କରିଥିଲେ। ମାତ୍ର ରବିବାର ଛତିଶଗଡର ନୂଆ ଜଳସମ୍ପଦ ମନ୍ତ୍ରୀ ରବୀନ୍ଦ୍ର ଚୌବେ ମହାନଦୀ ଆମର ବୋଲି କହି ପୁଣି ଦ୍ୱନ୍ଦ୍ୱ ବଢାଇ ଦେଇଛନ୍ତି। ଅନ୍ୟପଟେ ଛତିଶଗଡରେ କଂଗ୍ରେସ ସରକାର ଥିବାରୁ ପାଇଦା ଉଠାଇବାକୁ ଚେଷ୍ଟା କରି ଦଳର ରାଜ୍ୟ ନେତୃବୃନ୍ଦ ଏବେ ଅକଳରେ ପଡିଯାଇଛନ୍ତି। ଏ ନେଇ ବିଜେଡି ଓ ଭାଜପା ମଧ କଂଗ୍ରେସକୁ କଡା ସମାଲୋଚନା କରିଛନ୍ତି। ☞ପୃଷ୍ଠା–୪


NECC NATIONAL EGG CO-ORDINATION COMMITTEE | 30.12.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 70 | 119 | 129 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 74 | 124 | 134 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers



“ ଜଣେ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ହେବାର ସମସ୍ତ ଉପଯୁକ୍ତ ଗୁଣ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ପାଖରେ ରହିଛି।

-ଶଶୀ ଥରୁର,
ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ୪ ସୂଚନା କମିଶନର ନିଯୁକ୍ତ

**ନୂଆଦିଲ୍ଲୀ,୩୦।୧୨(ପି.ଟି.):** କେନ୍ଦ୍ର ସରକାର କେନ୍ଦ୍ରୀୟ ସୂଚନା କମିଶନ (ସିଇସି)ରେ ୪ ଜଣ ନୂଆ କମିଶନରଙ୍କୁ ନିଯୁକ୍ତି ଦେଇଛନ୍ତି। ସିଇସିରେ ମୁଖ୍ୟ ସୂଚନା ଆୟୁକ୍ତଙ୍କ ସମେତ ୧୧ ଜଣ କମିଶନରଙ୍କ ସ୍ଥାନରେ ବର୍ତ୍ତମାନ ୩ ଜଣ ଅଛନ୍ତି। ନୂଆ ସୂଚନା କମିଶନର ଭାବେ ଯଶୱର୍ଦ୍ଧନ କୁମାର ସିହ୍ନା, ବନଜା ଏନ. ସରନ, ନୀରଜ କୁମାର ଗୁପ୍ତା ଏବଂ ସୁରେଶ ଚନ୍ଦ୍ରଙ୍କ ନିଯୁକ୍ତିକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱୀକୃତି ପ୍ରଦାନ କରିଛନ୍ତି।

### ଅବସର ନେଲେ ଜଷ୍ଟିସ୍ ଲୋକୁର

**ନୂଆଦିଲ୍ଲୀ,୩୦।୧୨(ପି.ଟି.):** ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ମଦନ ବି. ଲୋକୁର ରବିବାର ଅବସର ଗ୍ରହଣ କରିଛନ୍ତି।



ଜାନୁଆରୀ ୧୨ ତାରିଖରେ ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ବିବାଦୀୟ ଖବରଦାତା ସମ୍ମିଳନୀ ଡାକିଥିବା ୪ ବରିଷ୍ଠ ବିଚାରପତିଙ୍କ ମଧ୍ୟରେ ଜଷ୍ଟିସ ଲୋକୁର ଥିଲେ ଅନ୍ୟତମ। ଗତ ୧୪ ତାରିଖ ଶେଷ କାର୍ଯ୍ୟଦିବସରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଭିଡ଼ହିଂସାରେ ପୋଲିସ କର୍ମୀଙ୍କ ମୃତ୍ୟୁ ଘଟଣା : ୧୯ ଗିରଫ

**ଲକ୍ଷ୍ନୌ,୩୦।୧୨(ପି.ଟି.):** ୟୁପିର ଘାଜିପୁରଠାରେ ଶନିବାର ଭିଡ଼ହିଂସାରେ ପୋଲିସ କର୍ମୀଙ୍କ ମୃତ୍ୟୁ ଘଟଣାରେ ୟୁପି ପୋଲିସ ୧୯ଜଣଙ୍କୁ ଗିରଫ କରିଛି। ପ୍ରଧାନମନ୍ତ୍ରୀଙ୍କ ଏକ ଜନସଭା କାର୍ଯ୍ୟକ୍ରମ ଶେଷ ହେବାପରେ ଏହି ହିଂସା ଘଟିଥିଲା। ପ୍ରଧାନମନ୍ତ୍ରୀ ଜନସଭାକୁ ସମ୍ବୋଧିତ କରୁଥିବା ବେଳେ ସଂରକ୍ଷଣ ଦାବିରେ ରାଷ୍ଟ୍ରୀୟ ନିଶାଦ୍ ପାର୍ଟିର କର୍ମକର୍ତ୍ତାମାନେ ସଭାସ୍ଥଳକୁ ପଶିବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କର୍ମୀମାନେ ଜୋର୍‌ଦାର୍ ବିକ୍ଷୋଭ କରିଥିଲେ। ପ୍ରଧାନମନ୍ତ୍ରୀ ସଭାସ୍ଥଳ ଛାଡ଼ିବା ପରେ ସେଠାରୁ ଫେରୁଥିବା ପୋଲିସ ଗାଡ଼ି ଉପରକୁ ବିକ୍ଷୋଭକାରୀମାନେ ଟେକାପଥର ମାଡ଼ କରିଥିଲେ। ଏହି ସମୟରେ ଟ୍ରାଫିକ୍‌କୁ ନିୟନ୍ତ୍ରଣ କରୁଥିବା କରିମୁଦ୍ଦିନ ଥାନା ହେଡ୍ କନଷ୍ଟେବଲ ସୁରେଶ ପ୍ରତାପ ସିଂ ବତ୍ସଙ୍କ ମୁଣ୍ଡରେ ପଥର ମାଡ଼ ହୋଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତ ପୋଲିସ କର୍ମୀ ସୁରେଶଙ୍କ ସ୍ତ୍ରୀଙ୍କୁ ୪୦ ଲକ୍ଷ ଏବଂ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଘାଜିପୁର ଏସ୍‌ପି ଯଶବୀର ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ବୁଲନ୍ଦସହରରେ ଗୋ-ହତ୍ୟା ନେଇ ହୋଇଥିବା ଭିଡ଼ହିଂସାରେ ପୋଲିସ ଇନ୍ସପେକ୍ଟର ସୁବୋଧ କୁମାର ସିଂଙ୍କ ହତ୍ୟାକୁ ମାସେ ପୂରି ନଥିବା ବେଳେ ଶନିବାର ହେଡ୍ କନଷ୍ଟେବଲ ଏହାର ଶୀକାର ହେବା ଘଟଣା ଯୋଗୀ ସରକାରଙ୍କ ଅପାରଗତାକୁ ପୁଣିଥରେ ପଦାରେ ପକାଇଥିବା ସମାଜବାଦୀ ଦଳ ସୁପ୍ରିମୋ ଅଖିଳେଶ ଯାଦବ ପ୍ରତିକ୍ରିୟା ରଖିଛନ୍ତି।

## ଇତିହାସର ଆଇନାରେ

### ଡିସେମ୍ବର ୩୧ରେ ପ୍ରମୁଖ ଘଟଣା

୨୦୧୪ ଡିସେମ୍ବର ୩୧ରେ ଶାଂଘାଇରେ ନୂଆବର୍ଷ ପ୍ରାକ୍ ଉତ୍ସବ ପାଳନ ବେଳେ ଦଳାଚକଟା ଯୋଗୁ ଅନ୍ୟୂନ ୩୬ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୪୯ଜଣ ଆହତ ହୋଇଥିଲେ। ଚାଇନାର ଶାଂଘାଇ ସହର ହେଉଛି ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନବହୁଳ ନଗରୀ। ୨୦୧୭ ସୁଦ୍ଧା ଏହି ନଗରୀର ଲୋକସଂଖ୍ୟା ୨୪.୧୮ ନିୟୁତ। ଏହା ବିଶ୍ୱର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ମଧ୍ୟରୁ ଅନ୍ୟତମ।

୧୯୯୯ ଡିସେମ୍ବର ୩୧ରେ ଇଣ୍ଡିଆନ୍ ଏୟାରଲାଇନ୍ସ ଫ୍ଲାଇଟ୍ ୮୧୪ ଅପହରଣ ନାଟକର ଅନ୍ତ ଘଟିଥିଲା। ଅପହରଣକାରୀଙ୍କ କବଳରେ ୭ଦିନ ରହିବା ପରେ ଆଫଗାନିସ୍ତାନର କାନ୍ଦାହାର ବିମାନ ବନ୍ଦରରେ ୧୯୦ ଯାତ୍ରୀଙ୍କୁ ନିରାପଦରେ ମୁକ୍ତ କରାଯାଇଥିଲା।

# ୧୩ ଦଙ୍ଗାର ତଦନ୍ତ ରିପୋର୍ଟ ଗାଏବ

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**



### ସ୍ଥିତି ଜଣାଇବାକୁ କେନ୍ଦ୍ରକୁ ସିଆଇସିଙ୍କ ନିର୍ଦ୍ଦେଶ

ଦେଶରେ ବିଭିନ୍ନ ସମୟରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥାଏ। ଏହାକୁ ନେଇ ବେଶ୍ କିଛି ଦିନ ଧରି ରାଜନୈତିକ ହଟଚମଟ ଚାଲେ। ବିରୋଧୀ ଦଳ ପକ୍ଷରୁ ବିକ୍ଷୋଭ ପ୍ରତିବାଦ କରାଯାଏ, ବନ୍ଦ ଡାକରା ଦିଆଯାଏ, ପାର୍ଲାମେଣ୍ଟ ଓ ବିଧାନସଭାରେ ତୁମ୍ବିତୋଫାନ ହୁଏ। ଶେଷରେ ସରକାର ଏହାର ତଦନ୍ତ ଲାଗି କମିଶନ କିମ୍ବା କମିଟି ଗଢ଼ନ୍ତି। ହେଲେ ଏହି କମିଟି ତଦନ୍ତ ରିପୋର୍ଟ ଦେଲାରେ ଏତେ ବିଳମ୍ବ କରନ୍ତି ଯେ ସେତେବେଳକୁ ଲୋକଙ୍କ ମନରୁ ଉକ୍ତ ଘଟଣା ଲିଭିଯାଇଥାଏ। ତେଣୁ କମିଟି ରିପୋର୍ଟ ଦେଲେ କି ନାହିଁ ଏବଂ କି ରିପୋର୍ଟ ଦେଲେ ତାକୁ କେହି ଜାଣିପାରନ୍ତି ନାହିଁ କିମ୍ବା ଏଥିପାଇଁ ଅପେକ୍ଷା ମଧ୍ୟ ରଖନ୍ତି ନାହିଁ। ୧୯୬୧ରୁ ୨୦୦୩ ମଧ୍ୟରେ ଦେଶରେ ୧୩ଟି ସାମ୍ପ୍ରଦାୟିକ ଦଙ୍ଗା ଘଟିଛି। ଏଥିପାଇଁ ସରକାର ୧୩ଟି ତଦନ୍ତ କମିଶନ ବସାଇଥିଲେ। କିନ୍ତୁ ତଦନ୍ତ ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପାଖରେ ନାହିଁ। ଏହି ରିପୋର୍ଟ କେଉଁଠି ଅଛି ତାହାର ସ୍ଥିତି ଜଣାଇବାକୁ କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଗୁଡ଼ିକୁ ଖୋଜି ବାହାର କରିବା ଲାଗି ଜଣେ ଅଫିସରଙ୍କୁ ନିଯୁକ୍ତି ଦେବାକୁ ସିଆଇସି କହିଛନ୍ତି।

ବିଭିନ୍ନ ସାମ୍ପ୍ରଦାୟିକ ଦଙ୍ଗା ଘଟଣାର ବିଚାର ବିଭାଗୀୟ କମିଶନ ତଥା ଅନ୍ୟାନ୍ୟ ତଦନ୍ତ କମିଶନଙ୍କ ସମ୍ପୂର୍ଣ୍ଣ ରିପୋର୍ଟ ମନ୍ତ୍ରଣାଳୟଠାରୁ ପାଇବା ଲାଗି ଅଞ୍ଜଳି ଭରଦ୍ୱାଜ ନାମ୍ନୀ ଆରଟିଆଇ କର୍ମୀ ଆବେଦନ କରିଥିଲେ। ଏହାର ଶୁଣାଣି କରି ସୂଚନା କମିଶନର ବିମଳ ଜୁଲକା ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୱେବସାଇଟରେ ମଧ୍ୟ ନାହିଁ। ବିଚାର ବିଭାଗୀୟ ଏବଂ ତଦନ୍ତ କମିଶନ ରିପୋର୍ଟଗୁଡ଼ିକୁ ଅନୁଧ୍ୟାନ କରିବା ଲାଗି ମନ୍ତ୍ରଣାଳୟ ୨୦୦୬ରେ ଜାତୀୟ ସମନ୍ୱୟ ପରିଷଦ ନାମରେ ଏକ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରିଥିଲେ। ଉକ୍ତ ଗ୍ରୁପ୍ ୨୯ଟି ରିପୋର୍ଟ ଅନୁଧ୍ୟାନ କରିଥିବାବେଳେ ଅନ୍ୟ ୧୩ଟି ରିପୋର୍ଟ ମିଳି ନ ଥିଲା ବୋଲି ଭରଦ୍ୱାଜ କହିଛନ୍ତି। ସେଗୁଡ଼ିକ ହେଲା ୧୯୬୧ ମଧ୍ୟପ୍ରଦେଶ ଦଙ୍ଗାର ଶିବ ଦୟାଲ ଶ୍ରୀବାସ୍ତବ କମିଶନ ରିପୋର୍ଟ, ୧୯୬୭ ବିହାର ଦଙ୍ଗାର ଜଷ୍ଟିସ୍ ରଘୁବର ଦୟାଲ କମିଶନ ରିପୋର୍ଟ, ୧୯୬୯ ଗୁଜରାଟ ଦଙ୍ଗାର ଜଷ୍ଟିସ ପି.ଜେ. ରେଡ୍ଡୀ କମିଶନ ରିପୋର୍ଟ, ୧୯୭୪ ଦିଲ୍ଲୀ ଦଙ୍ଗା ଉପରେ ପ୍ରସାଦ କମିଶନ ରିପୋର୍ଟ, ୧୯୮୫ ଗୁଜରାଟ ଦଙ୍ଗାର ଜଷ୍ଟିସ ଭି.ଏସ. ଡାଭେ କମିଶନ ରିପୋର୍ଟ। ଏହା ବ୍ୟତୀତ ୧୯୮୬ ମହାରାଷ୍ଟ୍ର ଦଙ୍ଗା ଘଟଣାର ଜଷ୍ଟିସ ପି.ଏସ. ମାଲଭଙ୍କର କମିଶନ ରିପୋର୍ଟ, ୧୯୮୮ ପଶ୍ଚିମବଙ୍ଗ ଦଙ୍ଗାର ଜଷ୍ଟିସ ହରିଦାସ ଦାସ କମିଶନ ରିପୋର୍ଟ, ୧୯୯୦ ଆନ୍ଧ୍ରପ୍ରଦେଶ ଦଙ୍ଗାର ଆର.ଏସ. ହୀରାମନ ସିଂ କମିଶନ ରିପୋର୍ଟ, ୧୯୯୦ ରାଜସ୍ଥାନ ଦଙ୍ଗାର ଜଷ୍ଟିସ ଏନ.ଏଲ୍. ତିବେରୱାଲ କମିଶନ ରିପୋର୍ଟ,୧୯୯୨ ମଧ୍ୟପ୍ରଦେଶ ଦଙ୍ଗାର ଜଷ୍ଟିସ କେ.କେ. ଦୁବେ କମିଶନ ରିପୋର୍ଟ, ୧୯୯୮ ତାମିଲନାଡୁ ଦଙ୍ଗାର ଜଷ୍ଟିସ ପି.ଆର. ଗୋକୁଳକ୍ରିଷ୍ଣନ କମିଶନ ରିପୋର୍ଟ, ୧୯୯୯ ମହାରାଷ୍ଟ୍ର ଦଙ୍ଗାର ଜଷ୍ଟିସ ଅନନ୍ତ ଡି. ମାନେ କମିଶନ ରିପୋର୍ଟ ଏବଂ ୨୦୦୩ କେରଳ ଦଙ୍ଗା ଉପରେ ଥୋମାସ ପି. ଯୋସେଫ କମିଶନ ରିପୋର୍ଟ।

# ମୃଣାଳ ସେନ୍‌ଙ୍କ ପରଲୋକ

**କୋଲକାତା,୩୦।୧୨(ପି.ଟି.)**



ସମ୍ମାନଜନକ ଦାଦାସାହେବ ଫାଲ୍‌କେ ପୁରସ୍କାର ବିଜେତା ଖ୍ୟାତନାମା ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ମୃଣାଳ ସେନ୍‌ଙ୍କର ୯୫ ବର୍ଷ ବୟସରେ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପାଖରେ ତାଙ୍କ ପୁଅ ରହୁଥିଲେ। ପତ୍ନୀ ତଥା ଅଭିନେତ୍ରୀ ଗୀତା ସେନ୍‌ଙ୍କର ଗତବର୍ଷ ପରଲୋକ ହୋଇଥିଲା। ସାମାଜିକ ବାସ୍ତବତାକୁ କଳାତ୍ମକ ଚିତ୍ରଣ କରିବାରେ ସିଦ୍ଧହସ୍ତ ମୃଣାଳ ଅନେକ ଜାତୀୟ ପୁରସ୍କାର ପାଇଛନ୍ତି। 'ଭୁବନ ଶୋମ୍' ମାଧ୍ୟମରେ ଭାରତୀୟ ଚଳଚ୍ଚିତ୍ରରେ ନୂଆ ଆଲୋଡନ ସୃଷ୍ଟି କରିଥିବା ମୃଣାଳ ଜଣେ ଶ୍ରେଷ୍ଠ ପ୍ରଯୋଜକ ଭାବେ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଚଳଚ୍ଚିତ୍ରକୁ ସ୍ୱୀକୃତ କରାଇଥିଲେ। ତାଙ୍କର ବେଙ୍ଗଲୀ ଚଳଚ୍ଚିତ୍ର 'ଖାରିଜ' ୧୯୮୩ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଜୁରି ପୁରସ୍କାର ପାଇଥିଲା। ଦୀର୍ଘ ୬ ଦଶନ୍ଧି ଧରି ସେ ଉଭୟ ବେଙ୍ଗଲୀ ଓ ହିନ୍ଦୀ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କର ଶ୍ରେଷ୍ଠ ଚଳଚ୍ଚିତ୍ର ମଧ୍ୟରେ ଇଣ୍ଟରଭ୍ୟୁ, କାଲକାଟା ୭୧ ଏବଂ ପଦାତିକ ୭୦ ଦଶକରେ କୋଲକାତାର ସାମାଜିକ ଓ ରାଜନୈତିକ ଚିତ୍ରକୁ ପରିସ୍ଫୁଟ କରିଥିଲା। ଓଡ଼ିଆ ଚଳଚ୍ଚିତ୍ର 'ମୃଗୟା' ନିର୍ମାଣ କରି ସେ ଜାତୀୟ ପୁରସ୍କାର ପାଇଥିଲେ। ତାଙ୍କର ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ନେତା ଓ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତିମାନେ ଶୋକବ୍ୟକ୍ତ କରିଛନ୍ତି। ମୃଣାଳଙ୍କ ପରଲୋକ ବେଙ୍ଗଲ, ଭାରତ ତଥା ସିନେମାଜଗତ ଲାଗି ବଡ଼ କ୍ଷତି ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ତାଙ୍କର ଅଭୁଲା ଚଳଚ୍ଚିତ୍ର ଲାଗି ଦେଶ ତାଙ୍କ ପାଖରେ କୃତଜ୍ଞ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# 'ପ୍ରେରଣା ହିଁ ପ୍ରଗତିର ଆଧାର'



**ନୂଆଦିଲ୍ଲୀ,୩୦।୧୨(ପି.ଟି.):** ୨୦୧୮ ବର୍ଷ ବିଦାୟ ନେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଶେଷଥର ତାଙ୍କର ୫୧ତମ ମାସିକିଆ ମନ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ନୂଆ ବର୍ଷରେ ନୂତନ ଉତ୍ସାହ ଓ ଉଚ୍ଚାଭିଳାଷୀ ଆଭିମୁଖ୍ୟ ପୋଷଣ କରି ଉଚ୍ଚ ଲକ୍ଷ୍ୟ ହାସଲ କରିବାକୁ ସେ ଯୁବପିଢ଼ିଙ୍କୁ ବାର୍ତ୍ତା ଦେଇଛନ୍ତି। ନିଜକୁ ପରିବର୍ତ୍ତନ କରିବା ସହ ଦେଶରେ ନୂତନତା ଆଣିବା ଦିଗରେ ବର୍ତ୍ତୀ ହେବାକୁ ସେ ପ୍ରବର୍ତ୍ତାଇଛନ୍ତି। ପ୍ରେରଣା ହିଁ ପ୍ରଗତିର ଆଧାର ବୋଲି ମୋଦି ଦର୍ଶାଇଛନ୍ତି। ଦାରିଦ୍ର୍ୟ ଦୂରୀକରଣରେ ସୁଧାର ଅଣାଯାଇଛି। 'ସହଜ ବ୍ୟବସାୟ' ବ୍ୟବସ୍ଥାରେ ଆଶାନୁରୂପକ ସଫଳତା ସମ୍ଭବ ହୋଇଛି। ଆର୍ଥିକ, ସାମାଜିକ, ସୌର ଶକ୍ତି, ପାଣିପାଗ ପରିବର୍ତ୍ତନ, ଖେଳ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୨୦୧୮ରେ ଦେଶର ଉପଲବ୍ଧି ଦେଶବାସୀଙ୍କ ସାମୂହିକ ଉଦ୍ୟମ ଯୋଗୁ ସାକାର ହୋଇଛି। ସମସ୍ତଙ୍କର ସହଯୋଗ ଓ ପ୍ରେରଣା ଦ୍ୱାରା ଆଜି ଦେଶରେ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିଥିବା ସେ କହିଛନ୍ତି। ୨୦୧୮ର ସଫଳତା ବିଷୟରେ ଉଲ୍ଲେଖ କରି ବିଶ୍ୱର ସର୍ବାଧିକ ଲୋକପ୍ରିୟ 'ଆୟୁଷ୍ମାନ ଭାରତ' ସ୍ୱାସ୍ଥ୍ୟ ବୀମା ପଲିସି, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସର୍ବୋଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟ୍, ପ୍ରତି ଗାଁର ଘରେ ଘରେ ବିଜୁଳି ପହଞ୍ଚାଇବା ଲକ୍ଷ୍ୟ ସାଧିତ ହୋଇପାରିଥିବା ସେ ବ୍ୟକ୍ତ କରିଛନ୍ତି। ଭାରତକୁ 'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ' ସର୍ବୋଚ୍ଚ ପରିବେଶ ପୁରସ୍କାରରେ ଜାତିସଂଘ ସମ୍ମାନିତ କରିଥିବା ସେ ଜଣାଇଛନ୍ତି।

## ବାଂଲାଦେଶ ନିର୍ବାଚନ: ହାସିନାଙ୍କ ଦଳ ଆଗରେ

# ନିର୍ବାଚନୀ ହିଂସାରେ ୧୩ ମୃତ

**ଢାକା,୩୦।୧୨(ପି.ଟି.)**

ବାଂଲାଦେଶର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ମଧ୍ୟରେ ଭୋଟଗ୍ରହଣ ରବିବାର ଶେଷ ହୋଇ ଗଣନା ଜାରି ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଅଳ୍ପ କେତେକ ଆସନରେ ଭୋଟଗଣନା ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଦଳ ଆୱାମୀ ଲିଗ୍ ଆଗରେ ରହିଥିବା ଜଣାପଡ଼ିଛି। ନିର୍ବାଚନୀ ହିଂସାରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ବହୁସଂଖ୍ୟାରେ ଆହତ ହୋଇଛନ୍ତି। ଦଳ ଆୱାମୀ ଲିଗ୍‌ର କର୍ମୀମାନେ ବିଭିନ୍ନ ସ୍ଥାନରେ ଭୋଟିଂ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ଗୋଟିଏ ନିର୍ବାଚନମଣ୍ଡଳୀରେ ମତଦାନ ସ୍ଥଗିତ ରହିଥିବାବେଳେ ଅବଶିଷ୍ଟ ୨୯୯ ଆସନ ଲାଗି ରବିବାର ସକାଳ ୮ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହୋଇଥିଲା। ହାସିନା ଚତୁର୍ଥ ଥର ଲାଗି କ୍ଷମତା ବଜାୟ ରଖିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧୀ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି ଅଧ୍ୟକ୍ଷା ଖାଲିଦା ଜିଆ ଏବେ ଢାକା ଜେଲ୍‌ରେ ଅଛନ୍ତି ଏବଂ ସେ ଆଂଶିକ ପକ୍ଷାଘାତ ଆକ୍ରାନ୍ତ ଥିବା ଜଣାପଡ଼ିଛି। ସୋମବାର ଫଳାଫଳ ଘୋଷଣା ହୋଇଯିବ ବୋଲି ଆଶା କରାଯାଉଛି।

## ଫୁର୍‌ସତ

# ଅବତରଣ କରିବ ଲୁନାର ପ୍ରୋବ

**ବେଜିଂ:** ଚାଇନା ଲଞ୍ଚ୍ କରିଥିବା ଲୁନାର ପ୍ରୋବ୍ ରବିବାର ଏହାର କକ୍ଷପଥ ପରିବର୍ତ୍ତନ କରି ଚନ୍ଦ୍ରର ଅନ୍ଧକାର ପାର୍ଶ୍ୱରେ ଅବତରଣ କରିବାକୁ ପ୍ରସ୍ତୁତ ହେଉଛି। ପ୍ରଥମ ଥର ଲାଗି ଚନ୍ଦ୍ରର ଅନ୍ଧକାର ଦିଗ ଅନୁସନ୍ଧାନ କରିବାକୁ ଉଦ୍ୟମ ହୋଇଛି। ଚନ୍ଦ୍ରର ପରିକ୍ରମଣ ଏବଂ ଆବର୍ତ୍ତନ ଚକ୍ର ସମାନ ହୋଇଥିବାରୁ ଏହାର ଗୋଟିଏ ପାର୍ଶ୍ୱ ସବୁବେଳେ ପୃଥିବୀମୁହାଁ ହୋଇ ରହିଥାଏ। ବିପରୀତ ପାର୍ଶ୍ୱ ପୃଥିବୀକୁ ଆଦୌ ଦେଖାଯାଏ ନାହିଁ। ଚନ୍ଦ୍ରର ଏହି ପାର୍ଶ୍ୱକୁ ଫାର ସାଇଡ୍ ବା 'ଡାର୍କ ସାଇଡ୍' କୁହାଯାଏ। ଚେଞ୍ଜ୍-୪ ପ୍ରୋବ୍ ଡିସେମ୍ବର ୧୨ରେ ଚନ୍ଦ୍ର କକ୍ଷରେ ପ୍ରବେଶ କରିଥିବା ଚାଇନାର



ନ୍ୟାଶନାଲ ସ୍ପେସ୍ ଆଡମିନିଷ୍ଟ୍ରେଶନ୍ (ସିଏନ୍ଏସ୍ଏ) ପକ୍ଷରୁ କୁହାଯାଇଛି। ଚାଇନାର ନିୟନ୍ତ୍ରଣ କେନ୍ଦ୍ର ଯଥାର୍ଥ ସମୟରେ ଉକ୍ତ ପ୍ରୋବ୍‌କୁ ଚନ୍ଦ୍ରର ଫାର ସାଇଡରେ ଅବତରଣ କରାଇବ। ପ୍ରୋବ୍‌କୁ ସିଚୁଆନ୍ ପ୍ରଦେଶର ଜିଚାଙ୍ଗ ସାଟେଲାଇଟ୍ ଲଞ୍ଚ୍ ସେଣ୍ଟରରୁ ଡିସେମ୍ବର ୮ରେ ରକେଟ ଯୋଗେ ଲଞ୍ଚ୍ କରାଯାଇଥିଲା।

# ଭାରତରେ ବିଡ଼ିଧୂଆଁଜନିତ ସ୍ୱାସ୍ଥ୍ୟ ସମସ୍ୟା

**କୋଚି:** ବିଡିଧୂଆଁ ପାନ କରିବା ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ସହିତ ଏହା ଅକାଳ ମୃତ୍ୟୁକୁ ଡାକି ଆଣେ। ଭାରତରେ କେବଳ ୨୦୧୭ରେ ବିଡି ଖାଇବା ଜନିତ ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ୮୦ ହଜାର କୋଟି ଟଙ୍କା ବ୍ୟୟ ହୋଇଛି ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ବିଡିକୁ ଏକ ଶସ୍ତା ସିଗାରେଟ୍ କୁହାଯାଏ। ବିନା ପ୍ରକ୍ରିୟାକରଣରେ ତମାଖୁକୁ କେନ୍ଦୁପତ୍ରରେ ଗୁଡାଇ ଏହା ପ୍ରସ୍ତୁତ କରାଯାଏ। ଭାରତରେ ଏହା ଖୁବ୍ ଲୋକପ୍ରିୟ। ଉତ୍ପାଦିତ ତମାଖୁର ୮୧% ଧୂମ ଆକାରରେ ସେବନ କରାଯାଏ। ୧୫ବର୍ଷ ବୟସରୁ ଊର୍ଦ୍ଧ୍ୱ ୭୨ ନିୟୁତ ଲୋକ ନିୟମିତ ତମାଖୁ ସେବନ କରନ୍ତି। ଧୂମପାନରେ କୌଣସି ପ୍ରତିବନ୍ଧକ ରହୁ ନ ଥିବା ଯୋଗୁ ଅନେକ ଲୋକ ଏଥିପାଇଁ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଆନ୍ତି। ଜର୍ନାଲ ଟବାକୋ କଣ୍ଟ୍ରୋଲରେ ପ୍ରକାଶିତ ଅଧ୍ୟୟନରୁ ଏହି ସୂଚନା ମିଳିଛି।

କେରଳସ୍ଥିତ ସେଣ୍ଟର ଫର ପବ୍ଲିକ ପଲିସି ରିସର୍ଚ୍ଚ(ସିପିପିଆର)ର ଗବେଷକଙ୍କ କହିବାନୁଯାୟୀ, ପାରମ୍ପରିକ ସିଗାରେଟ ଅପେକ୍ଷା ବିଡିରେ ତମାଖୁ ମାତ୍ରା କମ୍ ଥିଲେ ହେଁ ନିକୋଟିନ୍ ପରିମାଣ ଅଧିକ। ଏହାଦ୍ୱାରା ଧୂମପାନକାରୀ



**ବ୍ୟୟ ହୋଇଛି ୮୦ ହଜାର କୋଟି**

କ୍ଷତିକାରକ ରସାୟନ ଶ୍ୱାସକ୍ରିୟାରେ ଶରୀର ଭିତରକୁ ନେଇଥାଏ। ବିଡିଧୂଆଁ ପାନ କରିବା ଦ୍ୱାରା ବିଭିନ୍ନ ପ୍ରକାର କ୍ୟାନ୍‌ସର, ଟ୍ୟୁବରକୁଲୋସିସ୍ ଏବଂ ଦୀର୍ଘକାଳୀନ ଫୁସଫୁସ ସମସ୍ୟା ସୃଷ୍ଟି ହୋଇଥାଏ। ସ୍ୱାସ୍ଥ୍ୟ ଉପରେ ଏହାର ଖରାପ ପ୍ରଭାବ ସତ୍ତ୍ୱେ ସିଗାରେଟ୍ ତୁଳନାରେ ଏହା ଉପରେ କମ୍ ଶୁଳ୍କ ଲଗାଯାଇଛି। ଏକ ଆକଳନ ଅନୁଯାୟୀ, ୨୦୧୭ରେ ବିଡିଧୂଆଁ ପାନ କରିବା ଯୋଗୁ ସୃଷ୍ଟ ସ୍ୱାସ୍ଥ୍ୟ ସମସ୍ୟା ଓ ଚିକିତ୍ସା ବାବଦରେ ଯେତେ ବ୍ୟୟ ହୋଇଛି ତାହାର ପରିମାଣ ପାଖାପାଖି ୮୦,୦୦୦ କୋଟି ଟଙ୍କା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୬ ଡିଗ୍ରୀ ଏବଂ ସର୍ବନିମ୍ନ ୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୧ | ୭.୮ |
| ଚାନ୍ଦବାଲି | ୨୪.୮ | ୯.୫ |
| କଟକ | ୨୫.୦ | ୮.୨ |
| ପାରାଦ୍ୱୀପ | ୨୫.୨ | ୧୦.୯ |
| ଭୁବନେଶ୍ୱର | ୨୬.୭ | ୮.୨ |
| ଗୋପାଳପୁର | ୨୬.୬ | ୧୧.୬ |
| ପୁରୀ | ୨୫.୦ | ୧୨.୧ |
| ଅନୁଗୋଳ | ୨୪.୧ | ୫.୬ |
| ବାରିପଦା | --- | ୯.୦ |
| ଝାରସୁଗୁଡ଼ା | ୨୪.୪ | ୭.୦ |
| କେନ୍ଦୁଝର | ୨୧.୮ | ୬.୪ |
| ସମ୍ବଲପୁର | ୨୫.୬ | ୭.୩ |
| ସୁନ୍ଦରଗଡ଼ | ୨୧.୦ | ୮.୦ |
| ହୀରାକୁଦ | ୨୫.୧ | ୮.୭ |
| ତାଳଚେର | --- | --- |
| ଭବାନୀପାଟଣା | ୨୪.୫ | ୭.୧ |
| ବଲାଙ୍ଗୀର | --- | ୮.୫ |
| କୋରାପୁଟ | ୨୨.୦ | ୭.୨ |
| ଫୁଲବାଣୀ | ୨୩.୦ | ୪.୫ |
| ଟିଟିଲାଗଡ଼ | --- | ୭.୦ |
| ମାଲକାନଗିରି | ୨୮.୦ | ୧୧.୨ |
| ସୋନପୁର | ୨୫.୨ | ୬.୦ |
| ଦାରିଙ୍ଗିବାଡ଼ି | ୨୧.୫ | ୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ହନିମୁନ୍ ପାଇଁ ବିଦେଶରେ ଦୀପିକା-ରଣବୀର

**ମୁମ୍ବାଇ:** ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ରଣବୀର ସିଂ ହନିମୁନ୍ ଉଦ୍ଦେଶ୍ୟରେ ବିଦେଶ ଯାତ୍ରା କରିଛନ୍ତି। ଇଟାଲିର ଲେକ୍ କୋମୋରେ ନଭେମ୍ବର ୧୪ ଓ ୧୫ରେ ଦୁହିଁଙ୍କର ହାତଗଣ୍ଠି ପଡ଼ିଥିଲା। ଶନିବାର ରାତିରେ ସେମାନେ ହନିମୁନ୍ ଉଦ୍ଦେଶ୍ୟରେ ବିଦେଶ ଯାତ୍ରା କରିଛନ୍ତି। ତେବେ ଏହି ଲକ୍ଷ୍ୟସ୍ଥଳ କେଉଁଠି ତାହା ଜଣାପଡିନାହିଁ। ଉଭୟ କଳା ଡ୍ରେସ ଓ କଳା ଚଷମା ପରିଧାନ କରି ସହାସ୍ୟ ବଦନରେ ହାତ ଧରାଧରି ହୋଇ ବିମାନବନ୍ଦରକୁ ଯାଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଦୀପିକା ଏକ ସାକ୍ଷାତକାରରେ କହିଛନ୍ତି, ରଣବୀରଙ୍କ ଅଭିନୀତ ଫିଲ୍ମ 'ସିମ୍ବା' ରିଲିଜ ହେବା ପର୍ଯ୍ୟନ୍ତ ସେମାନେ ବାହାରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଆଗକୁ ଦୀପିକାଙ୍କ ଜନ୍ମଦିନ ଥିବା ବେଳେ ଏହି ନବଦମ୍ପତି କର୍ମକ୍ଷେତ୍ରକୁ ଫେରିବା ପୂର୍ବରୁ ହଲିଡେକୁ ପୂରା ଦମ୍‌ରେ ଉପଭୋଗ କରିବେ ବୋଲି ସୂଚନା ମିଳିଛି। ଆଗକୁ ଉଭୟ ଦୀପିକା ଓ ରଣବୀର ଖୁବ୍ କାର୍ଯ୍ୟବ୍ୟସ୍ତ ରହିବେ। ରଣବୀରଙ୍କ ପରବର୍ତ୍ତୀ ଫିଲ୍ମ 'ଗୁଲି ବଏ' ଫେବୃୟାରୀରେ ରିଲିଜ ହେବାର ଥିବାବେଳେ ଦୀପିକା ତାଙ୍କର ପ୍ରଥମ ପ୍ରଯୋଜନାର ଫିଲ୍ମ 'ଛପକ'ରେ ଏସିଡ ଆକ୍ରମଣରୁ ବର୍ତ୍ତିଯାଇଥିବା ଲକ୍ଷ୍ମୀ ଅଗ୍ରୱାଲ୍ ଭୂମିକାରେ ଦେଖିବାକୁ ମିଳିବେ।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.




## ସଂକ୍ଷେପରେ

### ୧୨ ଫୁଟ ଲମ୍ବର ମୃତ ବଉଳା କୁମ୍ଭୀର ଉଦ୍ଧାର

**ରାଜନଗର,୩୦।୧୨(ଡିଏନଏ):** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ରବିବାର ଗୋଟିଏ ମୃତ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଏହାର ଲମ୍ବ ୧୨ ଫୁଟ ଓ ଏହା ମାଈ କୁମ୍ଭୀର ବୋଲି ଜଣାପଡିଛି। ପୂର୍ବାହ୍ନ ୧୦ଟା ସମୟରେ ରାଜକନିକା ବ୍ଲକର ଜୟନଗର ନିକଟ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରେ କୁମ୍ଭୀରଟି ମରି ଭାସୁଥିବାର ବନବିଭାଗ ଖବର ପାଇଥିଲା। ବନପାଳ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକୁ ଯାଇ ମୃତ କୁମ୍ଭୀରକୁ ବୋଟରେ ଟାଣି ଟାଣି ଖୋଲା ନଦୀକୂଳକୁ ଆଣିଥିଲେ। ପରେ କୁମ୍ଭୀରକୁ ରାଜନଗର ପଶୁ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପୋତି ଦିଆଯାଇଛି। କୁମ୍ଭୀରଟି ସମ୍ପୂର୍ଣ୍ଣ ପଚି ଯାଇଥିବା ଦେଖିବାକୁ ମିଳିଥିଲା। ତେଣୁ ୩-୪ ଦିନ ତଳୁ ଏହା ମରି ଯାଇଥିବା ଅନୁମାନ କରାଯାଉଛି। କୁମ୍ଭୀର ମୃତ୍ୟୁର କାରଣ ଜଣା ପଡିନାହିଁ।

### ଜଳିଗଲେ ୨୮ ଗୃହପାଳିତ ପ୍ରାଣୀ

#### ୩ ଗୋରୁ, ୧୫ ଛେଳି ସହ ୧୦ କୁକୁଡ଼ା ମୃତ

**ଭଣ୍ଡାରିପୋଖରୀ, ୩୦।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତ ଯୋରାଗଡ଼ିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୁହାଳ ସହ ୧ ବଖରା ଘର ଜଳି ଯାଇଥିବା ବେଳେ ୨୮ ଗୃହପାଳିତ ପ୍ରାଣୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ପୋଡ଼ି ଯାଇଥିବା ଗୃହପାଳିତ ପ୍ରାଣୀ ମଧ୍ୟରେ ୩ ଗୋରୁ, ୧୫ ଛେଳି ଓ ୧୦ କୁକୁଡ଼ା। ୪ ଗୋରୁ ଆହତ ହୋଇଛନ୍ତି। ଏଥିସହ ଗ୍ରାମର ଅମରେନ୍ଦ୍ର ପାଲ, ତିଲୋତ୍ତମା ପାଲ, ଯତିନ୍ଦ୍ର ପାଲ ଓ ସମରଶେଖର ପାଲଙ୍କର ୪ଟି ଧାନ ଗଦା ପୋଡ଼ି ଯାଇଛି। ଅମରେନ୍ଦ୍ରଙ୍କ ଗୁହାଳରେ ଦିଆଯାଇଥିବା ଧୂଆଁରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବିଭିନ୍ନ ରାଜନେତା ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

### ରାଜ୍ୟର ସବୁ ପୌରାଞ୍ଚଳରେ ମେ' ସୁଦ୍ଧା ଏଲ୍‌ଇଡି

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଏଲ୍‌ଇଡି ଦ୍ୱାରା ଆଲୋକିତ କରାଯିବ। ଏଥିପାଇଁ ଏକ ଏମ୍‌ଓୟୁ ରାଜ୍ୟ ସରକାର ସ୍ୱାକ୍ଷର କରିଛନ୍ତି। ଆସନ୍ତା ମେ' ସୁଦ୍ଧା ରାଜ୍ୟର ୧୧୩ଟି ପୌରାଞ୍ଚଳରେ ଏହି ସୁବିଧା ଉପଲବ୍ଧ କରାଯିବ। ଏଥିପାଇଁ ପ୍ରାୟ ୬୧,୦୦୦ରୁ ଅଧିକ ସ୍ମାର୍ଟ ଏଲ୍‌ଇଡିର ଆବଶ୍ୟକତା ପଡିବ ବୋଲି ପ୍ରାଥମିକ ଆକଳନ କରାଯାଇଛି। ଶନିବାର ନଗର ଉନ୍ନୟନ ବିଭାଗ, ପୌରସଂସ୍ଥା ଏବଂ ସଂପୃକ୍ତ ଏଲ୍‌ଇଡି ଲଗାଉଥିବା ସଂସ୍ଥା ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି।

## ସରକାରଙ୍କ ଦୃଷ୍ଟିରେ ଶ୍ରୀମନ୍ଦିର ଅତିରିକ୍ତ ଦାୟିତ୍ୱ

# 'କା'ରେ ଚାଲିଛି ପରିଚାଳନା

**ପୁରୀ ଅଫିସ,୩୦।୧୨**

ଶ୍ରୀମନ୍ଦିରର ରୀତିନୀତି, ସେବାପୂଜା, ଦର୍ଶନ, ପ୍ରସାଦ ସବୁଥିରେ ଦେଖାଦେଇଛି ଚରମ ବିଶୃଙ୍ଖଳା। ମନଇଚ୍ଛା ମନ୍ଦିରକୁ ବନ୍ଦ କରିଦିଆଯାଉଛି। ମହାପ୍ରଭୁଙ୍କୁ ଉପବାସ, ଅନିଦ୍ରା ରଖାଯାଉଛି। ଭକ୍ତଙ୍କ ଦର୍ଶନ ଅଧିକାରକୁ ବି ଛଡାଇ ନିଆଯାଉଛି। ହିନ୍ଦୁ ଧର୍ମର ଏହି ମହାନ ପବିତ୍ର ପୀଠରେ ଏଭଳି ବିଭ୍ରାଟ ଘଟୁଥିଲେ ମଧ୍ୟ ସରକାରଙ୍କ କିଛି ପରବାୟ ନାହିଁ। ମନ୍ଦିର ପରିଚାଳନା ସରକାରଙ୍କ ନଜରରେ ଏକ ଅତିରିକ୍ତ ଦାୟିତ୍ୱ। ୨୦୦୪ରେ ଯେତେବେଳେ ସଂସ୍କାର ବ୍ୟବସ୍ଥା ଲାଗୁ ହେଲା ଜଣେ କମିଶନର ପାହ୍ୟାର ଅଧିକାରୀଙ୍କୁ ପୂର୍ଣ୍ଣକାଳୀନ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ତାହାକୁ ପାସୋରି ଦେଇଛନ୍ତି ସରକାର। ଆଜି ବି 'କା'ରେ ଚଳାଇଛନ୍ତି ଶ୍ରୀମନ୍ଦିର ପରିଚାଳନା। କୌଣସି ବିଭାଗୀୟ ସଚିବ ବା ପ୍ରମୁଖ ସଚିବଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ ସରକାର ତାଙ୍କ କର୍ତ୍ତବ୍ୟକୁ ସୀମିତ ରଖିଛନ୍ତି।

ଶ୍ରୀମନ୍ଦିରରେ ସକାଳୁ ବିଳମ୍ବିତ ରାତିଯାଏ ଗହଳି ଲାଗେ। ସାଧାରଣ ଦିନରେ ପ୍ରାୟ ୫୦ରୁ ୬୦ ହଜାର ଭକ୍ତ ଆସୁଥିବା ବେଳେ ବିଭିନ୍ନ ପର୍ବପର୍ବାଣି ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ପାଦପଡେ। ୧୯୬୦ରୁ ରାଜ୍ୟ ସରକାର ଗଜପତି ମହାରାଜାଙ୍କଠାରୁ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହାର ପରିଚାଳନା ପାଇଁ ମୁଖ୍ୟ ପ୍ରଶାସକ ପଦବୀ ରହିଛି। ଗତ କିଛି ବର୍ଷ ହେଲା ଜଣେ ଆଇଏଏସ୍ ଅଫିସରଙ୍କୁ ସରକାର ଏହି ପଦବୀରେ ରଖୁଛନ୍ତି। କିନ୍ତୁ ପୂର୍ଣ୍ଣକାଳୀନ ନୁହେଁ। ପ୍ରଦୀପ୍ତ ମହାପାତ୍ର ହୁଅନ୍ତୁ କି ଅରବିନ୍ଦ ପାଢୀ, ସୁରେଶ ମହାପାତ୍ର ହୁଅନ୍ତୁ କି ପ୍ରଦୀପ ଜେନା ଏହି ଆଇଏଏସ୍ ଅଫିସରଙ୍କ କାନ୍ଧରେ ପ୍ରମୁଖ ବିଭାଗର ଦାୟିତ୍ୱ ଥିବାବେଳେ ସରକାର ସେମାନଙ୍କୁ ଶ୍ରୀମନ୍ଦିର ପରିଚଳାନା ପାଇଁ ପଠାଇଆସିଛନ୍ତି। ବର୍ତ୍ତମାନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରହିଥିବା ପ୍ରଦୀପ୍ତ ମହାପାତ୍ର ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଅଛନ୍ତି।

ବୁଦ୍ଧିଜୀବୀ ସରୋଜ କୁମାର ବେହେରା କହିଛନ୍ତି ଯେ, ମୁଖ୍ୟ ପ୍ରଶାସକମାନେ ସପ୍ତାହକୁ ଥରେ କିମ୍ବା ଦୁଇଥର ପୁରୀ ଆସିବା କଷ୍ଟକର। ସେମାନେ ମୁଖ୍ୟ ଦାୟିତ୍ୱକୁ ଗୁରୁତ୍ୱ ଦେଇ ଭୁବନେଶ୍ୱରରେ ରାତି କାଟୁଥିବାବେଳେ ଏପଟେ ଅସହାୟ ହୋଇପଡେ ଶ୍ରୀମନ୍ଦିର। କୌଣସି ସମୟରେ କିଛି ବି ଘଟଣା କିମ୍ବା ବିଶୃଙ୍ଖଳା ହେଲେ ହଠାତ୍ ସେମାନଙ୍କ ଦେଖା ମିଳି ନ ଥାଏ। ଫଳରେ ବିଶୃଙ୍ଖଳା ଚରମ ବିଭ୍ରାଟ ଆଡକୁ ଗତି କରେ। ନିକଟରେ ତାହା ହୋଇଛି। ଭିତରଚ୍ଛ ଭବାନୀ ଶଙ୍କର ମହାପାତ୍ରଙ୍କୁ ପୋଲିସ ମାଡ଼ ମାରିଥିବା ନେଇ ସେ ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଜଣାଇଥିଲେ। ମୁଖ୍ୟ ପ୍ରଶାସକ ଭୁବନେଶ୍ୱରରେ ଥିବାରୁ ଟେଲିଫୋନରେ ସମାଧାନ ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ। ଟେଲିଫୋନରେ ବି ତାଙ୍କୁ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରକାର ବିଶୃଙ୍ଖଳା ହେବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଗଲା। ହେଲେ ସକାଳକୁ ଖୋଲିନାହିଁ ଦ୍ୱାର। ସେବାୟତମାନେ ଧାରଣା ଦେଲେ। ଠାକୁର ଉପବାସରେ ରହିଲେ, ଭକ୍ତ ଦର୍ଶନ ନ କରି ଫେରିଲେ। ସମାଧାନ ପାଇଁ ମୁଖ୍ୟ ପ୍ରଶାସକ ଟେଲିଫୋନରେ ଜିଲାପାଳ ଏବଂ ଏସ୍‌ପିଙ୍କୁ କହିଲେ। ହେଲେ ଜିଲାପାଳ କିମ୍ବା ଏସ୍‌ପିଙ୍କୁ ଭରସି ପାରିଲେନି ସେବାୟତ। ମୁଖ୍ୟ ପ୍ରଶାସକ ଆସନ୍ତୁ ବୋଲି ଅଡି ବସିଥିଲେ। ଏମିତି ଭିତରେ ଠାକୁରଙ୍କ ନୀତିରେ ୧୪ ଘଣ୍ଟା ବିଳମ୍ବ ହେଲା।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି ଯେ, ଠିକଣା ସମୟରେ ମୁଖ୍ୟ ପ୍ରଶାସକଙ୍କ ଅନୁପସ୍ଥିତିକୁ ନେଇ ପୂର୍ବରୁ ବହୁ ପ୍ରକାର ସମସ୍ୟା ଉପୁଜିଛି। ତେଣୁ ଶ୍ରୀମନ୍ଦିର ପରିଚାଳନା ପାଇଁ ସରକାର ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକଙ୍କୁ ନିଯୁକ୍ତି ଦେବା ଦରକାର। ସମ୍ପୃକ୍ତ ଅଫିସର ପୁରୀରେ ରହି ସେବାୟତ ଏବଂ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବା ଉଚିତ। ନଚେତ ଆଗକୁ ଶ୍ରୀମନ୍ଦିରର ପରିଚାଳନା ଆହୁରି ବିଗିଡ଼ିଯିବ।

## ଆଜି ମୋହରିର ମହାସଂଘର କଲମଛାଡ଼ ଆନ୍ଦୋଳନ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ):** ନିଖିଳ ଉତ୍କଳ ଦଲିଲ ଲେଖକ ମୋହରିର ମହାସଂଘ ସୋମାବାର ପ୍ରତିବାଦ ଦିବସ ପାଳନ କରିବ। ଏହି ଅବସରରେ ରାଜ୍ୟର ସମସ୍ତ ସବରେଜିଷ୍ଟ୍ରାର କାର୍ଯ୍ୟାଳୟର ମୋହରୀରମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କଲମଛାଡ ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି ବଂଶୀଧର ବେହେରା ସୂଚନା ଦେଇଛନ୍ତି।




# ବିଜୁ କୃଷକ ଜନତା ଦଳର ସାଙ୍ଗଠନିକ ପୁନର୍ଗଠନ

## ରାଜ୍ୟ କାର୍ଯ୍ୟକର୍ତ୍ତା, ଜିଲା ସଭାପତିଙ୍କ ନାମ ଘୋଷଣା

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ବିଜୁ କୃଷକ ଜନତା ଦଳ ପକ୍ଷରୁ ଆସନ୍ତା ୮ରେ ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମ୍‌ରେ ବିକ୍ଷୋଭ ପ୍ରଦର୍ଶନ ହେବ। ଏହା ପୂର୍ବରୁ କୃଷକ ଜନତା ଦଳର ରାଜ୍ୟ କର୍ମକର୍ତ୍ତା ଏବଂ ଜିଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଦଳ ପକ୍ଷରୁ ରବିବାର ନୂତନ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ ପାଇଛି।

କମିଟିର ଉପସଭାପତି ଭାବେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, କଳାହାଣ୍ଡି କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଜିତେନ୍ଦ୍ର ନାରାୟଣ ସିଂ, ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ସମିତି ସଭାପତି ଅଲେଖ ଚୌଧୁରୀ, ସମ୍ବଲପୁର କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ କିଶୋର ମେହେର, ଅନ୍ତର୍ଯ୍ୟାମୀ ରାଉତ, ଘନଶ୍ୟାମ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ମନୋଜ ମହାପାତ୍ର, ତିରୁପତି ବନାଗାଡି, ସରୋଜ ପ୍ରଧାନ, ଉତ୍ତମ କୁମାର ପାତ୍ର ଏବଂ ଜୟନ୍ତ ପାଣିଗ୍ରାହୀଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ସମସ୍ତ ଜିଲା ସଭାପତିଙ୍କ ନାଁ ମଧ୍ୟ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଘୋଷଣା କରାଯାଇଛି। କୃଷକ ଜନତା ଦଳ ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ମହାସଚିବ ପ୍ରତାପ ଜେନାଙ୍କ ସମ୍ମତିକ୍ରମେ ଏହି ତାଲିକା ଘୋଷଣା କରାଯାଇଛି। ଏହାର ତାଲିକା ପ୍ରକାଶ କରାଗଲା।

### ବିଜୁ କୃଷକ ଜନତାଦଳ ଜିଲା ସଭାପତି

| ଜିଲା | ନାମ | ଜିଲା | ନାମ |
|---|---|---|---|
| ଅନୁଗୋଳ | ବ୍ରଜ କିଶୋର ପ୍ରଧାନ | କେନ୍ଦ୍ରାପଡା | ସୌମେନ୍ଦ୍ର ଦାସ |
| ବାଲେଶ୍ୱର | ଅଜୟ ସାମଲ | କେନ୍ଦୁଝର | ଦୀପକ ରାଜ |
| ବରଗଡ | ଗୌରହରି ମିଶ୍ର | ଖୋର୍ଦ୍ଧା | ରାମଚନ୍ଦ୍ର ସାମନ୍ତରାୟ |
| ଭଦ୍ରକ | ଜଗନ୍ନାଥ ସ୍ୱାଇଁ | କୋରାପୁଟ | ରମା ସାମନ୍ତରାୟ |
| ବଲାଙ୍ଗୀର | ଅଜୟ ଦାସ | | ଉପସଭାପତି-ସୁକୁରିଆ ପ୍ରଧାନ |
| ବୌଦ୍ଧ | ଶାନ୍ତନୁ ଆଟି | ମାଲକାନଗିରି | ସୁଭାଷ ଚନ୍ଦ୍ର ପ୍ରଧାନ |
| କଟକ | ପ୍ରଶାନ୍ତ କୁମାର ବେହେରା | ମୟୂରଭଞ୍ଜ (୧) | ରାଜ କିଶୋର ଆଚାର୍ଯ୍ୟ, |
| ଦେବଗଡ | ଚିତ୍ତ ରଞ୍ଜନ ପ୍ରଧାନ | ମୟୂରଭଞ୍ଜ(୨) | ଦୁର୍ଗା ହେମ୍ବ୍ରମ୍ |
| ଢେଙ୍କାନାଳ | ନରୋତ୍ତମ ସାହୁ | ନବରଙ୍ଗପୁର | ଯୋଗେନ୍ଦ୍ର ସ୍ୱାଇଁ |
| ଗଜପତି | ରବି ନାଇଡୁ | ନୟାଗଡ | ଜଗନ୍ନାଥ ପଣ୍ଡା |
| ଗଞ୍ଜାମ | ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ | ନୂଆପଡା | ସନ୍ତୋଷ କୁମାର ନିଆଲ୍ |
| ଜଗତସିଂହପୁର | ପ୍ରକାଶ ଚନ୍ଦ୍ର ବସ୍ତିଆ | ପୁରୀ | ବିଧାୟକ ଉମାକାନ୍ତ ସାମନ୍ତରାୟ |
| ଯାଜପୁର | ନିତ୍ୟ ନନ୍ଦନ ରାଉତ | | କାର୍ଯ୍ୟକାରୀ ସଭାପତି-ପ୍ରଫୁଲ୍ଲ ଜେନା |
| ଝାରସୁଗୁଡା | ମିତ୍ରଭାନୁ ସାହୁ | ରାୟଗଡା | ଜ୍ୟୋତି ପ୍ରସାଦ ସାହୁ |
| କଳାହାଣ୍ଡି | ଦିଲ୍ଲୀପ ଠାକୁର | ସମ୍ବଲପୁର | ଆନନ୍ଦ ଜେନା |
| କନ୍ଧମାଳ | କୁନା ଦଣ୍ଡସେଣା | ସୋନପୁର | ମନୋରଞ୍ଜନ ପ୍ରଧାନ |
| | | ସୁନ୍ଦରଗଡ | ଗୋପାଳ ଚନ୍ଦ୍ର ପ୍ରଧାନ |

### ୩ ଅଧିକାରୀଙ୍କ ଏଏସ୍‌ପି ର୍‌ୟାଙ୍କକୁ ପଦୋନ୍ନତି

**କଟକ ଅଫିସ,୩୦।୧୨:** ଓଡ଼ିଶା ପୋଲିସରେ କାର୍ଯ୍ୟରତ ଡିଏସ୍‌ପି ର୍‌ୟାଙ୍କର ୩ ଅଧିକାରୀଙ୍କୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ପୋଲିସ(ଏଏସ୍‌ପି) ର୍‌ୟାଙ୍କକୁ ପଦୋନ୍ନତି ମିଳିଥିବାବେଳେ ଏଏସ୍‌ପି ର୍‌ୟାଙ୍କର ଦୁଇ ଅଧିକାରୀଙ୍କ ବଦଳି ହୋଇଛି। ରବିବାର ଓଡ଼ିଶା ପୋଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଏଚ୍‌ଆରସିର ଡିଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କୁ ଯାଜପୁର ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି ଭାବେ ନିୟୋଜିତ କରାଯାଇଛି। ଚୌଦ୍ୱାର ଏସ୍‌ଡିପିଓ ସତ୍ୟ ନାରାୟଣ ଦାସଙ୍କୁ କୋରାପୁଟ ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, କମିଶନରେଟ ପୋଲିସର ଏସିପି ତ୍ରିନାଥ ମିଶ୍ରଙ୍କୁ ଅତିରିକ୍ତ ଡିସିପି ଭାବେ ନିଯୁକ୍ତ କରାଯାଇଛି। କୋରାପୁଟ ଡିଏସ୍‌ପି ଉଦ୍ଧବ ଚନ୍ଦ୍ର ନାୟକଙ୍କୁ କୋରାପୁଟ ଏଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ତ୍ରିନାଥ ପଟେଲଙ୍କୁ ସୋନପୁର ଏଏସ୍‌ପି ଭାବେ ବଦଳି କରାଯାଇଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................


ହାପୁନ୍
ପରିବାରବର୍ଗ


ତ୍ରିଲୋଚନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




## SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65237

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-64395

ଭୁବନେଶ୍ୱର ହଂସପାଳ, ବାଲିଅନ୍ତା, ଭିଙ୍ଗାରପୁରରେ 100 ଫୁଟ ପିଚୁରୋଡକୁ ଲାଗି ପ୍ଲଟ ବିକ୍ରିହେବ। 8093465134, 9437003399. D-65418

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65313

**Prime land on Puri Konark Marine drive on NH 2800 sqft. Cost 35 lakhs (Negotiable). Contact: 9778579645.** D-10303

Plot sale near AIIMS Hospital Bhubaneswar with 30'road. 8456850883. D-65311




1000, 750, 700, 650, 450 sqft. available for office purpose at centrally located, Unit-9, 2300 sqft. office space available at Metro house Vanivihar, 3BHK available for rent at Damayanti Apartment Nayapally. Mob: 9861256148, 9439483674. D-10289

Three rooms dining, kitchen, verandah on Pandara road, Rasulgarh. 8270894870. D-10320




Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Pamper yourself this Mansoon professional massage. Contact Purple Orchid. 9776598888. D-65281

Experience full body massage with us by expert Enquiry: 06742597822, 7377048581. D-65277

Newly opening ayurvedic massage smart therapist, Shree herbal. 7750020754. D-65279

Ayurvedic full body massage ladies/ gents experts therapist. 9040900385, 9778137131. D-64673

Improving your health, skin care through expert therapist, excellent offer. 9668374480. D-65280

Herbal full body massage with refreshment by well trained therapist. 7381239385. D-65263

Herbal full body massage by smart/ expert therapist. Contact: 8338067247. D-65278

## AFFIDAVIT

By virtue of an affidavit before the Executive Magistrate, Bhubaneswar, C.F.No-42/ 29.12.2018, I do here by declare that Prasant Kumar Nayak & Prasanta Kumar Nayak son of Pravakar Nayak is one and same person for all purpose. D-61911

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା



**ସରସ୍ୱତୀ ସିଂଙ୍ଗ**

ତୁମ ଶୁଭ ଜନ୍ମଦିନରେ ଶୁଭକାମନା। ତାଙ୍କ ଜୀବନରେ ସବୁବେଳେ ଖୁସିର ସମୟ ଆସୁ ଓ ନୂତନବର୍ଷ ତାଙ୍କ ପାଇଁ ମଙ୍ଗଳମୟ ହେଉ। ଶୁଭେଚ୍ଛା ସହ: ପରିବାରବର୍ଗ, ଟିକି ସିଂଙ୍ଗ, ସୁନା ସିଂଙ୍ଗ, ସମଶେର ସିଂଙ୍ଗ, କ୍ରିଷ୍ଣା ସିଂଙ୍ଗ, ସୁକାନ୍ତି ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ। ଧ-୧୦୨୮୦

ପ୍ରଥମ ପୃଷ୍ଠାରୁ...

## ରାଜ୍ୟ ସଭାରେ...

ବରବାଦ କରିଦେବ ବୋଲି ଅଖିଳ ଭାରତ ମୁସଲମାନ ମହିଳା ପର୍ସୋନେଲ୍ ଲ ବୋର୍ଡ (ଏଆଇଏମ୍‌ଡବ୍ଲ୍ୟୁପିଏଲ୍‌ବି) ପକ୍ଷରୁ କୁହାଯାଇଛି। ଏହା ବିରୋଧରେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଆଇନ କୋରାନ ଅନୁଯାୟୀ ହେବା ଉଚିତ ବୋଲି ଏଆଇଏମ୍‌ଡବ୍ଲ୍ୟୁପିଏଲ୍‌ବି ଅଧ୍ୟକ୍ଷ ଶୈଷ୍ଟା ଅମ୍ବର କହିଛନ୍ତି।

■ ଶ୍ରୀମନ୍ଦିରରେ ନୂଆବର୍ଷ ପ୍ରସ୍ତୁତି

# ଆଜି ରାତି ସାଢେ ୯ ସୁଦ୍ଧା ପହୁଡ଼

ପୁରୀ ଅଫିସ,୩୦।୧୨

ଆଉ ମାତ୍ର କିଛି ମୁହୂର୍ତ୍ତ ପରେ ସ୍ପର୍ଶ କରିବ ନୂଆବର୍ଷ। ସହରକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଆଗମନ ଲାଗି ରହିଥିବାବେଳେ ଶ୍ରୀମନ୍ଦିରରେ ନୂଆବର୍ଷ ଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ୩୧ ତାରିଖ ରାତି ସାଢେ ୯ଟା ସୁଦ୍ଧା ଠାକୁରଙ୍କ ପହୁଡ଼ ହୋଇ ରାତି ୨ଟାରେ ଦ୍ୱାର ଫିଟାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି।

ନୂଆବର୍ଷରେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିବେ ସେଥିଲାଗି ବ୍ୟବସ୍ଥା ହୋଇଛି। ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଶ୍ରୀମନ୍ଦିର ବାହାରେ ଓ ଭିତରେ ପୋଲିସ କର୍ମଚାରୀ ମୁତୟନ ରହିବେ। ଧାଡିରେ ଯିବା ଲାଗି ଆବଶ୍ୟକ ଅନୁଯାୟୀ ଅସ୍ଥାୟୀ ବ୍ୟାରିକେଡ୍ ତିଆରି ହୋଇଛି। ସିଂହଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିବେ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରିବା ଲାଗି ନିଷ୍ପତ୍ତି ହୋଇଛି। ଭକ୍ତମାନେ ଯେପରି ମୋବାଇଲ ଫୋନ ନେଇ ଭିତରକୁ ଯିବେ ନାହିଁ ସେଥିପାଇଁ ପ୍ରବେଶ ପଥରେ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଭିତରେ ସାଦା ପୋଷାକଧାରୀ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଭକ୍ତଙ୍କ ପ୍ରବଳ ଭିଡ଼ ସମ୍ଭାବନା ଥିବାରୁ ସମୟ ନିର୍ଘଣ୍ଟ ଅନୁସାରେ ନୀତିକାନ୍ତି ଚାଲିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସୂଚନା ଦେଇଛନ୍ତି। ସୋମବାର ରାତି ୧୨ଟାରେ ଜିରୋ ନାଇଟ୍ ସେଲିବ୍ରେଶନ ପରେ ଶ୍ରଦ୍ଧାଳୁ ପର୍ଯ୍ୟଟକମାନେ ଭୋର୍‌ରୁ ସମୁଦ୍ରରେ ସ୍ନାନ କରି ନୂଆବର୍ଷର ପ୍ରଥମ ସୂର୍ଯ୍ୟଙ୍କୁ ଦର୍ଶନ କରିବେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରି ପରିବାର ମଙ୍ଗଳ କାମନା କରିବେ। ଛୁଟିଦିନ ଯୋଗୁ ରବିବାର ସକାଳୁ ଶ୍ରୀକ୍ଷେତ୍ରରେ ଗହଳି ଚହଳି ଆରମ୍ଭ ହୋଇଛି।

# ଆରଏସ୍‌ବିୱାଇ ହିତାଧିକାରୀଙ୍କୁ ମିଳିବ ବିକେକେୱାଇ କାର୍ଡ

■ ପୂର୍ବଭଳି ଉପଲବ୍ଧ ହେବ ମାଗଣା ଚିକିତ୍ସା ସୁବିଧା
■ ତୁରନ୍ତ କାର୍ଡ ଯୋଗାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ଆସନ୍ତା ଜାନୁୟାରୀ ପହିଲାରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା(ଆରଏସ୍‌ବିୱାଇ)ର ସମସ୍ତ ୪୪ ଲକ୍ଷ ୮ ହଜାର ୭୦ ହିତାଧିକାରୀ ବିଜୁ କୃଷକ କଲ୍ୟାଣ ଯୋଜନା(ବିକେକେୱାଇ)ରେ ସାମିଲ ହେବେ। ସମସ୍ତ ହିତାଧିକାରୀ ବିକେକେୱାଇ ଷ୍ଟିମ୍-୨ କାର୍ଡ ପାଇବା ସହିତ ପୂର୍ବଭଳି ୧ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ପାଇବେ। ଏଥିସହିତ ସେମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ସୁବିଧା ମଧ୍ୟ ପାଇବେ।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆରଏସ୍‌ବିୱାଇର ଅବଧି ଚଳିତ ବର୍ଷ ଡିସେମ୍ବର ୩୧ରେ ସମାପ୍ତ ହେଉଛି। ତେଣୁ ରାଜ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଯେଭଳି ପୂର୍ବଭଳି ମାଗଣା ଚିକିତ୍ସା ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏ ସମ୍ପର୍କରେ ସମସ୍ତ ଜିଲାପାଳଙ୍କ ସହିତ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଉପସ୍ଥିତ ଥିଲେ।

ଆରଏସ୍‌ବିୱାଇ ହିତାଧିକାରୀମାନେ ଯେପରି ତୁରନ୍ତ ବିକେକେୱାଇ କାର୍ଡ ପାଇବେ ସେଥିପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହିତାଧିକାରୀମାନେ ନିକଟ ବିକେକେୱାଇ କିଓସ୍କରୁ ପୁରୁଣା ଆରଏସ୍‌ବିୱାଇ କାର୍ଡ ବଦଳରେ ନୂତନ ବିକେକେୱାଇ(ଷ୍ଟିମX-୨) କାର୍ଡ ସଂଗ୍ରହ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ, କୃଷି ଉପନିର୍ଦ୍ଦେଶକ, ଅନୁବନ୍ଧିତ ଘରୋଇ ଡାକ୍ତରଖାନାଗୁଡ଼ିକ ସହିତ ବୈଠକ କରି ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସ୍‌ଟିଏଫ୍)ର ନୂତନ ମାର୍ଗଦର୍ଶିକା ଆଧାରରେ ନୂତନ ବିକେକେୱାଇ କାର୍ଡଧାରୀଙ୍କୁ ସହଜରେ ନିରବଚ୍ଛିନ୍ନ ସେବା ଯୋଗାଇଦେବାକୁ ପରାମର୍ଶ ଦିଆଯାଇଛି।

ଓଏସ୍‌ଟିଏଫ୍‌ର ନୂତନ ମାର୍ଗଦର୍ଶିକା ଅନୁଯାୟୀ ମାରାତ୍ମକ ରୋଗରେ ପୀଡ଼ିତ ସମସ୍ତ ଗରିବଙ୍କୁ ସରକାରଙ୍କ ଚିକିତ୍ସା ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ। ବିକେକେୱାଇ କାର୍ଡଧାରୀଙ୍କ ବ୍ୟତୀତ ଅନ୍ତ୍ୟୋଦୟ ଅନ୍ନ ଯୋଜନା ହିତାଧିକାରୀ ଏବଂ ଗ୍ରାମାଞ୍ଚଳରେ ବାର୍ଷିକ ୫୦ହଜାର ଓ ସହରାଞ୍ଚଳରେ ୬୦ହଜାର ଟଙ୍କାରୁ କମ ଆୟକାରୀମାନେ ଏହି ସୁବିଧା ପାଇପାରିବେ। ଏହାଛଡ଼ା ହୃଦ୍‌ରୋଗ, କିଡ୍‌ନୀ ଏବଂ କର୍କଟରେ ପୀଡ଼ିତ ରୋଗୀଙ୍କ କ୍ଷେତ୍ରରେ ବାର୍ଷିକ ୩ଲକ୍ଷ ଟଙ୍କାରୁ କମ୍ ଆୟକାରୀ ରାଜ୍ୟ ଚିକିତ୍ସା ପାଣ୍ଠିରୁ ସୁବିଧା ପାଇପାରିବେ। ଏ ସଂକ୍ରାନ୍ତରେ ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର ୧୫୫୩୬୯ରେ ଯୋଗାଯୋଗ ପାଇଁ ପରାମର୍ଶ ଦିଆଯାଇଛି।



# ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତା ଦେବଯାନୀ ପଣ୍ଡା**

ସ୍ୱାମୀ-ନବକିଶୋର ପଣ୍ଡା
ପଣ୍ଡାଭବନ, ଅଶୋକ ନଗର, ଭୁବନେଶ୍ୱର
ତିରୋଧାନ: ତା ୭।୧।୨୦୧୩ରିଖ
ପୌଷ କୃଷ୍ଣ ଦଶମୀ
ବୋଉ, ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ଆଲୋକ, ମିତା, ଛବି, ପ୍ରଭାତ, ରୁବି, ସରୋଜ, ଶିଲୁ, ବର୍ଣ୍ଣି, ପୂଜା, ଲିଟି, ରୋଜା ଓ ପରିବାରବର୍ଗ।
ଧ-୧୦୨୧୬

### ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ନିରୋଜ କୁମାର ସାମଲ (କୁନିଆଁ)**

ଜଗନ୍ନାଥବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ୩୧।୧୨।୨୦୦୪
କୁନିଆଁ, ତୁ ଯିବାର ଗୋଟେ ଯୁଗ ବିତିଗଲା। ବଦଳିଗଲା ଦୁନିଆ, ବଦଳିଗଲା ଅନେକ କିଛି, କିନ୍ତୁ ବଦଳିନି ତୋର ସ୍ମୃତି ଓ ହସହସ ମୁହଁ। ତୋର ସ୍ମୃତି ପ୍ରତିକ୍ଷଣରେ ନାଚୁଛି। ଲାଗୁଛି ତୁ ଏଇଠି ଅଛୁ। ତୁ ଯେଉଁଠି ଥା ଶାନ୍ତିରେ ଥା। ଭଗବାନ ତୋ ଅମର ଆତ୍ମାକୁ ସର୍ବଦା ଶାନ୍ତିରେ ରଖନ୍ତୁ ଏତିକି ପ୍ରଭୁଙ୍କଠାରେ ପ୍ରାର୍ଥନା। ଶୋକସନ୍ତପ୍ତ: ବୋଉ- ଲକ୍ଷ୍ମୀପ୍ରିୟା, ନନା- ସରୋଜ, ମନୋଜ, ଭାଉଜ- ଅର୍ଚ୍ଚନା, ସୁଚରିତା, ଭଉଣୀ- ଝରଣା, ମାନ୍ସୀ ମନସ୍ୱୀତା, ପ୍ରଜ୍ଞା, ଭିଣୋଇ- ପ୍ରଶାନ୍ତ, ଅଶୋକ, ଜ୍ୟୋତି, ପୁତୁରା- ଅରବିନ୍ଦ, ଅଂଶୁମାନ, ଭଣଜା- ଅର୍ପଣ, ଝିଆରୀ- ଆକାଂକ୍ଷା, ଐଶ୍ୱର୍ଯ୍ୟା, ଭାଣିଜୀ- ସ୍ୱାତୀ, ଶ୍ରେଷ୍ଠା।
ଧ-୧୦୨୬୭

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପ୍ରିୟଦର୍ଶିନୀ ମିଶ୍ର (ଟୁଇଁ)**

ପୁରୀ
ଆବିର୍ଭାବ: ୧୭।୦୧।୨୦୦୧
ତିରୋଧାନ: ୩୧।୧୨।୨୦୦୮
ତୋର ଅମର ଆତ୍ମାର ସଦ୍‌ଗତି ଲାଭ କରୁ।
ତୋ'ର ମା, ନନା, ବୋଉ ଓ ନାନୀ।
ଧ-୬୪୦୩୧

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ରାମଚନ୍ଦ୍ର ସାହୁ**

ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୫।୦୭।୧୯୪୩
ତିରୋଧାନ: ୨୧।୧୨।୨୦୧୮
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ଭୁଲିପାରିବୁ ନାହିଁ। ଆଜି ଏହି ପବିତ୍ର ତିଥିରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପ୍ରଫୁଲ୍ଲ, ପ୍ରମୋଦ, ଦେବନ, ତପନ, ସପି, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୫୬୧୫୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ହିମଚନ୍ଦ୍ର ପଣ୍ଡା**

ଓକିଲ, ବରଗଡ଼
ଆବିର୍ଭାବ: ୧୮।୦୨।୧୯୫୧
ତିରୋଧାନ: ୧୨।୧୨।୨୦୧୭
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମମାନଙ୍କ ମନ ଭିତରେ ସର୍ବଦା ପ୍ରତିଫଳିତ। ଆପଣଙ୍କ ଶୂନ୍ୟତା ଆମମାନଙ୍କ ପାଇଁ ସଦା ଅପୂରଣୀୟ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: -ପଣ୍ଡା ପରିବାର ଓ ବନ୍ଧୁବର୍ଗ।
ଶକ୍ତିନଗର, ବରଗଡ଼
ଧ-୧୦୩୧୯

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

ପ୍ରଥମ ପୃଷ୍ଠାରୁ...

## ଫାଇଦା...

ସୂଚନାଯୋଗ୍ୟ ଯେ, ମହାନଦୀ ବିବାଦକୁ ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ଧରି ହେବ ବିବାଦ ଲାଗି ରହିଛି। ଛତିଶଗଡ ମହାନଦୀ ଉପର ମୁଣ୍ଡରେ ଶହେରୁ ଅଧିକ ବେଆଇନ ବ୍ୟାରେଜ ଓ ଡ୍ୟାମ୍ ନିର୍ମାଣ କରି ମହାନଦୀ ପାଣି ଅଟକାଇ ରଖିଛି। ଯାହାଫଳରେ ଓଡିଶାକୁ ମହାନଦୀ ଜଳ ପ୍ରବାହ କମିଯାଇଛି। ତେଣୁ ଏହି ପ୍ରସଙ୍ଗକୁ ନେଇ ଓଡ଼ିଶା ଓ ଛତିଶଗଡ ଭିତରେ ଆଇନଗତ ଲଢେଇ ଜାରି ରହିଛି। କଂଗ୍ରେସ ଛତିଶଗଡ଼ରେ ସରକାର କରିବାପରେ ଓଡ଼ିଶା ପିସିସି ସଭାପତି ଏହି ବିବାଦର ସମାଧାନ କରିପାରିବେ ବୋଲି ସାମାନ୍ୟ ଇସାରା ଦେଇଥିଲେ। ଛତିଶଗଡ଼ ସରକାରର ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ଫେରିବାପରେ ନିରଞ୍ଜନ ଏ ନେଇ ନୂଆ ମୁଖ୍ୟମନ୍ତ୍ରୀ ବାଘେଲଙ୍କ ସହ ଆଲୋଚନା କରିଛନ୍ତି ବୋଲି କହିଥିଲେ। ହେଲେ ରବୀନ୍ଦ୍ର ଚୌବେ କହିଛନ୍ତି ଯେ, ମହାନଦୀ ଉପରେ ଛତିଶଗଡ଼ର ପୂରା ଅଧିକାର ରହିଛି। ମହାନଦୀର ଉତ୍ପତ୍ତି ସ୍ଥଳରୁ ଶେଷ ପର୍ଯ୍ୟନ୍ତ ଆମର ଅଧିକାର ରହିଛି। ଟ୍ରିବ୍ୟୁନାଲରେ ଆମେ ପକ୍ଷ ରଖିବୁ ବୋଲି ଚୌବେ କହିଛନ୍ତି। ଚୌବେଙ୍କ ଏଭଳି ମନ୍ତବ୍ୟ ରାଜ୍ୟ ରାଜନୀତିରେ ନିରଞ୍ଜନଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପାଇଦା ନେବାକୁ ଚେଷ୍ଟା କରି ନିରଞ୍ଜନ ଅକଳରେ ପଡିଯାଇଛନ୍ତି ନା ସତରେ ତାଙ୍କ ଲକ୍ଷ୍ୟରେ ସଫଳ ହେବେ ତାକୁ ନେଇ ବର୍ତ୍ତମାନ ନାନା ଚର୍ଚ୍ଚା। ଆସନ୍ତା ଫେବୃୟାରୀ ୭ରେ ଟ୍ରିବ୍ୟୁନାଲରେ ମହାନଦୀ ପ୍ରସଙ୍ଗରେ ଶୁଣାଣି ହେବ।

ଏ ନେଇ ନିରଞ୍ଜନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମହାନଦୀ ପ୍ରସଙ୍ଗରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛି। ସେମାନଙ୍କର ମହାନଦୀ ଉପରେ କେତେ ଏବଂ ଆମର କେତେ ଅଧିକାର ଅଛି ସେନେଇ ଆଲୋଚନା କରିବା ପାଇଁ କହିଛି। ଏ ପ୍ରସଙ୍ଗରେ ଏକ ବୈଷୟିକ ଆଲୋଚନା ମାଧ୍ୟମରେ ବିବାଦକୁ ସମାଧାନ କରିବା ନେଇ ଆଶାବାଦୀ ରହିଥିବା ନିରଞ୍ଜନ କହିଛନ୍ତି। ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ନିରଞ୍ଜନ ବାବୁ ପୂର୍ବରୁ ଗୋଟେ କଥା କହୁଥିଲେ ଏବେ ଛତିଶଗଡ ଜଳ ସମ୍ପଦ ମନ୍ତ୍ରୀ ଅନ୍ୟ ଏକ କଥା କହିଲେଣି। ମହାନଦୀ ପାଇଁ ବିଜେଡି ଲଢେଇ ଜାରି ରଖିଛି ଓ ରଖିବ ବୋଲି ସମୀର କହିଛନ୍ତି।

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ନିରଞ୍ଜନ ବାବୁ ଛତିଶଗଡ ମନ୍ତ୍ରୀ କିମ୍ବା ସେହି ରାଜ୍ୟର ଦାୟିତ୍ୱରେ ନାହାନ୍ତି। ଛତିଶଗଡବାସୀ ନିଜ କଥା କହିଛନ୍ତି। ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ରାଜ୍ୟ ସରକାର ନିର୍ବାଚନ ଲଢନ୍ତୁ। ମିଛ କଥା କହି କଂଗ୍ରେସ ରାଜ୍ୟରେ ୫୦ବର୍ଷ ଶାସନ କରିଛି। ଏବେ ରାଜ୍ୟ ନେତୃତ୍ୱ କଂଗ୍ରେସର ସମାନ ନୀତି ଆପଣାଇଛନ୍ତି। ସେତେବେଳେ ଭାଜପା ସରକାର ଥିବାବେଳେ କଂଗ୍ରେସ ଓ ବିଜେଡି ଆମକୁ ଟାର୍ଗେଟ କରୁଥିଲେ। ଏବେ ତ ଉଚିତ୍ ସମୟ ଆସିଛି, ରାଜ୍ୟ ସ୍ୱାର୍ଥ ପାଇଁ ଉଭୟ ବିଜେଡି ଓ କଂଗ୍ରେସ ମିଶି ଏହାର ସମାଧାନ କରନ୍ତୁ ବୋଲି ବସନ୍ତ କହିଛନ୍ତି।

## ଦାରିଙ୍ଗବାଡ଼ିରେ...

ଗବାଟବାଡ଼ି, ତିଲୋରୀ, କିରିକୁଟିଆଦି ଅଞ୍ଚଳରେ ଅଧିକ ତୁଷାରପାତ ହୋଇଛି। ଫଳରେ ଶୀତ ଲହରି ଦ୍ୱିଗୁଣିତ ହୋଇଯାଇଛି। ବିଭିନ୍ନ କାର୍ ଛାତ ସମେତ ଖୋଲା ପଡ଼ିଆ, ଶୁଖିଲା କାଠଗଣ୍ଡି, ଚାଳ ଛପର ଏବଂ ଧାନବିଲଗୁଡ଼ିକରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ଏଠାରେ ତାପମାତ୍ରା ମାପିବାକୁ କୌଣସି ବ୍ୟବସ୍ଥା ନ ଥିବାରୁ ପ୍ରକୃତ ତଥ୍ୟ ମିଳିପାରିନାହିଁ। ଶୀତ ଯୋଗୁ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ଶୀତର ମଜା ନେବା ସହ ତୁଷାରପାତ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିବା ଜଣାପଡ଼ିଛି। ରାତ୍ର ଆଶ୍ରୟସ୍ଥଳୀ ବ୍ୟବସ୍ଥା ନ ଥିବାରୁ ବାହାରୁ ଆସୁଥିବା ପର୍ଯ୍ୟଟକ ବିଳମ୍ବିତ ରାତିରେ ପହଞ୍ଚି ହଇରାଣ ହେଉଛନ୍ତି। ସୂଚନାଯୋଗ୍ୟ, ଦାରିଙ୍ଗବାଡ଼ିରେ ଗତ ବୁଧବାର ୫.୫ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଗୁରୁବାର ପାଗ ମେଘୁଆ ରହିବା ସହ ତାପମାତ୍ରା ବୃଦ୍ଧି ପାଇ ୧୦ ଡିଗ୍ରୀ ଓ ଶୁକ୍ରବାର ୧୩ ଡିଗ୍ରୀରେ ପହଞ୍ଚିଥିଲା। ପୁଣି ଶନିବାର ତାପମାତ୍ରା କମି ୬ ଡିଗ୍ରୀରେ ପହଞ୍ଚିଥିଲା। କ୍ରମେ ଶୀତ ବଢିବା ସହ ରବିବାର ସକାଳୁ ତୁଷାରପାତ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରେ ଉତ୍ସାହିତ ରହିବା ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅଟକି ରହିଯାଇଥିବା କାମକୁ ପୂରା ଦମରେ କରିବାପାଇଁ ନିଷତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ ଏବଂ ଆତ୍ମୀୟସ୍ୱଜନଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯାଇପାରନ୍ତି।

**ବୃଷ** ସାମାଜିକ ସ୍ତରରେ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇ ପାରନ୍ତି। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ବନ୍ଧୁଙ୍କଠାରୁ ହଠାତ୍ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**ମିଥୁନ** ଆଜି ଆପଣ ବନ୍ଧୁଙ୍କ ନିକଟରୁ ଯେତିକି ପାଇବେ ପ୍ରତିଦାନରେ ଅଧିକ କିଛି ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ କୌଣସି କାମ କଲେ ସେଥିସକାଶେ ଅନୁତାପ କରିବାକୁ ପଡ଼ିପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ** ବନ୍ଧୁଙ୍କ କଥାକୁ ଭାଙ୍ଗି ନ ପାରି ସକାଳୁ ସକାଳୁ କୌଣସି କାମରେ ବାହାରକୁ ଯିବାକୁ ପଡ଼ିପାରେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କଲେ ମଧ୍ୟ କିଛି କରିପାରିବେ ନାହିଁ। କର୍ମକ୍ଷେତ୍ରରେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି କାମ କଲେ ମଧ୍ୟ ପ୍ରଶଂସା ସୂଚକ ପଦୁଟିଏ କଥା ମଧ୍ୟ ଶୁଣିବାକୁ ମିଳିବ ନାହିଁ। ପରିବହନରେ ଅଭିଯୋଗ ଆସିପାରେ।

**ସିଂହ** ପରିସ୍ଥିତି ବଶତଃ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ଦୂରସ୍ଥାନକୁ ଯିବାକୁ ପଡ଼ିବ। ପୃଷ୍ଠପୋଷକତା ଅଭାବରୁ କାମଗୁଡ଼ିକ ସୁବିଧାରେ ହେବା କଷ୍ଟକର ହୋଇପଡିବ। ସରକାରୀ କାମରେ ଉପରିସ୍ଥଙ୍କ ଚାପରେ ପଡ଼ି ମାନସିକ ସନ୍ତୁଳନ ହରାଇପାରନ୍ତି। ଅର୍ଥାଭାବ ପ୍ରତ୍ୟେକ କାମକୁ ବିଳମ୍ବିତ କରିପାରେ।

**କନ୍ୟା** ଆଜି ବନ୍ଧୁ ଗହଣରେ ଫେରିବା ବେଳକୁ ଯିବା ସମୟର ଆନନ୍ଦ ମନରେ ଆଉ ନ ଥାଇପାରେ। ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଦ୍ୱନ୍ଦ୍ୱ ଅନୁଭବ କରିପାରନ୍ତି। ବ୍ୟବସାୟ କିମ୍ବା କ୍ରୟବିକ୍ରୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି। ପ୍ରଶାସନିକ ଆଲୋଚନା,ସଭାସମିତି, ଆନୁଷ୍ଠାନିକ କାମରେ ସଫଳତା ଲାଭ କରିବେ।

**ତୁଳା** ହଠାତ୍ କୌଣସି ଆତ୍ମୀୟସ୍ୱଜନଙ୍କ ନିକଟରୁ ବାଧିଲାଭଳି କଥା ଶୁଣି ସବୁ ଆନନ୍ଦ ପାଣି ଫୋଟକା ପରି କୁଆଡେ ମିଳାଇ ଯିବ। ଅବଶ୍ୟ ଏହିଭଳି ପରିସ୍ଥିତିରେ ଜଣେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କଳା,ସଙ୍ଗୀତ,ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତାର ହେତୁ ସ୍ୱରୂପ ଉତ୍ସବାନୁଷ୍ଠାନ ମନେଇ ପାରନ୍ତି।

**ବିଛା** ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରି ମାନସିକ ସ୍ଥିତି ଭଲ ରହିବ ନାହିଁ। କଳା,ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ଓ ପ୍ରଶଂସିତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ଅର୍ଥାତ ଉତ୍ସବାନୁଷ୍ଠାନରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କୌଣସି କାମ ହାସଲ କରିବା ସକାଶେ ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହୋଇପାରନ୍ତି।

**ଧନୁ** ବନ୍ଧୁ ମେଳରେ ଅଥବା ଆଲୋଚନା ପରିସରରେ ଅପ୍ରିୟସତ୍ୟ ଭାଷଣଜନିତ ମତାନ୍ତରର ସମ୍ଭାବନା ମଧ୍ୟ ରହିଛି। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି କରିବେ ମାତ୍ର ଋଣପାଇବାରେ ବିଳମ୍ବ ଜନିତ କ୍ଷୋଭ ପ୍ରକାଶ କରିପାରନ୍ତି।

**ମକର** ସରକାରୀ କିମ୍ବା କମ୍ପାନୀ ତରଫରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକି ପାରିବେ ନାହିଁ। ସାଧାରଣ ସମ୍ପର୍କଥିବା ବନ୍ଧୁଟି ପୂର୍ବରାଗର ପ୍ରତିଶୋଧ ନେବା ଆଳରେ ବେଳକାଳ ଉଣ୍ଡି ଅସୁବିଧାରେ ପକାଇପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଦୂରସ୍ଥ ସନ୍ତାନଙ୍କ ସକାଶେ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦବେଳିତ ହୋଇପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ବାଧ୍ୟବାଧକତାରେ ସବୁ କାମ କଲେ ମଧ୍ୟ କୌଣସିଥିରେ ଆନ୍ତରିକତା ନ ଥିବା କର୍ମକ୍ଷେତ୍ରରେ, ଧାର୍ମିକ କାର୍ଯ୍ୟରେ କୌଣସି ବିଶିଷ୍ଟବ୍ୟକ୍ତି ସହାୟତା ଦେଇପାରନ୍ତି। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ହେବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ମୀନ** ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ଗତକାଲିର ଯୋଜନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ସତର୍କ ରହି କାମ କଲେ ଉପକୃତ ହୋଇପାରିବେ।

ଆଜି ପୌଷ କୃଷ୍ଣ ଦଶମୀ ସୋମବାର, ଡିସେମ୍ବର ୩୧ ତାରିଖ, ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍ ସମ୍ମେଳନର ପ୍ରଥମ ଦିବସ, ରାଶି ନକ୍ଷତ୍ର-ଦିବା ଘ୯।୧୮ମି. ପର୍ଯ୍ୟନ୍ତ, ଚିତ୍ରା/କନ୍ୟା, ମିଥୁନ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୪୯ମି. ମଧ୍ୟେ, ଘ୧।୧୩ମି. ଗତେ ଘ୨।୩୫ମି ମଧ୍ୟେ ଘ୩।୫୬ମି, ଗତେ ଘ୫।୧୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୯।୧୧ମି. ଗତେ ଘ୧୦।୩୨ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୪୬ମି. ଗତେ ଘ୯।୦୭ମି. ମଧ୍ୟେ ମାହେନ୍ଦ୍ରବେଳା।




# ଉଜ୍ଜ୍ୱଳା ସାନିଟାରୀ ନାପକିନ୍‌ର ଶୁଭାରମ୍ଭ

## ମହିଳାଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରାଇବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୩୦।୧୨

ଦେଶର ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ (ଓଏମ୍‌ସି) ଗୁଡ଼ିକର କର୍ପୋରେଟ ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାରେ ଉଜ୍ଜ୍ୱଳା ସାନିଟାରୀ ନାପକିନ୍‌ର ଶୁଭାରମ୍ଭ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରଠାରେ ଏହାର ଶୁଭାରମ୍ଭ କରିଛନ୍ତି। ଏହିପଦକ୍ଷେପ ଅନ୍ତର୍ଗତ ରାଜ୍ୟରେ ୧୦୦ ସାନିଟାରୀ ନାପକିନ ମାନୁଫାକଚରିଂ ୟୁନିଟ ସ୍ଥାପନ ଲକ୍ଷ୍ୟ ରଖାଯାଇଛି। ଏଭଳି କାର୍ଯ୍ୟକ୍ରମ ରାଜ୍ୟର ୨.୫ କୋଟି ମହିଳାଙ୍କୁ ସଶକ୍ତ ତଥା ଆତ୍ମନିର୍ଭରଶୀଳ କରାଇବ ବୋଲି ପ୍ରଧାନ ଏହି ଅବସରରେ କହିଛନ୍ତି। ରାଜ୍ୟର ୯୩ ବ୍ଲକରେ ଥିବା କମନ୍ ସର୍ଭିସ ସେଣ୍ଟରଗୁଡ଼ିକରେ ତୈଳ ବିପଣନ କମ୍ପାନୀଗୁଡ଼ିକ ସାନିଟାରୀ ନାପକିନ୍ ୟୁନିଟ ବସାଇବାରେ ସହାୟତା କରିବେ। ଏଥି ପାଇଁ ୨.୯୪ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ।

ମହିଳାଙ୍କ ସ୍ୱଚ୍ଛତାକୁ ଧ୍ୟାନରେ ରଖି ସୁଲଭ ମୂଲ୍ୟରେ ସାନିଟାରୀ ପ୍ୟାଡ୍ ଯୋଗାଣ ଲାଗି ଓଏମ୍‌ସିଗୁଡ଼ିକ ଆଗେଇ ଆସିଛନ୍ତି। ସେଣ୍ଟର ପିଛା ଅନ୍ତତଃ ପକ୍ଷେ ୧୦ ମହିଳା ନିଯୁକ୍ତି ପାଇବେ। ଏହା ମଧ୍ୟରେ ମାନୁଫାକଚରିଂରେ ୫ ମହିଳା ନିଯୁକ୍ତ ହେବାକୁ ଥିବା ବେଳେ ଅନ୍ୟମାନେ ପ୍ରଡକ୍ଟ ମାର୍କେଟିଂ କ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ପାଇବେ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ପ୍ରତି ଫାସିଲିଟିରେ ଦୈନିକ ୧୨୦୦ରୁ ୨୦୦୦ ପ୍ୟାଡ୍ ନିର୍ମାଣ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କମ୍ପାନୀଗୁଡ଼ିକ ପକ୍ଷରୁ ଆବଶ୍ୟକୀୟ କଞ୍ଚମାଲ ସୁବିଧା ମଧ୍ୟ ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ, ସିଏସ୍‌ସି ଓଡ଼ିଶା ମୁଖ୍ୟ ସ୍ୱର୍ଣ୍ଣପ୍ରଭା ସିଂ, ଆଇଓସିଏଲ୍ ଏଲ୍‌ପିଜି ଜିଏମ୍ ସଞ୍ଜୟ କୁମାର ଝା, ବିପିସିଏଲ୍ ଏଲ୍‌ପିଜି ରାଜ୍ୟ ମୁଖ୍ୟ ଓଡ଼ିଶା ତଥା ଝାଡଖଣ୍ଡ ଧର୍ମେନ୍ଦ୍ର ବେହୁରା, ଓଡ଼ିଆ ଅଭିନେତ୍ରୀ ମହେଶ୍ୱତା ରାଏ, ଅପରାଜିତା ମହାନ୍ତି, ଅନୁ ଚୌଧୁରୀ,ପିଙ୍କି ପ୍ରଧାନ ଏବଂ ଡ. ସଞ୍ଜୁକ୍ତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ସାନିଟାରୀ ନାପକିନ୍ ଶୁଭାରମ୍ଭ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

# ଆଜିଠୁ କାଳିଆ ଯୋଜନା

## ଶାସକ- ବିରୋଧୀ ମଧ୍ୟରେ ଆରୋପ ପ୍ରତ୍ୟାରୋପ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ କାଳିଆ(କୃଷକ ଆସିଷ୍ଟାନ୍ସ ଫର୍ ଲାଇଭ୍‌ଲିହୁଡ୍ ଆଣ୍ଡ ଇନ୍‌କମ୍ ଅଗମେଣ୍ଟେଶନ୍) ଯୋଜନାକୁ ନେଇ ରାଜନୈତିକ ବାଦ ବିବାଦ ଲାଗି ରହିଛି। ଏହି ପ୍ରସଙ୍ଗରେ ଉଭୟ ଶାସକ ଓ ବିରୋଧୀ ଦୈନିକ ମୁହାଁମୁହିଁ ହେଉଛନ୍ତି। ଅନ୍ୟପଟେ କାଳିଆ ଯୋଜନାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଶନିବାର କ୍ୟାବିନେଟ୍ ବୈଠକ ଡାକି ଅର୍ଥର ବ୍ୟବସ୍ଥା କରିଛନ୍ତି। ବର୍ତ୍ତମାନ ଏଥିପାଇଁ ବଜେଟ୍‌ର ବ୍ୟବସ୍ଥା ନ ଥିବାରୁ ଅର୍ଥ ଖର୍ଚ୍ଚ କରିବାକୁ କଣ୍ଟିଜେନ୍ସି ଫଣ୍ଡ ବ୍ୟବହାର ପାଇଁ ଯୋଜନା କରାଯାଇଛି। ଏହି ଫଣ୍ଡ ପରିମାଣ ବଢାଯାଇ ୧୬୦୦ କୋଟି ଟଙ୍କା କରାଯାଇଛି। ଏହି ଯୋଜନାକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଘୋଷଣା କରିବେ। ତେବେ ପୂର୍ବରୁ ଶନିବାର କ୍ୟାବିନେଟ୍‌ରେ ନିଷ୍ପତ୍ତି କରି କଣ୍ଟିଜେନ୍ସି ଫଣ୍ଡ ବୃଦ୍ଧି କରିବା ଘଟଣାକୁ ନେଇ ବିରୋଧୀ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି।

ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଚାଷୀଙ୍କଠାରୁ କଳାକନା ବୁଲାଇଥିବା ଲୋକମାନେ କାଳିଆର ସାହାରା ନେଉଛନ୍ତି। ଏ ସରକାରଙ୍କ ମନ ଭିତରେ କି ଯୋଜନାରେ ସ୍ୱଚ୍ଛତା ନାହିଁ। ଓଡ଼ିଶାରେ ନିଜେ କରିବୁନି କି କାହାକୁ କରାଇ ଦେବୁନି ଏଭଳି ମାନସିକତାରେ ରାଜ୍ୟ ସରକାର ପହଞ୍ଚିଛନ୍ତି। ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପାଇଁ କିଛି ସ୍ୱଚ୍ଛତା ନାହିଁ। କେବଳ ଭୋଟ ହାତେଇବା ପାଇଁ ସୁଆଙ୍ଗ କରୁଛନ୍ତି। କାଳିଆ ଯୋଜନା ପାଇଁ ବିଧାନସଭା ବସାଇ ଅତିରିକ୍ତ ବଜେଟର ବ୍ୟବସ୍ଥା କ'ଣ ପାଇଁ କଲେନାହିଁ। ଶହେ ଟଙ୍କାର ବୋନସ ଦେବେ ବୋଲି କହିଥିଲେ, ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବାର କଥା କହିଥିଲେ, ଏହି ପ୍ରତିଶ୍ରୁତି କୁଆଡେ ଗଲା ବୋଲି ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, କାଳିଆକୁ ଉପାସ ରଖି ଏଭଳି ଯୋଜନା କରିବାରେ କୌଣସି ଲାଭ ନାହିଁ। ଅଣ୍ଟିରେ ନାହିଁ ଧନ ପୁଅ ବାହାଘର ପାଇଁ ମନଭଳି ଏହି ଯୋଜନା। କେବଳ ଭୋଟ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ନାଟକବାଜି, ରାଜ୍ୟବାସୀ ଏହାକୁ ଭଲରେ ବୁଝି ସାରିଲେଣି ବୋଲି ନିରଞ୍ଜନ କହିଛନ୍ତି।

ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ଏହି ଯୋଜନା ଦ୍ୱାରା ୮୦ରୁ ୯୦ପ୍ରତିଶତ ଚାଷୀ ସୁବିଧା ପାଇବେ। କାଳିଆ ଏକ ବାସ୍ତବ ଧର୍ମୀ ଯୋଜନା। ଏହାଦ୍ୱାରା ଚାଷୀମାନେ ବିଶେଷ ଉପକୃତ ହୋଇପାରିବେ। ବିରୋଧୀ ଅସହିଷ୍ଣୁ ହୋଇ ଏଭଳି ମତ ରଖୁଥିବା ଶଶି କହିଛନ୍ତି।



> ସବୁ କର୍ମ ଏକ ଖେଳ ହେବା ଉଚିତ। କିନ୍ତୁ ଏହା ହେବ ଏକ ଦିବ୍ୟକ୍ରୀଡା ବା ଭଗବତୀ ଖେଳ। ଏ ଖେଳ ତୁମେ ଭଗବାନଙ୍କ ପାଇଁ ଖେଳିବ ଓ ଭଗବାନଙ୍କ ସହିତ ଖେଳିବ।
> –ଶ୍ରୀମା



# ବିପଦରେ ଜୀବନ

ଚିଲିର ଆଟାକାମା ମରୁଭୂମିରେ ଥିବା ଏକ ତମ୍ବା ଓ ସୁନା ଖଣିରେ ୨୦୧୦ରେ ୩୩ ଜଣ ଲୋକ ଫସି ଯାଇଥିଲେ। ବିଶ୍ୱସ୍ତରୀୟ ସୁଦକ୍ଷ ଉଦ୍ଧାରକାରୀ ଦଳ ଓ ଉନ୍ନତ ଯାନ୍ତ୍ରିକ କୌଶଳ ବ୍ୟବହାର କରାଯାଇ ୭୦୦ ମିଟର ତଳେ ରହିଯାଇଥିବା ବ୍ୟକ୍ତିମାନଙ୍କୁ ଉଦ୍ଧାର କରିବା ଲାଗି ଏକ ଜୋରଦାର ଉଦ୍ୟମ କରାଯାଇଥିଲା। ଅତ୍ୟନ୍ତ କଠୋର ଶ୍ରମ ସ୍ୱୀକାର କରିବା ପରେ ଉଦ୍ଧାରକାରୀ ଦଳ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହିତ ସୌଭାଗ୍ୟକ୍ରମେ ଖଣିରେ ଫସିଯାଇଥିବା ଲୋକଙ୍କୁ ଜୀବନ୍ତ ଭାବେ ଉପରକୁ ଆଣିପାରିଥିଲେ। ସେତେବେଳେ ସେଠାକାର ସରକାର ଓ ଖଣି କମ୍ପାନୀ ସର୍ବାଧିକ ମାନବ ଓ ଯାନ୍ତ୍ରିକ ସମ୍ବଳ ବ୍ୟବହାର କରି ଉଦ୍ଧାରକାର୍ଯ୍ୟକୁ ଫଳପ୍ରଦ କରିଥିଲେ। ୨୦୧୮ ଜୁଲାଇରେ ଥାଇଲାଣ୍ଡର ଏକ ଫୁଟବଲ୍ ଖେଳାଳିଙ୍କ ଟିମ୍ କିଭଳି ଗୁମ୍ଫା ଭିତରେ ଫସିଯାଇଥିଲେ ତାହା ଅନେକଙ୍କ ମନେଥିବ। ଖେଳାଳି ଓ ତାଙ୍କ କୋଚଙ୍କୁ ଉଦ୍ଧାର କରିବା ଲାଗି ବିଶ୍ୱସ୍ତରରୁ ସହାୟତା ମିଳିବା ପରେ ସେମାନେ ନବଜୀବନ ପାଇପାରିଥିଲେ।

ଏବେ ଭାରତର ମେଘାଳୟର ଏକ କୋଇଲା ଖଣିରେ ୧୫ ଜଣ ଶ୍ରମିକ ଫସି ରହିବା ବିଷୟ ଆଲୋଡ଼ନ ସୃଷ୍ଟି କରିଛି। ପୂର୍ବ ଜୟନ୍ତିଆ ପାର୍ବତ୍ୟାଞ୍ଚଳରେ ଏକ ବେଆଇନ କୋଇଲା ଖଣିକୁ ଡିସେମ୍ବର ୧୩ରେ ଶ୍ରମିକମାନେ ପ୍ରବେଶ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏଭଳି ଖଣିକୁ ଶ୍ରମିକମାନେ ମୂଷା ଭଳି ଗୁରୁଣ୍ଡି ଗୁରୁଣ୍ଡି ପ୍ରବେଶ କରୁଥିବାରୁ ଏହାକୁ 'ର୍ୟାଟ୍–ହୋଲ୍ ମାଇନ୍ସ' କୁହାଯାଇଥାଏ । ସମ୍ପୂର୍ଣ୍ଣ ଅବୈଜ୍ଞାନିକ ପଦ୍ଧତିରେ ଏଥିରୁ କୋଇଲା ଉତ୍ତୋଳନ କରାଯାଉଥିବାରୁ ସରକାର ୨୦୧୪ରେ ଏଗୁଡ଼ିକୁ ବେଆଇନ ଘୋଷଣା କରିସାରିଛନ୍ତି। ମିଳିଥିବା ଖବର ଅନୁଯାୟୀ ୨୦ ଜଣ ଶ୍ରମିକ ୩୭୦ ଫୁଟ ଗଭୀର ଉକ୍ତ ଖଣିକୁ ପ୍ରବେଶ କରୁଥିବା ବେଳେ ହଠାତ୍ ନିକଟସ୍ଥ ନଦୀରୁ ପାଣି ମାଡ଼ି ଆସିଥିଲା। ୫ ଶ୍ରମିକ କୌଶଳକ୍ରମେ ସେଠାରୁ ବର୍ତ୍ତିଯାଇଥିବା ବେଳେ ୧୫ ଜଣ ପାଣି ଘେରରେ ରହିଯାଇଥିଲେ। ଇତିମଧ୍ୟରେ ଉଦ୍ଧାର କାର୍ଯ୍ୟ ଚାଲିଥିଲେ ହେଁ ସେମାନଙ୍କ ବଞ୍ଚିବା ନେଇ ସନ୍ଦେହ ଉପୁଜିଛି। ସାଧାରଣରେ ଯାହା ଭାରତବର୍ଷରେ ଦେଖାଯାଏ, ତାହା ଏଠାରେ ମଧ୍ୟ ପରିଲକ୍ଷିତ ହୋଇଛି। ଉଦ୍ଧାର କାର୍ଯ୍ୟ ଆରମ୍ଭରେ ଏକ ଛୁଟି ଦିନର ଆଳ ଦେଖାଇ ନିୟୋଜିତ କ୍ରେନ୍ ଚାଳକ ନିଜ କାମ କରିବାକୁ ମନା କରିଦେଇଥିଲେ। ଏହା ମେଘାଳୟ ପାଇଁ ଏକ ବିଶେଷତ୍ୱ ନୁହେଁ। ଆମ ଦେଶରେ ଯେତେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲେ ମଧ୍ୟ ଛୁଟି ପଡ଼ିଗଲେ କେହି କାଣି ଆଙ୍ଗୁଠି ଉଠାଇବା ପାଇଁ ପ୍ରସ୍ତୁତ ହୁଅନ୍ତି ନାହିଁ। ଏଭଳି ମାନସିକତା ସହିତ ଏହି ଦେଶରେ ୫୨ଟି ରବିବାର ବ୍ୟତୀତ ପ୍ରାୟ ୩୦୦ରୁ ଅଧିକ ଦିନ ପର୍ବପର୍ବାଣିରେ ଯାଇଥାଏ। ଏଥିସହିତ ଯୋଡ଼ି ଦିଆଯାଉ କେତୋଟି ଶନିବାର ଛୁଟି। ଯଦି ଏହିସବୁ ଦିବସଗୁଡ଼ିକୁ ମିଶାଇ ଦିଆଯାଏ, ତେବେ ବର୍ଷରେ ଥିବା ୩୬୫ ଦିନଠାରୁ ଏହା ବଳିପଡ଼ିବ। ଏଥିରୁ ବୁଝିବାକୁ ହେବ ଯେ ଏହି ଦେଶରେ ଯେତେବଡ଼ ସଙ୍କଟ ପଡ଼ିଲେ ମଧ୍ୟ କାର୍ଯ୍ୟ କରିବାକୁ ଆମେ ସମସ୍ତେ କେତେ ଆଗ୍ରହୀ।

ବର୍ତ୍ତମାନର ପରିସ୍ଥିତି ଦେଖିଲେ ଖଣିରେ ଫସିଯାଇଥିବା ସେହି ୧୫ ଜଣଙ୍କ ଜୀବନ ଅନ୍ଧାର ହେଲା ଭଳି ମନେହେଉଛି। ଏପରି କି ଜିଲା କର୍ତ୍ତୃପକ୍ଷଙ୍କ ପାଖରେ ଏହି ବେଆଇନ ଖଣିର ସ୍ୱାଭାବିକ ଭାବେ ନକ୍ସା ନାହିଁ। ତେଣୁ ଏହା ଭିତରେ ଉଦ୍ଧାର କାର୍ଯ୍ୟ କରିବା କାଠିକର ପାଠ ହୋଇପଡ଼ିଲାଣି। ଆଉ ଏକ ଅସୁବିଧା ହେଲା ଉପଯୁକ୍ତ ଯନ୍ତ୍ରାଂଶ ଯୋଗାଇ ଦିଆଯାଇ ନ ଥିବାରୁ ଖଣିରୁ ପାଣି ବାହାର କରାଯାଇପାରୁ ନାହିଁ କି ବୁଡ଼ାଳିମାନେ ଫସି ରହିଥିବା ଲୋକଙ୍କୁ ଠାବ କରିପାରୁ ନାହାନ୍ତି। ଯେତେବେଳେ ପ୍ରସ୍ତୁତି ଏଭଳି ସ୍ଥିତିରେ ରହିଛି ସେତେବେଳେ ସମ୍ପୃକ୍ତ ଶ୍ରମିକଙ୍କ ଉଦ୍ଧାର ଆଶା କ୍ଷୀଣ ହେବାରେ ଲାଗିଛି।

ଏଠାରେ ମନେପଡ଼େ ୨୦୧୬ରେ ସିଆଚେନ୍ ଗ୍ଲେସିୟରରେ ଭାରତୀୟ ସୈନ୍ୟମାନେ ବରଫ ତଳେ ପୋତି ହୋଇଯାଇଥିବା ଘଟଣା। ସାମରିକ ବାହିନୀ ଉଦ୍ଧାର କାର୍ଯ୍ୟରେ ଲାଗି ଲାନ୍ସ ନାଏକ ହନୁମନ୍ଥାପାଙ୍କୁ ଜୀବନ୍ତ ଉଦ୍ଧାର କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାଙ୍କ ମୃତ୍ୟୁ ହୋଇଥିଲା। ପ୍ରତ୍ୟେକ ସନ୍ଧାନ ଓ ଉଦ୍ଧାର ଭଳି ଜରୁରିକାଳୀନ କାର୍ଯ୍ୟରେ ଦ୍ରୁତ ପଦକ୍ଷେପ ନିଆଯିବା ଉଚିତ। କାରଣ ସମୟ ହିଁ ଜନ୍ମ ଓ ମୃତ୍ୟୁ ମଧ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ବର୍ତ୍ତମାନ ପରିପ୍ରେକ୍ଷୀରେ ମେଘାଳୟ ଖଣିରେ ଚାପି ହୋଇ ରହିଥିବା ଶ୍ରମିକଙ୍କ ପାଇଁ ପ୍ରତିଟି ମୁହୂର୍ତ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଭଳି ପରିସ୍ଥିତିର ସାମ୍ନା କରିବା ଲାଗି ଦେଶ ଫଳପ୍ରଦ ଉଦ୍ଧାର ବ୍ୟବସ୍ଥା ବିକଶିତ କରିବାର ଆବଶ୍ୟକତା ରହିଛି। ଯଦିଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍) ଓ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ଉକ୍ତ କାର୍ଯ୍ୟରେ ନିୟୋଜିତ ଅଛନ୍ତି, ସେମାନେ ଉପଯୁକ୍ତ ପ୍ରଶିକ୍ଷଣ, ବିଶେଷଜ୍ଞ, ଯନ୍ତ୍ରାଂଶ ଓ ଆର୍ଥିକ ସମ୍ବଳର ଅଭାବ ଦେଇ ଗତି କରୁଥିବା ଭଳି ମନେହେଉଛି। ଏହି ପ୍ରଚ୍ଛଦପଟରେ ଓଡ଼ିଶା ସରକାର ୨୦ ଜଣିଆ ଅଗ୍ନିଶମ କର୍ମଚାରୀଙ୍କୁ ମେଘାଳୟ ପଠାଇବା ସ୍ୱାଗତଯୋଗ୍ୟ। ଏଭଳିସ୍ଥଳେ ଓଡ଼ିଶା ବିପର୍ଯ୍ୟୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ (ଓଡ୍ରାଫ୍) କଥା କୁହାଯାଇପାରେ। ବିଭିନ୍ନ ପ୍ରକାର ଉଦ୍ଧାର କାର୍ଯ୍ୟରେ ରାଜ୍ୟର ଏହି ଦଳକୁ ନିୟୋଜିତ କରାଯାଇପାରିଲେ ସଦସ୍ୟମାନଙ୍କର ଅଭିଜ୍ଞତା ବୃଦ୍ଧି ପାଇପାରନ୍ତା। ପ୍ରତିଟି ଅଭିଜ୍ଞତାକୁ ନେଇ ଓଡ୍ରାଫ୍ ତରଫରୁ ଏକ 'ରିଲିଫ୍ ମାନିଫେଷ୍ଟୋ' ପ୍ରସ୍ତୁତ କରାଯିବା ଉଚିତ। ଏହା ହେଲେ ଭବିଷ୍ୟତରେ ଏହିସବୁ କାର୍ଯ୍ୟ ଦ୍ୱାରା ଓଡ୍ରାଫ୍‌ର ଦକ୍ଷତା ବୃଦ୍ଧି ପାଇପାରନ୍ତା ଏବଂ ତାହା ଦେଶର ଏକ ଉତ୍ତମ ସାହାଯ୍ୟକାରୀ ଦଳ ଭାବେ ପରିଗଣିତ ହୁଅନ୍ତା।

ଅତଏବ କେନ୍ଦ୍ର ସରକାର ଅନ୍ୟାନ୍ୟ ସ୍ୱାଧୀନ ବିଭାଗ ଭଳି ଜରୁରିକାଳୀନ ସେବାକୁ ଅଗ୍ରାଧିକାର ଦେବା ଆବଶ୍ୟକ ହୋଇପଡ଼ିଲାଣି। ଦେଖାଯାଉଛି ଉଦ୍ଧାର ବା ଯୁଦ୍ଧ ଭଳି ପରିସ୍ଥିତିରେ ଭାରତ ସର୍ବଦା ଝୁଣ୍ଟିପଡୁଛି। ସାମରିକ କ୍ଷେତ୍ର ଲାଗି ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଅବଶ୍ୟ ସେହି ଅର୍ଥ କେଉଁ ଆଡ଼େ ଓ କିଭଳି ଖର୍ଚ୍ଚ ହେଉଛି ତାହା ଭିନ୍ନ କଥା। ତେବେ ପ୍ରାକୃତିକ ହେଉ ବା ମନୁଷ୍ୟକୃତ ବିପର୍ଯ୍ୟୟର ମୁକାବିଲା କରିବା ଲାଗି ନିର୍ଦ୍ଦିଷ୍ଟ କୌଶଳ ଅନୁସରଣ କରାଯାଉଥିବା ଭଳି ମନେହେଉ ନାହିଁ। ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯାଇପାରିଲେ ତାହା ନାଗରିକଙ୍କ ପାଇଁ ଆଶାର କିରଣ ହୋଇପାରନ୍ତା। ବର୍ତ୍ତମାନ ସ୍ଥିତିରେ ଖଣିରେ ଫସି ରହିଥିବା ଶ୍ରମିକଙ୍କ ଉଦ୍ଧାର ପାଇଁ କେବଳ ଭଗବାନଙ୍କୁ ସ୍ମରଣ କରାଯାଇପାରେ। କାରଣ ସେମାନଙ୍କୁ ବଞ୍ଚାଇବା ପାଇଁ ଯୁଦ୍ଧକାଳୀନ ଭାବେ ଯେଉଁ ତତ୍ପରତା ଆବଶ୍ୟକ ତାହା ଥିଲାଭଳି ମନେହେଉ ନାହିଁ।

# ପୁଅପିଲା ବି ବିପଦରେ



ସୌମ୍ୟା ପରିଡ଼ା

ଘରେ ଯେତେବେଳେ ଛୋଟ କି ବଡ଼ ଝିଅଟିଏ କାନ୍ଦେ, ସାଧାରଣତଃ ଆମେ ତା' କଥା ଶୁଣୁ, ବୁଝୁ ଆଉ ସମାଧାନ କରିବାକୁ ଚେଷ୍ଟା କରୁ। ହେଲେ ସେଇ ସମାନ କଥା ପୁଅଟିଏ କଲେ ଆମେ କ'ଣ କରୁ! ଝିଅପିଲା ପରି କ'ଣ କାନ୍ଦୁଛୁ, ପୁଅମାନେ କାନ୍ଦନ୍ତିନି, ତୁ ମୋର ଷ୍ଟ୍ରଙ୍ଗ ବୟ ଏମିତି ଅନେକ କଥା କହି ତାକୁ ବୁଝାଇବାକୁ ଚେଷ୍ଟା କରୁ। ହେଲେ ଏସବୁ ଭିତରେ ଆମେ ତାକୁ ଆଉ ତା' ମନକୁ ବୁଝିବାକୁ ଭୁଲିଯାଉ। ଏସବୁ ଶୁଣି ଶୁଣି ଧୀରେ ଧୀରେ ଆମ ପିଲା ଆମକୁ ତା'ର ମନକଥା କହିବା ଛାଡ଼ିଦିଏ। କାନ୍ଦିବା, ଅଳି କରିବା ବି ଧୀରେ ଧୀରେ ସୀମା ସରହଦ ଭିତରେ କରିବାକୁ ଚେଷ୍ଟା କରେ। ଆମ ପିଲା ଆମ ପାଖରେ ଅଭିନୟ କରିବା ଆରମ୍ଭ କରେ। ଏସବୁ ଭିତରେ ଅଜାଣତରେ ଆମେ ତା'ଠୁ ଆଉ ସିଏ ଆମଠୁ ମାନସିକ ସ୍ତରରେ ଦୂରେଇଯାଉ। ମହିଳା ହିସାବରେ ଆମେ ଝିଅଙ୍କର ଇଚ୍ଛା, ଆକାଂକ୍ଷା ଓ ସୁରକ୍ଷା ପ୍ରତି ଧ୍ୟାନ ଦେଉ। ସେମିତି ସମାଜର ଚଳନି ହିସାବରେ ଜଣେ ବାପା, ଭାଇ, ବନ୍ଧୁ କି ସ୍ୱାମୀ ହିସାବରେ ପୁଅମାନେ ମହିଳାମାନଙ୍କୁ ସୁରକ୍ଷା ଦିଅନ୍ତି। ହେଲେ ଏସବୁ ଭିତରେ ଆମେ ପୁଅମାନଙ୍କୁ ଅବହେଳିତ ଅବସ୍ଥାରେ ଅନ୍ଧାରଗଳିକୁ ଠେଲିଦେଉ। ଝିଅମାନଙ୍କ ପରି ପୁଅମାନଙ୍କ ସୁରକ୍ଷା ଦରକାର। କାରଣ ଝିଅମାନଙ୍କ ପରି ସେମାନେ ବି ଯୌନଶୋଷଣର ଶିକାର ହୋଇ ତିଳତିଳ ମରନ୍ତି ବୋଲି ଆମେ ଭୁଲିଯାଉ। ଜଣେ ପୁଅକୁ ଆଉ ଜଣେ ପୁରୁଷ କି ମହିଳା ଯୌନଶୋଷଣ କରୁଥିବା କଥାର ସମାଧାନ ପାଇଁ ଆମେ ସାହାଯ୍ୟର ହାତ ବଢ଼ାଇବା ତ ଦୂରର କଥା, ବରଂ ଏସବୁ ଘଟଣା ଯେ ଆମ ଚାରିପଟେ ନିତିଦିନ ଘଟୁଛି, ସେ କଥା ମାନିବାକୁ ନାରାଜ।

୨୦୦୭ ମସିହାରେ ସରକାରଙ୍କ ମହିଳା ଓ ଶିଶୁକଲ୍ୟାଣ ବିଭାଗ ପକ୍ଷରୁ ପୁଅପିଲାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନାର ସର୍ଭେ କରାଯାଇଥିଲା। ସେଥିରୁ ଯାହା ଜଣାପଡ଼ିଲା ସେଇଟି ହେଲା ଶିଶୁକନ୍ୟାଙ୍କ ଅପେକ୍ଷା ଶିଶୁପୁତ୍ରମାନେ ବେଶି ଯୌନଶୋଷଣର ଶିକାର ହୁଅନ୍ତି। ଦେଶର ବିଭିନ୍ନ ରାଜ୍ୟରେ କରାଯାଇଥିବା ଏହି ସର୍ଭେ ଅନୁସାରେ ପାଖାପାଖି ୫୫ ପ୍ରତିଶତ ପୁଅପିଲା ଯୌନଶୋଷଣର ଶିକାର ହୁଅନ୍ତି। ଆଉ ସେଥିରୁ ୫ ପ୍ରତିଶତ କଥା ବି ବାହାରକୁ ଆସେନି।

ହରିଶ ପଦ୍ମ ବିଶ୍ୱନାଥ ଆୟାର୍ ଜଣେ ସମାଜସେବୀ, ଯିଏ କି ପିଲାମାନଙ୍କ ଉପରେ ହେଉଥିବା ଯୌନ ଅତ୍ୟାଚାର ଉପରେ ବର୍ଷବର୍ଷ ଧରି କାମ କରୁଛନ୍ତି। ଏହାବ୍ୟତୀତ ମହିଳାମାନଙ୍କ ଅଧିକାର, ଏଲ୍‌ଜିବିଟି କମ୍ୟୁନିଟିର ଅଧିକାର, ପଶୁପକ୍ଷୀଙ୍କ ଅଧିକାର ଓ ସୁରକ୍ଷା ଦିଗରେ ମଧ୍ୟ ସେ କାମ କରନ୍ତି। ସେ ନିଜେ କିପରି ସାତବର୍ଷ ବୟସରୁ ବର୍ଷବର୍ଷ ଧରି ବଳାତ୍କାରର ଶିକାର ହୋଇଥିଲେ, ସେ କଥା କହିଛନ୍ତି। ଘରେ ନିଜ ମା'ଙ୍କୁ ସେ ଏସବୁ ସେତେବେଳେ କହିଥିଲେ, ହେଲେ ତାଙ୍କ ମା' ଏସବୁକୁ ହେୟଜ୍ଞାନ କରି ତାଙ୍କୁ ବିଶ୍ୱାସ କରି ନ ଥିଲେ। କାରଣ ଆମ ସମାଜର ମାନସିକତା ହେଲା, ଯୌନ ଅତ୍ୟାଚାର କେବଳ ଝିଅମାନଙ୍କ ଉପରେ ହିଁ ହୋଇପାରେ, ପୁଅମାନଙ୍କ ଉପରେ ନୁହେଁ।

ଘରଠୁ ସ୍କୁଲ ଓ ଟ୍ୟୁଶନ୍ ଜାଗା ଦୂର। ତେଣୁ ସପ୍ତମ ଶ୍ରେଣୀରେ ପଢୁଥିବା ସୂର୍ଯ୍ୟ (ଛଦ୍ମନାମ) ସ୍କୁଲ୍ ପରେ ସମ୍ପର୍କୀୟ ମାମୁ ଘରେ ଖାଇପିଇ, ବିଶ୍ରାମ ନେଇ ଟ୍ୟୁଶନ୍ ଯାଆନ୍ତି। ସନ୍ଧ୍ୟା ଟ୍ୟୁଶନ୍ ସାରି ଏକାଥରେ ଘରକୁ ଫେରନ୍ତି। ମାସେ ପନ୍ଦର ଦିନ ସବୁ ଠିକ୍ ଚାଲିଲା। ହେଲେ ତା'ପରଠୁ ଘରେ କେହି ନ ଥିବାର ସୁଯୋଗ ନେଇ ମାଇଁଙ୍କର ଯୌନ ଶୋଷଣ ଆରମ୍ଭ ହେଲା। ଏମିତି ସାତଆଠ ଦିନ ଚାଲିଲା ପରେ ହଠାତ୍ ସୂର୍ଯ୍ୟ ଆଉ ସେଠାକୁ ଯିବାକୁ ମଙ୍ଗିଲା ନାହିଁ। କିନ୍ତୁ ଘର ଲୋକେ ପାଠ ପଢ଼ିବା ପାଇଁ ଇଚ୍ଛା ନାହିଁ କହି ମାଡ଼ଗାଳି ଆରମ୍ଭ କଲେ। ସୂର୍ଯ୍ୟ ମାଡ଼ଗାଳି ସିନା ସହିଲା କିନ୍ତୁ ଲୋକଲଜ୍ଜାରୁ ସେଦିନ ସେ ସେସବୁ କହିପାରି ନ ଥିଲା। ଦୀର୍ଘ ୩୦ବର୍ଷ ତଳେ ଘଟିଥିବା ସେସବୁ ଘଟଣା ଏବେ ବି ସେ ଭୁଲିନାହାନ୍ତି।

ସେମିତି ଅଲ୍ଲୀର ବାପାଙ୍କ ଆକସ୍ମିକ ମୃତ୍ୟୁ ପରେ ଜଣେ ସମ୍ପର୍କୀୟ ଭାଇ ତାଙ୍କୁ ନିଜ ସହ କାମ ଶିଖିବା ପାଇଁ ମୁମ୍ବାଇ ନେଇଆସିଲେ। ସେତେବେଳେ ତାଙ୍କୁ ବାର ବର୍ଷ ହୋଇଥିଲା। ହେଲେ ମାତ୍ର କେଇ ଦିନର ବ୍ୟବଧାନ ପରେ ସବୁଦିନ ରାତିରେ ତାଙ୍କ ଉପରେ ଯୌନ ଅତ୍ୟାଚାର ଆରମ୍ଭ ହେଲା। ସହି ନ ପାରି ଦିନେ ସେ ସେଠୁ ଲୁଚି ପଳାଇଗଲେ। ହେଲେ ତା'ପରେ ବି ସେ କାମ କରୁଥିବା ଗ୍ୟାରେଜ୍ ମାଲିକ ଓ ପରେ ପୁଣି ଆଉ ଗୋଟେ ହୋଟେଲର ଅନ୍ୟ କର୍ମକର୍ତ୍ତା ବି ତାଙ୍କ ସହ ସମାନ କଥା କରିଥିଲେ। ସେ ସେତେବେଳେ ଅନୁଭବ କଲେ ଯେ ସେ ବାହାରେ ସୁରକ୍ଷିତ ନୁହନ୍ତି। ଏବେ ତାଙ୍କୁ ପାଖାପାଖି ୩୦ବର୍ଷ ହେଲାଣି। ହେଲେ ଏବେ ବି କାଲିପରି ସେସବୁ ତାଙ୍କର ମନେପଡ଼ିଯାଏ। ଆଉ ସେ ଭୟରେ ଥରିଉଠନ୍ତି।

ଝିଅମାନଙ୍କ ଉପରେ ହେଉଥିବା ଯୌନ ବ୍ୟଭିଚାର ରୋକିବାକୁ ସରକାର ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ହେଲେ ଆଜି ବି ପୁଅମାନଙ୍କୁ ଏଥିରୁ ବଞ୍ଚାଇବା ପାଇଁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଅଧିକାଂଶ ପୁଅଙ୍କ ଉପରେ ଯୌନ ଅତ୍ୟାଚାର କରିଥାନ୍ତି ତାଙ୍କ ଦୂର କି ନିକଟ ସମ୍ପର୍କୀୟ ପୁରୁଷମାନେ ଓ ସେମାନେ ଶିଶୁଶ୍ରମିକ ଭାବେ କାମ କରୁଥିବା ଅନୁଷ୍ଠାନର କର୍ମକର୍ତ୍ତାମାନେ। ଯେହେତୁ ପିଲାଙ୍କ ବୟସ ତୁଳନାରେ ଅତ୍ୟାଚାର କରୁଥିବା ଲୋକଙ୍କ ବୟସ ଖୁବ୍ ବେଶି ଥାଏ, ତେଣୁ ପିଲାମାନେ ଡରରେ ଏସବୁ କାହାକୁ କୁହନ୍ତି ନାହିଁ। ଏହା ସହ ପୁଣି ପୁଅମାନେ ଏସବୁ ଅଭିଯୋଗ କରିବା ସମାଜରେ ସେମିତି ଗ୍ରହଣୀୟ ହୁଏନାହିଁ। ତେଣୁ ଏସବୁ ନେଇ କୌଣସି ଜାଗାରେ କେସ୍ ରେଜିଷ୍ଟର୍ ହେବା ବି ଅତି କମ୍ ଦେଖିବାକୁ ମିଳେ। ଆମ ଦେଶରେ ପ୍ରତି ୬ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ପିଲାଦିନେ ଯୌନଶୋଷଣର ଶିକାର ହେଉଥିବା କଥା ସର୍ଭେରୁ ଜଣାପଡ଼ିଛି। ପିଲାଦିନେ ଯୌନଶୋଷଣର ଶିକାର ହେଉଥିବା ପୁରୁଷମାନଙ୍କ ମଧ୍ୟରେ ଷ୍ଟ୍ରେସ୍, ଡିଜ୍‌ଅର୍ଡର, ଡିପ୍ରେସନ୍ ଆଦି ସହଜରେ ଦେଖାଦିଏ। ସ୍କୁଲ୍, କଲେଜ କି କର୍ମକ୍ଷେତ୍ରରେ ସେମାନେ ଚାହିଁଲେ ବି ଭଲ କରନ୍ତି ନାହିଁ। ଅନେକ ସମୟରେ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଦିଏ। ବଡ଼ ହେଲେ କି ବିବାହ ପରେ ସେମାନେ କାହାସହ ସହଜରେ ଶାରୀରିକ ସମ୍ପର୍କ ରଖିପାରନ୍ତି ନାହିଁ। ଜୀବନରେ ଯେତେ ଖୁସି ଆସିଲେ ବି ସେମାନେ ତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ବରଂ ପଛ କଥାର ଛାପ ତାଙ୍କ ଜୀବନରୁ କେବେ ବି ଯାଏ ନାହିଁ। ଅଧିକାଂଶ ସମୟରେ ଏସବୁ କାହାକୁ ନ କହି ସେମାନେ ନିଜ ଭିତରେ ନିଜେ ଧନ୍ଦିହୁଅନ୍ତି।

ମା'ବାପା ହିସାବରେ ଆମେ ହୁଏତ ଆମ ପିଲାକୁ ସବୁ ସୁବିଧା ସୁଯୋଗ ଦେବାକୁ ଚେଷ୍ଟାକରୁ। କିନ୍ତୁ ନିଜ ଅଜାଣତରେ ବା ଖାମଖିଆଲି ସ୍ୱଭାବରୁ ପୁଅମାନେ ଯେ ଯୌନଶୋଷଣର ଶିକାର ହୋଇଯିବେ ସେ କଥା ଭୁଲିଯାଉ। ଫଳରେ ଆମେ ତାଙ୍କୁ ଏକୁଟିଆ ଅନ୍ଧାରଗଳିକୁ ଠେଲିଦେଉ। ପିଲାଦିନୁ ଆମ ଅଜାଣତରେ ଆମ ପିଲା ନିଜ ମନ ଆଉ ଶରୀର ସହ ସଂଘର୍ଷ ଆରମ୍ଭ କରେ। ତେଣୁ ଡେ ବୋର୍ଡ଼ିଂ, ଅଜଣା ଲୋକ, ପଡ଼ୋଶୀ, ସ୍କୁଲ୍, କଲେଜ, ଟ୍ୟୁଶନ, ହଷ୍ଟେଲ କି କେଉଁ ଜାଗାରେ ବି ଆମେ ଝିଅକୁ ଛାଡ଼ିବା ପୂର୍ବରୁ ଯେତିକି ସଚେତନ ହେଉ, ପୁଅଙ୍କୁ ବି ଛାଡ଼ିବା ବେଳେ ସେତିକି ସଚେତନ ହେବା କଥା, ଅନ୍ତତଃ ଯେପର୍ଯ୍ୟନ୍ତ ଆମ ପିଲାଏ ନିଜ କଥା ବୁଝିବାକୁ ସକ୍ଷମ ହୋଇନାହାନ୍ତି। ତା'ହେଲେ ଯାଇ ଆମେ ଆମ ଝିଅମାନଙ୍କ ପରି ପୁଅମାନଙ୍କୁ ବି ଏ ଅନ୍ଧାରଗଳିରୁ ବଞ୍ଚାଇପାରିବା।

ମୋ– ୯୩୩୮୫୬୬୫୮୭,
saumya.consultant@gmail.com

# ନୂଆବର୍ଷରେ ନୂଆ ଭାରତର ସ୍ୱପ୍ନ



ବିମଳ ପ୍ରସନ୍ନ ଦାସ

ଇଂଲିଶ ସାହିତ୍ୟର ପ୍ରଖ୍ୟାତ କବି ପି.ବି. ସେଲି ତାଙ୍କର ଏକ ସ୍ମରଣୀୟ ତଥା ପ୍ରେରଣାଦାୟୀ କବିତାରେ ଲେଖିଥିଲେ– If winter comes can spring be far behind ? ଅର୍ଥାତ୍ ''ମହୀରେ ଆସେ ଯେବେ ଦାରୁଣ ଶୀତ, ଦୂରେ ଥାଏ କି ଆଉ ଚାରୁ ବସନ୍ତ ?'' ଏହା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି, ଅନେକ ଦୁଃଖ, ଦୁର୍ଦ୍ଦଶା, ହସ, କାନ୍ଦ, ଖେଳକୌତୁକର ଫେଣ୍ଟାଫେଣ୍ଟି ଅନୁଭୂତି ନେଇ ୨୦୧୮ ବିଦାୟ ନେବାକୁ ଯାଉଛି ଏବଂ ସମୟର ଚୋରାବାଲିରେ ପାଦଚିହ୍ନ ଆଙ୍କି ପ୍ରବେଶ କରୁଛି ୨୦୧୯। ଡିସେମ୍ବର ୩୧ ତାରିଖ ମଧ୍ୟରାତ୍ରିରୁ ଆରମ୍ଭ ହୋଇଯିବ ଧାଁ ଦଉଡ଼, ଆତସବାଜି ଏବଂ ଆହୁରି କେତେ କ'ଣ ବାଇଦ ବାଜଣା ସହିତ ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ପୂଜା–ପ୍ରାର୍ଥନା। ବାସ୍ତବରେ ଏହା ସମୟର ଏକ ସାମୟିକ ସନ୍ଧିକ୍ଷଣ। ବିଦାୟୀ ବର୍ଷ ୨୦୧୮ରେ ଯେଉଁ କେତେକ ପ୍ରମୁଖ ସମସ୍ୟା ଦେଶକୁ ଆକ୍ରାନ୍ତ କରିଥିଲା, ସେଥିରୁ ଯଦି କୌଣସି ଏକ ସମସ୍ୟା ଆଗାମୀ ବର୍ଷରେ ମଧ୍ୟ ଅଧିକ ଗୁରୁତର ରୂପ ନେବାର ଆଶଙ୍କା ରହିଛି ତା' ହେଲା ବେକାରି। ପୂର୍ବବର୍ତ୍ତୀ ବର୍ଷଗୁଡ଼ିକରେ ଏହା ଯାହା ଥିଲା ୨୦୧୭–୧୮ରେ ତା'ଠାରୁ ଅଧିକ ଉତ୍କଟ ହୋଇଗଲା। ଆସନ୍ତା ବର୍ଷ ମଧ୍ୟରେ ପରିବର୍ତ୍ତନର ଆଶା ଦୁରାଶା ନ ହେଲେ ମଧ୍ୟ କ୍ଷୀଣ। ୨୦୧୯ ପୁଣି ନିର୍ବାଚନ ବର୍ଷ। ପରିବର୍ତ୍ତନ ଯାହା ହେଲେ ମଧ୍ୟ ସବୁ ସେଇ 'ପୁରୁଣା ମଦ ନୂଆ ବୋତଲ' ସଦୃଶ। ବରଂ ଏ ଧାରା ଆହୁରି ବିଗିଡ଼ିପାରେ। ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ଯେଉଁ ଅନୁସାରେ ବଢ଼ିଚାଲିଛି ସେ ଅନୁପାତରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ। ଗୋଟିଏ ପକ୍ଷରେ ନିଯୁକ୍ତି ଆଶାୟୀଙ୍କ କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟା ଓ ଅନ୍ୟପକ୍ଷରେ ନିଯୁକ୍ତି ସୁଯୋଗର ସଙ୍କୋଚନ ସମସ୍ୟାକୁ ଗୁରୁତର କରିଦେଇଛି, ଯାହା କେବଳ ଅର୍ଥନୀତି ଉପରେ ନୁହେଁ, ସମାଜ ଉପରେ ପ୍ରତିକୂଳ ପ୍ରଭାବ ରଖୁଛି। ୨୦୧୭ ଓ ୨୦୧୮ରେ ପ୍ରକାଶିତ ବିଭିନ୍ନ ପରିସଂଖ୍ୟାନ ବିଶେଷତଃ 'ବିଏସ୍‌ଇ–ସିଏମ୍‌ଆଇ' ଦ୍ୱାରା ହୋଇଥିବା ସର୍ଭେ ଅନୁଯାୟୀ ଗତ ଅଗଷ୍ଟ ସୁଦ୍ଧା ୨ କୋଟି ୬୦ ଲକ୍ଷ ନିଯୁକ୍ତି ତଲାସରେ ଥିଲେ। ଏହା ମାତ୍ର ବାରମାସର ଚିତ୍ର। ଏହି ସଂସ୍ଥାର ଆକଳନ ଅନୁଯାୟୀ ୧୫ରୁ ୨୪ ବର୍ଷ ବୟସ ଗୋଷ୍ଠୀର ସଂଖ୍ୟା ୯୬୮ ନିୟୁତରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରୁ ୪୦୩ ରୁ ୪୦୫ ନିୟୁତଙ୍କ ବିଭିନ୍ନ କ୍ଷେତ୍ରରେ କର୍ମସଂସ୍ଥାନ ହୋଇପାରିଛି। ଏହି ସଂସ୍ଥା ପକ୍ଷରୁ ପ୍ରତିବର୍ଷ ୨୫ଟି ରାଜ୍ୟରେ ଅନ୍ତତଃ ତିନିଥର ଏ ପ୍ରକାର ସର୍ଭେ କରାଯାଇଥାଏ। ଉଲ୍ଲେଖନୀୟ ହେଲା ସର୍ଭେ ଅନ୍ତର୍ଗତ ୨୫ଟି ରାଜ୍ୟ ମଧ୍ୟରୁ କୌଣସି ଗୋଟିଏ ରାଜ୍ୟରେ ହେଲେ ସୁଦ୍ଧା ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ସହ ତାଳ ଦେଇ ନୂଆ ନିଯୁକ୍ତି ସୃଷ୍ଟି କରାଯାଇପାରି ନାହିଁ। ଉଦାହରଣସ୍ୱରୂପ ଦେଶର ସବୁଠାରୁ ଜନବହୁଳ ରାଜ୍ୟ ଉତ୍ତରପ୍ରଦେଶରେ ନିଯୁକ୍ତି ଆଶାୟୀ ଓ ନିଯୁକ୍ତି ସୁଯୋଗ ମଧ୍ୟରେ ନିଅଣ୍ଟ ପରିମାଣ ଥିଲା ୪୫ ଲକ୍ଷ। ଏହା କେବଳ ନିରାଶାଜନକ ଚିତ୍ର ପ୍ରଦାନ କରୁନାହିଁ, ଭବିଷ୍ୟତରେ ପରିବର୍ତ୍ତନ ନେଇ ବିଶେଷ ଆଶାର ମଧ୍ୟ ସଞ୍ଚାର କରୁନାହିଁ। ଖୋଦ୍ କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରଣାଳୟର ତଥ୍ୟ କ୍ରମାଗତ ଭାବରେ ନିଯୁକ୍ତି ସଙ୍କୋଚନ ଏବଂ ବେକାର ସମସ୍ୟାର ନିରାଶାଜନକ ସ୍ଥିତି ବୟାନ କରୁଛି। ମିଳିତ ଜାତିସଂଘର ଏକ ଆକଳନ ଅନୁଯାୟୀ ୨୦୫୦ ପର୍ଯ୍ୟନ୍ତ ପ୍ରତିବର୍ଷ ଭାରତରେ ୧ କୋଟି ୨୦ ଲକ୍ଷ ଲୋକ କର୍ମସଂସ୍ଥାନ ତଲାସରେ ବାହାରିବେ। ବାର୍ଷିକ କୋଟିଏରୁ ଅଧିକ ସଂଖ୍ୟାରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ନିଶ୍ଚିତ ଏକ ହିମାଳୟ ତୁଲ୍ୟ ଲକ୍ଷ୍ୟ। ସୁତରାଂ ଗୋଟିଏ ପକ୍ଷରେ ନୂଆ ନିଯୁକ୍ତି କରାଯାଇ ପାରୁନାହିଁ। ଅନ୍ୟ ଦିଗରେ ସ୍ୱୟଂକ୍ରିୟ ଅବସ୍ଥା ଓ ନୂଆ ବୈଷୟିକ ଜ୍ଞାନକୌଶଳର ପ୍ରଚଳନ ଫଳରେ ବହୁ ସଂଖ୍ୟାରେ ନିଯୁକ୍ତି ଉଚ୍ଛେଦ ହେଉଛି। ଅନେକେ ନିଯୁକ୍ତି ହରାଉଛନ୍ତି। ଏକ ଆକଳନ ଅନୁଯାୟୀ ୨୦୨୨ ସୁଦ୍ଧା କେବଳ ସୂଚନାପ୍ରଯୁକ୍ତି ଓ ଆନୁଷଙ୍ଗିକ କ୍ଷେତ୍ରରେ ପରବର୍ତ୍ତୀ ଗୋଟିଏ ଦଶକରେ ୩୦ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ନିଯୁକ୍ତି ସଙ୍କୋଚନର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏ ଦିଗରେ ସମାଧାନ ପାଇଁ ଯାହା ଉଦ୍ୟମ ହେଉଛି ତାହା ଆଦୌ ପର୍ଯ୍ୟାପ୍ତ ନୁହେଁ। ଏନ୍‌ଡିଏ ସରକାରଙ୍କ ପକ୍ଷରୁ 'ମେକ୍–ଇନ୍–ଇଣ୍ଡିଆ, ଷ୍ଟାର୍ଟ–ଅପ୍–ଇଣ୍ଡିଆ, ମୁଦ୍ରା ବ୍ୟାଙ୍କ ଆଦି କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାର୍ଷିକ କୋଟିଏ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଯେଉଁ ଲକ୍ଷ୍ୟ ଘୋଷଣା କରିଥିଲେ, ତାହା ହୋଇପାରିନାହିଁ। ଦୁର୍ଭାଗ୍ୟକୁ ଏହି ସମୟରେ ଅର୍ଥନୀତିରେ ମାନ୍ଦାବସ୍ଥା ଓ କୃଷି କ୍ଷେତ୍ରରେ ଲାଗିରହିଥିବା ସଙ୍କଟ ଅଧିକ ଜଟିଳ ଓ ଗୁରୁତର ରୂପ ଧାରଣ କରିଛି। ଏହା ନିଃସନ୍ଦେହ ଯେ ନିଯୁକ୍ତି କ୍ଷେତ୍ରରେ ଦୁର୍ଭିକ୍ଷ ଦେଶ ପାଇଁ ସବୁଠାରୁ ବଡ଼ ସମସ୍ୟା ଏବଂ ସମାଜ ପାଇଁ ଏକ 'ଟାଇମ୍ ବୋମା' ସଦୃଶ। ଯେକୌଣସି ସମୟରେ ଏହାର ବିସ୍ଫୋରଣ ଘଟି ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ସ୍ଥିତିକୁ ଛାରଖାର କରିଦେଇପାରେ। ୨୦୧୯ ନିର୍ବାଚନ ବର୍ଷ। ନିଯୁକ୍ତି ସଙ୍କୋଚନର ଧାରାକୁ ରୋକାଯାଇ ଯେପରି ଅଧିକରୁ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ, ସେଥିପାଇଁ ଯୋଜନାବଦ୍ଧ ଉଦ୍ୟମ ତୁରନ୍ତ ଆବଶ୍ୟକ। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଏପରି ଉଦ୍ୟମ ଅପରିହାର୍ଯ୍ୟ। ଆତ୍ମନିଯୁକ୍ତି କ୍ଷେତ୍ରରେ ପ୍ରୋତ୍ସାହନ ଜରୁରୀ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଗ୍ରାମାଞ୍ଚଳର ବିକାଶ, କୃଷି ଓ କୃଷକର ସମୁନ୍ନତି ଆଜିର ଆହ୍ୱାନ। ସମସ୍ୟା ଥିଲେ ସମାଧାନ ଅଛି। ଯୁବପିଢ଼ିଙ୍କ ମଧ୍ୟରେ ଆଶାର ସଞ୍ଚାର ହିଁ ଦେଶକୁ 'ନୂଆ ଭାରତ' ଆଡ଼କୁ ଆଗେଇନେବ ଏବଂ ଶୀତ ପରେ ବସନ୍ତ ଆସିବ।

ମୋ–୯୪୩୮୧୮୬୨୨୬

## ଏଇ ଭାରତରେ

ମାନବ ଭଳି ଦେଖାଯାଉଥିବା ସବୁ ଜୀବଙ୍କୁ ମଣିଷ କୁହାଯାଇ ପାରିବ ନାହିଁ। କାରଣ ମାନବ ରୂପଧାରୀ ଅନେକ ଦାନବ ଅଛନ୍ତି, ଯେଉଁମାନେ ନରମାଂସ ଭକ୍ଷଣ କରନ୍ତି। ବର୍ତ୍ତମାନ ଇଣ୍ଟରନେଟ୍ ଯୁଗରେ ଏଭଳି ଜନଜାତି ଅଛନ୍ତି, ଯେଉଁମାନେ ମଣିଷ ମାଂସ ଭକ୍ଷଣ କରିବାକୁ ପସନ୍ଦ କରିଥାଆନ୍ତି। ଏଭଳି ନରଖାଦକ ଜନଜାତି ଆମ ଦେଶର ନାଗାଲାଣ୍ଡ ରାଜ୍ୟରେ ଥିବା ଘଞ୍ଚ ଜଙ୍ଗଲ ଅଞ୍ଚଳରେ ବାସ କରନ୍ତି। ଏହି ଅଞ୍ଚଳକୁ ଶିକ୍ଷା ଓ ସଭ୍ୟତାର ଆଲୋକ ସ୍ପର୍ଶ କରି ନ ଥିବାରୁ ଉକ୍ତ ଜନଜାତିର ଲୋକଙ୍କ ମନରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭରି ରହିଛି। ଏହି ଜନଜାତି ଲଢ଼େଇ କରିବା ବେଳେ ଶତ୍ରୁର ମୁଣ୍ଡକାଟି ଘରକୁ ଆଣିବାକୁ ସୌଭାଗ୍ୟ ମନେ କରିଥାଆନ୍ତି। ସମ୍ପୃକ୍ତ ଅଞ୍ଚଳକୁ କୌଣସି ଅଜଣା ବ୍ୟକ୍ତି ପ୍ରବେଶ କଲେ, ନରଭକ୍ଷୀମାନେ ତାକୁ ହତ୍ୟାକରି ତା'ର ମାଂସ ଖାଇଥାଆନ୍ତି। ଏ ବିଷୟ ଜାଣିଥିବା ବ୍ୟକ୍ତିମାନେ ସେହି ଅଞ୍ଚଳକୁ ପ୍ରବେଶ କରନ୍ତି ନାହିଁ। କିନ୍ତୁ ଅଜାଣତରେ କୌଣସି ବ୍ୟକ୍ତି ସେହି ଅଞ୍ଚଳ ମଧ୍ୟରେ ପ୍ରବେଶ କଲେ ସେ ଆଉ ଜୀବନ ଧରି ଫେରି ନ ଥାଏ। ପ୍ରଥମେ ଅନୁପ୍ରବେଶକାରୀ ବ୍ୟକ୍ତିର ଶରୀରରେ ଏକ ମୁନିଆଁ ଗଛଡାଳ ପ୍ରବେଶ କରାଯାଇ ଏହାକୁ ଏକ ଖୋଲା ସ୍ଥାନରେ ପୋତି ଦିଆଯାଏ। ଏହାପରେ ଚାରିପଟେ ନିଆଁ ଜଳାଇ ଜନଜାତିର ଲୋକମାନେ ନଗ୍ନ ନୃତ୍ୟ କରିଥାଆନ୍ତି। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହର ମାଂସକୁ ଖଣ୍ଡଖଣ୍ଡ କରି କାଟି ଆନନ୍ଦରେ ଖାଇଥାଆନ୍ତି। ସେଥିପାଇଁ ଏହି ଅଞ୍ଚଳକୁ ଯିବାକୁ ସମସ୍ତେ ଭୟ କରନ୍ତି।

### ଚିରନ୍ତନୀ

ନିଷ୍କଣ୍ଟକ କରି ପଥ ପାଶେ ତା'ର   ରୋପିଗଲ ତରୁ
ଶାନ୍ତିର ଉଦକ ଢାଳି କୁସୁମିତ   କଲ ମହା ମରୁ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

**୩୧ ଡିସେମ୍ବର ୧୯୯୩**

- ଜମ୍ମୁ–କଶ୍ମୀର ମୁକ୍ତି ସାମ୍ମୁଖ୍ୟ ନାମକ ଉଗ୍ରପନ୍ଥୀ ସଙ୍ଗଠନର ଅଧ୍ୟକ୍ଷ ତଥା କଶ୍ମୀର ଉଗ୍ରପନ୍ଥୀଙ୍କ ନେତା ଅମାନୁଲ୍ଲା ଖାଁଙ୍କୁ ବେଲଜିୟମ ସରକାର ଖଲାସ କରିଛନ୍ତି।
- ଭାଜପା ସଭ୍ୟ ହରିଶଙ୍କର ଭାବରା ରାଜସ୍ଥାନ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ।

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୨୩– ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ରଘୁବୀର ଦାସ ରାଜ୍ୟ ମାନବାଧିକାର କମିଶନ ସଦସ୍ୟ ଭାବେ ନିଯୁକ୍ତ।

୨୪– ଅଲ୍ ଅଜିଜିଆ ଷ୍ଟିଲ୍ ମିଲ୍‌ସ ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କୁ ଅଦାଲତ ୭ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।

୨୫– ଆସାମର ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ ଭାରତର ଦୀର୍ଘତମ ତଥା ଏସିଆର ଦ୍ୱିତୀୟ ବୃହତ୍ତମ ରେଳ–ସଡ଼କ ବ୍ରିଜ୍ 'ବୋଗିବିଲ୍ ସେତୁ' ଲୋକାର୍ପିତ।

୨୬– ଦିଲ୍ଲୀ ଓ ଉତ୍ତରପ୍ରଦେଶରେ ଏନ୍‌ଆଇଏ ଚଢ଼ାଉ କରି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସ୍ ସହ ଅନୁବନ୍ଧିତ ହରକତ–ଉଲ୍–ହର୍ବ୍–ଇ–ଇସଲାମର ୧୬ ଜଣଙ୍କୁ ଧରିଛି ଏବଂ ସେମାନଙ୍କଠାରୁ ବିପୁଳ ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଜବତ କରିଛି।

୨୭– ମେଘାଳୟର ଏକ କୋଇଲା ଖଣିରେ ଦୁଇ ସପ୍ତାହ ହେଲା ୧୫ ଶ୍ରମିକ ଫସି ରହିଛନ୍ତି ଏବଂ ଖଣିରେ ପାଣି ଭର୍ତ୍ତି ହୋଇଥିବାରୁ ସେମାନଙ୍କ ବଞ୍ଚିବା ଆଶା କ୍ଷୀଣ ବୋଲି କୁହାଯାଉଛି।

## ଆମ ସମସ୍ୟା

### ଟ୍ରାଫିକ ପୋଲିସ ମୁତୟନ କରାଯାଉ

ମହାଶୟ,

ପାଞ୍ଚ ନମ୍ବର ଜାତୀୟ ରାଜପଥରେ ଖଣ୍ଡଗିରିରୁ ଖୋର୍ଦ୍ଧା ଗଲାବେଳେ ଏକପାର୍ଶ୍ୱରୁ ଅନ୍ୟପାର୍ଶ୍ୱକୁ ଯିବା ଲାଗି କେତେକ ସ୍ଥାନରେ ଡିଭାଇଡରକୁ କଟାଯାଇଛି। କିନ୍ତୁ ସେ ସ୍ଥାନମାନଙ୍କରେ କୌଣସି ଟ୍ରାଫିକ ପୋଲିସ ମୁତୟନ କରାଯାଇନାହିଁ। ଏହାଦ୍ୱାରା ଅନେକ ସମୟରେ କଳିଙ୍ଗବିହାର ଛକ, ଗୋହିରା ଛକ ଏବଂ ବାଟ ଭୂଆଷୁଣୀ ଛକରେ ଦୁର୍ଘଟଣା ଘଟି ଅନେକ ଧନଜୀବନ ନଷ୍ଟ ହେଉଛି। ଏହି ସ୍ଥାନମାନଙ୍କରେ ଭୂତଳ ପଥ କିମ୍ବା ଓଭରବ୍ରିଜ ନିର୍ମାଣ ପାଇଁ ଅନେକ ଦିନରୁ ଦାବି ହୋଇଆସୁଛି। କିନ୍ତୁ ସରକାରଙ୍କର ଚିନ୍ତା ନାହିଁ କି ପୋଲିସ ପ୍ରଶାସନର ନିଘା ନାହିଁ। ତେଣୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଏହି ସ୍ଥାନମାନଙ୍କରେ ଜେବ୍ରା ଲାଇନ ଟାଣି ନିୟମିତ ଭାବରେ ଯାଞ୍ଚ ପ୍ରକ୍ରିୟା ଜାରି ରଖନ୍ତୁ କିମ୍ବା ଟ୍ରାଫିକ ପୋଲିସ ମୁତୟନ କରନ୍ତୁ।

ବାସନ୍ତୀ ପଟ୍ଟନାୟକ, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଖୋର୍ଦ୍ଧା

### ଦାରିଦ୍ର୍ୟ ପ୍ରତି ଉପହାସ

ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାରେ ଏବେ ରାଜ୍ୟର ୪୩ ଲକ୍ଷ ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ମାସିକ ୩୦୦ ଟଙ୍କା ଲେଖାଏ ଭତ୍ତା ପାଉଛନ୍ତି। ରାଜ୍ୟ ସରକାର ଏବେ ଆଉ ୫ ଲକ୍ଷ ଲୋକଙ୍କୁ ଏହି ଭତ୍ତା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଅତି ସ୍ୱାଗତଯୋଗ୍ୟ । ମାତ୍ର ଏହି ଭତ୍ତା ପରିମାଣ ଦୃଷ୍ଟିରୁ ଆଦୌ ଯଥେଷ୍ଟ ନୁହେଁ। ତେଣୁ ଯେପରି ଏହି ଯୋଜନାରେ ସବୁ ଯୋଗ୍ୟ ହିତାଧିକାରୀ ଅନ୍ତର୍ଭୁକ୍ତ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେବା ସହ ଏହି ଭତ୍ତା ପରିମାଣକୁ ଅନ୍ୟୂନ ମାସିକ ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଉ। ଆଜିକାଲିର ମହାର୍ଘ ବଜାରରେ ଜଣେ ଅସହାୟ, ନିରାଶ୍ରୟ ଓ ବେରୋଜଗାରୀ ଲୋକ ପାଇଁ ଦିନକୁ ମାତ୍ର ୧୦ ଟଙ୍କାର ସରକାରୀ ସହାୟତାକୁ ଦାରିଦ୍ର୍ୟ ପ୍ରତି ଉପହାସ କହିଲେ ଭୁଲ ହେବନାହିଁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଚାଷୀଙ୍କ ଅଖାକିଣା ଦୁଃଖ

ଚାଷୀମାନେ ଉତ୍ପାଦିତ ଧାନ, ମୁଗ, ବିରି, ଆଳୁ, ପିଆଜ, ଟମାଟୋ ସବୁକୁ ଅଖାରେ ରଖନ୍ତି ଓ କିଣାବିକା କରନ୍ତି। ଏ ବାବଦରେ ସେମାନେ ଅଖା ପିଛା ପନ୍ଦର ଟଙ୍କାରୁ ପଚିଶ ଟଙ୍କା ଖର୍ଚ୍ଚ କରିଥାନ୍ତି। ସେଥିରୁ କିଛି ମୂଷା ଖାଇ ନଷ୍ଟ କରିଥାନ୍ତି। ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନ/କୃଷି ଉତ୍ପାଦନ ବିଭାଗ ଧାତବ ଡୋଲି ଚାଷୀର ଶ୍ରେଣୀ ବିଭାଗ କ୍ରମରେ ରିହାତିରେ ବିକ୍ରି କରୁଥିଲେ। ତେଣୁ କୃଷି ବିଭାଗ ପକ୍ଷରୁ ଏହି ଧାତବ ଡୋଲି ପ୍ରତ୍ୟେକ ବ୍ଲକ୍ କୃଷି କାର୍ଯ୍ୟାଳୟ ଜରିଆରେ ବିକ୍ରୟ କରାଯାଉ। ତା'ହେଲେ ଚାଷୀଙ୍କ ଅଖାକିଣା ଓ ମୂଷାଙ୍କ ଦ୍ୱାରା ଶସ୍ୟ ନଷ୍ଟ ହେବା ଦୁଃଖ ଦୂର ହୋଇପାରନ୍ତା।

ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 8 | | | | | | | | 7 | 1 | | | D | 9 |
| | 9 | 7 | | | | 8 | | E | | | | | | 0 |
| | E | | 3 | | | | 1 | C | | | | B | 8 | |
| | | 5 | | | | | | | | | | | 3 | 7 |
| C | | 2 | 1 | | | | | | 5 | | B | | | |
| | | E | | | | | | 4 | C | 9 | | A | | |
| 9 | | D | | | | B | | 3 | | | E | C | | |
| 0 | | 6 | | | C | | | | 3 | | 7 | | | 2 |
| | | 4 | | | | | E | | | | 6 | | B | 8 |
| A | | | D | 7 | | | | | | 2 | | | | |
| 5 | 4 | B | | | | E | | 1 | | D | 9 | | | A |
| | | | | | | | A | | | | 2 | E | | D |
| | 1 | 9 | A | | 3 | D | | 0 | | | | 4 | | |
| | | | 5 | | | | | 7 | | C | A | | 6 | |
| | 7 | | B | 4 | | 2 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | 6 | B | 3 | E | 5 | 1 | 4 | 0 | 8 | A | D | 7 | 2 |
| 0 | D | 5 | A | 1 | 2 | B | 7 | 3 | 4 | 9 | 6 | C | 8 | E |
| 4 | 1 | 7 | C | 9 | 5 | 8 | E | D | B | 3 | 2 | 0 | 6 | A |
| A | 2 | B | 8 | 7 | D | 0 | 6 | 9 | 1 | E | C | 4 | 3 | 5 |
| 3 | 8 | E | 6 | 4 | 0 | 2 | C | A | D | 5 | 7 | 1 | 9 | B |
| 7 | E | 4 | 1 | C | 9 | 6 | 5 | 2 | 3 | D | B | A | 0 | 8 |
| D | 5 | 2 | 3 | B | 4 | C | 8 | 7 | E | A | 0 | 6 | 1 | 9 |
| 8 | B | C | 0 | E | A | 3 | D | 1 | 9 | 6 | 4 | 2 | 5 | 7 |
| 1 | 0 | 9 | 2 | D | 6 | 4 | A | E | 8 | 7 | 5 | B | C | 3 |
| 6 | A | 3 | 5 | 8 | 7 | 9 | 0 | B | 2 | C | 1 | E | 4 | D |
| E | 4 | D | 7 | A | 8 | 1 | B | 5 | C | 0 | 9 | 3 | 2 | 6 |
| C | 9 | 8 | E | 6 | 1 | 7 | 2 | 0 | A | B | 3 | 5 | D | 4 |
| 5 | 3 | A | 4 | 2 | C | D | 9 | 8 | 6 | 1 | E | 7 | B | 0 |
| 2 | 6 | 0 | D | 5 | B | A | 3 | C | 7 | 4 | 8 | 9 | E | 1 |
| B | 7 | 1 | 9 | 0 | 3 | E | 4 | 6 | 5 | 2 | D | 8 | A | C |

ଗତକାଲିର ଉତ୍ତର




# ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

## ଆଳି ଜନମଞ୍ଚ ବୈଠକରେ ଉଦ୍‌ବେଗ

ଆଳି, ୩୦।୧୨ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲାର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ଆଳି ବ୍ଲକରେ ମଧ୍ୟ ଅନୁରୂପ ଅବସ୍ଥା ଉପୁଜିଛି। ଆଳି ବ୍ଲକ ଅଧୀନ ସିଙ୍ଗିରିଠାରେ ରବିବାର ଆୟୋଜିତ ଜନମଞ୍ଚ ବୈଠକରେ ବକ୍ତାମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡା ଜିଲାର ଅଗ୍ରଣୀ ସଂଗଠନ 'ଜନମଞ୍ଚ' ପକ୍ଷରୁ ଆୟୋଜିତ ଏହି ବୈଠକରେ ଆବାହକ ଦୁର୍ଯ୍ୟୋଧନ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଏଥିରେ ଯୋଗଦେଇ ବକ୍ତାମାନେ କହିଥିଲେ ଯେ, ଜିଲାରେ ୧୭୧ ଡାକ୍ତର ପଦବୀ ମଞ୍ଜୁରପ୍ରାପ୍ତ ହୋଇଥିଲେ ହେଁ ମାତ୍ର ୬୮ ଡାକ୍ତର କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ଜନସାଧାରଣ ତୃଣମୂଳସ୍ତରରେ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି।

ସେହିପରି ଆଳି ବ୍ଲକରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ ମେଶିନ ଅଚଳ, ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଲୋକମାନେ ମୌଳିକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ରାଜ୍ୟ ସରକାର ଅନ୍ୟ ଜିଲାଗୁଡ଼ିକରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରୁଥିବା ବେଳେ କେନ୍ଦ୍ରାପଡା ଜିଲା ବାଦ ପଡ଼ିଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଆୟୋଜକ ବିଭୁପ୍ରସାଦ ଦାସ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଗୌରାଙ୍ଗ ପ୍ରସାଦ ବେହେରା, କରୁଣାକର ତ୍ରିପାଠୀ, ଶଶିକାନ୍ତ ଦାସ, ବିଜୟ କୁମାର ଦାସ, ହୃଷୀକେଶ ବେହେରା, ରଞ୍ଜନ କୁମାର ଭୂୟାଁ, ଅଶୋକ ବିଶ୍ୱାଳ, ଆଶାଲତା ସାହାଣୀ, ବିଚିତ୍ର ଚୁଳି, ନରହରି ସୂତାର, କବିତା ଧଳ, ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ଓ କେନ୍ଦ୍ରାପଡ଼ା ବ୍ଲକର ଅନେକ ସଭ୍ୟ ଯୋଗଦେଇଥିଲେ। ଆଗାମୀ ଦିନରେ ଏହି ଦାବିକୁ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସ୍ଥିର କରାଯାଇଥିଲା। ରବୀନ୍ଦ୍ର କୁମାର ସାହୁ, ଧ୍ରୁବଚରଣ ବେହେରା, ଲିଟନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ନପୂର୍ଣ୍ଣା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଜନମଞ୍ଚ ବୈଠକରେ ବକ୍ତାମାନେ।

■ ଡେରାବିଶ ମହୋତ୍ସବ

# ୬ଷ୍ଠ ସନ୍ଧ୍ୟାରେ ଆକର୍ଷଣ ସାଜିଲା ରାମଲୀଳା

ଡେରାବିଶ, ୩୦।୧୨ (ସ୍ୱ.ପ୍ର.)

ପ୍ରତ୍ୟେକଙ୍କ ଭିତରେ ଐକ୍ୟଭାବନା ଓ ସାମାଜିକ ଏକତାକୁ ସମୃଦ୍ଧ କରିଥାଏ ମହୋତ୍ସବ। ଯେଉଁ ଅଞ୍ଚଳର ସଂସ୍କୃତି ମହାନ୍ ସେ ଅଞ୍ଚଳର ସାମାଜିକ ବ୍ୟବସ୍ଥା ସୁଦୃଢ଼ ରହିଥାଏ ବୋଲି ଡେରାବିଶ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୭ମ ଡେରାବିଶ ମହୋତ୍ସବର ୬ଷ୍ଠ ସାରସ୍ୱତ ସମାରୋହରେ ଅଧ୍ୟାପକ ପ୍ରଭାକର ସାମଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ବରିଷ୍ଠ ପ୍ରଶାସକ ସନ୍ନ୍ୟାସ କୁମାର ବେହେରା ମୁଖ୍ୟଅତିଥି ଓ ଅର୍ଥ ବିଭାଗ ଅତିରିକ୍ତ ସଚିବ ସହଦେବ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଡେରାବିଶ ମାଟିର ଗର୍ବ ବୈଶ୍ୟ ସଦାଶିବଙ୍କ ରଚିତ ସଦାଶିବ ରାମାୟଣର କଥାବସ୍ତୁ ଉପରେ ଆଧାରିତ ରାମଲୀଳାକୁ ଡେରାବିଶ ରାମଲୀଳା ନାଟ୍ୟ ପରିଷଦର କଳାକାରମାନେ ପରିବେଷଣ କରିଥିଲେ। ଏହାକୁ ଅତି ଉତ୍କଣ୍ଠାର ସହ ଦର୍ଶକମାନେ ଉପଭୋଗ କରିଥିଲେ। ଆଇନଜୀବୀ ଶାନ୍ତିଭୂଷଣ ଭୂୟାଁ ଅତିଥି ପରିଚୟ ଦେଇଥିଲେ। ଶେଷରେ ପ୍ରଭାକର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।



ମହୋତ୍ସବରେ ମଞ୍ଚାସୀନ ଅତିଥି।

# ପାରିବାରିକ ବିବାଦକୁ ନେଇ ସଂଘର୍ଷ

## ଥାନାରେ ପୃଥକ୍ ମାମଲା

ଡେରାବିଶ, ୩୦।୧୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଇନ୍ଦାଲୋ ପଞ୍ଚାୟତ ନାନକାର ଗ୍ରାମର ସବିତା ପ୍ରଧାନ ଓ ବିମଳା କାଣ୍ଡିଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ଥାନାରେ ପୃଥକ୍ ଅଭିଯୋଗ ହୋଇଛି। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଉଭୟ ପରିବାରକୁ ବୁଝାଶୁଝା କରିଥିବା ବେଳେ ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ପ୍ରକାଶ।

ସବିତାଙ୍କ ଅଭିଯୋଗ ମୁତାବକ, ଶନିବାର ସନ୍ଧ୍ୟାରେ ସେ ଘରେ ଥିବା ବେଳେ ବିମଳାଙ୍କ ଦିଅର ମଣ୍ଟୁ(୨୮) ତାଙ୍କ ଘରକୁ ହଠାତ୍ ପଶି ଆସି ତାଙ୍କୁ ଅସଦାଚରଣ କରିଥିଲେ। ଏଥିସହ ତାଙ୍କ କାନଫୁଲ ଓ ସୁନା ଚେନ୍ ଛିଣ୍ଡାଇ ନେଇ ଦୌଡ଼ି ପଳାଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ୩୫୩/୧୮ ନଂ.ରେ ଏକ ମାମଲା ରୁଜୁ କରିଛି। ସେହିପରି ବିମଳାଙ୍କ ଅଭିଯୋଗ ମୁତାବକ, ବିମଳା ଓ ତାଙ୍କ ପରିବାର ଲୋକେ ଘରେ ଥିବା ବେଳେ ସବିତାଙ୍କର ଜଣେ ସମ୍ପର୍କୀୟ କେତେଜଣ ଅସାମାଜିକ ବ୍ୟକ୍ତିଙ୍କୁ ନେଇ ତାଙ୍କ ଘରେ ଜବରଦସ୍ତି ପଶିଥିଲେ। ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ପରିବାର ଲୋକଙ୍କୁ ଡରାଇବା ପରେ ବିମଳାଙ୍କ ମଙ୍ଗଳସୂତ୍ର ଓ କାନଫୁଲ ଛିଣ୍ଡାଇ ନେବା ସହ ଅସଦାଚରଣ କରିଥିଲେ। ପରିବାର ଲୋକଙ୍କ ପାଟି ଶୁଣି ଗ୍ରାମବାସୀ ପହଞ୍ଚି ଯିବାରୁ ସେମାନେ ଆସିଥିବା ୩ଟି ବାଇକ୍ ଓ ଏକ କାର୍ ସେଠାରେ ଛାଡି ଦୌଡ଼ି ପଳାଇଥିଲେ। ଯିବା ସମୟରେ ସେମାନେ ୨ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ ବୋଲି ବିମଳା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ ଚାନ୍ଦୋଳ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କାର୍ ଓ ବାଇକ୍‌ଗୁଡ଼ିକୁ ଜବତ କରିଥିବା ଫାଣ୍ଡି ଅଧିକାରୀ ରଣେନ୍ଦ୍ର କୁମାର ସାମଲ ସୂଚନା ଦେଇଛନ୍ତି।




# 'ପାଟକୁରାରେ ବିକାଶର ଧାରା ଅବ୍ୟାହତ ରହିବ'

■ ବିଜେଡିର ଜୋନ୍‌ସ୍ତରୀୟ ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଓ ଅନ୍ୟମାନେ।

ଡେରାବିଶ, ୩୦।୧୨ (ସ୍ୱ.ପ୍ର.)

ପାଟକୁରା ନିର୍ବାଚନମଣ୍ଡଳୀ ଡେରାବିଶ ବ୍ଲକ ଅଧୀନ ୧୨ ନଂ. ଜୋନ୍‌ରେ ରବିବାର ବିଜେଡିର ଜୋନ୍‌ସ୍ତରୀୟ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ଏଣ୍ଡରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ୍ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘ ୧୮ ବର୍ଷ ଧରି ଚାଲିଥିବା ଶାସନରେ ଓଡ଼ିଶାର କୋଟିକୋଟି ଜନସାଧାରଣ ଉପକୃତ ହେଉଛନ୍ତି। ବିଜେଡି ଶାସନ କାଳ ମଧ୍ୟରେ ଏହି ନିର୍ବାଚନମଣ୍ଡଳୀରେ ହୋଇଥିବା ବିକାଶ ଧାରା ଆଗାମୀ ଦିନରେ ମଧ୍ୟ ଅବ୍ୟାହତ ରହିବ ବୋଲି ବିଧାୟକ ଅଗ୍ରୱାଲ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ, ବରିଷ୍ଠ ନେତା ହଳଧର ଦାଶ, ପ୍ରମୋଦ କୁମାର ରଥ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ଗଣେଶ୍ୱର ବେହେରା, ରଞ୍ଜନ କୁମାର ସ୍ୱାଇଁ, ଭବାନୀ ପ୍ରସାଦ ଓଝା, ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ମନୋରମା ସାହୁ, ଏଣ୍ଡର ସରପଞ୍ଚ ଅମ୍ବିକା ଅଞ୍ଜଳି ସିଂ, ପୂର୍ବତନ ସରପଞ୍ଚ ଗୀତାଞ୍ଜଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଅକ୍ଷୟ କୁମାର ଖଟୁଆ, ମହେନ୍ଦ୍ର କୁମାର ସିଂ, ବାଲିଆ ସମିତିସଭ୍ୟ ଶ୍ରୀମନ୍ତ ରାଉତରାୟ, ନରସିଂପୁର ସମିତିସଭ୍ୟା ରଞ୍ଜିତା ବେହେରା, ଗୋଲରାହାଟ ସମିତିସଭ୍ୟ ଶୈଳବାଳା ପଲେଇ, ପଲେଇ ସରପଞ୍ଚ ସୁଶ୍ରୀ ସାହୁ, ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ସାହୁ, ଅଜୟ କୁମାର ସାହୁ, ବିକାଶ ମଲ୍ଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶୈଳେନ୍ଦ୍ର କୁମାର ଜେନା, ପ୍ରଫୁଲ୍ଲ କୁମାର ସେଠୀ, ବୀରବର ସିଂ, କରୁଣାକର ସାହୁ, ଶରତ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୀମା ସୁରକ୍ଷା ବଳରେ କ୍ରୀଡ଼ା କୋଟାରେ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କ (ସିଟି/ଜିଡି)-ପୁରୁଷ ଭାବେ ନିଯୁକ୍ତି - ୨୦୧୮

**ସୀମା ସୁରକ୍ଷା ବଳ**ରେ କ୍ରୀଡ଼ା କୋଟାରେ ବିଭିନ୍ନ ଶୃଙ୍ଖଳାରେ ୬୩ ଗୋଟି କନଷ୍ଟେବଲ (ଜିଡି) (ପୁରୁଷ) ପଦବୀକୁ ପୂରଣ କରିବା ପାଇଁ ଭାରତୀୟ ନାଗରିକ (ପୁରୁଷ)ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଶୃଙ୍ଖଳାଗୁଡ଼ିକର ବିବରଣୀ ନିମ୍ନ ଅନୁଯାୟୀ ହେବ:-

| କ୍ର.ସଂ. | ଶୃଙ୍ଖଳା | ଖାଲି ସ୍ଥାନ |
|---|---|---|
| ୧. | ତୀରନ୍ଦାଜୀ | ୦୨ |
| ୨. | ଆକ୍ୱାଟିକ୍ (ସନ୍ତରଣ, ଡାଇଭିଂ ଓ ୱାଟର ପୋଲୋ) | ୦୫ |
| ୩. | ଆଥ୍ଲେଟିକ୍ସ | ୦୬ |
| ୪. | ବାସ୍କେଟବଲ୍ | ୦୩ |
| ୫. | ବକ୍ସିଂ | ୦୩ |
| ୬. | ଫୁଟ୍‌ବଲ୍ | ୦୩ |
| ୭. | ଜିମ୍ନାଷ୍ଟିକ୍ସ | ୦୨ |
| ୮. | ହ୍ୟାଣ୍ଡବଲ୍ | ୦୨ |
| ୯. | ହକି | ୦୨ |
| ୧୦. | ଜୁଡୋ | ୦୨ |
| ୧୧. | କବାଡ଼ି | ୦୪ |
| ୧୨. | ଖୋ-ଖୋ | ୦୩ |
| ୧୩. | ଟାଏକୋଣ୍ଡୋ | ୦୪ |
| ୧୪. | ଉଶୁ (ସାନ୍‌ଶାଉ) | ୦୮ |
| ୧୫. | ଭଲିବଲ୍ | ୦୪ |
| ୧୬. | ଜଳ କ୍ରୀଡ଼ା (କାୟାକିଂ, କାନୋଇଂ ଏବଂ ରୋଇଂ) | ୦୨ |
| ୧୭. | ଭାରୋତ୍ତୋଳନ | ୦୪ |
| ୧୮. | କୁସ୍ତି (ଫ୍ରି ଷ୍ଟାଇଲ୍ ଏବଂ ଗ୍ରେକୋ ରୋମାନ୍) | ୦୪ |
| | ମୋଟ | ୬୩ |

**ଦ୍ରଷ୍ଟବ୍ୟ:-**
ଖାଲି ସ୍ଥାନ ପରିବର୍ତ୍ତନଯୋଗ୍ୟ (ଉପରୋକ୍ତ ଶୃଙ୍ଖଳାଗୁଡ଼ିକ ମଧ୍ୟରେ ବଢ଼ିପାରେ କିମ୍ବା ହ୍ରାସିତ ହୋଇପାରେ)। କୌଣସି କାରଣ ନ ଦର୍ଶାଇ ନିଯୁକ୍ତିକୁ ପରିବର୍ତ୍ତନ କରିବା କିମ୍ବା ରଦ୍ଦ କରିବା କିମ୍ବା ସ୍ଥଗିତ କରିବାର ଅଧିକାର ବିଏସ୍‌ଏଫ୍ ନିକଟରେ ସଂରକ୍ଷିତ।

**୨. ବେତନ ହାର**
କନଷ୍ଟେବଲ (ଜିଡି) : ଟ.୨୧,୭୦୦/- (ବେତନ ମାଟ୍ରିକ୍ସ ସ୍ତର-୩, ସେଲ୍-୧) ଏବଂ ନିୟମ ଅଧୀନରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ସମୟ ସମୟରେ ଅନୁମତିଯୋଗ୍ୟ ଅନ୍ୟାନ୍ୟ ଭତ୍ତା।

**୩. ଯୋଗ୍ୟତା ସର୍ତ୍ତାବଳୀ**
ବୟସ: ୧ ଅଗଷ୍ଟ ୨୦୧୮ ସୁଦ୍ଧା ୧୮ରୁ ୨୩ ବର୍ଷ। ସରକାରୀ ନିର୍ଦ୍ଦେଶ ଅନୁଯାୟୀ କୋହଳ।

**୪. ଶିକ୍ଷାଗତ ଯୋଗ୍ୟତା**
ସ୍ୱୀକୃତିପ୍ରାପ୍ତ ବୋର୍ଡ/ବିଶ୍ୱବିଦ୍ୟାଳୟରୁ ମାଟ୍ରିକୁଲେଶନ୍ କିମ୍ବା ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ।

**୫. ଶାରୀରିକ ମାନକ**
କନଷ୍ଟେବଲ (ଜିଡି) ପଦବୀ ନିମନ୍ତେ ନିର୍ଦ୍ଧାରିତ ଶାରୀରିକ ମାନ ନିମ୍ନ ଅନୁଯାୟୀ ହେବ:-
(i) ଉଚ୍ଚତା - ୧୭୦ ସେମି
(ii) ଛାତି - ୮୦ ସେମି (ଅଣସମ୍ପ୍ରସାରିତ), ସର୍ବନିମ୍ନ ସମ୍ପ୍ରସାରଣ ୫ ସେମି
(iii) ଓଜନ: ସ୍ୱାସ୍ଥ୍ୟଗତ ମାନକ ଅନୁଯାୟୀ ଉଚ୍ଚତା ଓ ବୟସର ସମାନୁପାତିକ
ଦ୍ରଷ୍ଟବ୍ୟ:- ସରକାରୀ ନିର୍ଦ୍ଦେଶ ଅନୁଯାୟୀ କୋହଳ।

**ସ୍ୱାସ୍ଥ୍ୟ ପରୀକ୍ଷା**
(କ) **ଦୃଷ୍ଟି-ଶକ୍ତି**

| ଦୃଷ୍ଟିଗତ ତୀକ୍ଷ୍ଣତା | | ଅଣସଂଶୋଧିତ ଦୃଷ୍ଟିଗତ ତୀକ୍ଷ୍ଣତା | | ପ୍ରତିସରଣ | ବର୍ଣ୍ଣ ଦୃଷ୍ଟି | ମନ୍ତବ୍ୟ |
|---|---|---|---|---|---|---|
| ଭଲ ଆଖି | ଖରାପ ଆଖି | ଭଲ ଆଖି | ଖରାପ ଆଖି | | | |
| ଏନ୍୬ | ଏନ୍୯ | ୬/୬ | ୬/୯ | କୌଣସି ପ୍ରକାରର ଦୃଷ୍ଟିଗତ ସଂଶୋଧନ ଅନୁମତିଯୋଗ୍ୟ ନୁହେଁ, ଏପରିକି ଚଷମା ଦ୍ୱାରା ମଧ୍ୟ ନୁହେଁ। | ସିପି-III ଇଶିହାରା ଦ୍ୱାରା | -ଡାହାଣହାତୀ ବ୍ୟକ୍ତିଙ୍କ ପାଇଁ ଡାହାଣ ଆଖି ହେଉଛି ଭଲ ଆଖି ଓ ବାମହାତୀଙ୍କ ପାଇଁ ବାମ ଆଖି ହେଉଛି ଭଲ ଆଖି। - ଦ୍ୱିନେତ୍ରୀ ଦୃଷ୍ଟି ଆବଶ୍ୟକ। |

(ଖ) ବର୍ଣ୍ଣାନ୍ଧତାରୁ ମୁକ୍ତ ହୋଇଥିବେ।
(ଗ) ପ୍ରାର୍ଥୀ ବକ୍ର ଆଣ୍ଠୁ, ଚଟକା ପାଦ, ସ୍ଫୀତ ଧମନୀ ଏବଂ ତୀର୍ଯ୍ୟକ୍ ଦୃଷ୍ଟି ଭଳି ତ୍ରୁଟିରେ ପୀଡ଼ିତ ହୋଇ ନ ଥିବା ଜରୁରୀ। ଉଚ୍ଚ ସ୍ଥାନ ସମେତ ସମସ୍ତ ସ୍ଥାନରେ କର୍ତ୍ତବ୍ୟ ନିର୍ବାହ କରିବା ଏବଂ ପ୍ରତିକୂଳ ଜଳବାୟୁ ପରିସ୍ଥିତି ରହୁଥିବା ସୀମାଞ୍ଚଳରେ ସେବା କରିବା ପାଇଁ ତାଙ୍କର ଉତ୍ତମ ମାନସିକ ତଥା ସ୍ୱାସ୍ଥ୍ୟ ସ୍ଥିତି ରହିଥିବା ଏବଂ କର୍ତ୍ତବ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବାରୁ ବାଧା ଦେଉଥିବା କୌଣସି ତ୍ରୁଟିରୁ ସେ ମୁକ୍ତ ହୋଇଥିବା ଜରୁରୀ।
(ଘ) ସ୍ୱାସ୍ଥ୍ୟ ପରୀକ୍ଷା ମାମଲା, "ଅସ୍ଥାୟୀ ଅଯୋଗ୍ୟତା" ଅନୁମତିଯୋଗ୍ୟ ହେବନାହିଁ।
(ଙ) ଧର୍ମନିରପେକ୍ଷ ରାଷ୍ଟ୍ର ଭାବେ, ଦେଶବାସୀଙ୍କ ଧାର୍ମିକ ଭାବନାର ସମ୍ମାନ ସର୍ବୋପରି, ତେଣୁ ଧାର୍ମିକ ସଙ୍କେତ କିମ୍ବା ପ୍ରତିଛବି ଏବଂ ନାମ ଦର୍ଶାଉଥିବା ଚିତା ବା ଟାଟୁଗୁଡ଼ିକ ଅନୁମତିଯୋଗ୍ୟ ହେବ। ଶରୀରର ପାରମ୍ପରିକ ଅଂଶ ଯେପରି ବାହୁର ଭିତର ଅଂଶ କିନ୍ତୁ କେବଳ ବାମ ବାହୁରେ, ଅଣ ଅଭିବାଦନକାରୀ ଅବୟବ କିମ୍ବା ହାତର ପୃଷ୍ଠଭାଗରେ କରାଯାଇଥିବା ଟାଟୁଗୁଡ଼ିକ ଅନୁମତିଯୋଗ୍ୟ ହେବ। ତାହାର ଆକାର ଶରୀରର ସମ୍ପୃକ୍ତ ଅଙ୍ଗ (କହୁଣୀ କିମ୍ବା ହାତ)ର ଏକ ଚତୁର୍ଥାଂଶରୁ କମ୍ ହୋଇଥିବା ଆବଶ୍ୟକ।
(ଚ) ସ୍ୱାସ୍ଥ୍ୟ ପରୀକ୍ଷା ପର୍ଯ୍ୟାୟରେ ପ୍ରାର୍ଥୀମାନଙ୍କ ନିଦର୍ଶନର ଯାଞ୍ଚ କରାଯିବ।

**କ୍ରୀଡ଼ା ଯୋଗ୍ୟତା**

| କ୍ର.ସଂ. | ପଦବୀ | କ୍ରୀଡ଼ା ଯୋଗ୍ୟତା |
|---|---|---|
| ୧. | କନଷ୍ଟେବଲ / ଜିଡି | ଅଲିମ୍ପିକ୍, ବିଶ୍ୱକପ୍, ଏସିଆନ୍ ଗେମ୍‌ସ, ଜୁନିୟର/ସିନିୟର ବିଶ୍ୱ ଚାମ୍ପିୟନଶିପ୍, ରାଜ୍ୟଗୋଷ୍ଠୀ, ବିଶ୍ୱବିଶ୍ୱବିଦ୍ୟାଳୟ ଖେଳ ଏବଂ ଏସ୍‌ଏଏଫ୍ ଖେଳରେ ଭାରତୀୟ ଦଳର ପ୍ରତିନିଧିତ୍ୱ। **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ବ୍ୟକ୍ତିଗତ/ଦଳଗତ ଇଭେଣ୍ଟରେ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନଶିପ୍/ ଜାତୀୟ କ୍ରୀଡ଼ାରେ ଯେକୌଣସି ପଦକ ବିଜେତା **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ବ୍ୟକ୍ତିଗତ/ଦଳଗତ ଇଭେଣ୍ଟରେ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନଶିପ୍/ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ରାଜ୍ୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ। |

**ଦ୍ରଷ୍ଟବ୍ୟ:** କେବଳ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନ୍‌ଶିପ୍/ଜାତୀୟ ଖେଳରେ ଅଂଶଗ୍ରହଣ ବର୍ଗ ତଥା ରାଜ୍ୟ ଚାମ୍ପିୟନ୍‌ଶିପ୍‌ର ସ୍ୱର୍ଣ୍ଣ ପଦକ ବର୍ଗରେ ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଇଁ ସମ୍ପୃକ୍ତ ଇଭେଣ୍ଟ/ଶୃଙ୍ଖଳାରେ ଶାରୀରିକ ଦକ୍ଷତା ପରୀକ୍ଷା/ଟ୍ରାଏଲ୍ ପରୀକ୍ଷା ପ୍ରଯୁଜ୍ୟ ହେବ।

### କିପରି ଆବେଦନ କରିବେ

ଯୋଗ୍ୟ ଏବଂ ଇଚ୍ଛୁକ ପ୍ରାର୍ଥୀମାନେ **ଆନେକ୍ସର-'ଏ'**ରେ ଦିଆଯାଇଥିବା ଅନୁଯାୟୀ ନିର୍ଦ୍ଧାରିତ ପ୍ରୋଫର୍ମାକୁ ଫୁଲ୍ ସ୍କେପ୍ କାଗଜରେ ବିଧିବଦ୍ଧ ଭାବେ ଟାଇପ୍ କରି କିମ୍ବା ସ୍ପଷ୍ଟ ଭାବେ ହାତରେ ଲେଖି ଦୁଇଟି ସେଲ୍‌ଫ ଆଟେଷ୍ଟେଡ୍ ପାସ୍‌ପୋର୍ଟ ଆକାର ଫଟୋଗ୍ରାଫ୍, ଗୋଟିଏ ଆବେଦନ ପତ୍ରରେ ଓ ଅନ୍ୟଟି ପ୍ରବେଶ ପତ୍ରରେ ସେହି ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ ଜାଗାରେ ଲଗାଇ ଏବଂ ସବୁ ଦିଗରୁ ପୂରଣ କରି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ **"ଦି କମାଣ୍ଡାଣ୍ଟ, ୯୫ ବିଏନ୍ ବିଏସ୍‌ଏଫ୍, ଭୋଣ୍ଡସି, ଡାକ- ଭୋଣ୍ଡସି, ଜିଲ୍ଲା- ଗୁରୁଗ୍ରାମ, ହରିୟାଣା - ୧୨୨୧୦୨"**ଙ୍କ ଠିକଣାରେ ଲଫାପାରେ ଉପରିଭାଗରେ **"ବିଏସ୍‌ଏଫ୍‌ରେ କ୍ରୀଡ଼ା କୋଟାରେ କ୍ରୀଡ଼ାବିତ୍ ସିଟି (ଜିଡି)ଙ୍କ ନିଯୁକ୍ତି ନିମନ୍ତେ ଆବେଦନ-୨୦୧୮"** ଲେଖି ଆବଶ୍ୟକ କାଗଜପତ୍ର ସହ ଦାଖଲ କରିପାରିବେ। ହେଲେ, ଉତ୍ତରପୂର୍ବାଞ୍ଚଳ, ଜାମ୍ମୁ ଓ କାଶ୍ମୀରର ଲଦାଖ ଡିଭିଜନ, ସିକିମ୍, ହିମାଚଳ ପ୍ରଦେଶର ଚାମ୍ବା ଜିଲ୍ଲାର ପାଙ୍ଗୀ ସବ୍-ଡିଭିଜନ, ଲାହୌଲ ଓ ସ୍ପିତି ଜିଲ୍ଲା, ଆଣ୍ଡାମାନ ଓ ନିକୋବର ଦ୍ୱୀପ, ଲାକ୍ଷାଦ୍ୱୀପର ଦୂର ଦୂରାନ୍ତ ଅଞ୍ଚଳର ପ୍ରାର୍ଥୀମାନେ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୪୫ ଦିନ ମଧ୍ୟରେ ସେମାନଙ୍କର ଦରଖାସ୍ତ ଦାଖଲ କରିପାରିବେ।

### ମନୋନୟନ ପ୍ରକ୍ରିୟା

ସୁବ୍ୟବସ୍ଥିତ ଭାବେ ଆବେଦନ ପତ୍ର ଦାଖଲ କରିଥିବା ସମସ୍ତ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ପ୍ରବେଶ ପତ୍ର/କଲ୍ ଲେଟର୍ ଇସ୍ୟୁ କରାଯିବ ଅର୍ଥାତ୍ ପ୍ରାର୍ଥୀମାନଙ୍କୁ ନିଯୁକ୍ତିର ନିମ୍ନଲିଖିତ ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ:-
i. ନିଦର୍ଶନ/କାଗଜପତ୍ର ଯାଞ୍ଚ
ii. ଶାରୀରିକ ମାପ
iii. ଶାରୀରିକ ଦକ୍ଷତା ପରୀକ୍ଷା/ସମ୍ପୃକ୍ତ ଇଭେଣ୍ଟ ପାଇଁ ଟ୍ରାଏଲ୍ ପରୀକ୍ଷା **(କେବଳ ଜାତୀୟ ଅଂଶଗ୍ରହଣ ବର୍ଗ ଏବଂ ରାଜ୍ୟରେ ସ୍ୱର୍ଣ୍ଣ ପଦକ ବର୍ଗ ଅଧୀନରେ ଆବେଦନ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ପ୍ରଯୁଜ୍ୟ)।**
iv. ସ୍ୱାସ୍ଥ୍ୟ ପରୀକ୍ଷା
v. ମେଧା ତାଲିକା

ନିଯୁକ୍ତି ସଂକ୍ରାନ୍ତୀୟ ବିସ୍ତୃତ ନିର୍ଦ୍ଦେଶାବଳୀ ପାଇଁ ଦୟାକରି ବିଏସ୍‌ଏଫ୍ ୱେବ୍‌ସାଇଟ୍ ଅର୍ଥାତ୍ www.bsf.nic.in ଦେଖନ୍ତୁ।
ଏହି ନିଯୁକ୍ତି ସଂକ୍ରାନ୍ତୀୟ ଅଧିକ ଅଧିସୂଚନା କେବଳ ବିଏସ୍‌ଏଫ୍ ୱେବ୍‌ସାଇଟ୍‌ରେ ଜାରି କରାଯିବ। ପ୍ରାର୍ଥୀମାନଙ୍କୁ ନିୟମିତ ଭାବେ ଏହି ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଉଛି।

ସ୍ୱା./- (ଅଶ୍ୱିନୀ କୁମାର ସିଂହ)
କମାଣ୍ଡାଣ୍ଟ (କ୍ରୀଡ଼ା)
୧୭ ଡିସେମ୍ବର ୨୦୧୮

davp 19110/11/0095/1819

# ଆର୍‌ବିଆଇ-ସରକାର ବିବାଦ

## ଚାପରୁ ଉର୍ଜିତଙ୍କ ଇସ୍ତଫା



ପୁଞ୍ଜିନିବେଶ ହ୍ରାସ, ଜିଏସ୍‌ଟି ଆଦାୟ କମିବା, ସର୍ବବୃହତ ବ୍ୟାଙ୍କ ଠକେଇ, ନଗଦ ସଙ୍କଟ ଭିତରେ ଚଳିତ ବର୍ଷ ସବୁଠୁ ଚର୍ଚ୍ଚାର ବିଷୟ ଥିଲା କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବିବାଦ। ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ)କୁ କୋହଳ କରିବା, ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଏନ୍‌ବିଏଫସି ଓ ଏମଏସ୍‌ଏମ୍‌ଇଙ୍କ ଲାଗି ନଗଦ ଯୋଗାଣ, ଫେବୃୟାରୀ ୧୨ ସର୍କୁଲାରକୁ କୋହଳ କରିବା ତଥା ବଳକା ଅର୍ଥ ଦେବା ନେଇ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କ ମତଭେଦ ରହିଛି। ଚଳିତ ବର୍ଷ ଅକ୍ଟୋବରରେ ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଆର୍‌ବିଆଇର ସ୍ୱାୟତ୍ତତାରେ ହସ୍ତକ୍ଷେପ କରାଯାଉଛି ବୋଲି ଏକ ଖୋଲା ମଞ୍ଚରେ ପ୍ରକାଶ କରିବା ପରେ ବିବାଦ ଲୋକଲୋଚନକୁ ଆସିଥିଲା। ପରିଣାମସ୍ୱରୂପ, ଡ. ଉର୍ଜିତ ପଟେଲ ଅଚାନକ ରିଜର୍ଭ ବ୍ୟାଙ୍କର ଗଭର୍ନର ପଦରୁ ଇସ୍ତଫା ଦେଲେ। ବ୍ୟାଙ୍କିଙ୍ଗ ଉଦ୍ୟୋଗରେ ଏହାକୁ ନେଇ ହଇଚଇ ସୃଷ୍ଟି ହେଲା। ଉର୍ଜିତ ରିଜର୍ଭ ବ୍ୟାଙ୍କର ଦୀର୍ଘ ୪୩ ବର୍ଷର ଇତିହାସରେ ପ୍ରଥମ ଗଭର୍ନର ଭାବେ ନିଜ ପଦରୁ ଇସ୍ତଫା ଦେଲେ। ଏଥିପୂର୍ବରୁ ୧୯୭୫ରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ରଘୁରାମ ରାଜନଙ୍କୁ ଛାଡ଼ି ଦେଲେ ୧୯୯୨ ପରେ କୌଣସି ଗଭର୍ନର ନିଜ କାର୍ଯ୍ୟକାଳ ପୂର୍ଣ୍ଣ କରିପାରିନାହାନ୍ତି। ଉର୍ଜିତ ୪ର୍ଥ ଗଭର୍ନର ଭାବେ ନିଜ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ପୂର୍ବରୁ ସାର୍ ଓସ୍‌ବର୍ନ ସ୍ମିଥ୍(୧୯୩୫-୧୯୩୭), ବେନେଗାଲ ରାମାରାଓ(୧୯୪୯-୫୭), ଏସ୍.ଜଗନ୍ନାଥନ(୧୯୭୦-୧୯୭୫) ଇସ୍ତଫା ଦେଇଥିଲେ। ଉର୍ଜିତଙ୍କ ଅଚାନକ ଇସ୍ତଫା ସମସ୍ତ ଭାରତୀୟଙ୍କ ପାଇଁ ଚିନ୍ତାର ବିଷୟ ବୋଲି ନିରାଶ ପୂର୍ବତନ ଗଭର୍ନର ରଘୁରାମ ରାଜନ କହିବାକୁ ପଛାଇ ନ ଥିଲେ।

## ଓଡ଼ିଆ ଗଭର୍ନର ଶକ୍ତିକାନ୍ତ



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଗଭର୍ନର ଉର୍ଜିତ ପଟେଲଙ୍କ ଇସ୍ତଫା ପରେ କେନ୍ଦ୍ରୀୟ ବ୍ୟାଙ୍କର ମଙ୍ଗ ଧରିଛନ୍ତି ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତ ଦାସ। ଦ୍ୱନ୍ଦ୍ୱଠାରୁ ଦୂରରେ ରହି ସମାଧାନ ଲାଗି ସହମତି ଉପରେ ଜୋର ଦେଉଥିବା ଶକ୍ତିକାନ୍ତ ଜଣେ ବ୍ୟୁରୋକ୍ରାଟ୍ ଭାବେ ନର୍ଥ ବ୍ଲକରୁ ମିଣ୍ଟ ଷ୍ଟ୍ରିଟରେ ପଦାର୍ପଣ କରିଛନ୍ତି। ସେହିଭଳି କେନ୍ଦ୍ରୀୟ ବ୍ୟାଙ୍କର ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ସେ ପ୍ରଥମ ଓଡ଼ିଆ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛି। ସର୍ବଦା ଟିମ୍‌କୁ ନେଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଉଥିବା ଶକ୍ତିକାନ୍ତ ଏକ ଘଡିସନ୍ଧି ମୁହୂର୍ତ୍ତରେ କେନ୍ଦ୍ରୀୟ ବ୍ୟାଙ୍କର ଭାର ସମ୍ଭାଳିଛନ୍ତି। ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡରର ଏହି ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ଉଭୟ ତାମିଲନାଡୁ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି।

## ଚନ୍ଦା କୋଚର ଗଲେ



ଭିଡିଓକନ ଗ୍ରୁପ୍‌କୁ ଋଣ ଦେବା ମାମଲାରେ ବ୍ୟକ୍ତିଗତ ସ୍ୱାର୍ଥସାଧନ ହୋଇଥିବା ଅଭିଯୋଗ ଉଠିବା ପରେ ଚନ୍ଦା କୋଚର ଶେଷରେ ଆଇସିଆଇସିଆଇ ବ୍ୟାଙ୍କର ସିଇଓ ତଥା ଏମ୍‌ଡି ପଦରୁ ଇସ୍ତଫା ଦେଲେ। ସେ ସମୟ ପୂର୍ବରୁ ଅବସର ନେବା ପାଇଁ ଆବେଦନ କରିଥିଲେ, ଯାହାକୁ ବ୍ୟାଙ୍କ ଗ୍ରହଣ କରିନେଇଥିଲା।

୨୦୧୮ ବର୍ଷଟି ଆର୍ଥିକ ଜଗତରେ ବେଶ ଘଟଣାବହୁଳ ଥିଲା। ବର୍ଷ ଆରମ୍ଭରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମହାଦୁର୍ନୀତି ଘଟଣାର ପର୍ଦ୍ଦାଫାଶ ଦେଶର ବ୍ୟାଙ୍କିଙ୍ଗ ସେକ୍ଟରକୁ ଦୋହଲାଇ ଦେଇଥିଲା। ପଛକୁ ପଛ ଆଉ କେତେକ ବ୍ୟାଙ୍କିଙ୍ଗ ସ୍କାମ୍ ଘଟଣା ଜଣାପଡିବା ପରେ ଲୋକେ ନିଜର ସଞ୍ଚିତ ଅର୍ଥ ନେଇ ଆଶଙ୍କିତ ହେଲେ। ଏହାରି ଭିତରେ କେନ୍ଦ୍ର ସରକାରଙ୍କ ସହ ରିଜର୍ଭ ବ୍ୟାଙ୍କର ମତଭେଦ ପଦାକୁ ଆସିଲା। ସରକାରଙ୍କ ଚାପ ସହି ନ ପାରି ଗଭର୍ନର ପଦରୁ ଡ.ଉର୍ଜିତ ପଟେଲ ଅଚାନକ ଇସ୍ତଫା ଦେବା ପରେ ଆର୍ଥିକ ଜଗତରେ ହଇଚଇ ପଡିଯାଇଛି। କେହି କିଛି ଭାବିବା ପୂର୍ବରୁ କେନ୍ଦ୍ର ସରକାର ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତ ଦାସଙ୍କୁ ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ନିଯୁକ୍ତ କଲେ। ଭିଡିଓକନ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ସିଇଓ ଚନ୍ଦା କୋଚର ଫଶିବା ପରେ ଇସ୍ତଫା ଦେବା, ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ଆର୍ଥିକ ସଙ୍କଟ ଅର୍ଥ ଜଗତକୁ ଏକ ସ୍ପଷ୍ଟ ସଙ୍କେତ ମିଳିଛି। ତେବେ ଘରୋଇ କ୍ଷେତ୍ରରେ ଦୁଇଟି ବୃହତ ଅଧିଗ୍ରହଣ ସାଙ୍ଗକୁ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଲଣ୍ଡନ କୋର୍ଟ ଦ୍ୱାରା ପ୍ରତ୍ୟର୍ପଣ ରାୟ, ଇଣ୍ଡିଆପୋଷ୍ଟ ପେମେଣ୍ଟ ବ୍ୟାଙ୍କ ପ୍ରତିଷ୍ଠା ଚଳିତ ଆର୍ଥିକ ବର୍ଷର ପ୍ରମୁଖ ଘଟଣା କୁହାଯାଇପାରେ।

## ବିକ୍ରି ହେଲା ହର୍ଲିକ୍ସ




ବର୍ଷର ଶେଷ ଦିଗରେ ଦେଶର ଏଫ୍‌ଏମ୍‌ସିଜି କ୍ଷେତ୍ରରେ ସବୁଠୁ ବଡ଼ ଡିଲ୍ ହୋଇଛି। ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ (ଏଚ୍‌ୟୁଏଲ୍) ଗ୍ଲାକ୍ସୋସ୍ମିଥକ୍ଲାଇନ (ଜିଏସ୍‌କେ) ଇଣ୍ଡିଆ କମ୍ପାନୀକୁ କିଣି ନେଇଛି। ଅର୍ଥାତ୍ ଏବେ ହର୍ଲିକ୍ସ,ସେନ୍ସୋଡାଇନ,ଇନୋ, କ୍ରୋସିନ, ସମସ୍ତ ଓଟିଜି ସାମଗ୍ରୀ ଏଚ୍‌ୟୁଏଲ୍ ହାତକୁ ଚାଲିଯାଇଛି। ଏଚ୍‌ୟୁଏଲ୍ ୩.୮ ବିଲିୟନ ଡଲାର (ପ୍ରାୟ ୩୧,୭୦୦କୋଟି ଟଙ୍କା)ରେ ଜିଏସ୍‌କେକୁ କିଣିଛି। ଏହାଦ୍ୱାରା ମୃଦୁ ପାନୀୟ, ହାଲ୍‌କା ବ୍ୟବହାର୍ଯ୍ୟ ସାମଗ୍ରୀ କ୍ଷେତ୍ରରେ ଏଚ୍‌ୟୁଏଲ୍ ଏକଚାଟିଆ କାରବାର କରିବ।

## ଫ୍ଲିପ୍‌କାର୍ଟ ଛାଡିଲେ ବିନ୍ନି-ସଚିନ ବଂଶଲ




ଫ୍ଲିପ୍‌କାର୍ଟ ସିଇଓ ବିନ୍ନି ବଂଶଲଙ୍କ ବିରୋଧରେ ମହିଳା କର୍ମଚାରୀଙ୍କ ସହ ଅନୈତିକ ସମ୍ପର୍କ ନେଇ ଅଭିଯୋଗ ଉଠିବା ପରେ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫା ସମ୍ପର୍କରେ ଉଭୟ ଫ୍ଲିପ୍‌କାର୍ଟ ଓ ୱାଲମାର୍ଟ ଘୋଷଣା କରିଥିଲା। ଅନ୍ୟପକ୍ଷରେ ଫ୍ଲିପ୍‌କାର୍ଟକୁ ୱାଲମାର୍ଟ କିଣିବ ବୋଲି ଘୋଷଣା ହେବା ମାତ୍ରେ ଏହାର ସହ ପ୍ରତିଷ୍ଠାତା ସଚିନ ବଂଶଲ କମ୍ପାନୀରୁ ଇସ୍ତଫା ଦେଇ ବାହାରି ଆସିଥିଲେ। ଫ୍ଲିପକାର୍ଟର ଜଣେ ପ୍ରତିଷ୍ଠାତାଙ୍କୁ ବୋର୍ଡରେ ସ୍ଥାନ ମିଳିବ ବୋଲି ୱାଲମାର୍ଟ ଘୋଷଣା କରିବା ମାତ୍ରେ ସଚିନ ଉକ୍ତ ପଦକ୍ଷେପ ନେଇଥିଲେ।

## ପିଏନ୍‌ବି ମହାଦୁର୍ନୀତି





ହୀରା ବ୍ୟବସାୟୀ ନୀରବ ମୋଦି ଓ ମେହୁଲ ଚୋକ୍‌ସୀ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ୧୪ ହଜାର କୋଟି ଟଙ୍କା ଠକି ବିଦେଶ ପଳାଇଛନ୍ତି। ଏହା ଭାରତୀୟ ବ୍ୟାଙ୍କିଙ୍ଗ ଇତିହାସରେ ମହାଦୁର୍ନୀତି କୁହାଯାଉଛି। ମୁମ୍ବାଇର ଫୋର୍ଟସ୍ଥିତ ବ୍ରାଡି ହାଉସ ଶାଖାରେ ଏହି ଠକେଇ ହୋଇଥିବାର ଧରାପଡିଥିଲା। ଏହି ଶାଖାର କିଛି ଅଧିକାରୀଙ୍କୁ ହାତବାରିସି କରି ନୀରବ ମିଥ୍ୟା ଲେଟର ଅଫ୍ ଅଣ୍ଡରଟେକିଂ(ଏଲଓୟୁ) ଜରିଆରେ ଉକ୍ତ ଟଙ୍କା ହଡ଼ପ କରିଥିଲେ। ତାଙ୍କୁ ସହାୟତା କରିଥିଲେ ତାଙ୍କର ମାମୁ ତଥା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ। ଟଙ୍କା ଫେରସ୍ତ କରିବା ଦୂରର କଥା ସେମାନେ ଏବେ ବିଦେଶକୁ ପଳାଇଛନ୍ତି। ନୀରବଙ୍କ ପତ୍ତା ମିଳୁ ନ ଥିବା ବେଳେ ମେହୁଲ ଏବେ ଆଣ୍ଟିଗୁଆରେ ରହୁଛନ୍ତି। ଦୁହିଁଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ ଜାରି କରାଯାଇଛି। ମେହୁଲ ଏବେ ଆଣ୍ଟିଗୁଆର ନାଗରିକତ୍ୱ ଗ୍ରହଣ କରିଥିବାରୁ ତାଙ୍କୁ ପ୍ରତ୍ୟର୍ପଣ କରିବା କଷ୍ଟକର ହେବ। ଅନ୍ୟପକ୍ଷରେ ନୀରବଙ୍କ ବର୍ତ୍ତମାନ ଅବସ୍ଥାନ କାହାକୁ ଜଣା ନ ଥିବା ବେଳେ ସେ ଲଣ୍ଡନରେ ଲୁଚିଥିବା କୁହାଯାଉଛି।

## ମୁହଁ ଖୋଲିଲେ ସୁବ୍ରମଣ୍ୟନ



ବିମୁଦ୍ରୀକରଣର ଦୁଇବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତତ୍କାଳୀନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ପ୍ରଥମଥର ମୁହଁ ଖୋଲିଥିଲେ। ବିମୁଦ୍ରୀକରଣ ଭଳି ଏକ କଠୋର ନିଷ୍ପତ୍ତି ଯୋଗୁ ଅର୍ଥନୀତିକୁ ବଡ଼ ଝଟକା ଲାଗିଥିଲା ବୋଲି ସେ କହିଛନ୍ତି। ଏହା ଦ୍ୱାରା ଦେଶର ଅର୍ଥନୀତି ୮%ରୁ ହ୍ରାସ ପାଇ ୬.୮%ରେ ପହଞ୍ଚିଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ସେହିଭଳି ଆଇଏଲଆଣ୍ଡଏଫ୍‌ଏସ୍‌ରେ ସଙ୍କଟ ଆର୍‌ବିଆଇ ଯୋଗୁ ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି।

## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ସଙ୍କଟ

ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ୍ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ରେ ଦେଖାଦେଇଥିବା ଆର୍ଥିକ ସଙ୍କଟ ପୁଞ୍ଜି ବଜାରକୁ ଦୋହଲାଇ ଦେଇଛି। ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଉକ୍ତ ଗ୍ରୁପ କମ୍ପାନୀ ସୁଧ ଦେଇ ପାରୁନାହିଁ। ଫଳରେ ଏହା ଦେବାଳିଆ ହେବାର ଦ୍ୱାରଦେଶରେ ପହଞ୍ଚିଛି। ଭାରତୀୟ ଜୀବନ ବୀମା ନିଗମ ଏହି କମ୍ପାନୀର ସର୍ବବୃହତ ପ୍ରମୋଟର ହୋଇଥିବା ବେଳେ ଏସ୍‌ବିଆଇ ସମେତ ଅନେକ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ଏଥିରେ ସାମିଲ ହୋଇଛନ୍ତି। ଭିତ୍ତିପ୍ରସ୍ତର ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ



ଏହି କମ୍ପାନୀ ହାତରେ ଦେଶର ୧.୮ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ରହିଛି। ଚଡ଼ା ସୁଧରେ ସ୍ୱଳ୍ପମିଆଦୀ ଋଣ ନେବା କମ୍ପାନୀ ପାଇଁ ମୁଣ୍ଡବ୍ୟଥା ହୋଇଛି। ବିବାଦ କାରଣରୁ ସରକାରଙ୍କ ପାଖରୁ ପାଇବାକୁ ଥିବା ପ୍ରାୟ ୯୦ ନିୟୁତ ଟଙ୍କା ଅଟକି ଯାଇଛି। ଆସନ୍ତା ୬ ମାସ ମଧ୍ୟରେ କମ୍ପାନୀକୁ ପ୍ରାୟ ୩୫୦୦ କୋଟି ଟଙ୍କା ଋଣ ପରିଶୋଧ କରିବାକୁ ହେବ। ମ୍ୟାନେଜମେଣ୍ଟର ଅପରିଣାମଦର୍ଶିତା ଯୋଗୁ କମ୍ପାନୀ ଏଭଳି ସ୍ଥିତିରେ ପହଞ୍ଚିବା ପରେ କେନ୍ଦ୍ର ସରକାର ଆଗକୁ ଆସି ଅଚାନକ ଏହାର ବୋର୍ଡକୁ ଭାଙ୍ଗି ଦେଲେ ଓ ଟପ୍ ବ୍ୟାଙ୍କର୍ ଉଦୟ କୋଟାକଙ୍କ ଅଧ୍ୟକ୍ଷତାରେ ନୂଆ ବୋର୍ଡ ଗଠନ କଲେ।

## ମାଲ୍ୟାଙ୍କୁ ଲଗାମ୍



ଶେଷରେ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଭାରତକୁ ପ୍ରତ୍ୟର୍ପିତ ହେବେ। ଲଣ୍ଡନର ୱେଷ୍ଟମିନିଷ୍ଟର କୋର୍ଟ ତାଙ୍କର ପ୍ରତ୍ୟର୍ପଣ ଲାଗି ରାୟ ଦେଇଛନ୍ତି। ଏ ସଂକ୍ରାନ୍ତରେ ଅଦାଲତ ବ୍ରିଟେନ ସରକାରଙ୍କ ନିକଟକୁ ରାୟର କପି ପଠାଇଛନ୍ତି। ମାଲ୍ୟାଙ୍କ ବିରୋଧରେ ଯାଞ୍ଚ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ସିବିଆଇକୁ ବଡ଼ ସଫଳତା ମିଳିଛି। ଦୁଇଟି ଦେଶର ନାଗରିକତ୍ୱ ବଳରେ ଲଣ୍ଡନରେ ରହୁଥିବା ମାଲ୍ୟା ଏବେ ଭାରତ ଫେରିବା ପାଇଁ ଦିନ ଗଣିବା ଛଡ଼ା ଅନ୍ୟ ବାଟ ନାହିଁ। ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପାଇଁ ଏକ ବଡ଼ ବିଜୟ କହିଲେ ଅତ୍ୟୁକ୍ତି ହେବ ନାହିଁ। କିଙ୍ଗଫିଶର ଏୟାରଲାଇନ୍ସ ନାମରେ ମାଲ୍ୟା ଭାରତର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କା ଋଣ ନେଇ ପରିଶୋଧ କରିନାହାନ୍ତି।

## ୱାଲମାର୍ଟ-ଫ୍ଲିପ୍‌କାର୍ଟ ଡିଲ୍

ଫ୍ଲିପ୍‌କାର୍ଟକୁ ୱାଲମାର୍ଟ କିଣିନେବା ଚଳିତବର୍ଷ ଚର୍ଚ୍ଚାର ବିଷୟ ହୋଇଛି। ଫ୍ଲିପ୍‌କାର୍ଟର ୭୭ ପ୍ରତିଶତ ଅଂଶଧନ କିଣିଥିବା ୱାଲମାର୍ଟ ଇ-କମର୍ସ କ୍ଷେତ୍ରରେ ଦେଶରେ ଏକଚାଟିଆ କାରବାର କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବିଜନେସ ସ୍କୁଲ୍‌ରେ ଏହା ଆଲୋଚନାର ମୁଖ୍ୟ ବିଷୟ ହୋଇଥିବା ବେଳେ ଦେଶର ଇ-କମର୍ସ ବ୍ୟବସାୟରେ ଏକ ବିରାଟ ପରିବର୍ତ୍ତନ ଆସିବ ବୋଲି ମନେକରାଯାଉଛି। ତେବେ ଖାଉଟି କେତେ ଦୂର ଏହାଦ୍ୱାରା ଲାଭାନ୍ୱିତ ହେବେ ଭବିଷ୍ୟତ କହିବ।




## ୩୭୦୦ କୋଟିର ରୋଟୋମାକ୍ ସ୍କାମ୍



ପିଏନ୍‌ବି ଦୁର୍ନୀତି ଠକେଇ ମାମଲା ଲୋକେ ଭୁଲିବା ପୂର୍ବରୁ ୨୦୧୮ରେ ଚର୍ଚ୍ଚାକୁ ଆସିଥିଲା ରୋଟୋମାକ୍ ପେନ୍ ଗ୍ଲୋବାଲର ୩୭୦୦ କୋଟି ଟଙ୍କାର ଆଉ ଏକ ବ୍ୟାଙ୍କ ଘୋଟାଲା। କମ୍ପାନୀର ପ୍ରମୋଟର ତଥା ମାଲିକ ବିକ୍ରମ କୋଠାରୀ ଏହି ବ୍ୟାଙ୍କ ଠକେଇରେ ସମ୍ପୃକ୍ତ। ତାଙ୍କ ସମ୍ପର୍କରେ ସିବିଆଇ ଯାଞ୍ଚ କରୁଛି। ୭ଟି ବ୍ୟାଙ୍କରୁ ସେ ଋଣ ନେଇଥିବା କୁହାଯାଉଛି। ସେହିପରି କନିଷ୍କ ଗୋଲ୍ଡ ନାମକ ଏକ ସଂସ୍ଥା ୧୪ ବ୍ୟାଙ୍କରୁ ୮୨୪ କୋଟି ଟଙ୍କା ଠକି ନେଇଛି। ଅନୁରୂପ ଭାବେ ଆର୍ ପି ଇନଫୋସିଷ୍ଟମ କମ୍ପ୍ୟୁଟର ପକ୍ଷରୁ ୫୧୫ କୋଟି ଟଙ୍କାର ସ୍କାମ୍ କରାଯାଇଛି।

## ଇଣ୍ଡିଆପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ

ଚଳିତବର୍ଷ ସେପ୍ଟେମ୍ବର ପହିଲାରୁ ଦେଶରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଆରମ୍ଭ ହୋଇଛି। ଗାଁଠାରୁ ସହର ଯାଏ ଏହି ବ୍ୟାଙ୍କ ସେବା ମିଳିବ। ଦେଶର ୧,୫୫,୦୧୫ ପୋଷ୍ଟ ଅଫିସ ଓ ୩ ଲକ୍ଷ ପୋଷ୍ଟାଲ କର୍ମଚାରୀଙ୍କ ମାଧ୍ୟମରେ ଏହି ବ୍ୟାଙ୍କ ସେବା ଏବେ ଘରେ ଘରେ ପହଞ୍ଚାଇ ଦିଆଯାଇପାରୁଛି। ପ୍ରଥମ ପର୍ଯ୍ୟାୟରେ ୧୦ ହଜାରରୁ ଅଧିକ ପୋଷ୍ଟମ୍ୟାନଙ୍କୁ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ନିଯୁକ୍ତ କରାଯାଇଛି। ୨୦୧୫ ଅଗଷ୍ଟ ୧୯ରେ ଇଣ୍ଡିଆ ପୋଷ୍ଟକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଲାଇସେନ୍ସ ପ୍ରଦାନ କରିବା ପରେ ୨୦୧୬ ଅଗଷ୍ଟ ୧୭ରେ ଏହା ଏକ ପବ୍ଲିକ ଲିମିଟେଡ ସରକାରୀ କମ୍ପାନୀ ଭାବେ ପଞ୍ଜୀକୃତ ହେଲା। ୨୦୧୭ ଜାନୁୟାରୀ ୩୦ରେ ରାଇପୁର ଓ ରାଞ୍ଚିରେ ପାଇଲଟ ଭିତ୍ତିରେ ଏହାକୁ ଆରମ୍ଭ କରାଯାଇଥିଲା। ବ୍ୟାଙ୍କ ପ୍ରତିଷ୍ଠା ଲାଗି ଭିତ୍ତିଭୂମି ଓ ଆନୁଷଙ୍ଗିକ ନିର୍ମାଣ ଉଦ୍ଦେଶ୍ୟରେ ୧୪୩୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

India Post Payments Bank
Aapka bank, aapke dwaar.

## ଢୋଲକିଆଙ୍କ ବଦାନ୍ୟତା



ସବୁବର୍ଷ ଭଳି ଚଳିତବର୍ଷ ମଧ ସୁରଟର ହୀରା ବ୍ୟବସାୟୀ ସାବଜୀ ଢୋଲକିଆ ଦୀପାବଳିରେ ନିଜ କର୍ମଚାରୀଙ୍କୁ ଦାମିକା ଉପହାର ଦେଇ ଚର୍ଚ୍ଚାକୁ ଆସିଥିଲେ। ସେ ଚଳିତ ବର୍ଷ ୬୦୦ ଜଣଙ୍କୁ କାର ଉପହାର ଦେଇଥିବା ବେଳେ ୯୦୦ କର୍ମଚାରୀଙ୍କୁ ଏଫ୍‌ଡି ପ୍ରଦାନ କରିଛନ୍ତି। ସୁରଟର ଡାଇମଣ୍ଡ କିଙ୍ଗ ଭାବେ ସେ ବେଶ୍ ଜଣାଶୁଣା।

## ପ୍ରଥମ ବିଟ୍ କଏନ୍ ଏଟିଏମ୍




ଦେଶରେ ଭର୍ଚୁଆଲ କରେନ୍ସି ବା ଇଲେକଟ୍ରୋନିକ୍ସ ମୁଦ୍ରା କାରବାରକୁ ଆର୍‌ବିଆଇ ବେଆଇନ୍ ବୋଲି ଘୋଷଣା କରିଥିଲେ ମଧ ଚଳିତବର୍ଷ ଦେଶରେ ପ୍ରଥମ ବିଟ୍ କଏନ୍ ଏଟିଏମ୍ ବାଙ୍ଗାଲୋରରେ ଖୋଲିଥିଲା। ୟୁରୋକଏନ୍ ପକ୍ଷରୁ ଏହାକୁ ସ୍ଥାପନ କରାଯାଇଥିଲା। ପରେ ବିବାଦ ଉପୁଜିବାରୁ ଏହାକୁ ବନ୍ଦ କରି ଦିଆଯାଇଥିଲା।

## ବଦଳିଲା ୟୁପିଏ ସମୟର ଜିଡିପି




ୟୁପିଏ ସମୟର ଜିଡିପି ଆକଳନକୁ ସରକାର ଚଳିତବର୍ଷ ନଭେମ୍ବର ୨୮ରେ ବଦଳାଇ ଦେଇଥିଲେ। ଏହା ଫଳରେ ଉଦାରୀକରଣ ପରବର୍ତ୍ତୀ ସମୟରେ ଦେଶର ଅର୍ଥନୀତି ହାସଲ କରିଥିବା ଦୁଇଅଙ୍କ ବିଶିଷ୍ଟ ହାରରେ ୧% ହ୍ରାସ ଘଟିଛି। ପରବର୍ତ୍ତୀ ବର୍ଷଗୁଡ଼ିକରେ ଜିଡିପି ୯% କିମ୍ବା ଏହାଠାରୁ କମ୍ ରହିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପକ୍ଷରୁ ୨୦୧୧-୧୨ ବର୍ଷକୁ ମୂଳବର୍ଷ ଭାବେ ଗ୍ରହଣ କରାଯିବା ସହ ୨୦୧୦-୧୧ରେ ଅଭିବୃଦ୍ଧି ହାର ପରିବର୍ତ୍ତନ କରାଯାଇ ୮.୫% ଧାର୍ଯ୍ୟ କରାଯାଇଛି। ସେହିଭଳି ୨୦୦୫-୦୬ ଏବଂ ୨୦୦୬-୦୭ର ଅଭିବୃଦ୍ଧି ଯଥାକ୍ରମେ ୭.୯ ଏବଂ ୮.୧% କରାଯାଇଛି। ୨୦୦୭-୦୮ରେ ଅଭିବୃଦ୍ଧି ୭.୭%କୁ ହ୍ରାସ ପାଇଛି।

କୁହାଯାଏ ସମୟକୁ ସମୟ ହିଁ ଗୋଡାଏ, ଯେମିତି ଦୁଇହଜାର ଉଣେଇଶ ନୂଆ ସମ୍ଭାବନାର ସମ୍ଭାର ନେଇ ଧରାପୃଷ୍ଠକୁ ଛୁଇଁବାକୁ ଆସୁଛି ଆଉ ଘଟଣାବହୁଳ ବିଦାୟୀ ବର୍ଷ ଛାଡିଯାଉଛି ୩୬୫ ଦିନର ଅଲିଭା ସନ୍ତକ । ୨୦୧୮ ବିଶ୍ୱ ଚିତ୍ରପଟ୍ଟର ଅନେକ ଘଟଣାର ମୂକସାକ୍ଷୀ। କେଉଁଠି ବିବାଦ କେଉଁଠି ବିଦ୍ରୋହ । କେବେ କ୍ଷମତା ପରିବର୍ତ୍ତନ ପାଇଁ ସଂଘର୍ଷ ତ ପୁଣି କେତେବେଳେ ସମୟ ସହ ଯୋଡିହୋଇଯାଇଛି ସମ୍ପର୍କର ନୂଆ ଅଧ୍ୟାୟ । ଇତିହାସରେ ସ୍ମରଣୀୟ ହୋଇରହିବା ଭଳି କେତୋଟି ଅନ୍ତର୍ଜାତୀୟ ପ୍ରସଙ୍ଗ ଓ ଘଟଣାବଳୀକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।

# ବିଶ୍ୱର କାଉଡ଼ ଲେଉଟାଣି

## ମୃତ୍ୟୁଗୁମ୍ଫାରୁ ଫେରିଲେ ଖେଳାଳି

ୱାଇଲ୍ଡ ବୋର୍ସ ଟିମ୍‌ର ୧୨ ଜଣ ଫୁଟବଲ ଖେଳାଳି ଓ ସେମାନଙ୍କ କୋଚ ଚଳିତବର୍ଷ ଜୁନ୍ ୨୩ରେ ଥାଇଲାଣ୍ଡର ଏକ ଗୁମ୍ଫା ଭିତରକୁ ଯାଇଥିଲେ। ପ୍ରବଳ ବର୍ଷାରେ ଥାମ ଲୁଆଙ୍ଗ ଗୁମ୍ଫାରେ ପାଣି ଭର୍ତ୍ତି ହୋଇଯିବାରୁ ସେମାନେ ବହୁତ ଭିତରକୁ ଚାଲିଯାଇଥିଲେ। ବିନା ଖାଦ୍ୟ ଏବଂ ସାମାନ୍ୟ ଅମ୍ଳଜାନରେ ସେମାନେ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ଗୁମ୍ଫାରେ ରହିଯାଇଥିଲେ। ଥାଇଲାଣ୍ଡର ନେଭି ସିଲ୍ ୟୁନିଟ, ବିଦେଶୀ ବୁଡାଳି ଏବଂ ବିଭିନ୍ନ ଦେଶର ବିଶେଷଜ୍ଞମାନଙ୍କ ଉଦ୍ୟମକ୍ରମେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଦୁଃସାହସିକ ଉଦ୍ଧାର କାର୍ଯ୍ୟ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା।



## ସୁନାମି ନେଲା ୧୬୮୦ ଜୀବନ

ଇଣ୍ଡୋନେସିଆରେ ଚଳିତ ବର୍ଷ ଦୁଇଟି ସୁନାମି ଆସି ୧୬୮୦ ଲୋକଙ୍କ ଜୀବନ ନେଇଥିଲା। ସେପ୍ଟେମ୍ବର ୨୮ରେ ଏଠାର ୭.୫ ତୀବ୍ରତାର ଭୂକମ୍ପ ଯୋଗୁ ସୁଲାୱେସୀ ଦ୍ୱୀପ କ୍ଷତିଗ୍ରସ୍ତ ହୋଇଥିଲା। ଏହା ପରେ ସୁନାମି ଆସି ଉପକୂଳବର୍ତ୍ତୀ ପାଲୁ ସହରକୁ ଜଳାର୍ଣ୍ଣବ କରିଥିଲା। ଏହି ସୁନାମିରେ ୧୩୪୮ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ଡିସେମ୍ବର ୨୨ ରାତିରେ ଏକ ଆଗ୍ନେୟଗିରି ଉଦ୍‌ଗିରଣରୁ ସମୁଦ୍ର ତଳେ ଭୂସ୍ଖଳନ ଘଟି ସୁନାମି ଆସିଥିଲା, ଯେଉଁଥିରେ ୪୩୦ ଜଣଙ୍କ ଜୀବନ ଯାଇଥିବାବେଳେ ହଜାରେରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ହଜାର ହଜାର ଘର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଜାଭା ଓ ସୁମାତ୍ରା ଦ୍ୱୀପପୁଞ୍ଜ ମଝିରେ ଅବସ୍ଥିତ ଲାମ୍ପୁଙ୍ଗ୍ ପ୍ରଦେଶ ଅନ୍ତର୍ଗତ ସୁନ୍ଦା ପ୍ରଣାଳୀର କ୍ରାକାତୋଆ ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣ ହେବାରୁ ସମୁଦ୍ର ତଳେ ଭୂସ୍ଖଳନ ଘଟିଥିଲା। ଫଳରେ ୧୫ରୁ ୨୦ ମିଟର ଉଚ୍ଚ ଜୁଆର ଉପକୂଳକୁ ମାଡ଼ିଆସିଥିଲା। ଅନେକ ଅଞ୍ଚଳ ଜଳମଗ୍ନ ହେବା ସହ ଆକାଶରେ ପାଉଁଶର ବଳୟ ସୃଷ୍ଟି ହୋଇଥିଲା। ଏଥିରେ ଜାଭାର ପଣ୍ଡେଗଲାଙ୍ଗ, ସୁମାତ୍ରାର ଦକ୍ଷିଣ ଲାମ୍ପୁଙ୍ଗ୍, ସେରାଙ୍ଗ୍ ଓ ତଙ୍ଗଗାମୁସ ସର୍ବାଧିକ ପ୍ରଭାବିତ ହୋଇଥିଲେ।



## ତେଜିଲା # ମିଟୁ ଝଡ଼

ମିଟୂ ଅଭିଯାନ ୨୦୧୭ରେ ଆରମ୍ଭ ହୋଇଥିବାବେଳେ ୨୦୧୮ରେ ଏହା ଅନ୍ତର୍ଜାତୀୟ ସ୍ତରରେ ବ୍ୟାପିଥିଲା। ହଲିଉଡ ପ୍ରଯୋଜକ ହାର୍ଭି ୱିନଷ୍ଟାଇନଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ହୋଇଥିବାବେଳେ ଲୋକପ୍ରିୟ ହାସ୍ୟାଭିନେତା ବିଲ୍ କସ୍‌ବିଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ଜେଲଦଣ୍ଡ ହୋଇଥିଲା। ଆମେରିକା ସୁପ୍ରିମକୋର୍ଟ ପାଇଁ ଟ୍ରମ୍ପଙ୍କ ପ୍ରତିନିଧି ବ୍ରେଟ କାଭାନୌଘଙ୍କ ବିରୋଧରେ କ୍ରିଷ୍ଟିନେ ବ୍ଲାସେ ଫୋର୍ଡ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ହତ୍ୟା ଧମକ ମିଳିଥିଲା। ଆମେରିକା ସିନେଟରେ ଅକ୍ଟୋବରରେ ଏହି ପ୍ରସଙ୍ଗକୁ ନେଇ ଜୋରଦାର ବିତର୍କ ହୋଇଥିଲା। କ୍ରିଷ୍ଟିନେ ହାଇସ୍କୁଲରେ ପଢୁଥିବାବେଳେ ବ୍ରେଟ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଥିଲେ। ସିନେଟରମାନେ ଉଭୟଙ୍କ ସାକ୍ଷ୍ୟ ଗ୍ରହଣ କଲାବେଳେ ଲକ୍ଷ ଲକ୍ଷ ଆମେରିକୀୟ ଏହାକୁ ଟିଭିରେ ଦେଖିଥିଲେ।





## ଥେରେସାଙ୍କୁ ବ୍ରେକ୍‌ଜିଟ ଅଡୁଆ

ବ୍ରେକ୍‌ଜିଟକୁ ନେଇ ବ୍ରିଟେନରେ ପ୍ରତିବାଦ ଜାରି ରହିଥିବାବେଳେ ଏହି ଚୁକ୍ତିନାମା ଉପରେ ଭୋଟଦାନକୁ ପ୍ରଧାନମନ୍ତ୍ରୀ ଥେରେସା ମେ ସ୍ଥଗିତ ରଖିଥିଲେ। ଗତ ଜାନୁୟାରୀରେ ୟୁରୋପୀୟ ସଂଘ (ଇୟୁ) ସହ ପ୍ରଧାନମନ୍ତ୍ରୀ ଏଥିପାଇଁ ବୁଝାମଣା କରିଥିଲେ। ତେବେ ସେ ହାରିଯିବେ ବୋଲି ଜାଣିବା ପରେ ଭୋଟଦାନକୁ ସ୍ଥଗିତ ରଖିଥିଲେ। ତାଙ୍କ ସରକାର ବିରୋଧରେ ପାର୍ଲାମେଣ୍ଟ ଅବମାନନା ଅଭିଯୋଗ ହୋଇଥିଲା। ଥେରେସାଙ୍କ ନେତୃତ୍ୱକୁ ବିରୋଧ କରି ତାଙ୍କ ନିଜ ଦଳରୁ ଅନାସ୍ଥା ପ୍ରସ୍ତାବ ଆସିଥିଲା। ତେବେ ସେ ଅନାସ୍ଥାରୁ ବର୍ତ୍ତିଯାଇଥିଲେ। ଇୟୁରୁ ବ୍ରିଟେନ ବାହାରିଯିବା ନେଇ ଆଉଥରେ ଗଣଭୋଟ କରାଯାଉ ବୋଲି ଦାବି ଜୋର ଧରିଛି।



## ଶ୍ରୀଲଙ୍କାରେ ରାଜନୈତିକ ସଙ୍କଟ



ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରୀପାଲ ସିରିସେନା ଗତ ଅକ୍ଟୋବର ୨୬ରେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କୁ ବହିଷ୍କାର କରି ତାଙ୍କ ସ୍ଥାନରେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ଏହାକୁ ନେଇ ସେଠାରେ ରାଜନୈତିକ ସଙ୍କଟ ଦେଖାଦେଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ଦୀର୍ଘ ୫୧ ଦିନ ଧରି ଲାଗି ରହିଥିବା ସାମ୍ବିଧାନିକ ସଙ୍କଟର ଅବସାନ ଘଟିଥିଲା। ରାଜପାକ୍ସେ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିବାରୁ ସିରିସେନା ପାର୍ଲାମେଣ୍ଟ ଭଙ୍ଗକରି ଜାନୁୟାରୀ ୫ରେ ଆଗୁଆ ନିର୍ବାଚନ ଲାଗି ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ଏହି ନିଷ୍ପତ୍ତି ଅସାମ୍ବିଧାନିକ ବୋଲି ସୁପ୍ରିମକୋର୍ଟ କହିବା ସହ ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱକୁ କାଏମ ରଖିଥିଲେ।

## ଇମ୍ରାନ ପାକିସ୍ତାନ କ୍ୟାପ୍‌ଟେନ

୧୯୯୨ରେ ପାକିସ୍ତାନ କ୍ରିକେଟ ଟିମ୍‌କୁ ବିଶ୍ୱକପ୍ ଭେଟି ଦେଇଥିବା କ୍ୟାପ୍‌ଟେନ ଇମ୍ରାନ ଖାନ୍ ଚଳିତବର୍ଷ ଦେଶର କ୍ୟାପଟେନ ହୋଇଥିଲେ। କ୍ରିକେଟରରୁ ରାଜନେତା ସାଜିଥିବା ଇମ୍ରାନ ପାକିସ୍ତାନ-ତେହରିକ-ଇ-ଇନ୍‌ସାଫ୍ ଗତ ପାର୍ଲାମେଣ୍ଟ ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠ ଦଳ ହେବା ପରେ ସେ ପ୍ରଧାନମନ୍ତ୍ରୀ ହୋଇଥିଲେ।

## ସୌଦିର ଷଡ଼ଯନ୍ତ୍ର



ଅକ୍ଟୋବର ମାସରେ ୱାଶିଂଟନ ପୋଷ୍ଟ ସ୍ତମ୍ଭକାର ଜମାଲ ଖାଶୋଗି ଇସ୍ତାନବୁଲସ୍ଥିତ ସୌଦି ବାଣିଜ୍ୟିକ ଦୂତାବାସକୁ ଯାଇ ଜୀବନ୍ତ ଫେରି ନ ଥିଲେ। ତାଙ୍କ ସମ୍ପର୍କରେ ବିଭିନ୍ନ ପକ୍ଷରୁ ଭିନ୍ନ ଭିନ୍ନ କଥା କୁହାଯାଇଥିଲା। ଶେଷରେ ତାଙ୍କୁ ସୌଦିର କେତେଜଣ ଅଧିକାରୀ ଦୂତାବାସ ଭିତରେ ହତ୍ୟା କରିଥିବା ସୌଦି ମାନିଥିଲା। ଦେଶ ସହ ମତଭେଦ ଥିବା ଖାଶୋଗିଙ୍କୁ ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କ ନିର୍ଦ୍ଦେଶରେ ହତ୍ୟା କରାଯାଇଥିବା ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ଦେଖାଦେଇଥିଲା।

## ସିରିଆରେ ରାସାୟନିକ ଆକ୍ରମଣ

ବିଦ୍ରୋହୀଙ୍କ କବ୍‌ଜାରେ ଥିବା ସିରିଆର ଗୋଉଟା ସହରରେ ଏପ୍ରିଲ ୮ରେ ରାସାୟନିକ ଆକ୍ରମଣ କରିଥିଲା ସେନା। ଏଥିରେ ୮୦ ଜଣ ନିହତ ଓ ହଜାର ହଜାର ବିଦ୍ରୋହୀ ଆହତ ହୋଇଥିଲେ। ଅଲ୍-ଆସାଦ ସରକାର ଆକ୍ରମଣ ଅଭିଯୋଗକୁ ଖଣ୍ଡନ କରିଥିବାବେଳେ ଅନ୍ତର୍ଜାତୀୟ ସମୁଦାୟ ଏହାକୁ ନିନ୍ଦା କରିଥିଲେ। ଏହି ଆକ୍ରମଣ ପାଇଁ ବଶର-ଅଲ୍-ଆସାଦ୍ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଥିଲେ।

## ଜେଲ୍ ଗଲେ ଶରିଫ



ପାନାମା ପେପର୍ସ ଦୁର୍ନୀତି ମାମଲାରେ ପାକିସ୍ତାନ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅଯୋଗ୍ୟ ଘୋଷିତ ହେବା ପରେ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ନିଜ ପଦରୁ ଇସ୍ତଫା ଦେଇଥିଲେ। ଗତ ଜୁଲାଇ ୬ରେ ସେ, ତାଙ୍କ ଝିଅ ମରିୟମ ଏବଂ ଜ୍ୱାଇଁ ସଫଦର ଅୱାନ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଶରିଫଙ୍କୁ ୧୦ ବର୍ଷ ଜେଲ୍‌ଦଣ୍ଡ ହୋଇଥିଲା। ଡିସେମ୍ବର ମାସରେ ଅନ୍ୟ ଏକ ଦୁର୍ନୀତି ମାମଲାରେ ଶରିଫ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଅନ୍ୟପକ୍ଷରେ ଭାରତରେ ପାକିସ୍ତାନ ଭଳି ଦଣ୍ଡବିଧାନ ହେଉନାହିଁ କାହିଁକି ବୋଲି ସାଧାରଣାରେ ପ୍ରଶ୍ନ ଉଠୁଛି।

## ଟ୍ରମ୍ପ, କିମ୍ ଭେଟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ ଉନଙ୍କ ମଧ୍ୟରେ ସାକ୍ଷାତ ଥିଲା ଚଳିତବର୍ଷର ଚର୍ଚ୍ଚିତ ଘଟଣା। ଦୁଇ ନେତା ପୂର୍ବ ଶତ୍ରୁତାକୁ ଭୁଲି ଗତ ସେପ୍ଟେମ୍ବର ମାସରେ ସିଙ୍ଗାପୁରରେ ପରସ୍ପରକୁ ଭେଟି କୋରିଆ ଉପଦ୍ୱୀପକୁ ସମ୍ପୂର୍ଣ୍ଣ ଅଣୁଅସ୍ତ୍ର ମୁକ୍ତ କରିବା ଦିଗରେ ଏକାଠି କାର୍ଯ୍ୟ କରିବା ଲାଗି ସହମତ ହୋଇଥିଲେ। ଚିଠି ଦିଆନିଆରୁ ସେମାନଙ୍କ ମଧ୍ୟରେ ପ୍ରେମ ହୋଇଯାଇଥିବା ଟ୍ରମ୍ପ କହିଥିଲେ। ନୂଆବର୍ଷରେ ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ବୈଠକ ହେବାକୁ ଯାଉଛି।



## ଖସିପଡ଼ିଲା ଜେଟି ୬୧୦

୧୮୯ ମୃତ

ଅକ୍ଟୋବର ୨୯ରେ ଇଣ୍ଡୋନେସିଆର ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୮୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଲାଏନ ଏୟାରର ବିମାନ ଜେଟି ୬୧୦ ଜାକର୍ତ୍ତାରୁ ବାଙ୍ଗକା ଦ୍ୱୀପର ପାଙ୍ଗକାଲ ପିନାଙ୍ଗକୁ ଯାତ୍ରା କରୁଥିବାବେଳେ ସମୁଦ୍ର ମଧ୍ୟରେ ଖସିପଡିଥିଲା। ଏହି ବିମାନ ଉଡାଣ ଆରମ୍ଭ କରିବାର ୧୩ ମିନିଟ ପରେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଯିବାରୁ ଫେରାଇ ଆଣିବା ଲାଗି ପାଇଲଟଙ୍କୁ କୁହାଯାଇଥିଲା। ଏହା ପରେ ଟ୍ରାଫିକ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା।




## ୟେଲୋ ଜାକେଟ ଦଙ୍ଗା

ଫ୍ରାନ୍ସରେ ତୈଳ ଓ ଅନ୍ୟ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦରବୃଦ୍ଧିରୁ ସୃଷ୍ଟ ଜନଅସନ୍ତୋଷ ଡିସେମ୍ବର ଆରମ୍ଭରେ ଚରମ ସୀମାରେ ପହଞ୍ଚିଥିଲା। ସରକାର ବିରୋଧୀ ଆନ୍ଦୋଳନ ଦଙ୍ଗାର ରୂପ ନେଇଥିଲା। ରାଜଧାନୀ ପ୍ୟାରିସ୍ ରାଜରାସ୍ତା ରଣକ୍ଷେତ୍ର ପାଲଟିଥିଲା। ଚାରିଆଡେ ଉତ୍ତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା, ଜଳାପୋଡ଼ା, ପିଟାମରା ଓ ଲୁଟତରାଜ ଦେଖିବାକୁ ମିଳିଥିଲା। ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ଇସ୍ତଫା ଦାବି କରିଥିଲେ 'ୟେଲୋ ଜାକେଟ୍' ପରିହିତ ଆନ୍ଦୋଳନକାରୀ। ଗଣହିଂସାରେ ଏକାଧିକ ଲୋକ ମୃତ ଓ ୨୬୩ ଆହତ ହୋଇଥିବାବେଳେ ପୋଲିସ ହଜାରେରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରଥିଲା।

## ଭେନିଜୁଏଲା ସଙ୍କଟ

ତୈଳ ଖଣି ପାଇଁ ଏକଦା ଧନୀ ରାଷ୍ଟ୍ରରେ ଗଣାହେଉଥିବା ଭେନିଜୁଏଲା ଦରିଦ୍ର ଦେଶରେ ପରିଣତ ହୋଇଛି। ଏହାର ଅର୍ଥନୀତି ଦ୍ରୁତବେଗରେ ହ୍ରାସପାଇବାରେ ଲାଗିଛି। ଆକାଶଛୁଆଁ ଦର ବୃଦ୍ଧି, ପ୍ରଚୁର ଖାଦ୍ୟାଭାବ, ଦାରିଦ୍ର୍ୟ ଯୋଗୁ ଲକ୍ଷ ଲକ୍ଷ ଲୋକ ଦେଶ ଛାଡି ପଳାୟନ କରିଥିଲେ। ସର୍ବାଧିକ ଲୋକ କଲମ୍ବିଆ, ଚିଲି, ଇକ୍ୟୁଏଡରକୁ ଗଣପଳାୟନ କରିବା ଫଳରେ ମାନବୀୟ ସଙ୍କଟ ଦେଖାଦେଇଛି। ଏଭଳି ସଙ୍କଟ ପାଇଁ ରାଷ୍ଟ୍ରପତି ନିକୋଲାସ ମାଡୁରୋ ଓ ତାଙ୍କ ସରକାରକୁ ଅଧିକାଂଶ ଦାୟୀ କରିଛନ୍ତି।

## ସଂକ୍ଷେପରେ

### ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡପ ଅଭିଯୋଗ

**ରାଜନଗର, ୩୦।୧୨ (ଡିଏନଏ):** ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତ ଅଧୀନ ଚାରିପୋଖରିଆ ଗାଁର ଅଶୋକ ବରାଳଙ୍କ ବ୍ୟାଙ୍କ ଅଫ୍ ବରୋଦା ଆକାଉଣ୍ଟରୁ ଚଳିତମାସ ୨୬ ଓ ୨୭ ତାରିଖ ଦୁଇଦିନ ମଧ୍ୟରେ ୩୮ ହଜାର ଟଙ୍କା ହଡପ ହୋଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ଅଶୋକ ୨୫ ତାରିଖ ଦିନ କଟକ ବଡମେଡିକାଲ ଯାଇଥିଲେ। ସେଠାରେ ୨୫ ତାରିଖ ଦିନ ଏଟିଏମରୁ ୧୫ ହଜାର ଟଙ୍କା ଉଠାଇଥିଲେ। ମାତ୍ର ତାପର ଦୁଇଦିନ ୨୬ ଓ ୨୭ ତାରିଖରେ ତାଙ୍କ ଆକାଉଣ୍ଟରୁ ୩୮ ହଜାର ଟଙ୍କା ଏଟିଏମରୁ ଉଠାଯାଇଛି। ତାଙ୍କ ଏଟିଏମ ତାଙ୍କ ପାଖରେ ଥିବା ବେଳେ ଟଙ୍କା କିପରି ଉଠିଲା ସେ ନେଇ ଚାନ୍ଦିବାଉଁଶମୂଳସ୍ଥିତ ବ୍ୟାଙ୍କ ଶାଖା ଓ ବ୍ୟାଙ୍କ ଅଫ ବରୋଦାର ହେଡଅଫିସକୁ ଜଣାଇବା ସହ ରବିବାର ରାଜନଗର ଥାନାରେ ଅଶୋକ ଲିଖିତ ଅଭିଯୋଗ କରିଛନ୍ତି।

### ଆଳି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ଆଳି, ୩୦।୧୨ (ଡି.ଏନ୍.ଏ.):** ଆଳି ବ୍ଲକ ଅଧୀନ ବାଲକାଟି ପଞ୍ଚାୟତ ହାଇସ୍କୁଲ ପରିସରରେ ଆଳି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ବିରେନ୍ଦ୍ର ପଣ୍ଡା ଏଥିରେ ଅଧକ୍ଷତାରେ କରିଥିଲେ। ବୈଠକରେ ସଂଘ ସମ୍ପାଦକ ଲକ୍ଷ୍ମୀଧର ଦିକ୍ଷୀତ୍, ନଟବର ଦାଶ, ଦାଶରଥି ବେହେରା, ଅକ୍ଷୟ ମହାନ୍ତି, ଗୋବିନ୍ଦଚନ୍ଦ୍ର ନନ୍ଦ, ଶରତ ରାୟ, ନରହରି ପାତ୍ର, ଦିଗମ୍ବର ଦାଶ, ସୋମନାଥ ପଢିହାରୀ ପ୍ରମୁଖ ଯୋଗଦେଇ ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ କରିବା ସଙ୍ଗେସଙ୍ଗେ ସଂଘକୁ ସକ୍ରିୟ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଜିଲା ଓ ରାଜ୍ୟ ସଂଗଠନ ସହ ଆନ୍ଦୋଳନ ସମ୍ପର୍କରେ ଜିଲା ସହ ସଭାପତି ଭ୍ରମରବର ରାଉତ ଓ କାଳିପ୍ରସାଦ ନାୟକ ଆଲୋକପାତ କରିଥିଲେମ୍। ଏଥିସହିତ ଅବସରପ୍ରାପ୍ତ କର୍ମଚାରୀଙ୍କ ଚିକିତ୍ସା ଖର୍ଚ୍ଚ ବୃଦ୍ଧିକରିବା ଏବଂ ନିଶା ବିରୋଧରେ ସଚେତନତା ବାର୍ତ୍ତା ବାଣ୍ଟିବା ନିମନ୍ତେ ଆଲୋଚନା କରାଯାଇଥିଲା। ସେହିପରି ପୁରୀରେ ମହାପ୍ରଭୁ ଜଗନ୍ନାଥଙ୍କୁ ୧୪ ଘଣ୍ଟା ବନ୍ଦ ରଖାଯାଇ ଭକ୍ତଙ୍କ ମନରେ କୁଠାରଘାତ କରାଯାଇଥିବା ଘଟଣାକୁ ବୈଠକରେ ଘୋର ନିନ୍ଦା କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ଧନେଶ୍ୱର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ତବାରକ ଖାଁ, ମାୟାଧର ରାଉତ, ଶୁକଦେବ ମଲିକ, ପଦ୍ମଚରଣ ସେଠୀ, ମାଗୁଣୀ ଚରଣ ନାୟକ, ଚନ୍ଦ୍ର ଶେଖର ରାଉତ ପ୍ରମୁଖ ବୈଠକ ପରିଚାଳନା କରିଥିଲେ।

### ମଣ୍ଡପଡାରେ ଅଭିରାମ ପରମହଂସ ସତ୍‌ସଙ୍ଗ



**ପଟ୍ଟାମୁଣ୍ଡାଇ, ୩୦।୧୨ (ସ୍ୱ.ପ୍ର) :** ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଅନ୍ୟତମ ଲୀଳାକ୍ଷେତ୍ର ମଣ୍ଡପଡାଠାରେ ରବିବାର ସତସଙ୍ଗ ଅନୁଷ୍ଠିତ ହୋଇଥିଲା । ଏଥିରେ ପୁରୀ କରମଳା ମୁଖ୍ୟଆଶ୍ରମର ସନ୍ୟାସୀ ସଦାନନ୍ଦ ଦାସ, ହରେକୃଷ୍ଣ ଦାସ, ଭୀମସେନ ଦାସ, ଜଗବନ୍ଧୁ ଦାସ, ହରିଶଙ୍କର ଦାସ, ଦିବ୍ୟ ଚୈତନ୍ୟ ଦାସ, ଭାଗୀରଥି ଦାସ ଓ ବାବାଜୀ ଆନନ୍ଦ ଦାସ ମହାରାଜ ପ୍ରମୁଖ ସାଧୁସନ୍ଥ ଯୋଗ ଦେଇଥିଲେ । ପ୍ରତ୍ୟୁଷରୁ ବାବାଜୀ ଭୀମସେନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳ ଆଳତୀ, ଗୋଷ୍ଠୀ ପୂଜା, ଷୋଡଶ ଉପଚାର ପୂଜା ସମ୍ପାଦିତ ହୋଇଥିଲା । ସାଧୁସନ୍ଥମାନେ ଅଭିରାମ ପରମହଂସ ଦେବଙ୍କ ଦିବ୍ୟ ଚେତନା ସମ୍ପର୍କରେ ବାଖ୍ୟା କରିଥିବା ବେଳେ ଭଜନ, ଜଣାଣ ପରିବେଷଣ କରିଥିଲେ । ପଣ୍ଡିତ ପଦ୍ମନାଭ ତ୍ରିପାଠୀ ପ୍ରବଚନ ଦେଇଥିଲେ । ଏହି ସତସଙ୍ଗ ସମାରୋହକୁ ବିଜୟ ସାମଲ, ଜୟୀରାମ ସାମଲ ପରିଚାଳନା କରିଥିଲେ । ସତ୍‌ସଙ୍ଗରେ ଅଭୟ ବାବା, ଅନନ୍ତ ଚରଣ ମହାନ୍ତି, ନାରାୟଣ ଲେଙ୍କା, ପ୍ରସନ୍ନ ସାହୁ, ବରାହ ସାମଲ, ରମେଶ ସାହୁ, ଜୟରାମ ପ୍ରଧାନ, କୁମନ ଭାଇ, ଅଭିରାମ ସାମଲ, ଗୋଲଖ ବେହେରାଙ୍କ ସମେତ ଶତାଧିକ ଭକ୍ତ ଯୋଗ ଦେଇଥିଲେ ।

■ ଜମୁଛି ଭିତରକନିକା, ପେଣ୍ଠ ବେଳାଭୂମି

# ଗୋଟିଏ ଦିନରେ ୧୦ ହଜାର ପର୍ଯ୍ୟଟକଙ୍କ ଭିଡ଼



ପେଣ୍ଠ ବେଳାଭୂମିରେ ପର୍ଯ୍ୟଟକ ।



ଯୁବକମାନେ ବଣଭୋଜି କରୁଛନ୍ତି।

**ରାଜନଗର,୩୦।୧୨(ଡିଏନଏ)**

କେନ୍ଦ୍ରାପଡା ଜିଲାର ରାଜନଗର ବ୍ଲକରେ ଥିବା ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଓ ପେଣ୍ଠ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ପାଇଁ ରବିବାର ୧୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥିଲା। ଛୁଟିଦିନ ଥିବାରୁ ଶୀତକୁ ବେଖାତିର କରି ପର୍ଯ୍ୟଟକମାନେ ଏହି ଜାତୀୟ ଉଦ୍ୟାନ ସଂଲଗ୍ନ ବିଭିନ୍ନ ନଦୀ ନାଳରେ ନୌଯାତ୍ରା କରି ଭରପୁର ମଜା ଉଠାଇଥିଲେ। ସେହିପରି ବଙ୍ଗୋପସାଗର ତଟବର୍ତ୍ତୀ ବିସ୍ତୀର୍ଣ୍ଣ ବେଳାଭୂମିରେ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ରବିବାର ଗୋଟିଏ ଦିନରେ ଭିତରକନିକାରେ ୩ ହଜାର ୩୨୧ ଓ ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ୭ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଭିଡ ଜମିଥିଲା। ଭିତରକନିକାକୁ ସ୍ଥଳପଥରେ ୧୬୫୨ ପର୍ଯ୍ୟଟକ ଆସିଥିବା ବେଳେ ଜଳପଥରେ ୧୬୬୯ ପର୍ଯ୍ୟଟକ ଆସିଥିଲେ। ଗୁପ୍ତିରୁ ୨୯ଟି ବୋଟ୍‌ରେ ୪୯୬ ପର୍ଯ୍ୟଟକ ଆସିଥିବା ବେଳେ ଖୋଲା ନିକଟରୁ ୬୫ଟି ବୋଟ୍‌ରେ ୯୧୨ଜଣ ଓ ଚାନ୍ଦବାଲିରୁ ୧୦ଟି ବୋଟରେ ୧୬୩ ଜଣ ପର୍ଯ୍ୟଟକ ଭିତରକନିକାକୁ ଆସି ଏହାର ନୈସର୍ଗିକ ଶୋଭାକୁ ଉପଭୋଗ କରିଛନ୍ତି। ଏହାଛଡା ପ୍ରତିଦିନ ଦଳ ଦଳ ହୋଇ ଏଠାକୁ ଦେଶ ବିଦେଶର ପର୍ଯ୍ୟଟକଙ୍କର ସୁଅ ଛୁଟିଛି । ସେହିପରି ବଙ୍ଗୋପସାଗରର ପେଣ୍ଠ ବେଳାଭୂମି ନିକଟରେ ଥିବା ଝାଉଁବଣ ଓ ଲୁଣାଜଙ୍ଗଲରେ ଭିଡ ଜମିଥିଲା । ପର୍ଯ୍ୟଟକମାନେ ପେଣ୍ଠଠାରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମାଣ ହୋଇଥିବା ଜିଓ ସିନ୍ଥେଟିକ୍ ସାମୁଦ୍ରିକ ପ୍ରାଚୀରକୁ ଦେଖିଥିଲେ। ବେଳାଭୂମି ନିକଟ ଜଙ୍ଗଲରେ ଦଳ ଦଳ ହୋଇ ବଣଭୋଜିର ମଜା ନେଇଥିଲେ। ପେଣ୍ଠନିକଟ ସମୁଦ୍ରରେ ଅଧିକାଂଶ ପର୍ଯ୍ୟଟକ ଗୋଧୋଇବାର ମଜା ନେଇଥିଲେ।

## ୨ ଟ୍ରଲର ଜବତ , ୧୫ ମତ୍ସ୍ୟଜୀବୀ ଗିରଫ

### ଟ୍ରଲରରେ ନାବାଳକଙ୍କୁ ଶ୍ରମିକ ଭାବେ ଖଟାଯିବା ଅଭିଯୋଗ

**ରାଜନଗର, ୩୦।୧୨(ଡିଏନଏ)**

ବିରଳ ଅଲିଭରିଡଲେ କଇଁଛଙ୍କ ଏକ୍ଷୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଧଡକ ଭାବେ ମାଛ ମରାଯାଉଛି । ରବିବାର ବନବିଭାଗ ପାଟ୍ରୋଲିଂ ଟିମ୍ ବାବୁବାଲି ନିକଟରେ ୨ଟି ଟ୍ରଲର ଜବତ କରିବା ସହ ୧୫ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ଏସିଏଫ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ ପଇଁତରା ଦେଉଥିବା ବେଳେ ବାବୁବାଲି ନିକଟରେ ମାଛ ମାରୁଥିବା ମା’ ନାଚିଣ୍ଡା ଓ ମା’ ମୁଶ୍ରୀ ନାମକ ୨ଟି ଟ୍ରଲରକୁ ଜବତ କରିଥିଲେ। ୨ଟି ଟ୍ରଲରରେ ଥିବା ମତ୍ସ୍ୟଜୀବୀ ଗୋବିନ୍ଦ ମଣ୍ଡଳ, ଅତୁଲ କର, ଲବ କୁମାର ମାଇତି, ଗୌତମ ମଣ୍ଡଳ, ଧନଞ୍ଜୟ ମଣ୍ଡଳ, ରାମଚନ୍ଦ୍ର ବେରା, ବଳରାମ ଦାସ, ଗୋବିନ୍ଦ ବେରା, ଦିଲୀପ ମାଇତି, ବିକାଶ ଚନ୍ଦ୍ର ସାହୁ, ଗଣେଶ ଖଟୁଆ, ସୁନିଲ ସାମନ୍ତ, ନଳିନୀ ମାଇତି, ପୂର୍ଣ୍ଣଚନ୍ଦ୍ର ମଣ୍ଡଳ, ତ୍ରୈଲୋକ୍ୟ ଗିରିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମା’ ନାଚିଣ୍ଡା ଟ୍ରଲରରେ ଥିବା ଜଣେ ନାବାଳକଙ୍କୁ ତାଙ୍କ ପିତାମାତାଙ୍କ ଜିମା ଦିଆଯାଇଛି। ଟ୍ରଲର ମାଲିକମାନେ ନାବାଳକଙ୍କୁ ଟ୍ରଲରରେ ଶ୍ରମିକ ଭାବେ ଖଟାଇବା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି।

## ପଟ୍ଟାମୁଣ୍ଡାଇ ମହିଳା କଲେଜ କନିଷ୍ଠ କିରାଣି ନିଲମ୍ବିତ

**କେନ୍ଦ୍ରାପଡ଼ା ଅଫିସ୍, ୩୦।୧୨**

ପଟ୍ଟାମୁଣ୍ଡାଇ ଯୁକ୍ତ ୩ ମହିଳା ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ହୋଇଥିବା ଗତ ଅକ୍ଟୋବର ମାସରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପରେ କନିଷ୍ଠ କିରାଣି ସଞ୍ଜୟ କୁମାର ପଣ୍ଡାଙ୍କୁ ନିଲମ୍ବିତ କରାଯାଇଛି। ଗତ ୨୨ ତାରିଖରେ ଏଡିଏମ୍‌ଙ୍କ କାର୍ଯ୍ୟାଳୟରୁ ଏ ନେଇ ଏକ ଚିଠି (ନଂ- ୭୪୯୭) ମହାବିଦ୍ୟାଳୟକୁ ପଠାଯାଇଛି। ରବିବାର ପ୍ରାପ୍ତ ସୂଚନା ଅନୁଯାୟୀ, କଲେଜ ପାଣ୍ଠି ଅନିୟମିତତା ପାଇଁ ହୋଇଥିବା ଅଭିଯୋଗ ଅନୁଯାୟୀ, କିରାଣି ପଣ୍ଡାଙ୍କୁ ନିଲମ୍ବିତ କରାଯିବା ସହ ତାଙ୍କ ଦାୟିତ୍ୱରେ ଥିବା ସମସ୍ତ କାଗଜପତ୍ର ମହାବିଦ୍ୟାଳୟର ଅଧକ୍ଷାଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଭାଜପାର କାର୍ଯ୍ୟକର୍ତ୍ତା ବୈଠକ




ବୈଠକରେ ଭାଜପା କର୍ମକର୍ତ୍ତାମାନେ।

**ମାର୍ଶାଘାଇ, ୩୦।୧୨(ଡିଏନଏ)**

ମାର୍ଶାଘାଇ ବ୍ଲକର କାନପୁରସ୍ଥିତ ଶାରଳା ମଣ୍ଡପରେ ଭାଜପାର ମହାକାଳପଡା ନିର୍ବାଚନମଣ୍ଡଳୀସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି।୨୫ ନଂ ଜୋନ୍ ଭାଜପା ସଭାପତି ଇଂ ପ୍ରକାଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ,ବରିଷ୍ଠ ନେତା ଭୁବନ ମୋହନ ଜେନା,ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା ଅତିଥି ଭାବେ ଯୋଗ ଦେଇ ଆସନ୍ତା ନିର୍ବାଚନରେ ଦଳର ପ୍ରାର୍ଥୀଙ୍କ ବିଜୟ ପାଇଁ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ସାଧାରଣ ସଂପାଦକ ହେମନ୍ତ ପରିଡା,ସଂପାଦକ ପ୍ରସନ୍ନ ପରିଡା,ବିକ୍ରମ ରାଉତରାୟ,ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସୁକାନ୍ତ ଦାସ,୧୯ ନଂ ଜୋନ୍ ପ୍ରଭାରୀ ରବି ବଳବନ୍ତରାୟ,ସଭାପତି ସତ୍ୟ ପ୍ରକାଶ ସାମଲ,୨୦ନଂ ଜୋନ ସଭାପତି ଆଇନଜୀବୀ ପ୍ରକାଶ ପ୍ରଧାନ,୨୨ ନଂ ଜୋନ ସଭାପତି ଡ.ଗୋଲକ ନାଉରୀ,୨୬ନଂ ଜୋନ୍ ସଭାପତି ରମେଶ ପ୍ରଧାନ,୨୩ ନଂ ଜୋନ୍ ସଭାପତି ସମ୍ରାଟ୍ ଦେବନାଥ ପ୍ରମୁଖ ଯୋଗ ଦେଇ ନିଜ ନିଜ ଅଞ୍ଚଳର ସାଂଗଠନିକ ସ୍ଥିତି ସଂପର୍କରେ ମତ ରଖିଥିଲେ। ମହାକାଳପଡା ବ୍ଲକ ମହିଳା ମୋର୍ଚ୍ଚା ସଭାନେତ୍ରୀ ରୀନାରାଣୀ ପରିଡା ଧନ୍ୟବାଦ ଦେଇଥିଲେ। ବୈଠକରେ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ଏବଂ ମହାକାଳପଡା ବ୍ଲକର ୭ଟି ଜୋନର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ

**ପାଟକୁରା, ୩୦।୧୨ (ଡି.ଏନ୍.ଏ.)**

ପାଟକୁରା ଥାନା ଅଧୀନ ବନ୍ଧକଟା ଗ୍ରାମର ନିଖୋଜ ଯୁବକ ଦୀପକ ପଣ୍ଡା (୩୦)ଙ୍କ ଶବ ରବିବାର ଚିତ୍ରୋତ୍ପଳା ନଦୀର ମାଣ୍ଡିଆକୁଦ ନିକଟରୁ ଉଦ୍ଧାର କରାଯାଇଛି। ରବିବାର ସକାଳୁ ତାଙ୍କ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ପରେ ସେ ବନ୍ଧକଟା ଗ୍ରାମର ଦୀପକ ବୋଲି ଜଣାପଡିଥିଲା। ଦୀପକ କେରଳର ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ବାପାଙ୍କ ଶ୍ରାଦ୍ଧ ଦେବାକୁ ସେ ଗତ ବୁଧବାର ଘରକୁ ଅସିଥିବା ବେଳେ ବୁଲା ବୁଲି କରିବାକୁ ଘରୁ ବାହାରି ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ତାଙ୍କର ପତ୍ତା ମିଳି ନଥିଲା। ରବିବାର ଦୀପକଙ୍କ ଶବ ଉଦ୍ଧାର ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଛୁଟିଦିନରେ ଜିଲାପାଳଙ୍କ ଅଚାନକ ରାଜନଗର ଗସ୍ତ

**ରାଜନଗର, ୩୦।୧୨(ଡିଏନଏ)**



ରାଜନଗରରେ ଜିଲାପାଳ ଓ ଅନ୍ୟମାନେ।

କେନ୍ଦ୍ରାପଡା ଜିଲାପାଳ ଦାଶରଥୀ ଶତପଥୀ ରବିବାର ଛୁଟିଦିନରେ ଅଚାନକ ରାଜନଗର ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ରାଜନଗର ବ୍ଲକର ମଙ୍ଗରାଜପୁର ଠାରେ ନିର୍ମାଣ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟର ସ୍ଥାନ ପରିଦର୍ଶନ କରିବା ସହ ୭ ବର୍ଷ ହେଲା ମହିଳା ଓ ଶିଶୁବିକାଶ ବିଭାଗର ଦୁଇମହଲା ବିଶିଷ୍ଟ ଅର୍ଦ୍ଧନିର୍ମିତ ଗୃହକୁ ଦେଖିଥିଲେ। ଦୀର୍ଘଦିନ ହେଲା ଘର ନିର୍ମାଣ ଶେଷ ହୋଇ ନ ଥିବାରୁ ଏହା ଶେଷ ହେବା ପାଇଁ ଅବଶିଷ୍ଟ ଆର୍ଥିକ ଅନୁଦାନ କାହିଁକି ଯୋଗାଇ ଦିଆଯାଇନାହିଁ, ସେ ନେଇ ତନଖି କରିଥିଲେ। ଏଥିସହ ରାଜନଗର ରାଜସ୍ୱ ଡାକବଙ୍ଗଳା ପରିସରରେ ନିର୍ମାଣ ହେବାକୁ ଥିବା ନୂତନ ତହସିଲ କାର୍ଯ୍ୟାଳୟ ଓ ଡାକବଙ୍ଗଳା ଗୃହ ପାଇଁ ସ୍ଥାନ ଦେଖିଥିଲେ। ଏହି ବ୍ଲକର ଓସ୍ତିଆ ବନ୍ଧପାଟଣା ସେତୁ ଓ ଚନ୍ଦନପୁର ସେତୁର ନିର୍ମାଣ କାମ ଦୀର୍ଘଦିନ ହେବ ଶେଷ ହୋଇଛି। ମାତ୍ର ଦୁଇଟି ସେତୁର ଆପ୍ରୋଚ ରୋଡ ଦୀର୍ଘ ୫ ବର୍ଷ ହେଲା ନିର୍ମାଣ ହୋଇପାରୁନାହିଁ। ସେଠାକାର ଲୋକେ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାପାଳ ଦୁଇଟି ସେତୁ ଦେଖିବା ସହ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଅଣତାଲିମପ୍ରାପ୍ତ ଶିକ୍ଷକଙ୍କ ତାଲିମ ଶିବିର

**କେନ୍ଦ୍ରାପଡା ଅଫିସ, ୩୦।୧୨**

ସହରର ତିନିମୁହାଣୀସ୍ଥିତ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ୧୫ ଦିନ ଧରି ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥା ପକ୍ଷରୁ ଚାଲିଥିବା ଡିପ୍ଲୋମା ଇନ ଏଲିମେଣ୍ଟାରୀ ଏଜୁକେଶନ ସ୍ୱଳ୍ପକାଳୀନ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏ ନେଇ ମହାବିଦ୍ୟାଳୟ ଅଧ୍ୟାପକ ଶୁଭାଶିଷ ଜେନାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ସଞ୍ଜୟ କେତନ ସ୍ୱାଇଁ, ଡା. ଦେବୀପ୍ରସନ୍ନ ବାରିକ, ସରୋଜକାନ୍ତ ବାରିକ ଅମୀୟ କୁମାର ମଲ୍ଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ପ୍ରତି କର୍ତ୍ତବ୍ୟ, ଗୁଣାତ୍ମକ ଶିକ୍ଷା ପ୍ରଦାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ବହୁ ଅଣତାଲିମପ୍ରାପ୍ତ ଶିକ୍ଷୟତ୍ରୀଶିକ୍ଷକ ଯୋଗ ଦେଇଥିଲେ।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ମାର୍ଶାଘାଇ, ୩୦।୧୨(ଡିଏନଏ)**

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୨ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ମାର୍ଶାଘାଇ ଯଜ୍ଞ ମଠ ପ୍ରାଙ୍ଗଣରେ ନିକଟରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ଅଜିତ୍ ନାୟକଙ୍କ ସଂଯୋଜନାରେ ବିଭ୍ରାଂଶୁ ଶେଖର ଲେଙ୍କା,ଶିକ୍ଷାଂଶୁ ଲେଙ୍କା,ଅଜିତ ନାୟକ, ଆଇନଜୀବୀ ଯଶୋବନ୍ତ ରାଉତ, ବିକ୍ରମ ବଡଜେନା, ବୁଲୁକିଶୋର ବେହେରା, ଗୋବର୍ଦ୍ଧନ ସାହୁ, ପ୍ରୀତିଶ୍ ମହାନ୍ତି, ପ୍ରକାଶ ବସନ୍ତିଆଙ୍କ ସମେତ ୫୮ ଜଣ ପୁରାତନ ଛାତ୍ର ଏହି ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ଥିଲେ। ଛାତ୍ରମାନେ ସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ।

## ଖଡିଅଣ୍ଟା ସୋସାଇଟି ଅଫିସରୁ ତାଲା ଭାଙ୍ଗି ଚୋରି

**ପଟ୍ଟାମୁଣ୍ଡାଇ, ୩୦।୧୨ (ସ୍ୱ.ପ୍ର)**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଅଧୀନରେ ଥିବା ଖଡିଅଣ୍ଟା ପ୍ରାଥମିକ କୃଷି ସମବାୟ ସମିତି ଅଫିସରୁ ଚୋରି ହୋଇଛି । ଶନିବାର ରାତି ୯ଟା ବେଳେ ସମବାୟ ସମିତି ସଭାପତି ଭରତ ରଥଙ୍କ ଅଫିସ ତାଲା ଭାଙ୍ଗି ୪ ଜଣ ଯୁବକଙ୍କ ସହ ବ୍ୟାଙ୍କ ଶାଖାର ଜଣେ କର୍ମଚାରୀ ଗୋଟିଏ କମ୍ପ୍ୟୁଟର ସହ ଗୁରୁତ୍ୱପୂର୍ଣ୍ଣ ରେକର୍ଡପତ୍ର ଚୋରି କରି ନେଇ ଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ସଭାପତି ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦେଇଛନ୍ତି । ରାତ୍ରୀ ଜଗୁଆଳି ରମେଶ ମଲିକ ମଧ୍ୟ ପୋଲିସ ନିକଟରେ ଘଟଣା ସଂପର୍କରେ ବୟାନ ଦେଇଛନ୍ତି । ପୋଲିସ ଏହି ଘଟଣାର ଖୋଳତାଡ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଗତ ୩ ବର୍ଷ ହେଲା ଖଡିଅଣ୍ଟା ପ୍ରାଥମିକ ସମବାୟ ସମିତିରେ ବିଭିନ୍ନ ଦୁର୍ନୀତି ଓ ହେରଫେର କାର୍ଯ୍ୟ ଚାଲିଥିବା ନେଇ ଅଭିଯୋଗ ହୋଇ ଆସୁଛି । ଫଳରେ ଚାଷୀମାନେ ନାନା ହଇରାଣ ହରକତ ହେବା ସହିତ କୃଷି ଋଣ ପାଇବାରୁ ବଞ୍ଚିତ ହୋଇ ଅଭାବୀ ଧାନ ବିକ୍ରିର ଶିକାର ହୋଇ ଆସୁଛନ୍ତି । ବ୍ୟାଙ୍କର ହିସାବ ରକ୍ଷକ ଜୟୀନାରାୟଣ ଦାସଙ୍କ ଚାଷୀ ବିରୋଧୀ କାର୍ଯ୍ୟକ୍ରମ ଯୋଗୁ ସମବାୟ ସମିତି ସଭାପତି ରଥ ଗତ ସେପ୍ଟେମ୍ବର ୨୫ ତାରିଖରେ ତାଙ୍କୁ ରିଲିଭ କରି ଦେଇଥିଲେ । ଏବେ ହିସାବରକ୍ଷକ ଜଣକ ସ୍ଥାନୀୟ ବ୍ୟାଙ୍କ ଶାଖାରେ କାର୍ଯ୍ୟ କରୁଛନ୍ତି । ଅପରପକ୍ଷେ ହିସାବରକ୍ଷକ ଦାସ ଖଡିଅଣ୍ଟା ସୋସାଇଟିରେ କରିଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଉକ୍ତ ସମବାୟ ସମିତିର ୫ଶହରୁ ଉର୍ଦ୍ଧ୍ୱ ଚାଷୀ ଓ ନିର୍ବାଚିତ ନିର୍ଦ୍ଦେଶକମାନେ ଗତ ୨୯ ତାରିଖରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିଙ୍କ ନିକଟରେ ଦାବି କରିଛନ୍ତି । ଏହାଛଡା ଏ ସମ୍ପର୍କରେ ଚାଷୀମାନେ ଜିଲାପାଳ , ସମବାୟ ବିଭାଗ ଉପସହକାରୀ ନିର୍ଦ୍ଦେଶକ, ପଟ୍ଟାମୁଣ୍ଡାଇ ତହସିଲଦାର ଓ ଶାଖା ପରିଚାଳକଙ୍କୁ ଅବଗତ କରିଛନ୍ତି । ଶାଖାର ହିସାବ ରକ୍ଷକ ତଥା ଖଡିଅଣ୍ଟା ସୋସାଇଟିରେ ପୂର୍ବରୁ ସମ୍ପାଦକ ଦାୟିତ୍ୱରେ ଥିବା ଜୟନାରାୟଣ ଦାସ ତଦନ୍ତ ଭୟରେ ରେକର୍ଡ ନଷ୍ଟ ପାଇଁ ଏହି ଚୋରି ଘଟଣାରେ ସଂପୃକ୍ତ ଥିବା ସଭାପତି ରଥ ଅଭିଯୋଗ କରିଛନ୍ତି।

## କେଶପୁରକୁ ହରାଇ ନୀଳକଣ୍ଠପୁର ଚାମ୍ପିୟନ

■ ୟୁଆଣ୍ଡଏମ୍‌ଇ କ୍ରିକେଟ୍ ଟୁର୍ନାମେଣ୍ଟ

**ଡେରାବିଶ, ୩୦।୧୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଗୋପାଳଜୀଉ ପାଟଣାଠାରେ ୟୁଆଣ୍ଡଏମ୍‌ଇ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ଦିନିଆ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ନୀଳକଣ୍ଠପୁରର ମା’ ବୁଢ଼ୀଜାଗୁଳାଇ କ୍ରିକେଟ୍ କ୍ଲବ ଓ କେଶପୁରର ଆର୍‌କେଡିଡି କ୍ରିକେଟ୍ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ବୁଢ଼ୀଜାଗୁଳାଇ ଟିମ୍ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଆରକେଡିଡି ଟିମ୍ ବ୍ୟାଟିଂ କରି ୧୫ ଓଭରରେ ୧୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ମା’ ବୁଢ଼ୀଜାଗୁଳାଇ କ୍ଲବ ଶେଷ ୱିକେଟ୍‌ରେ ଲକ୍ଷ୍ୟ ହାସଲ କରି ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ହଳଧର ଦାଶ ଅଧକ୍ଷତା କରିଥିଲେ। ବରିଷ୍ଠ ବିଜେଡି ନେତା ରବି ସାମଲ ମୁଖ୍ୟଅତିଥି ଓ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପ୍ରାଧ୍ୟାପକ ପ୍ରଭାକର ସାମଲ, ଚାଟରାଚକଡ଼ା ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ, ସୁଶାନ୍ତ କୁମାର ମିଶ୍ର, ଲକ୍ଷ୍ମୀକାନ୍ତ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଟିମ୍ ଓ ରନର୍ସ ଅପ୍ ଟିମ୍‌କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶନିବାର ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମିତ୍ ମଧୁସୁଦନ ଦାସ, ସୌମ୍ୟ ବେହେରା, ମିର୍ଜା ବସିର ବେଗ୍, ଶୁଭେନ୍ଦୁ କୁମାର, କରୁଣାକର ଜେନା, ଲକ୍ଷ୍ମୀଧର ମଲ୍ଲିକ, ପ୍ରସନ୍ନ ବେହେରା, ସତ୍ୟବ୍ରତ ବେହେରା, ରାଜକିଶୋର ଘଡ଼େଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

■ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ତେଜୁଛି ଅସନ୍ତୋଷ

# ମରାମତି ଅଭାବରୁ ରାସ୍ତା ମରଣଯନ୍ତା

**ଆଳି, ୩୦।୧୨ (ଡି.ଏନ୍.ଏ)**

ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତ କଚ୍ଚା ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଅନେକ ଗାଁରେ ଏବେ ବି ସେହି ମାଟି କାଦୁଅ ରାସ୍ତା ଥିବା ବେଳେ ଲୋକମାନେ ଯାତାୟାତ ପାଇଁ ନାନା ଅସୁବିଧା ଭୋଗୁଛନ୍ତି। ଖାଲଖମା ରାସ୍ତା ଦେଇ ଯିବା ବେଳେ କେତେଜଣ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ମଧ ପଡୁଥିବା ନଜିର ରହିଛି। ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଯାଉ ନଥିବାରୁ ଲୋକମାନେ ହଇରାଣ ହେଉଥିବା ଦେଖାଯାଉଛି। କଟକ-ଚାନ୍ଦବାଲି ରାସ୍ତା ସଂଲଗ୍ନ ଗ୍ରାମ୍ୟ ଉନ୍ନୟନ ରାସ୍ତା ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତକୁ ବାହ୍ୟଜଗତ ସହ ଯୋଗାଯୋଗର ଏକମାତ୍ର ମାଧ୍ୟମ ହୋଇଥିବା ବେଳେ ଏହା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ନିର୍ମାଣକୁ ଦୀର୍ଘଦିନ ବିତିଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଏହାର ମରାମତି ପ୍ରତି ଦୃଷ୍ଟି ଦେଉ ନଥିବାରୁ ରାସ୍ତାର ଅଧିକାଂଶ ସ୍ଥାନରୁ ପିଚୁ ଉଠି ଖାଲଖମା ସୃଷ୍ଟି ହୋଇଛି। ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଅନେକ ସମୟରେ ବାଇକ୍ ଓ ସାଇକେଲ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ବ୍ଲକ, ତହସିଲ, ଡାକ୍ତରଖାନା ଓ ଇଲେକ୍ଟ୍ରିଅଫିସ୍ ଆଦିକୁ ଯିବା ପାଇଁ ନରେନ୍ଦ୍ରପୁର ପଞ୍ଚାୟତବାସୀଙ୍କ ପାଇଁ ଏହା ଏକମାତ୍ର ରାସ୍ତା ହୋଇଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ରାସ୍ତା ପୁନରୁଦ୍ଧାର ପାଇଁ ପଞ୍ଚାୟତବାସୀ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ ହେଁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପତ୍ରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ଜେନାଙ୍କୁ ପଚାରିବାରେ ଗତ ମାର୍ଚ୍ଚରୁ ଏହି ରାସ୍ତା କାର୍ଯ୍ୟ ପାଇଁ ଟେଣ୍ଡର ସରିଛି। କାର୍ଯ୍ୟାଦେଶ ପାଇଥିବା ଠିକାସଂସ୍ଥା କାର୍ଯ୍ୟ ଆରମ୍ଭ କରିବାରେ ବିଳମ୍ବ କରୁଥିବାରୁ ରାସ୍ତାଟି ଶୋଚନୀୟ ଅବସ୍ଥାରେ ପଡ଼ିଥିବା କନିଷ୍ଠ ଯନ୍ତ୍ରୀ ଜେନା କହିଛନ୍ତି। ତେବେ ତୁରନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଅଞ୍ଚଳର ବଂଶୀଧର ସ୍ୱାଇଁ, ଭିକାରୀ ସେଠୀ, ସତ୍ୟଜିତ ସାହୁ, ବିଜୟ ମହାନ୍ତି, ଫକୀର ମୋହନ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ଅଖିଳ ରାଉତଙ୍କ ସମେତ ନରେନ୍ଦ୍ରପୁରର ସଂଘଶ୍ରୀ କ୍ଲବ ସଦସ୍ୟମାନେ ଦାବି କରିଛନ୍ତି।



କଟକ-ଚାନ୍ଦବାଲି ରାସ୍ତା ସଂଲଗ୍ନ ଗ୍ରାମ୍ୟ ଉନ୍ନୟନ ରାସ୍ତା।




## ସଂକ୍ଷେପରେ

### ପିପିଟି ହାଇସ୍କୁଲ୍ ୧୯୯୪ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



**ପାରାଦୀପ,୩୦।୧୨(ସ୍ୱ.ପ୍ର.):** ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୯୪ ବ୍ୟାଚ ଛାତ୍ରୀଛାତ୍ରଙ୍କ ରୌପ୍ୟ ଜୟନ୍ତୀ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ନୂଆବଜାରସ୍ଥ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ଛାତ୍ରୀଛାତ୍ର ଓ ସେମାନଙ୍କ ପିଲାମାନେ ଯୋଗ ଦେଇଥିଲେ। ଏଥିରେ ଛାତ୍ର ଜୀବନର ଅନୁଭୂତି ଓ ବର୍ତ୍ତମାନ ଜୀବନଶୈଳୀ ସମ୍ପର୍କରେ ଆଲୋଚନା ହୋଇଥିଲା।

### ନବନିର୍ମାଣ କୃଷକ ସଂଗଠନର ବୈଠକ

**ରାଜନଗର, ୩୦।୧୨(ଡିଏନଏ):** ରାଜନଗର ବ୍ଲକ ଘଡିଆମାଳସ୍ଥିତ ହନୁମାନ ମନ୍ଦିର ପରିସରରେ ନବନିର୍ମାଣ କୃଷକ ସଂଗଠନର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ଶତ୍ରୁଘ୍ନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୃଷକନେତା ଦାଶରଥୀ ସାହୁ, ଦୋଳଗୋବିନ୍ଦ ସାହୁ, ମଙ୍ଗୁଳି ସାହୁ, ରିତ ପଟ୍ଟନାୟକ, ଧନେଶ୍ୱର ସୂତାର ପ୍ରମୁଖ ଯୋଗଦେଇ କୃଷକମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ପ୍ରାଇସ, ପ୍ରେଷ୍ଟିଜ, ପେନସନ ପାଇଁ ଏହି ସଂଗଠନ ଦୀର୍ଘଦିନ ହେବ ଦାବି କରିଆସୁଛି। କୃଷକନେତା ରମାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ଧୁମିଳନରେ ଅଧାତ୍ମିକତାକୁ ଗୁରୁତ୍ୱ ପ୍ରଦାନ



**ରଘୁନାଥପୁର, ୩୦ ।୧୨( ଡି.ଏନ.ଏ.):** ରଘୁନାଥପୁର ବ୍ଲକ ରେଡୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ବିଦ୍ୟାମନ୍ଦିର ୧୯୮୨ ବ୍ୟାଚ ପୁରାତନ ଛାତ୍ରୀଛାତ୍ରଙ୍କ ବିନ୍ଧୁମିଳନ ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚର ପୁରାତନ ଛାତ୍ର ତଥା ଅଧାତ୍ମିକ ଗୁରୁ ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି ଯୋଗଦେଇ ଗୃହସ୍ଥ ଜୀବନରେ ସମସ୍ତ ସହପାଠୀଗଣ ଅଧାତ୍ମିକତାକୁ ଗୁରୁତ୍ୱ ଦେବାକୁ ମତ ରଖିଥିଲେ। ଯୋଗ ଅଭ୍ୟାସ କରି ଶରୀରକୁ ନିରୋଗ ରଖିବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର କ୍ଷେତ୍ରମୋହନ ବେହେରାଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ଡ. ତପନ କୁମାର ଜେନା, ଅଧାପକ ବଳରାମ ପାଲ, ଅଜୟ କୁମାର ଖଟୁଆ, ସୋମାଂଶୁ ଜେନା, ଲିଙ୍ଗରାଜ ମହାପାତ୍ର, ପ୍ରତୀମା ମହାପାତ୍ର ଓ ଗୁରୁବାଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ସମାଜରେ ସଂସ୍କାରମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିବା ସହ ବିଦ୍ୟାଳୟର ବହୁବିଧ ଉନ୍ନତି ଓ ଆସନ୍ତା ଜୁଲାଇରେ ପରିସରରେ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉପସ୍ଥିତ ୪୦ ଜଣ ଛାତ୍ରୀଛାତ୍ର ଏହାକୁ ସମର୍ଥନ କରିବା ସହ ଆଗାମୀଦିନରେ ପରିବେଶକୁ କୁପ୍ରଭାବ ପକାଉଥିବା ପ୍ଲାଷ୍ଟିକ ଜାତ ପଲିଥିନ ତଥା ଅନ୍ୟାନ୍ୟ ସାମଗ୍ରୀକୁ ହଟାଇବାକୁ ସ୍ଥିର ହୋଇଥିଲା।

## ■ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦିଗହରା

# ଜଣଙ୍କ ନାମରେ କାମ, ଅନ୍ୟଜଣଙ୍କୁ ଟଙ୍କା

**ଜଗତ୍‌ସିଂହପୁର ଅଫିସ, ୩୦।୧୨**

**ଗୋଡ଼ା ପଞ୍ଚାୟତ ଦୁର୍ନୀତି ଗୁମର ଫିଟୁଛି**
- ଭୁଲ ସୁଧାରିବା ପାଇଁ ଆଉ ଏକ ଭୁଲ
- ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି

ଗରିବ ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କାଘର ଖଣ୍ଡିଏ ପ୍ରଦାନ କରିବାକୁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) କରିଛନ୍ତି। କିନ୍ତୁ ଏହି ଯୋଜନା କାର୍ଯ୍ୟକାରୀ କରିବାରେ ଦୁର୍ନୀତି କରାଯାଉଥିବାରୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନି। ସ୍ୱତଃ ଅଗ୍ରାଧିକାର (ଅଟୋ ପ୍ରାୟୋରିଟି) ତାଲିକା ଥିଲେ ସୁଦ୍ଧା ତାହା ପାଳନ କରାଯାଉନି। କେତେକ କ୍ଷେତ୍ରରେ ଅସାଧୁ ସରକାରୀ କର୍ମଚାରୀ, ରାଜନେତା ଓ ଠିକାଦାର ମିଶି ମନଇଚ୍ଛା କାର୍ଯ୍ୟାଦେଶ ବାଣ୍ଟୁଛନ୍ତି। ଏପରି କି ଜଣେ ଘର କରିଥିବା ବେଳେ ଅନ୍ୟଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ କିସ୍ତି ଟଙ୍କା ଯିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତରେ।

ସୂଚନା ଅନୁଯାୟୀ, ପଞ୍ଚାୟତର କେଉଁମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦିଆଯିବ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କାହାକୁ ଅଗ୍ରାଧିକାର ଭିତ୍ତିରେ ଘର ଦିଆଯିବ ତାହାର ତାଲିକା କରାଯାଇଥିଲା। କିନ୍ତୁ ଏହି ତାଲିକା ରାଜସ୍ୱ ଗ୍ରାମ ଅନୁଯାୟୀ କରା ନ ଯାଇ ପଞ୍ଚାୟତୱାରୀ କରାଯାଇଥିବାରୁ ଅସୁବିଧା ହୋଇଥିଲା। ତେଣୁ ପରବର୍ତ୍ତୀ ସମୟରେ ରାଜସ୍ୱ ଗାଁ ଅନୁଯାୟୀ ତାଲିକା କରାଯାଇଥିଲା। କିନ୍ତୁ ପୁରୁଣା ତାଲିକା ଅନୁଯାୟୀ ଯେଉଁ ଗାଁର ଯିଏ ୧,୨,୩ କ୍ରମାନୁସାରେ ସେମାନେ କାର୍ଯ୍ୟାଦେଶ ପାଇବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ସରପଞ୍ଚ, ନିର୍ବାହୀ ଅଧିକାରୀ ଓ କେତେକ ପ୍ରଭାବଶାଳୀ ନେତା ଅଗ୍ରାଧିକାର ତାଲିକାକୁ ପଛରେ ପକାଇ ମନଇଚ୍ଛା କାର୍ଯ୍ୟାଦେଶ ବାଣ୍ଟିଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଆଲୋଚନା ଥମି ନ ଥିବାବେଳେ ପୁଣି ଦୁର୍ନୀତି ନଜରକୁ ଆସିଛି। ଏହି ଯୋଜନାରେ ଜଣଙ୍କ ନାମରେ କାମ ଥିବାବେଳେ ଅନ୍ୟଜଣଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଛି। ସୂଚନା ଅନୁଯାୟୀ, ଏହି ପଞ୍ଚାୟତ ଅଧୀନ ଘୋଷାଘର ଗାଁର ଗୌରାଙ୍ଗ ବାରିକଙ୍କ ପୁଅ ପ୍ରକାଶଙ୍କୁ ପିଏମ୍‌ଏୱାଇରେ ଘର କରିବାକୁ ଅନୁମତି ମିଳିଥିଲା। କିନ୍ତୁ କିସ୍ତି ଟଙ୍କା ଯାଇଥିଲା ଝାଟୁ ବାରିକଙ୍କ ପୁଅ ପ୍ରକାଶଙ୍କ ଆକାଉଣ୍ଟକୁ। ଅଗ୍ରାଧିକାର ତାଲିକାରେ ଗୌରାଙ୍ଗଙ୍କ ପୁଅ ପ୍ରକାଶଙ୍କ ନାମ ଆଗରେ ଥିଲା। ତେଣୁ ତାଙ୍କୁ ପ୍ରଥମେ କାର୍ଯ୍ୟାଦେଶ ଦେବା ନିମନ୍ତେ ଘରବାରି ପଟା, ଆଧାର କାର୍ଡ ଆଦିର ନକଲ ମଗାଯାଇଥିଲା। ଏସବୁ କାଗଜପତ୍ର ସେ ପଞ୍ଚାୟତରେ ଦାଖଲ କରିଥିଲେ। କାଗଜପତ୍ର ଦାଖଲ ପରେ ନିୟମ ଅନୁଯାୟୀ ପଞ୍ଜୀକରଣ ହୋଇଥିଲା। କିନ୍ତୁ ଝାଟୁଙ୍କ ପୁଅ ପ୍ରକାଶଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ଏହା ଜଣାପଡ଼ିବା ବେଳକୁ ୪ କିସ୍ତି ଟଙ୍କା ଯାଇସାରିଥିଲା। ଗୌରାଙ୍ଗଙ୍କ ପୁଅ ପ୍ରକାଶ ଘର କରି ସାରିଛନ୍ତି ବୋଲି ମଧ୍ୟ ବିଭାଗୀୟ ପୋର୍ଟାଲରେ ଦର୍ଶାଯାଇଥିଲା। ତେଣୁ ଭବିଷ୍ୟତରେ ସେ ଆଉ ଟଙ୍କା ପାଇବାର ରାସ୍ତା ନ ଥିଲା। ଏ ସମ୍ପର୍କରେ ସେ ପଞ୍ଚାୟତରେ ଅଭିଯୋଗ କରିଥିଲେ। ଏହାପରେ ପଞ୍ଚାୟତ ପକ୍ଷରୁ ଯେଭଳି ତାଙ୍କ ଟଙ୍କାକୁ ଝାଟୁଙ୍କ ପୁଅ ପ୍ରକାଶଙ୍କ ଆକାଉଣ୍ଟକୁ ପଠାଯାଇଥିଲା, ଅନୁରୂପ ଭାବେ ତାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାକୁ ବ୍ୟବସ୍ଥା ହୋଇଥିଲା। ଅର୍ଥାତ ଝାଟୁଙ୍କ ପୁଅ ପ୍ରକାଶଙ୍କୁ କାର୍ଯ୍ୟାଦେଶ ଦେଇ ଗୌରାଙ୍ଗଙ୍କ ପୁଅ ପ୍ରକାଶଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାକୁ ବ୍ୟବସ୍ଥା କରାଯାଇଥିଲା। ତେବେ ଏଭଳି ତ୍ରୁଟି କିପରି ହେଲା। ୪ କିସ୍ତି ଟଙ୍କା ଉଠାଯିବା ବେଳେ କେଉଁ ପକ୍କା ଘର ଓ ବ୍ୟକ୍ତିଙ୍କ ଫଟୋ ଉଠାଯାଇଥିଲା, କାର୍ଯ୍ୟାଦେଶରେ କିଏ ଦସ୍ତଖତ କରିଥିଲେ ଆଦି ଉପରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି। କେବଳ ପ୍ରକାଶ ନୁହନ୍ତି, ଅନେକଙ୍କ କ୍ଷେତ୍ରରେ ଏଭଳି କରାଯାଇଥିବା ସନ୍ଦେହ କରାଯାଉଛି।

### ଶ୍ରୀଅରବିନ୍ଦ ପାଠଚକ୍ର



**କୁଜଙ୍ଗ,୩୦।୧୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ପାନପୁଲୀ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଛି। ଗ୍ରାମର ବୈରାଗୀ ଗୋଛାୟତଙ୍କ ପୌରୋହିତ୍ୟରେ ଅବନାଘର ପକ୍ଷରୁ ଆହୁତ ଏହି ପାଠଚକ୍ରରେ ଅବସରପ୍ରାପ୍ତ ବ୍ୟାଙ୍କ୍ ପରିଚାଳକ ବାସୁଦେବ ନାୟକ ପୌରୋହିତ୍ୟ କରିଥିଲେ। ଏହି ପାଠଚକ୍ରରେ ଜନ୍ମଦିନର ମହତ୍ତ୍ୱ ବିଷୟରେ ଶ୍ରୀଅରବିନ୍ଦ ଓ ଦିବ୍ୟ ଜନନୀ ଶ୍ରୀମାଙ୍କ ବାଣୀ, ମାର୍ଗଦର୍ଶନ ବିଷୟରେ ଆଲୋକପାତ କରାଯାଇଥିଲା। ଶ୍ରୀ ଅରବିନ୍ଦ ଦର୍ଶନ ଉପରେ ପଞ୍ଚାନନ ସାହୁ, ସୁରେଶ କୁମାର ସାମଲ, ସୁଲୋଚନା ବେହେରା, ମୀନତୀ ନାୟକ, ସସ୍ମିତା ନାୟକ, ଆଇନଜୀବୀ ଶ୍ରୀଧର ବିଶ୍ୱାଳ ଓ ବିଭୂତି ଭୂଷଣ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅବନା ଘରର ପ୍ରତିଷ୍ଠାତା ଗିରିଧାରୀ ସାହୁଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରାଯାଇଥିଲା।

## ଶ୍ରୀଜଗନ୍ନାଥ ପୂଜା କମିଟି ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

**ବାଲିଆ,୩୦।୧୨**

ବିରିଡ଼ି ବ୍ଲକ ୨୨ମୌଜା ଶଙ୍ଖାରିସାହିର ଶ୍ରୀଜଗନ୍ନାଥ ପୂଜା କମିଟି ପକ୍ଷରୁ ୪ର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମହାଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଆକର୍ଷଣୀୟ ମୂର୍ତ୍ତି କରାଯାଇ ବିଧି ମୁତାବକ ପୂଜା କରାଯାଇଥିଲା। ଏହି ଅବସରରେ ସେଠାରେ ୫ ଦିନ ବ୍ୟାପୀ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ୨ୟ ଦିବସରେ ଭଜନସନ୍ଧ୍ୟା, ୩ ୟ ଓ ୪ର୍ଥ ଦିବସରେ ଓଡ଼ିଶା ଜଗନ୍ନାଥ ସଂସ୍କୃତି କଥାପ୍ରଚାରକ ବାବା ଦିବାକର ଦାସ ମହାରାଜ ପ୍ରବଚନ ଦେଇଥିଲେ। ୫ମ ଦିବସରେ ପ୍ରତିଷ୍ଠିତ ଗାୟିକା ସୁଶ୍ରୀ ମଧୁସ୍ମିତା ଭଜନ ପରିବେଷଣ କରିଥିଲେ। ଗ୍ରାମର ଯୁବଶିଳ୍ପୀ ମନୋଜ କୁମାର ସାହୁ ସୋଲରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ମୂର୍ତ୍ତି ତିଆରି କରିଥିଲେ। ବହୁ ଶ୍ରଦ୍ଧାଳୁ ଯୋଗଦେଇ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ଆଳି, ୩୦।୧୨ (ଡି.ଏନ୍.ଏ.)**

ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତରେ ରବିବାର ବିଜୁ ଯୁବବାହିନୀ ପକ୍ଷରୁ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଓ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ବେତା, ବଡାମ୍ବିଳା, କଳଦିଆ, ସାହୁପଡା, ଦଶିପୁର, ବାଲିଅଡା, ନୁଆଗାଁ ଓ ରାଇଜିଙ୍ଗଷ୍ଟାର କ୍ରିକେଟ ଟିମ୍ ଭାଗ ନେଇଥିଲେ। ବେତା ଓ ବଡାମ୍ବିଳା ଟିମ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବଡାମ୍ବିଳା ଟିମ ପ୍ରଥମେ ବ୍ୟାଟିଂ କରି ୧୦୮ ରନ୍ ସଂଗ୍ରହ କରିଥିଲା। ଜବାବରେ ବେତା ଟିମ ୯.୪ ଓଭରରେ ୩ ୱିକେଟ ବିନିମୟରେ ୧୧୩ ରନ କରି ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ ମୁଖ୍ୟଅତିଥି, ନମୌଜା ହାଇସ୍କୁଲ ପ୍ରଧାନଶିକ୍ଷକ ମହେଶ୍ୱର ସାହୁ ମୁଖ୍ୟବକ୍ତା ଓ ଆଡଭୋକେଟ ବୃନ୍ଦାବନ ନନ୍ଦ ଯୋଗଦେଇ ଉଭୟ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଦେବାଶିଷ ନାୟକ ଓ ମ୍ୟାନ ଅଫ ଦି ସିରିଜ ବାପିନା ବିଶ୍ୱାଳଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି 'ମୁଁ ହିରୋ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜାତୀୟ ଶିକ୍ଷା ମୁକ୍ତ ପ୍ରତିଷ୍ଠାନ ପାଠଚକ୍ର




ପାଠଚକ୍ରରେ ଉପସ୍ଥିତ ଅତିଥିମାନେ।

**ବିରିଡ଼ି,୩୦।୧୨(ଡି.ଏନ.ଏ.)**

ଅଳକା ମହାବିଦ୍ୟାଳୟ ତରଫରୁ ରବିବାର ଶିକ୍ଷାର ଗୁଣାତ୍ମକ ବିକାଶରେ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କ ଭୂମିକା ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବନମାଳୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜଗତ୍‌ସିଂହପୁର ଜିଲା ଶିକ୍ଷକ ପ୍ରଶିକ୍ଷକ ମନୋଜ କୁମାର ଲେଙ୍କା ମୁଖ୍ୟଅତିଥି, ନାଉଗାଁ କଲେଜ ଅଧାପକ ଡ. ନିକୁଞ୍ଜ ରଞ୍ଜନ ଦାଶ ମୁଖ୍ୟବକ୍ତା, ଡ. ପ୍ରଶାନ୍ତ କିଶୋର ପରିଡ଼ା, ଅଧାପକ ରାଜକିଶୋର ମହାନ୍ତି, ଅଧାପିକା ସିନ୍ଧୁଲତା ଭୂୟାଁ, ସନ୍ଧ୍ୟାରାଣୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ବିଶ୍ୱଜିତ ରାୟ ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ଭୂୟାଁ ଧନ୍ୟବାଦ ଦେଇଥିଲେ।

## ବିଜୁ ଯୁବ ବାହିନୀର କ୍ରୀଡ଼ା ସାମଗ୍ରୀ ବଣ୍ଟନ

**ରାଜନଗର,୩୦।୧୨(ଡିଏନଏ)**

ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ବିଜୁ ଯୁବବାହିନୀଙ୍କୁ କ୍ରୀଡା ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ରାଜନଗର ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ବିରଞ୍ଚି ନାରାୟଣ ସ୍ୱାଇଁଙ୍କ ସଭାପତିତ୍ୱରେ ଶୁକ୍ରବାର ଏକ ସଭା କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସଭାପତି ତଥା ଜିଲା ଯୋଜନା ବୋର୍ଡର ସଦସ୍ୟ ଧ୍ରୁବ ସାହୁ ଯୋଗଦେଇ ବିଜୁ ଯୁବ ବାହିନୀର କାର୍ଯ୍ୟକ୍ରମ ସଂପର୍କରେ କହିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ଜୟୀରାମ ସେଠୀ, ବିଡିଓ ମନ୍ଦରଧର ମହାଲିକ, ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଜିଲା ବିଜୁ ଯୁବ ବାହିନୀ ପ୍ରୋଗ୍ରାମ ଅଫିସର ପ୍ରିୟଙ୍କା ନନ୍ଦ ପ୍ରମୁଖ ଯୋଗଦେଇ ଯୁବକମାନଙ୍କୁ ବିଭିନ୍ନ କ୍ରୀଡାର ସରଞ୍ଜାମ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସର୍ବେଶ୍ୱର ସାହୁ, ଜୁମର ସ୍ୱାଇଁ, ନିରଞ୍ଜନ ରାଉତ, ନୃସିଂହ ବେହେରା, ଜୟୀରାମ ରାଉତ, ବାଇଧର ସେଠୀ, ଅଶୋକ ମହାନ୍ତି , ତପନ ବଳ, ଆର୍ତ୍ତବନ୍ଧୁ ମହାନ୍ତି, କରୁଣାକାର ସ୍ୱାଇଁ, ସରୋଜ କାନ୍ତ ରାଉତ, ପ୍ରକାଶ ତାଡୁ, ବିକ୍ରମ ବାରିକ, ସତ୍ୟବ୍ରତ ପାଣି, ରୋହିତ ରାଉତ, ଦେବେନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷା ଓ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ

**ରାଜନଗର, ୩୦।୧୨(ଡିଏନଏ)**

ରାଜନଗର ବ୍ଲକ ଅନ୍ତର୍ଗତ ବନ୍ଧପଡା ପଞ୍ଚାୟତ ମଧପଡା ଗ୍ରାମ ନୀଳକଣ୍ଠେଶ୍ୱର ଶିକ୍ଷା ଓ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମହିଳା କ୍ରିକେଟ ଖେଳାଳି ବର୍ଷାରାଣୀ ରାଉତ ଅଧ୍ୟକ୍ଷତା କରିଥିଲେ। ଭାଜପା ଜିଲା ସଂଯୋଜକ ଅଜୟ କୁମାର ବେହେରା, ବିବେକାନନ୍ଦ ଭୂୟାଁ, କ୍ରୀଷ୍ଟା ବେହେରା, ବଶିଷ୍ଠ ଜେନା, ବନ୍ଧପଡା ସରପଞ୍ଚ କିରଣ କୁମାର ନାୟକ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ତିର୍ତ୍ତୋଲ,୩୦।୧୨(ଡି.ଏନ.ଏ.)**



ସ୍ୱାଧୀନତା ସଂଗ୍ରାମୀ ତଥା ଆଦର୍ଶ ଶିକ୍ଷକ ମୁରଲୀଧର ରଥଙ୍କ ରବିବାର ପୂର୍ବାହ୍ନରେ ତିର୍ତ୍ତୋଲ ବ୍ଲକ ଗରାମସ୍ଥିତ ବାସଭବନରେ ପରଲୋକ ଘଟିଛି। ଗାନ୍ଧିବାଦୀ ଆଦର୍ଶରେ ଅନୁପ୍ରାଣିତ ରଥ ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ଶୈକ୍ଷିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଭାରତ ଛାଡ଼ ଓ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଏଥିସହ ନିଜ ଅଞ୍ଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ପ୍ରଚେଷ୍ଟା କରିଥିଲେ। ନିଜ ଗ୍ରାମ ଗରାମରେ ଡାକଘର, ଭଗବତୀ କ୍ଲବ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଜଣେ ଖ୍ୟାତିସମ୍ପନ୍ନ ଶିକ୍ଷକ ଭାବେ ବିଭିନ୍ନ ଗ୍ରାମରେ ପ୍ରାଥମିକ ଶିକ୍ଷାକୁ ତ୍ୱରାନିତ କରିବା ପାଇଁ ଉଦ୍ୟମ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ବିଶିଷ୍ଟ ପାଲାଗାୟକ ପ୍ରଭାତ କୁମାର ରଥଶର୍ମା, ତରଜଙ୍ଗା ହାଇସ୍କୁଲର ସଂସ୍କୃତ ପଣ୍ଡିତ ପ୍ରବୋଧ କୁମାର ରଥ, ଧରିତ୍ରୀର ଉପ ମହାପ୍ରବନ୍ଧକ(ଡିଜିଏମ) ପ୍ରଦୀପ୍ତ କୁମାର ରଥ ଓ ପ୍ରଫୁଲ୍ଲ କୁମାର ରଥଙ୍କ ସମେତ ପୁତ୍ର ବଧୂ, ପରିବାର ବର୍ଗ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## ଭାଜପାରେ ଯୋଗଦେଲେ ଶତାଧିକ ବିଜେଡି କର୍ମୀ

**ରଘୁନାଥପୁର, ୩୦ ।୧୨( ଡି.ଏନ.ଏ.)**




ଭାଜପା ମିଶ୍ରଣ ପର୍ବରେ ଉପସ୍ଥିତ ନେତା ଓ କର୍ମୀ।

କଟକ ସଦର ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ୨୮ ନଂ. ଜୋନର ଶତାଧିକ ବିଜେଡି କର୍ମୀ ଦଳ ଛାଡି ଦିଲୀପ ମଲ୍ଲିକଙ୍କ ନେତୃତ୍ୱ ଉପରେ ଆସ୍ଥା ରଖି ଭାଜପାରେ ଯୋଗଦାନ କରିଛନ୍ତି। ସ୍ଥାନୀୟ ଉତ୍ତରକୂଳ ସୁଦାମବତୀ ମଣ୍ଡଳ ପକ୍ଷରୁ ତେନ୍ତୁଳି ଠାକୁରାଣୀଙ୍କ ପାଖରେ ପୂର୍ବାହ୍ନରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍‌ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ଜିତେନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ସାଧାରଣ ସମ୍ପାଦକ ରବି ନାରାୟଣ ମହାପାତ୍ର, କଟକ ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ନେମାଳ ସରପଞ୍ଚ ମୁକ୍ତାର ଅଲ୍ଲୀ, ସମିତିସଭ୍ୟ ଗୋକୁଳ ପ୍ରଧାନ, ଧରଣୀ ନାୟକ, ଶାରଦା ନାୟକ, ଭଗବାନ ମଲ୍ଲିକ, ରଞ୍ଜନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ବିଜେଡିର ୧୮ ବର୍ଷ ଶାସନ କାଳ ମଧ୍ୟରେ ସାଧାରଣ ଜନତାଙ୍କ ଅବସ୍ଥା ଏବଂ ଚାଷୀମାନଙ୍କ ପାଇଁ କାଳିଆ ଯୋଜନା କରି ଆଗାମୀଦିନରେ ଭୋଟ ହାତେଇବାକୁ ମସୁଧା କରୁଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସମ୍ପାଦକ ମଲ୍ଲିକ ପିସି କାରବାର ଯୋଗୁ କଟକ ସଦର ଅଞ୍ଚଳର ଜନତା କିପରି ଭତ୍ତା, ସରକାରୀ ଗୃହ ଓ ରାଶନକାର୍ଡ ପାଇବାରେ ଲାଞ୍ଚ ଦେଇଛନ୍ତି ଏବଂ ବିକାଶମୂଳକ କାର୍ଯ୍ୟ ଏକ ପ୍ରକାର ବନ୍ଦ ହୋଇଯାଇଛି ବୋଲି ବକ୍ତବ୍ୟରେ କହିଥିଲେ। ଭାଜପା ଉପରେ ଭରସା ରଖି ଉତ୍ତରକୂଳ ପଞ୍ଚାୟତରୁ ଅମୂଲ୍ୟ ମହାନ୍ତି, ଅକ୍ଷୟ ମହାନ୍ତି, ସୁଜିତ ମହାନ୍ତି, ସମ୍ବିତ ସାହୁଙ୍କ ସମେତ ମଣିଜଙ୍ଗ, ମାଣପୁର, ଶିର୍ଲୋ ଓ କଳମିଶ୍ରୀ ଆଦି ପଞ୍ଚାୟତରୁ ଶତାଧିକ ଆଗଧାଡିର ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି ବୋଲି ରାଜ୍ୟ ସମ୍ପାଦକ ମଲ୍ଲିକ କହିଥିଲେ।

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced.

FOR ANSWERS VISIT : www.dharitri.com

## MOCK TEST PAPER # 2

### JEE (Main) (CHEMISTRY)

**Time : 1 hour** **Maximum Marks: 120**

**GENERAL INSTRUCTIONS**

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

**1.** Which of the following is the major solute species in solution of lysine at pH = 10.5?



**2.** What would happen when a solution of potassium chromate is treated with an excess of dilute nitric acid?

(1) $Cr_2O_7^{2-}$ and $H_2O$ are formed (2) $CrO_4^{2-}$ is reduced to +3 state of Cr

(3) $CrO_4^{2-}$ is oxidized to +7 state of Cr (4) $Cr^{3+}$ and $Cr_2O_7^{2-}$ are formed

**3.** Weakest intermolecular forces are present in:

(1) Neoprene (2) Terylene (3) Polystyrene (4) Bakelite

**4.** In the process of extraction of gold,

Roasted gold $O_2$ ore + $CN^-$ + $H_2O \xrightarrow{O_2}$ [X] + $OH^-$; [X] + Zn $\longrightarrow$ [Y] + Au

Identify the complexes [X] and [Y].

(1) $X=[Au(CN)_2]^-; Y=[Zn(CN)_4]^{2-}$ (2) $X=[Au(CN)_4]^{3-}; Y=[Zn(CN)_4]^{2-}$

(3) $X=[Au(CN)_2]^-; Y=[Zn(CN)_6]^{4-}$ (4) $X=[Au(CN)_4]^-; Y=[Zn(CN)_4]^{2-}$

**5.** Which of the following statements is **false**?

(1) $H_3PO_2$, $H_3PO_3$ and $H_3PO_4$ all are tribasic and reducing in nature

(2) Among anions $NO_3^-$, $SO_3^{2-}$, $CO_3^{2-}$ and $BO_3^{3-}$, only $SO_3^{2-}$ has $p\pi-d\pi$ bonding.

(3) Among anions $SO_3^{2-}$ and $SO_4^{2-}$, $SO_3^{2-}$ is basic and reducing in nature.

(4) Number of lone pair(s) of electrons on Xe atoms in $XeF_2$, $XeF_4$ and $XeF_6$ are 3, 2 and 1 respectively

**6.** The product of the reaction between one mole of $XeO_3$ and two mole of $XeF_6$ is :

(1) $XeO_2F_2$ (2) $XeOF_4$ (3) $XeO_3F_2$ (4) $XeO_4$

**7.** Which of the following will not give acidic gas on heating ?

(1) $Pb(NO_3)_2$ (2) $CaCO_3$ (3) $NH_4NO_2$ (4) $NH_4Cl$

**8.** The number of isomers of $[M(gly)_3]$ are:

(1) 2 (2) 4 (3) 1 (4) 6

**9.** The correct order for the wavelengths of absorption in the visible region for the following:

I. $[Ni(NO_2)_6]^{4-}$ II. $[Ni(NH_3)_6]^{2+}$ III. $[Ni(H_2O)_6]^{2+}$ IV. $[NiF_6]^{4-}$

The **correct** choice is:

(1) IV > III > II > I (2) I > II > III > IV (3) III > IV > II > I (4) II > III > I > IV

**10.** A dark violet solid X reacts with $NH_3$ to form a mild explosive which decomposes to give a violet coloured gas. X also reacts with $H_2$ to give an acid Y. Y can also be prepared by heating it's salt with $H_3PO_4$. X and Y are:

(1) $Cl_2$, HCl (2) $SO_2$,$H_2SO_4$ (3) $Br_2$,HBr (4) $I_2$, HI

**11.** In the electrolysis of a $CuSO_4$ solution, how many grams of Cu are plated out on the cathode in the time that it takes to liberate 5.6 litre of $O_2$(g), measured at 1 atm and 273 K, at the anode?

(1) 31.75 (2) 14.2 (3) 4.32 (4) None of these

**12.** An ideal solution contains two volatile liquids A (P° = 100 torr) and B (P° = 200 torr). If mixture contain 1 mole of A and 4 mole of B then total vapour pressure of the distillate is:

(1) 150 (2) 180 (3) 188.88 (4) 198.88

**13.** A certain sample of cuprous sulphide is found to have composition $Cu_{1.8}S$, because of incorporation of $Cu^{2+}$ ions in the lattice. What is the mole % of $Cu^{2+}$ in total copper content in this crystal?

(1) 99.8% (2) 11.11% (3) 88.88% (4) None of these

**14.** Which of the following is correct structure of chloramphenicol ?



**15.** 3.6 gram of oxygen is adsorbed on 1.2 g of metal powder. What volume of oxygen adsorbed per gram of the adsorbent at 1 atm and 273 K? [Use R = 1/12 L atm $K^{-1}$ $mol^{-1}$]

(1) 0.19 L $g^{-1}$ (2) 1 L $g^{-1}$ (3) 2.1 L $g^{-1}$ (4) None of these

**16.** Calculate $E^\circ_{MnO_4^-/MnO_2} = ?$

Given that $E^\circ_{MnO_4^-/Mn^{2+}} = 1.51$ V, $E^\circ_{MnO_2/Mn^{2+}} = 1.23$ V

(1) 1.69 (2) –1.69 (3) 1.74 (4) 0.3

**17.** 0.1 M KI and 0.2 M $AgNO_3$ are mixed in 3 : 1 volume ratio. The depression of freezing point of the resulting solution will be : [$K_f(H_2O)$ = 1.86 K kg $mol^{-1}$] (Assume molality = molarity)

(1) 3.72 K (2) 1.86 K (3) 0.93 K (4) 0.279 K

**18.** Given below are a few electrolytes, indicate which one among them will bring about the coagulation of a gold sol quickest and in the least of concentration?

(1) NaCl (2) $MgSO_4$ (3) $Al_2(SO_4)_3$ (4) $K_4[Fe(CN)_6]$

**19.** What will be the order of reaction for a chemical change having log $t_{1/2}$ vs log a ? (where a = initial concentration of reactant; $t_{1/2}$ = half life)



(1) Zero order (2) First order (3) Second order (4) None of these

**20.** The specific conductance of a saturated solution of silver bromide is κ $Scm^{-1}$. The limiting ionic conductivity of $Ag^+$ and $Br^-$ ions are x and y, respectively. The solubility of silver bromide in $gL^{-1}$ is (Molar mass of AgBr = 188)

(1) $\frac{\kappa \times 1000}{x-y}$ (2) $\frac{\kappa}{x+y} \times 188$ (3) $\frac{\kappa \times 1000 \times 188}{x+y}$ (4) $\frac{x+y}{\kappa} \times \frac{1000}{188}$

**21.** 

Incorrect statements regarding above reaction is :

(1) Product A is 2, 4-DNP

(2) A to B is dehydration reaction

(3) A to B, geometrical isomerism will be obtained as a product

(4) B is known as oxime

**22.** Which of the following option is correct ?

I. $C_6H_5CH(C_6H_5)Br$ is more reactive in $S_N1$ reactions than $C_6H_5CH(CH_3)Br$

II. $C_6H_5CH(C_6H_5)Br$ is less reactive in $S_N2$ reactions than $C_6H_5CH(CH_3)Br$

III. An $S_N2$ reaction proceeds with complete stereochemical inversion

The **correct** option is :

(1) I and III (2) I and II (3) I, II and III (4) II and III

**23.** Arrange the following in increasing order of acidity ?

I. Phenol II. Methanol III. o-Nitrophenol IV. p-Nitrophenol V. Water

(1) II < V < I < IV < III (2) II < V < I < III < IV

(3) V < II < I < III < IV (4) V < II < I < IV < III

**24.** In the given setup, identify reagents $R_1$ and $R_2$.



(1) $NaBH_4/H_2O$ $LiAlH_4$ / EtOH ? $H_2O$ (2) $AlH(iso\ Bu)_2/H_2O$ $NaBH_4/H_2O$

(3) $AlH(iso\ Bu)_2/H_2O$ $LiAlH_4$ / EtOH ? $H_2O$ (4) $SnCl_2$/HCl DIBAL -H/$H_2O$

**25.** A mixture of $CH_3CHO$ and $CH_3CH_2CHO$ is heated with an alkaline solution to give a mixture of cross-products. The products obtained are treated with hot acidic $KMnO_4$ to give various products. Which of the following option about product is correct about oxidation products ?

(1) $CH_3CHO$, $CH_3COCOOH$, $(CHO)_2$, $CH_3COOH$

(2) $CH_3COOH$, $CH_3CH_2COOH$, $CH_3COCOOH$, $(COOH)_2$

(3) $CH_3COOH$, $CH_3CH_2COOH$, $CH_3COCHO$, $(CHO)_2$

(4) $CH_3COOH$, $CH_3COCHO$, $CH_3COCOOH$, CHO.COOH

**26.** The boiling point of following isomeric hexanes is in order:



(1) III < II < I < IV (2) III < II < IV < I (3) I < IV < II ~ III (4) III < IV < II < I

**27.** In the following reaction sequence :



The compound (C) is:

(1) p-nitro phenol (2) 2, 4-Dinitrophenol (3) 2,4,6-Trinitrophenol (4) o-nitrophenol

**28.** 

The end product formed is:



**29.** The end product **(3)** of the reaction is:

Ethyl amine $\xrightarrow{HNO_2}$ (1) $\xrightarrow{PCl_5}$ (2) $\xrightarrow{KCN}$ (3)

(1) Propanenitrile (2) triethylamine (3) diethylamine (4) propylamine

**30.** Which of the following represents the anomer of the compound shown?





(4) None of these

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଉତ୍କୃଷ୍ଟ ନଡ଼ିଆ ତେଲ



ଡା.ଦ୍ୱିଜେଶ କୁମାର ପଣ୍ଡା



ନଡ଼ିଆ ତେଲ ଉତ୍ତମ ଖାଦ୍ୟମାନଙ୍କ ଭିତରେ ତୃତୀୟ। ଏଥିରେ ଥିବା ପରିତୃପ୍ତ ମେଦାମ୍ଳ(ମଧ୍ୟମ ଧରଣର ଟ୍ରାଇଗ୍ଲିସେରାଇଡ୍) ସ୍ୱାସ୍ଥ୍ୟକର ଚର୍ବି ମଧ୍ୟରେ ଅନ୍ୟତମ। ଲରିକ ଓ କାପ୍ରିଲିକ ଅମ୍ଳ (ଏସିଡ୍) ମଧ୍ୟମ ଧରଣ ଟ୍ରାଇଗ୍ଲିସେରାଇଡ୍‌ରୁ ଶରୀର ଶକ୍ତି ସଂଗ୍ରହ କରେ। ତେଣୁ ନଡ଼ିଆ ତେଲ ଖେଳାଳି ଓ ମଲ୍ଲ ଯୋଦ୍ଧାମାନଙ୍କୁ ଯଥେଷ୍ଟ ଶକ୍ତି ପ୍ରଦାନ କରେ; କିନ୍ତୁ ସାମାନ୍ୟ ଚର୍ବି ଦେହରେ ଜମିବାକୁ ଦିଏନାହିଁ। ୨୦୦୯ ବର୍ଷରେ ବ୍ରାଜିଲରେ ୨୦ ବର୍ଷରୁ ୪୦ ବର୍ଷ ମଧ୍ୟରେ ପେଟରେ ଅତ୍ୟଧିକ ଚର୍ବି ବସିଥିବା ମହିଳାମାନଙ୍କ ଉପରେ ଗବେଷଣା କରାଯାଇଥିଲା। ସେମାନଙ୍କୁ ନଡ଼ିଆ ଓ ସୋୟାବିନ୍ ତେଲରେ ତିଆରି ଖାଦ୍ୟ ଖାଇବାକୁ ଦିଆଯାଇଥିଲା। କ୍ୟାଲରି ସମାନ ରଖାଯାଇଥିଲା। ପ୍ରତିଦିନ ୫୦ ମିନିଟ୍ ଚାଲିବାକୁ କୁହାଗଲା। ଗବେଷଣା ଶେଷରେ ଦେଖାଗଲା ନଡ଼ିଆ ତେଲ ଖାଇଥିବା ମହିଳାମାନଙ୍କର ରକ୍ତରେ କୋଲେଷ୍ଟରଲ ପରିମାଣ ହ୍ରାସ ଘଟିଲା। ଏହା ହୃଦ୍‌ଘାତ ନ ହେବାରେ ସାହାଯ୍ୟ କରେ। ନଡ଼ିଆ ତେଲ ତୁଳନାରେ ସୋୟାବିନ୍ ତେଲ ଖାଇଥିବା ମହିଳାମାନଙ୍କର ଶରୀରର ଘନତ୍ୱ ସମାନ ଥିଲେ ମଧ୍ୟ ଅଣ୍ଟାର ପରିଧି ବୃଦ୍ଧି ହେଲା। ଅନ୍ୟ ଏକ ଆଶ୍ଚର୍ଯ୍ୟଜନକ ଓ ଅପ୍ରତ୍ୟାଶିତ ତଥ୍ୟ ଉନ୍ମୋଚିତ ହେଲା। ତାହା ହେଉଛି ନଡ଼ିଆ ତେଲ ଖାଉଥିବା ମହିଳାମାନଙ୍କର ସ୍ୱାଭାବିକ ଭାବରେ ଶ୍ୱେତସାର ଖାଦ୍ୟ ଖାଇବା କମିଗଲା ଏବଂ ପ୍ରୋଟିନ୍, ତନ୍ତୁ ଜାତୀୟ ଖାଦ୍ୟ ଅଧିକ ପରିମାଣରେ ଖାଇଲେ। ୨୦୦୩ ମସିହାରେ ପ୍ରକାଶିତ ଅନ୍ତଃରାଷ୍ଟ୍ରୀୟ ପୃଥୁଳତା ଗବେଷଣା ପତ୍ରିକା ଅନୁଯାୟୀ ନଡ଼ିଆ ତେଲ ଖାଇଲେ ଶରୀରର ଆବଶ୍ୟକଠାରୁ ଅଧିକ ଶକ୍ତିକ୍ଷୟ ହୋଇ ପେଟରେ ଜମିଥିବା ଚର୍ବି କମିଯାଏ।

ଊନବିଂଶ ଶତାବ୍ଦିର ସପ୍ତମ ଦଶକରେ ପ୍ରଶାନ୍ତ ମହାସାଗର ଓ ଏସିଆ ମହାଦେଶର ଦ୍ୱୀପମାନଙ୍କରେ ବାସ କରୁଥିବା ଅଧିବାସୀଙ୍କ ଉପରେ ଗବେଷଣା ହୋଇଥିଲା। ସେମାନଙ୍କ ଖାଦ୍ୟରେ ବେଶି ପରିମାଣରେ ନଡ଼ିଆ ତେଲ ବ୍ୟବହାର ହେଉଥିଲା। ଆଶ୍ଚର୍ଯ୍ୟର କଥା ସେମାନଙ୍କର ହୃଦ୍‌ଘାତ, କ୍ୟାନସର ଓ ଅବକ୍ଷୟ ଜନିତ ରୋଗଗୁଡ଼ିକ ହେଉ ନ ଥିଲା। ଦ୍ୱୀପ ଗୁଡ଼ିକର ଅଧିବାସୀମାନେ ନଡ଼ିଆକୁ ଖାଦ୍ୟରେ ଅଧିକ ବ୍ୟବହାର କରୁଥିବାରୁ ରକ୍ତବାହୀ ଧମନୀ କଠିନ ହେଉ ନ ଥିଲା, ବୃହଦନ୍ତ୍ରରେ କ୍ୟାନସର୍ ହେଉ ନ ଥିଲା, ଖାଦ୍ୟ ଭଲ ହଜମ ହେଉଥିଲା। ସେମାନେ ସୁସ୍ଥ ଓ ପତଳା ଥିଲେ। କିଡ୍‌ନୀ ରୋଗ ଓ ରକ୍ତଚାପ ରୋଗ ଦେଖା ନ ଥିଲା। ଦ୍ୱୀପର ଅଧିବାସୀମାନେ କାଳକ୍ରମେ ବଡ଼ ସହରକୁ ଆସି ବସବାସ କଲେ। ଖାଦ୍ୟ ପ୍ରଣାଳୀ ବଦଳି ଗଲା। ଆଉ ନଡ଼ିଆ ଖାଇଲେ ନାହିଁ, କିମ୍ବା ନଡ଼ିଆ ତେଲ ବ୍ୟବହାର କଲେ ନାହିଁ। ବହୁ ଅସଂତୃପ୍ତ ଉଦ୍ଭିଦ ତେଲ ଖାଇଲେ। ଫଳରେ ସେମାନଙ୍କର ହୃଦ୍‌ଘାତ ବହୁ ପରିମାଣରେ ବଢ଼ିଗଲା।

ନଡ଼ିଆ ତେଲରେ ଲରିକ୍ ଏସିଡ୍ ଥାଏ। ଏହା ଏକ ଶକ୍ତିଶାଳୀ ଜୀବାଣୁନାଶକ। ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରେ। ନଡ଼ିଆରେ ଥିବା ମଧ୍ୟମ ପ୍ରକାର ଟ୍ରାଇଗ୍ଲିସେରାଇଡ୍ ଦ୍ୱାରା ତଣ୍ଟି ଓ ସାଇନସ୍‌ରେ ପ୍ରଦାହ କରୁଥିବା ଜୀବାଣୁ ଷ୍ଟେପ୍ଟୋକୋକସ୍ ଖାଦ୍ୟକୁ ବିଷାକ୍ତ କରୁଥିବା ଓ ପରିସ୍ରା ପ୍ରଦାହ କରୁଥିବା ଜୀବାଣୁ ଷ୍ଟାଫାଇଲୋକୋକ୍‌ସ, ଆଖି ଓ ଯୌନାଙ୍ଗ ପ୍ରଦାହରେ ସହାୟକ କ୍ଲାମିଡିଆ, ପାକସ୍ଥଳୀରେ ଘା'କରୁଥିବା ହେଲିକୋବାକ୍ଟର ଇତ୍ୟାଦି ମରିଯିବେ। ଦଶ ପ୍ରକାର ଭୂତାଣୁ ନଡ଼ିଆରେ ଥିବା ଲରିକ ଏସିଡ୍ ଦ୍ୱାରା ଅକାମି ହୋଇଯାଆନ୍ତି। ଅନ୍ତ୍ରନଳୀରେ ଥିବା ଉପକାରୀ ଜୀବାଣୁ ଉପରେ ଏହାର କୁପ୍ରଭାବ ନ ଥାଏ। କିନ୍ତୁ ଅପକାରୀ ଜୀବାଣୁମାନଙ୍କୁ ନଷ୍ଟ କରିଦିଏ। ଫଙ୍ଗସ୍ ଅନ୍ତ୍ରରେ ତିଷ୍ଠି ପାରନ୍ତି ନାହିଁ। ଖାଦ୍ୟ ଭଲ ହଜମ ହୁଏ ଓ ଅନ୍ତ୍ର କାନସର୍ ଦୂର ହୁଏ।

ନଡ଼ିଆ ତେଲ ଗୋଟିଏ ପ୍ରାକୃତିକ ପ୍ରତିକାରକ। ଏହା ଶରୀରରେ ସୃଷ୍ଟି ହେଉଥିବା ଓ ଜୀବକୋଷମାନଙ୍କୁ ନଷ୍ଟ କରି ଦେଉଥିବା ରିକ୍ତାଣୁମାନଙ୍କୁ ଅକାମି କରିଦିଏ। ଅନ୍ତ୍ରରୁ କାଲସିଅମ, ମାଗ୍ନେସିଅମ ଓ ଆମିନୋ ଏସିଡ୍ ଗୁଡିକୁ ସହଜରେ ଅବଶୋଷଣ କରେ। ଘା'ରେ ଲଗାଇଲେ ଶୁଖିଯାଏ। ନଡ଼ିଆ ନିୟମିତ ଖାଇଲେ ହାଡ଼ର ଘନତ୍ୱ ବୃଦ୍ଧି ହୁଏ। ବାର୍ଦ୍ଧକ୍ୟରେ ଜାଲ ଅସ୍ଥି ଜନିତ ଗଣ୍ଠି ବିନ୍ଧା ହୁଏ ନାହିଁ। ନଡ଼ିଆ ତେଲରେ ପରିତୃପ୍ତ(Saturated) ମେଦାମ୍ଳ ଥାଏ। ତଥାପି ଅନ୍ୟ ତେଲ ପରି ଏଥିପାଇଁ ଭୟଭୀତ ହେବା ଉଚିତ ନୁହେଁ। ଏହି ତେଲ ରକ୍ତରେ ଥିବା ମନ୍ଦ କୋଲେଷ୍ଟରଲକୁ ଭଲ କୋଲେଷ୍ଟରଲରେ ରୂପାନ୍ତରିତ କରେ। ଏହାକୁ ଗ୍ରୀଷ୍ମମଣ୍ଡଳୀୟ ତେଲ କୁହାଯାଏ। ବହୁ ଯୁଗ ହେଲା ଅନେକ ଲୋକଙ୍କ ଖାଦ୍ୟର ମୁଖ୍ୟ ଉପାଦାନ ହେଉଛି ନଡ଼ିଆ। ସେମାନେ ସୁସ୍ଥ ଜୀବନ ଯାପନ କରୁଛନ୍ତି। ଏହା ଆମେରିକାର ବିଖ୍ୟାତ ହାର୍ଭାଡ ମେଡିକାଲ ସ୍କୁଲର ଗବେଷକମାନଙ୍କର ମତ।

ଶ୍ୱେତସାର ଖାଦ୍ୟ ନ ଖାଇଲେ ଶରୀର କିଟୋନ ତିଆରି କରେ। କିଟୋନ ଚର୍ବି ଜାତୀୟ ଖାଦ୍ୟରୁ ମିଳେ। ଏହା ଶରୀର ପାଇଁ ଶକ୍ତିଦାୟକ ପଦାର୍ଥ। ମସ୍ତିଷ୍କ, ମାଂସପେଶୀ ଓ ହୃତ୍‌ପିଣ୍ଡକୁ ଶକ୍ତି ପ୍ରଦାନ କରେ। କିଟୋନ୍ ପ୍ରଦାନ କରୁଥିବା ନଡ଼ିଆ ନିୟମିତ ଖାଇଲେ ଶିଶୁମାନଙ୍କର ଅପସ୍ମାର ରୋଗ ଭଲ ହୋଇଯାଏ। ନଡ଼ିଆରେ ଥିବା ଖାଦ୍ୟ ନିୟମିତ ମସ୍ତିଷ୍କ ସୁସ୍ଥ ରଖେ। ଏହା ସହିତ ଶର୍କରା ଥିବା ଖାଦ୍ୟ ଯଥେଷ୍ଟ କମ୍ ଖାଇବା ଉଚିତ। ନଚେତ୍ ସୁଫଳ ମିଳିବ ନାହିଁ। ନଡ଼ିଆ ତେଲରେ ନିମ୍ନମାନର ପରିବର୍ତ୍ତିତ ତେଲ(Transfat)ମିଶା ଯାଇଥାଏ। ଏହା ଅଶେଷ କ୍ଷତିକାର। ତେଣୁ ଶୁଦ୍ଧ ନଡ଼ିଆ ତେଲ ବ୍ୟବହାର ବିଧେୟ। ଅଧିକ ଉତ୍ତାପରେ ତିଆରି ଓ ରସାୟନିକ ମିଶ୍ରିତ ତେଲ ବିପଜ୍ଜନକ। ମିଶ୍ରିତ ତେଲକୁ ୧୮୦ ଡିଗ୍ରୀ ଉତ୍ତାପରେ ଗରମ କଲେ ଧୂଆଁ ବାହାରେ। ଏହା ଖାଇବା ଅନୁଚିତ୍। ଘରେ ମରା କମ୍ ଉତ୍ତାପରେ ତିଆରି ନଡ଼ିଆ ତେଲ ଚର୍ମରେ ଲଗାଇଲେ ଓ ଗୋଡ଼ର ଆଙ୍ଗୁଠି ସନ୍ଧିରେ ନିୟମିତ ବ୍ୟବହାର କଲେ ଘା' ଶୁଖିଯାଏ ଓ ଫଙ୍ଗସ୍ ସଂକ୍ରମଣ ଦୂର ହୁଏ। ନଡ଼ିଆକୁ କୋଠରି ଉତ୍ତାପରେ କଳରେ ଚାପି କିମ୍ବା ଘଣାରେ ପେଶି ସଂଗୃହୀତ ତେଲକୁ ଖାଇଲେ କିମ୍ବା ଚର୍ମରେ ଲଗାଇଲେ ଅନେକ ସୁଫଳ ମିଳେ। ଏହା ଉତ୍କୃଷ୍ଟ ତେଲରେ ଗଣା। ବଜାରରେ ଉପଲବ୍ଧ ଅନେକ ନଡ଼ିଆ ତେଲ ବିଶୁଦ୍ଧ ନୁହେଁ। ଏହା ଶରୀର ପାଇଁ କ୍ଷତିକାରକ।

-ବରିଷ୍ଠ ବୈଜ୍ଞାନିକ (ପୁରସ୍କୃତ)
୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ: ୯୪୩୮୪୭୦୭୭୭

> "ନଡ଼ିଆ ତେଲରେ ଲରିକ୍ ଏସିଡ୍ ଥାଏ। ଏହା ଏକ ଶକ୍ତିଶାଳୀ ଜୀବାଣୁନାଶକ। ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରେ। ନଡ଼ିଆରେ ଥିବା ମଧ୍ୟମ ପ୍ରକାର ଟ୍ରାଇଗ୍ଲିସେରାଇଡ୍ ଦ୍ୱାରା ତଣ୍ଟି ଓ ସାଇନସ୍‌ରେ ପ୍ରଦାହ କରୁଥିବା ଜୀବାଣୁ ଷ୍ଟେପ୍ଟୋକୋକସ୍ ଖାଦ୍ୟକୁ ବିଷାକ୍ତ କରୁଥିବା ଓ ପରିସ୍ରା ପ୍ରଦାହ କରୁଥିବା ଜୀବାଣୁ ଷ୍ଟାଫାଇଲୋକୋକ୍‌ସ, ଆଖି ଓ ଯୌନାଙ୍ଗ ପ୍ରଦାହରେ ସହାୟକ କ୍ଲାମିଡିଆ, ପାକସ୍ଥଳୀରେ ଘା'କରୁଥିବା ହେଲିକୋବାକ୍ଟର ଇତ୍ୟାଦି ମରିଯିବେ।"

## ସ୍ୱା ସ୍ଥ୍ୟ ସୂ ଚ ନା



❖ଆପଣ ଥଣ୍ଡାଜନିତ ସମସ୍ୟାକୁ ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏଥିରୁ ଉପଶମ ପାଇବାର ଏକ ସରଳ ଉପାୟ ରହିଛି। ଯଦି ଆପଣ ଛତୁ ଖାଆନ୍ତି ତେବେ ଥଣ୍ଡାରୁ ଆପଣ କେତେକାଂଶରେ ଉପଶମ ଲାଭ କରିପାରିବେ। ଛତୁରେ ଥିବା ବିଟା ଗ୍ଲୁକାନ୍ସ ନାମକ ତତ୍ତ୍ୱ ଥଣ୍ଡା ଯୋଗୁ ଶରୀରେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆକୁ ପ୍ରତିହତ କରିଥାଏ।

❖ଆପଣ ନିୟମିତ ମହୁ ଖାଇଲେ ତାହାର ଅନେକ ଉପକାରୀ ପ୍ରଭାବ ଶରୀର ଉପରେ ପଡିଥାଏ। ବିଶେଷଭାବରେ ଶରୀରରେ ଥିବା ଅନିଷ୍ଟକାରୀ ବ୍ୟାକ୍ଟେରିଆଗୁଡିକର ବଂଶ ବିସ୍ତାର କରିବାକୁ ଏହା ଦେଇ ନ ଥାଏ।

❖ଯଦି ଆପଣ ଶରୀରରେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ଅଧିକ ସମୟ ପର୍ଯ୍ୟନ୍ତ ବ୍ୟାୟାମ କରନ୍ତୁ ନାହିଁ।

❖ଔଷଧ ଖାଇବାକୁ କେତେକ ଅଭ୍ୟାସରେ ପରିଣତ କରିଦେଇଥାଆନ୍ତି। ଏଭଳି ଅଭ୍ୟାସ ତୁରନ୍ତ ପରିହାର କରନ୍ତୁ। ଯଦି କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଅଛି ତେବେ ଡାକ୍ତରଙ୍କର ପରାମର୍ଶ ଅନୁସାରେ ହିଁ ଔଷଧ ଖାଆନ୍ତୁ।

❖ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ଖାଇବାର ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ଏକାଥରେ ପୁଳାଏ ଖାଇବା ଅପେକ୍ଷା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଆନ୍ତୁ।

❖ଅଯଥା କଥାକୁ ନେଇ ଟେନସନକୁ ଡାକି ଆଣନ୍ତୁ ନାହିଁ। ଏହାଦ୍ୱାରା ଭବିଷ୍ୟତରେ ଆପଣ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି।

## ଅନିଦ୍ରା ସମସ୍ୟା ବଢ଼ାଏ ଚା'



ଚା' ପିଇବା ଅନେକଙ୍କର ଅଭ୍ୟାସରେ ପରିଣତ ହୋଇଥାଏ। ଅନ୍ୟପକ୍ଷରେ କ୍ଳାନ୍ତ ତଥା ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲକା କରେ ଚା'। ହେଲେ ଏହାର ପରିମାଣ ଅଧିକ ହୋଇଗଲେ ତାହା ସ୍ୱାସ୍ଥ୍ୟଭିତ୍ତିକ ସମସ୍ୟା ସୃଷ୍ଟି କରିଥାଏ। ବିଶେଷକରି ଏହା ଅନିଦ୍ରା ପରି ସମସ୍ୟାକୁ ବଢ଼ାଇ ଦେଇଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି। ଚା' ପିଇବାକୁ ଅଭ୍ୟାସରେ ପରିଣତ କରିଥିବା କେତେକ ବ୍ୟକ୍ତିଙ୍କର କି କି ଶାରୀରିକ ସମସ୍ୟା ରହୁଛି ତାହାକୁ ତର୍ଜମା କରାଯାଇଥିଲା। ବିଶେଷଭାବରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକଙ୍କଠାରେ ଅନିଦ୍ରାଜନିତ ସମସ୍ୟା ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ଆବଶ୍ୟକତାଠାରୁ ଅଧିକ ଥର ଚା' ପିଇଲେ ବହୁମୂତ୍ର ପରି ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଏପରି କି ଏହାଦ୍ୱାରା ଯକୃତ ଏବଂ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଯାଇପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

## ଟେନସନ୍ ଦୂର କରିବ ରୋବୋଟ



ରୋବୋଟର ବ୍ୟବହାର ଆଜିକାଲି ଅନେକ କ୍ଷେତ୍ରରେ କରାଗଲାଣି। ଦିନକୁଦିନ ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ ରୋବୋଟ ପ୍ରସ୍ତୁତ କରିବାରେ ବୈଜ୍ଞାନିକ ଲାଗିପଡିଛନ୍ତି। ନିକଟରେ ଏ କ୍ଷେତ୍ରରେ ଜାପାନର ଟୋକିଓ ୟୁନିଭର୍ସିଟିର ବୈଜ୍ଞାନିକମାନେ ଆଉ ଏକ ସଫଳତା ଅର୍ଜନ କରିଛନ୍ତି । ସେମାନେ ଏଭଳି ଏକ ରୋବୋଟ ପ୍ରସ୍ତୁତ କରିଛନ୍ତି ଯାହା ଟେନସନ ଦୂର କରିବାରେ ସହାୟକ ହୋଇପାରିବ। ଯଦି ଆପଣ ଟେନସନ୍‌ରେ ଅଛନ୍ତି ତେବେ ଏହି ରୋବୋଟ ସାମନାରେ ବସି କଥା ହେଲେ ସେ ସେଥିରୁ ମୁକ୍ତି ପାଇବାର ସହଜ ଉପାୟ ସମ୍ପର୍କରେ ସୂଚନା ଦେବ। କେବଳ ସେତିକି ନୁହେଁ, ନିଜ ମନ ପସନ୍ଦର ଗୀତ ଶୁଣିବାକୁ ଏହାର ସହାୟତା ନେଇପାରିବେ। ନିଜ ମନ ପସନ୍ଦର ଗୀତ କିମ୍ବା ଭିଡିଓ ଦେଖିବା ଦ୍ୱାରା ଟେନସନଗ୍ରସ୍ତ ବ୍ୟକ୍ତିଙ୍କ ମନ କେତେକାଂଶରେ ହାଲକା ହୋଇଥାଏ। ତେବେ ଏହି ସମୟରେ ନିଜର ମାନସିକତା ସକାରାତ୍ମକ ରହିବା ନିହାତି ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟରକ୍ଷାରେ ବ୍ୟାୟାମ

(ଶେଷ ଭାଗ)

ଆମେ ଟିଭିରେ ଜଣେ ମାନବ ସମ୍ବାଦ-ଉପସ୍ଥାପନ କରିବା ବିଷୟ ସଂପ୍ରତି ଦେଖି ଆସୁଛେ। କିନ୍ତୁ ଚାଇନାର 'ୟାନୁହା' ସମ୍ବାଦ ସରବରାହ ସଂସ୍ଥା ୨୦୧୮ ନଭେମ୍ବରରେ ବିଶ୍ୱରେ ପ୍ରଥମଥର ପାଇଁ କୃତ୍ରିମ ବୁଦ୍ଧିଯୁକ୍ତ ସମ୍ବାଦ ଉପସ୍ଥାପନ ବ୍ୟବହାର କଲା ଟେଲିଭିଜନ ଚ୍ୟାନେଲ୍‌ରେ। ସତେ ଯେମିତି ଆଉ କିଛିଦିନ ପରେ ରକ୍ତ ମାଂସର ଏହି ମଣିଷ ପୃଥିବୀ ପାଇଁ ଏକ ଅଲୋଡ଼ା ଜୀବ ହୋଇଯିବ। ଏଣିକି ଘର ଝାଡୁ କରିବା, ଧୁଆ ଧୋଇ କରିବା, ପରିବା କାଟିବା, ରୋଷେଇ ଶାଳରେ ରାନ୍ଧିବା ଇତ୍ୟାଦି ଜଣେ ବ୍ୟକ୍ତିକୁ ଦରକାର ପଡ଼ିବ ନାହିଁ। ବଜାରରୁ ପରିବା ଓ ହୋଟେଲରୁ ଖାଦ୍ୟ ମଗାଇବାକୁ ଥିଲେ ଅନ୍‌ଲାଇନ୍‌ରେ ମେସେଜ୍ ଦ୍ୱାରା କରାଯାଇପାରିବ। ବିଲ୍ ମଧ୍ୟ ଇ-ପେମେଣ୍ଟରେ କାର୍ଡ ଦ୍ୱାରା ପୈଠ କରିହେବ। ଫଳରେ ଘରୁ ବାହାରକୁ ଗୋଡ଼ ବାହାର ନ କରି ଆମେ ବସି ବସି ଯାବତୀୟ କାମ କରିପାରିବା।

କିନ୍ତୁ ଏହି ସୁଖ ସ୍ୱାଚ୍ଛନ୍ଦ୍ୟ ତତ୍କାଳିକ। ଏହାର ଭବିଷ୍ୟତରେ ପରିଣାମ ଭୟପ୍ରଦ ହେବା ସମ୍ଭବପର। ଆମ ବାପା ଗୋସେଇଁ ବାପା ବୃଦ୍ଧାବସ୍ଥାରେ ମଧ୍ୟ ପ୍ରାୟତଃ ଅଧିକାଂଶ କ୍ଷେତ୍ରରେ ଅତୁଟ ସ୍ୱାସ୍ଥ୍ୟ ଉପଭୋଗ କରୁଥିଲେ। ସେମାନଙ୍କ ଦାନ୍ତ ପଡୁ ନ ଥିଲା, ମୁଣ୍ଡରୁ କେଶ ଝଡୁ ନ ଥିଲା, ଏପରି କି କେଶ ପକ୍ୱ ହେଉ ନ ଥିଲା, ଅଣ୍ଟା ନଇଁ ନ ଥିଲା, ଦୃଷ୍ଟିଶକ୍ତି ତୀକ୍ଷ୍ଣ ଓ ଅତୁଟ ରହୁଥିଲା ଇତ୍ୟାଦି। ଏହାର ମୁଖ୍ୟ କାରଣ ହେଉଛି ସେମାନଙ୍କ ଶାରୀରିକ ପରିଶ୍ରମ। ସେମାନେ କର୍ମ-ବିମୁଖ ନ ଥିଲେ। ଆଜିକାଲି ଚାଷୀ, ମୂଲିଆ, ଖେଳାଳିଙ୍କୁ ଛାଡ଼ିଦେଲେ, ଅନ୍ୟମାନେ ଅନେକାଂଶରେ ରୁଗ୍ଣ ଓ ଅକାଳ ବାର୍ଦ୍ଧକ୍ୟର ଶିକାର। ଏପରି କି ମେଦବୃଦ୍ଧି ଆମମାନଙ୍କ ଏକ ସାଧାରଣ ଲକ୍ଷଣ ହୋଇଗଲାଣି। ଏହି ଦୁର୍ଦ୍ଦଶା ପାଇଁ ଆମେ ଅତ୍ୟାଧୁନିକ ଯାନ୍ତ୍ରିକ ବ୍ୟବସ୍ଥା(ଟେକ୍‌ନିକାଲ ଡିଭାଇସ)କୁ ଦୋଷ ଦେଇପାରୁ। ଅତୀତରେ ଭେଷଜ ବିଜ୍ଞାନ ଆଜିକାଲି ପରି ଏତେ ଉନ୍ନତ ନ ଥିଲେ ସୁଦ୍ଧା, ସେମାନଙ୍କ ସୁସଂଗତ ଜୀବନଶୈଳୀ ଯୋଗୁ ସେମାନେ ଅନେକ ରୋଗକୁ ଏଡ଼ାଇ ପାରୁଥିଲେ। ଆଜିକାଲି ବିଶ୍ୱବ୍ୟାପୀ ମେଦବହୁଳତା ବୃଦ୍ଧି ସୁସ୍ଥ ଜୀବନ ଯାପନ ସକାଶେ ଏକ ବିରାଟ ସମସ୍ୟା ରୂପେ ପରିଦୃଷ୍ଟ ହେଲାଣି। ସତରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଗୁରୁତ୍ୱ ଦୃଷ୍ଟିରୁ ଆମେ କରିବାକୁ ବାର୍ଦ୍ଧକ୍ୟବୟସ ନିର୍ବିଶେଷରେ ସ୍ଥୂଳତା ସମସ୍ୟାରୁ ଉଦ୍‌ବେଗଜନକ ସ୍ଥିତି ଉଦ୍‌ଭବ ହୋଇଛି। ଏହି ପ୍ରସଙ୍ଗଟି ବିଭିନ୍ନ ଗବେଷକ ଦଳ ଗମ୍ଭୀରତାର ସହ ଅନୁଧ୍ୟାନ କରିଛନ୍ତି। ଏହା ଅତ୍ୟନ୍ତ ଉପାଦେୟ ଏବଂ ଜରୁରୀ। ମେଦବହୁଳତାର ମାତ୍ରା ନିର୍ଣ୍ଣୟ କରିବା ପାଇଁ ଗୋଟିଏ ଅନୁସନ୍ଧାନକାରୀ ଦଳ ଗବେଷଣା ବିଶ୍ୱର ୧୯୫ଟି ଦେଶରେ ଦୀର୍ଘ ୧୯୮୦ ରୁ ୨୦୧୫ ମସିହା ମଧ୍ୟରେ ଡାଟା ସଂଗ୍ରହ କରିଛନ୍ତି। ସେମାନଙ୍କ ନିଷ୍କର୍ଷ ଦ ନ୍ୟୁ ଇଂଲଣ୍ଡ ଜର୍ଣ୍ଣାଲ ଅଫ୍ ମେଡିସିନରେ ପ୍ରକାଶ ପାଇଛି। ଏଥିରୁ ଜଣାଯାଏ ଯେ ଶିଶୁ ଓ ବୟସ୍କଙ୍କୁ ମିଶାଇ ୨ ଦଶମିକ ୨ ବିଲିୟନ (ଶହେ କୋଟି ଏକରେ ନଅଟି ଶୂନ) ବ୍ୟକ୍ତିଙ୍କ କାୟା ସ୍ଥୂଳ। ଏଥିମଧ୍ୟରୁ ୬୦୦ ମିଲିୟନ (ନିୟୁତ ବା ଦଶ ଲକ୍ଷ) ହେଉଛନ୍ତି ବୟସ୍କ। କେବଳ ଯୁକ୍ତରାଷ୍ଟ୍ର ଆମେରିକାରେ ୭୯ ଦଶମିକ ୪ମିଲିୟନ ଜଣ ମୋଟା ଯାହାକି ସର୍ବାଧିକ ତା' ତଳକୁ ୭ ଦଶମିକ ୩ ମିଲିୟନ ସଂଖ୍ୟକ ମୋଟା ଲୋକ ଚାଇନାରେ ଅଛନ୍ତି। ତେବେ ଯେଉଁ ୧୦୮ ମିଲିୟନ ଶିଶୁ ସ୍ଥୂଳକାୟ, ଏମାନଙ୍କ ମଧ୍ୟରେ ଚାଇନା ରହିଛି ସର୍ବାଗ୍ରେ (୧୫ ଦଶମିକ ୩ ମିଲିୟନ ଏବଂ ଉଦ୍‌ବେଗର ବିଷୟ ହେଉଛି ଯେ, ୧୪ ଦଶମିକ ୪ ମିଲିୟନ ମୋଟା ଶିଶୁ ସହ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି।

ଏହି ଦୃଷ୍ଟିରୁ ଭାରତ ଉକ୍ତ ସମସ୍ୟାକୁ ଅଣଦେଖା କରିପାରିବ ନାହିଁ। ମେଦବୃଦ୍ଧି ପଛରେ ଏକାଧିକ କାରଣ ଅଛି, ଯଥା: ଅସନ୍ତୁଳିତ ଆହାର, ଯାନ୍ତ୍ରିକ ଉପକରଣର ପ୍ରାବଲ୍ୟ ଏବଂ ଜିନ୍‌ର ଅବଦାନ। ଜୀବନ ଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରିପାରିଲେ ପ୍ରଥମ ଦୁଇଟି କାରଣରୁ ଆମେ ବର୍ତ୍ତିଯିବା। କିନ୍ତୁ ଜିନ୍‌ଜନିତ ଦୋଷରୁ ମୁକୁଳିବା ଏକ ଭିନ୍ନ ପ୍ରସଙ୍ଗ ଏବଂ ପ୍ରତିକାର ଜଟିଳ ଓ କଷ୍ଟସାଧ୍ୟ।

ସମସ୍ତେ ଭଣା ଅଧିକେ ସଚେତନ ଯେ, ସୁସ୍ଥ ଶରୀର ପାଇଁ ବ୍ୟାୟାମ ଆବଶ୍ୟକ। ସକାଳୁ ଉଠି ସୂର୍ଯ୍ୟୋଦୟକାଳୀନ ଆଲୋକରେ ମୁକ୍ତ ବାୟୁ ପ୍ରଭାତ ଭ୍ରମଣ ବେଳେ ସେବନକଲେ, ଆମେ ରୋଗ ଦାଉରୁ ରକ୍ଷା ପାଇବା। ସେମିତି ଆମେ ଜୀବନ ସମୟ ଅନୁଗାମୀ ବୃତ୍ତିରେ ଏତେ ନିବିଡ଼ ଭାବେ ନିମଜ୍ଜିତ ଯେ, କାର୍ଯ୍ୟାଳୟରୁ ଘରକୁ ଫେରିଲେ ଆରାମରେ ବିଶ୍ରାମ ନେଉ ଏବଂ ଛୋଟ ମୋଟ କାମ କରିବାକୁ ପଶ୍ଚାତପଦ ହୋଇ ଖମ୍ବଆଲୁ ପରି ବସି ରହୁ। ତେଣୁ ଯଦି ଦୈହିକ ତତ୍ପରତା ପାଇଁ ଆମେ ପରାଂମୁଖ, ଏହା ପଛରେ କେବଳ ସାଂପ୍ରତିକ ଯାନ୍ତ୍ରିକ ବ୍ୟବସ୍ଥାର ପ୍ରାବଲ୍ୟ ନୁହେଁ; ଦୀର୍ଘ ଅତୀତ ଆମ ଶରୀରରେ ଆସ୍ଥାନ ଜମାଇଥିବା ଜିନ ମଧ୍ୟ ଦାୟୀ। ମୋଟା ହେବା ମଣିଷର ଏକ ସହଜାତ ଲକ୍ଷଣ। ସ୍ଥୂଳ ହେବାରେ କିଛି ବୈଚିତ୍ର୍ୟ ନାହିଁ । ତେଣୁ ଏହି ପୃଷ୍ଠଭୂମିରେ ସତର୍କତା ବିଧେୟ। ଏହା ଅନସ୍ୱୀକାର୍ଯ୍ୟ ଯେ, ବର୍ତ୍ତମାନ ଯାନ୍ତ୍ରିକ ଯୁଗରେ ଉପକରଣର ବ୍ୟବହାରକୁ ଆମ ଦୈନନ୍ଦିନ ଜୀବନରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିପାରିବା ନାହିଁ। କିନ୍ତୁ ସ୍ୱାସ୍ଥ୍ୟ ଅନୁକୂଳ ଜୀବନ ଶୈଳୀ (ସୁଷମ ଖାଦ୍ୟ ସହ ନିମ୍ନତମ ବ୍ୟାୟାମ) କଡ଼ାକଡ଼ି ଭାବେ ନିର୍ବାହ କରିବାକୁ ପଡିବ। ତତ୍ ସହ ଗ୍ୟାଜେଟ ପ୍ରତି ମୋହକୁ ଯଥା ସମ୍ଭବ ସଙ୍କୋଚନ କରିବା ଜରୁରୀ। କାରଣ ବିଗତ ଜିନ୍ ଆମର ଅନିଚ୍ଛା ସତ୍ତ୍ୱେ ଆମ ଶରୀରକୁ ମୋଟା ସୋଟା କରିବାକୁ ଅହରହ ଚେଷ୍ଟିତ ଥାଏ। ଆଳସ୍ୟ ପ୍ରବୃତ୍ତିକୁ ଉତ୍ସାହିତ କରି ବଳିଷ୍ଠ କରାଏ।



-ଡ. ନିଖିଳାନନ୍ଦ ପାଣିଗ୍ରାହୀ
ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ,
ବ୍ରହ୍ମପୁର, ମୋ: ୯୪୩୭୦୨୬୬୫୧

## ସଂକ୍ଷେପରେ

### ମୋବାଇଲ ଆପ୍ ଜରିଆରେ ଦୃଷ୍ଟିବାଧିତ ଚିହ୍ନିପାରିବେ ନୋଟ୍



ନୂଆଦିଲ୍ଲୀ,୩୦-୧୨: ଦୃଷ୍ଟିବାଧିତ ଯେପରି ସହଜରେ ନୋଟ୍ ଚିହ୍ନିପାରିବେ ସେଥିଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଏଥିଲାଗି ଆର୍‌ବିଆଇ ମୋବାଇଲ ଫୋନ ଆପ୍ ଆଧାରିତ ସମାଧାନ ଖୋଜିଛି। ବର୍ତ୍ତମାନ ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ନୋଟ୍‌କୁ ଏଭଳି ଭାବେ ଛପାଯାଇଛି(ଇଣ୍ଟେଗଲିୟୋ ପ୍ରିଣ୍ଟିଂ) ଯାହାଦ୍ୱାରା ଦୃଷ୍ଟିବାଧିତ ବ୍ୟକ୍ତିବିଶେଷ ଏହାକୁ ଛୁଇଁ ନୋଟ୍‌ର ମୂଲ୍ୟ ଜାଣିପାରିବେ। ସୂଚନାଥାଉ କି, ଦେଶରେ ବର୍ତ୍ତମାନ ୧୦,୨୦,୫୦, ୧୦୦, ୨୦୦, ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ରହିଛି। ଦେଶରେ ଏବେ ପ୍ରାୟ ୮୦ଲକ୍ଷ ଦୃଷ୍ଟିବାଧିତ ବ୍ୟକ୍ତିବିଶେଷ ରହିଛନ୍ତି,ଯେଉଁମାନେ ରିଜର୍ଭ ବ୍ୟାଙ୍କର ପଦକ୍ଷେପ ଯୋଗୁ ଉପକୃତ ହେବେ। ଉଲ୍ଲେଖ କରାଯାଇପାରେ ଯେ, ଦୃଷ୍ଟିବାଧିତ ଯେପରି ମୁଦ୍ରାକୁ ଚିହ୍ନିପାରିବେ ସେନେଇ ଏଭଳି ଉପକରଣ ଅଥବା ବ୍ୟବସ୍ଥା ବିକଶିତ କରିବା ଲାଗି ପ୍ରୟାସ କରାଯାଉଛି ବୋଲି ଜୁନ୍‌ରେ ଆର୍‌ବିଆଇ ପ୍ରକାଶ କରିଥିଲା। ଏଥିଲାଗି ନିଲାମ ଡକାଯାଇସାରିଛି।

### ଋଣଖିଲାପୀଙ୍କଠାରୁ ଆଦାୟ ହୋଇଛି ୪୦,୪୦୦କୋଟି

ମୁମ୍ବାଇ,୩୦-୧୨: ଚଳିତ ଆର୍ଥିକ ବର୍ଷରେ ଫଶିଯାଇଥିବା ଋଣ ବା ଅନାଦାୟ ଋଣ ଆଦାୟରେ ବ୍ୟାଙ୍କଗୁଡିକ ବେଶ ସଫଳତା ହାସଲ କରିଛନ୍ତି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟରୁ ଏହା ଜଣାପଡିଛି। ମାର୍ଚ୍ଚ ୨୦୧୮ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକ ୪୦,୪୦୦ କୋଟି ଟଙ୍କାର ଅନାଦାୟ ଋଣକୁ ଫେରସ୍ତ ପାଇବାରେ ସଫଳ ହୋଇଛନ୍ତି। ଆର୍ଥିକ ବର୍ଷ ୨୦୧୭ରେ ଏହା ୩୮,୫୦୦ କୋଟି ଟଙ୍କାର ଅନାଦାୟ ଋଣ ଫେରି ପାଇଥିଲା। ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଯାହାକୁ ଦେବାଳିଆ ଆଇନ କୁହାଯାଉଛି ଏବଂ ସରଫେସି(ସିକ୍ୟୁରିଟାଇଜେଶନ ଆଣ୍ଡ୍ ରିକନଷ୍ଟ୍ରକଶନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ) ଆଇନରେ ସଂଶୋଧନ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ରିପୋର୍ଟରେ କୁହାଯାଇଛି। ଏହାଛଡ଼ା ଡେବ୍ଟ ରିକଭରି ଟ୍ରିବ୍ୟୁନାଲ ଏବଂ ଲୋକ ଅଦାଲତଗୁଡିକ ଜରିଆରେ ମଧ ଫଶିଥିବା ଋଣକୁ ଆଦାୟ କରାଯାଇପାରିଛି। ଏଥିରେ କୁହାଯାଇଛି ଯେ, ଆଇବିସି ଜରିଆରେ ବ୍ୟାଙ୍କଗୁଡିକ ୪୯୦୦ କୋଟି ଟଙ୍କା ଓ ସରଫେସିରେ ୨୬,୫୦୦ କୋଟି ଟଙ୍କା ଆଦାୟ କରିପାରିଛନ୍ତି।

### ଏୟାର ଇଣ୍ଡିଆକୁ ଲାଭଜନକ କରିବା ଉଦ୍ଦେଶ୍ୟ

### ନିଯୁକ୍ତ କରାଯିବ ବିଶ୍ୱର ଟପ୍ ପେସାଦାର




ନୂଆଦିଲ୍ଲୀ,୩୦-୧୨: ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆକୁ ଲାଭଜନକ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ବିଶ୍ୱର ଟପ୍ ପେସାଦାରଙ୍କୁ ଶୀର୍ଷ ପଦରେ ନିଯୁକ୍ତି ଦେବେ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଚଳିତ ବର୍ଷ ମେ’ରେ ସରକାର ଏକଦା ମହାରାଜା ବୋଲାଉଥିବା ଏହି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀର କିଛି ଶେୟାର ବିକ୍ରି କରିଦେବାକୁ ଆଗ୍ରହ ପ୍ରକାଶ କରିଥିଲେ ହେଁ ଏହା ବିଫଳ ହୋଇଥିଲା। ଲାଭଜନକ ନ ହେବା ପର୍ଯ୍ୟନ୍ତ ଏହି କମ୍ପାନୀ ବିକ୍ରି ହୋଇପାରିବ ନାହିଁ ଜାଣିବା ପରେ ସରକାର ଏବେ ଏହାକୁ ପେସାଦାରଙ୍କ ହାତରେ ଟେକିଦେବାକୁ ସ୍ଥିର କରିଛନ୍ତି। ବିଶ୍ୱସ୍ତରରେ ପେସାଦାରଙ୍କୁ ଖୋଜିବା ଲାଗି ସେ ନିର୍ଦ୍ଦେଶ ଦେଇସାରିଛନ୍ତି ବୋଲି ପ୍ରଭୁ ରବିବାର ଗଣମାଧମ ସହ ଆଲୋଚନାକାଳରେ କହିଛନ୍ତି। ଉଲ୍ଲେଖଥାଉ କି, ବର୍ତ୍ତମାନ ଏୟାର ଇଣ୍ଡିଆର ବୋର୍ଡ ଅଫ୍ ଡାଇରେକ୍ଟର୍ସରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଦୁଇ ଜଣ ସଚିବଙ୍କ ସହିତ ମୋଟ୍ ୯ଜଣ ସଦସ୍ୟ ରହିଛନ୍ତି। ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରଦୀପ ସିଂ ଖରୋଲା କମ୍ପାନୀର ସିଏମ୍‌ଡି ଭାବେ ଦାୟିତ୍ୱ ତୁଲାଉଛନ୍ତି।

---

> ୨୦୧୯ ବର୍ଷରେ ମଧ ଦେଶର ଅଭିବୃଦ୍ଧି ଧାରା ଜାରି ରହିବ ନେଇ ଶିଳ୍ପ ଆଶାବାଦୀ।
> – ଚନ୍ଦ୍ରଜିତ ବାନାର୍ଜୀ, ମହା ନିର୍ଦ୍ଦେଶକ, ସିଆଇଆଇ



> ଦେଶରେ ଜାହାଜ ଚଳାଚଳ କ୍ଷେତ୍ରରେ ଏକ ନିୟାମକ ଆଣିବାକୁ ସରକାରଙ୍କୁ ନିବେଦନ କରାଯାଇଛି।
> – ସୁରଞ୍ଜନ ଗୁପ୍ତା, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, ଇଇପିସି ଇଣ୍ଡିଆ



# ନୂଆବର୍ଷରେ ଟିକସ ପରିସର ବୃଦ୍ଧି ଲକ୍ଷ୍ୟ

ନୂଆଦିଲ୍ଲୀ, ୩୦-୧୨

କେନ୍ଦ୍ର ସରକାର ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ଟିକସ କ୍ଷେତ୍ରରେ ରାଜସ୍ୱ ଭାଗୀଦାରି ବଢ଼ାଇବା ଉପରେ ଧ୍ୟାନ ଦେଉଛନ୍ତି। ଏଥିଲାଗି କଡାକଡ଼ି ନିୟମ ପାଳନ କରିବା ତଥା ଟିକସ ବାହାରେ ଥିବା କ୍ଷେତ୍ରକୁ ଏହାର ପରିସରକୁ ଆଣିବା ଉପରେ ସରକାର ଜୋର୍ ଦେବେ। ନୂଆବର୍ଷରେ ଟିକସ ପରିସର ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ କହିଛନ୍ତି।

ଗଣମାଧ୍ୟମ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ସଚ୍ଚୋଟ ଟିକସଦାତାଙ୍କୁ ଯେପରି ଅଯଥାରେ ହଇରାଣ ହରକତ କରା ନ ଯାଏ, ସେ ଦିଗରେ ଆୟକର ବିଭାଗ ଧ୍ୟାନ ଦେବ। ସେହିପରି ଠିକ୍ ସମୟରେ ଟିକସ ଦେଉ ନ ଥିବା ଅଥବା ରିଟର୍ନ ଦାଖଲ କରୁ ନ ଥିବା ବ୍ୟକ୍ତିବିଶେଷଙ୍କୁ ଟିକସ ପରିସରକୁ ଅଣାଯିବ। ସେ କହିଛନ୍ତି ଯେ, ଆୟକର(ଆଇଟି) ବିଭାଗ ଟିକସ ଆକଳନ ବେଳେ ଅଧିକାରୀଙ୍କ ସହ ଟିକସଦାତା ଯେପରି ମୁହାଁମୁହିଁ ନ ହେବେ ସେଥିଲାଗି ନୂଆବର୍ଷରୁ ଏକ ପ୍ରଣାଳୀ ବିକଶିତ କରାଯିବ। ଏହାଦ୍ୱାରା ବ୍ୟକ୍ତିଗତ ସ୍ୱାର୍ଥସାଧନକୁ ରୋକାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଜିଡିପିରେ ଟିକସ ଅନୁପାତ ବଢ଼ାଇବା ଲାଗି ସରକାରଙ୍କ ପଦକ୍ଷେପ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ଏ ସଂକ୍ରାନ୍ତରେ ସରକାର ୨ଟି ପ୍ରସଙ୍ଗ ଉପରେ ବିଚାର କରୁଛନ୍ତି। ଟିକସ ପରିସରରୁ ବାଦ୍ ପଡିଥିବା କ୍ଷେତ୍ରକୁ ଏଥିରେ ସାମିଲ କରିବା ନେଇ ସରକାର ନୀତି ପ୍ରଣୟନ କରିବେ ଏହା ପ୍ରଥମ ପ୍ରସଙ୍ଗ ହୋଇଥିବା ବେଳେ ଟିକସ ନିୟମ ପାଳନ ଲାଗି ପଦକ୍ଷେପ ନେବା ଦ୍ୱିତୀୟ ପ୍ରସଙ୍ଗ ରହିଛି। ଏଭଳି ଭାବେ ଦେଖିବାକୁ ଗଲେ ପ୍ରତିକୂଳ ହେବ ନାହିଁ ଅଥଚ ବାଦ୍ ପଡିଥିବା କ୍ଷେତ୍ରକୁ ଚିହ୍ନଟ କରି ସେମାନଙ୍କୁ ଟିକସ ପରିସରକୁ ଆଣିବାକୁ ହେବ। ଗତ ୪ ବର୍ଷରେ ଦେଶର ଜିଡିପି-ଟିକସ ଅନୁପାତ ୧୦ ପ୍ରତିଶତରୁ ବୃଦ୍ଧି ପାଇ ୧୧.୫% ହୋଇଛି। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ, ଚାକିରି କରୁଥିବା କର୍ମଚାରୀ ନିଜର ଟିକସ ଠିକ୍ ସମୟରେ ଦେଉଛନ୍ତି। କିନ୍ତୁ ଅନ୍ୟ କ୍ଷେତ୍ରର ଟିକସ ରେକର୍ଡରେ ଅଧିକ ଉନ୍ନତି ଆଣିବାକୁ ହେବ। ଏହି କାରଣରୁ ଉନ୍ନତ ଟିକସ ପ୍ରଦାନକାରୀ ଦେଶ ଭିତରେ ଭାରତ ପରିଗଣିତ ହୋଇପାରୁ ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରି କହିଥିଲେ।

ଅନ୍ୟପକ୍ଷରେ ପାଣ୍ଡେ କହିଛନ୍ତି ଯେ, ଆକଳନ ବର୍ଷ ୨୦୧୮-୧୯ରେ ଆୟକର ରିଟର୍ନ ଦାଖଲ କରିଥିବା ଟିକସଦାତାଙ୍କ ସଂଖ୍ୟା ବୃଦ୍ଧି ପାଇ ୬ କୋଟିରୁ ଅଧିକ ହେଲାଣି। ଗତ ବର୍ଷ ତୁଳନାରେ ଏହା ୫୦% ଅଧିକ। ଟିକସ ନିୟମ ପାଳନରେ ସୁଧାର, ସଚ୍ଚୋଟ ଟିକସଦାତାଙ୍କୁ ସୁବିଧା ଦେବା ଲାଗି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛି। ଜିଏସ୍‌ଟି ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଏହି ଅପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ଫାଙ୍କି ରୋକିବା ସରକାରଙ୍କ ପ୍ରାଥମିକତା ରହିଛି। କାରଣ ଏହାଦ୍ୱାରା ସରକାରଙ୍କୁ କମ୍ ରାଜସ୍ୱ ମିଳୁଛି ଏବଂ ସଚ୍ଚୋଟ ଟିକସଦାତା ପ୍ରତିଯୋଗିତାରୁ ବାଦ୍ ପଡିଯାଉଛି। ଜିଏସ୍‌ଟି ସମ୍ପର୍କରେ ସୂଚନା ଦେଇ ସେ ଉଲ୍ଲେଖ କରିଛନ୍ତି ଯେ, ଗତ ବର୍ଷ ଜୁଲାଇ ପହିଲାରୁ ଦେଶରେ ଏହା ଲାଗୁ ହେବା ପରେ ୧.୧୬ କୋଟିରୁ ଅଧିକ ବ୍ୟବସାୟୀ ଓ କମ୍ପାନୀ ପଞ୍ଜୀକୃତ ହୋଇସାରିଛନ୍ତି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ମାସିକ ଆଧାରରେ ହାରାହାରି ୯୭, ୧୦୦ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ଗତ ବର୍ଷ ଏହା ୮୯,୧୦୦ କୋଟି ଟଙ୍କା ଥିଲା।

#### ସ୍ପଷ୍ଟ କଲେ ରାଜସ୍ୱ ସଚିବ

- ବାଦ୍ ପଡିଥିବା କ୍ଷେତ୍ରକୁ ସାମିଲ କରାଯିବ
- ସଚ୍ଚୋଟ ଟିକସଦାତାଙ୍କୁ ହଇରାଣ କରାଯିବନି
- ଅଧିକାରୀ-ଟିକସଦାତା ମୁହାଁମୁହିଁ ହେବେନି





## ଡିଲରଶିପ୍ ନେଟୱର୍କ ବଢାଉଛି ଟାଟା ମୋଟର୍ସ

ନୂଆଦିଲ୍ଲୀ, ୩୦-୧୨

ପ୍ରମୁଖ କମ୍ପାନୀ ଟାଟା ମୋଟର୍ସ ଏହାର ଡିଲରଶିପ ନେଟୱର୍କକୁ ବୃଦ୍ଧି କରୁଛି। ଏହି ପଦକ୍ଷେପ ଅନ୍ତର୍ଗତ କମ୍ପାନୀ ରାଜସ୍ଥାନରେ ୬ ନୂଆ ଡିଲରଶିପ ଖୋଲିଛି। ଜୟପୁରରେ ୩ ଏବଂ ଉଦୟପୁର, ବିକାନେର ଏବଂ ଗଙ୍ଗାନଗରରେ ଗୋଟିଏ ଲେଖାଏ ଡିଲରଶିପ କମ୍ପାନୀ ଶୁଭାରମ୍ଭ କରିଛି। ଏହା ଦ୍ୱାରା କମ୍ପାନୀର ସେଲସ ଟଚ୍ ପଏଣ୍ଟ ବୃଦ୍ଧି ଯୋଜନାକୁ ତ୍ୱରାନ୍ୱିତ କରାଯାଇଛି। ଟର୍ନ ଆରାଉଣ୍ଡ ୨.୦ ଯୋଜନା ମୁତାବକ ନୂଆ ନୂଆ ଡିଲରଶିପ ମାନ ଖୋଲାଯାଉଥିବା ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ ବିଜନେସ୍ ୟୁନିଟ ସଭାପତି ମୟଙ୍କ ପାରିକ୍ ସୂଚନା ଦେଇଛନ୍ତି।

## ନାଲ୍‌କୋ ପ୍ରଦର୍ଶନକୁ ଏକ୍ସିଲେଣ୍ଟ ରେଟିଂ

ଭୁବନେଶ୍ୱର,୩୦-୧୨



ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ)କୁ ୨୦୧୭-୧୮ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜେସର ଆନ୍ତଃ ମନ୍ତ୍ରଣାଳୟ କମିଟି ଏବଂ କ୍ୟାବିନେଟ ସେକ୍ରେଟାରିଏଟ ପକ୍ଷରୁ ଏକ୍ସିଲେଣ୍ଟ ଏମ୍‌ଓୟୁ ରେଟିଂ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସହ ସ୍ୱାକ୍ଷର ହୋଇଥିବା ଏମ୍‌ଓୟୁ ଆଧାରରେ ଏହି ରେଟିଂ ମିଳିଛି। ଏମ୍‌ଓୟୁରେ ଉଲ୍ଲେଖ ଥିବା ପ୍ରାୟ ସମସ୍ତ ପରିମାପକରେ କମ୍ପାନୀ ପୂର୍ଣ୍ଣ ମାର୍କ ହାସଲ କରିପାରିଛି। ୨୦୧୭-୧୮ ଆର୍ଥିକ ବର୍ଷର ଫଳାଫଳ ଅନୁସାରେ କମ୍ପାନୀ ଗତ ବର୍ଷରେ ସର୍ବାଧିକ ନିଟ୍ ଲାଭ କରିବାକୁ ସକ୍ଷମ ହୋଇଥିଲା।

କମ୍ପାନୀର ନିଟ୍ ଲାଭ ୧୩୪୨.୧୯ କୋଟି ଥିଲା ଥିଲା ଯାହା ଗତ ବର୍ଷ ତୁଳନାରେ ୬୬୯ କୋଟି ଟଙ୍କାଥିଲା। ସେହିଭଳି ବୈଦେଶିକ ମୁଦ୍ରା ଅର୍ଜନ କରିବାରେ ଏହା ପ୍ରମୁଖ କମ୍ପାନୀ ହୋଇପାରିଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରଥମ ୬ ମାସରେ ନାଲ୍‌କୋ ୫୯୫୨ କୋଟି ଟଙ୍କାର ଟର୍ନଓଭର ଲାଭ କରିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟ ତୁଳନାରେ ୪୨% ଅଧିକ। ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧ ବାର୍ଷିକରେ କମ୍ପାନୀର ନିଟ୍ ଲାଭ ୩୬୪ କୋଟି ଟଙ୍କା ଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୨୨୯% ବୃଦ୍ଧି ଘଟି ୧୧୯୭ କୋଟି ଟଙ୍କା ରହିଛି। ଏହି ସଫଳତା ପାଇଁ ନାଲ୍‌କୋ ପରିବାରରୁ ଏହାର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଶୁଭେଚ୍ଛା ଜଣାଇଛନ୍ତି।

## ସାମଗ୍ରୀ, ସେବା ଦେବା ବଦଳରେ ରେଳରେ ମିଳିବ ବିଜ୍ଞାପନ ସୁଯୋଗ

ନୂଆଦିଲ୍ଲୀ,୩୦-୧୨

ବହୁ ପୁରାତନ ଯୁଗରେ ଚାଲିଥିବା ‘ବସ୍ତୁ ବିନିମୟ’ ବ୍ୟବସ୍ଥାକୁ ଭାରତୀୟ ରେଲୱେ ନୂଆ ଧାରାରେ ଆପଣାଇବାକୁ ଯାଉଛି। କମ୍ପାନୀମାନେ ସାମଗ୍ରୀ ଓ ସେବା ଯୋଗାଇବା ବଦଳରେ ରେଳରେ ବିଜ୍ଞାପନ ଦେବାର ସୁଯୋଗ ପାଇବେ। ପଦ୍ଧତି ପୁରୁଣା, କିନ୍ତୁ ଏହାକୁ ଆପଣାଇବାର ଢ଼ଙ୍ଗ ନୂଆ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତାଙ୍କର କହିବାନୁଯାୟୀ, ନୂଆ ବ୍ୟବସ୍ଥା ନେଇ ରେଲୱେ ପକ୍ଷରୁ ସମସ୍ତ ଜେନେରାଲ ମ୍ୟାନେଜରଙ୍କୁ ଗତ ୨୭ ତାରିଖରେ ନିର୍ଦ୍ଦେଶ ଜାରି କରାଯାଇଛି। ଏହା ଏକ ନୂଆ ପ୍ରୟୋଗ ହେବ। ପୁରୁଣା କାଳରେ ବସ୍ତୁ ବିନିମୟ ବ୍ୟବସ୍ଥାରେ ଟଙ୍କାର ଆଦାନପ୍ରଦାନ କରାଯାଉ ନ ଥିଲା। କମ୍ପାନୀମାନେ ନିଜ ଉତ୍ପାଦିତ ସାମଗ୍ରୀ ଅଥବା ସେବା ଯୋଗାଇ ଟ୍ରେନରେ ବିଜ୍ଞାପନ ଦେବାର ସୁଯୋଗ ପାଇବେ, ଯାହା କମ୍ ଖର୍ଚ୍ଚରେ ସମ୍ଭବ ହେବ ଓ ଅଧିକ ଦର୍ଶକଙ୍କ ନିକଟରେ ଏହା ପହଞ୍ଚି ପାରିବ। ନିର୍ଦ୍ଦେଶରେ କୁହାଯାଇଛି ଯେ, ଜଣେ କୋଚିଂ ଡିପୋ ଅଫିସର(ସିଡିଓ)ଙ୍କୁ ଏଭଳି ପ୍ରସ୍ତାବ ମିଳିଲେ ସେ ରେଲୱେର ୱେବ୍‌ସାଇଟରେ ଏହାକୁ ୨୧ ଦିନ ପାଇଁ ପ୍ରଦର୍ଶିତ କରିବାର ସୁଯୋଗ ପାଇବେ। ଏଣୁ ସାମଗ୍ରୀ ଉତ୍ପାଦନ କରୁଥିବା କମ୍ପାନୀଙ୍କ ଭିତରେ ବିଜ୍ଞାପନ ପ୍ରଦର୍ଶନକୁ ନେଇ ପ୍ରତିଯୋଗିତା ବଢ଼ିବ। ଅପେକ୍ଷାର ଅବଧି ଶେଷ ପରେ ସିଡିଓ ଗୋଟିଏ ପାର୍ଟିକୁ ବାଛିପାରିବେ। ପ୍ରତ୍ୟେକ ଡିପୋର ଦୁଇଟି ଟ୍ରେନରେ ୩ ମାସ ଲାଗି ଏଭଳି ବିଜ୍ଞାପନ ପାଇଁ ଅନୁମତି ଦିଆଯିବ। ପ୍ରାରମ୍ଭରେ ରେଲୱେ ସେବା ବଦଳରେ ସାମଗ୍ରୀକୁ ନେଇ ନୂଆ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। କମ୍ପାନୀମାନେ ଟଙ୍କା ବଦଳରେ ନିଜର ଉତ୍ପାଦିତ ସାମଗ୍ରୀ ରେଲୱେକୁ ଦେଇ ବିଜ୍ଞାପନ ପାଇବାର ଅଧିକାରୀ ହେବେ ବୋଲି ସେ କହିଛନ୍ତି। ଟ୍ରେନରେ ବ୍ୟବହୃତ ସାମଗ୍ରୀର ୬ ଇଞ୍ଚ ଚଉଡା ଓ ୬ ଇଞ୍ଚ ଲମ୍ବର ବିଜ୍ଞାପନକୁ ଟଏଲେଟ ଭିତରେ ଓ ଏହାର ସମ୍ମୁଖ ଦରଜାରେ ପ୍ରକାଶ କରାଯାଇପାରିବ।

#### ରେଲୱେର ନୂଆ ନୀତି

## ଛାତ୍ରୀଛାତ୍ରଙ୍କ ସୃଜନଶୀଳତକୁ ଏଲ୍‌ଆଣ୍ଡଟି ଫାଇନାନ୍ସର ପ୍ରୋତ୍ସାହନ

L&T Finance Holdings

ଭୁବନେଶ୍ୱର,୩୦-୧୨

ଏଲ୍‌ଆଣ୍ଡଟି ଫାଇନାନ୍ସ ହୋଲ୍ଡିଂସର ସହଯୋଗୀ ସଂସ୍ଥା ଏଲ୍‌ଆଣ୍ଡଟି ଫାଇନାନ୍ସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ସମ୍ବଲପୁରର ହୀରାକୁଦ, ବୁର୍ଲା, ଝାରସୁଗୁଡା, ଦେବଗଡ, ବଲାଙ୍ଗୀର, କଟକର ବାଙ୍କୀ, ଗୋପାଳପୁର ଭଳି ସ୍ଥାନଗୁଡ଼ିକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୱାର ସରାଉଣ୍ଡିଂ ଶୀର୍ଷକ ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ୬ରୁ ୧୩ ବର୍ଷ ବୟସର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## କେ.ରାମଚନ୍ଦ୍ରନ ଆଲ୍ଲାହାବାଦ ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱର,୩୦-୧୨: ରାଷ୍ଟ୍ରାୟତ୍ତ ଆଲ୍ଲାହାବାଦ ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭାବେ କେ.ରାମଚନ୍ଦ୍ରନ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ କର୍ପୋରେଶନ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ବ୍ୟାଙ୍କିଙ୍ଗ ଶିଳ୍ପରେ ତାଙ୍କର ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ରହିଛି। ସେ କର୍ପୋରେଶନ ବ୍ୟାଙ୍କରେ ପ୍ରୋବେସନାରୀ ଅଧିକାରୀ ଭାବେ ୧୯୮୫ରେ ଯୋଗ ଦେଇଥିଲେ। ବ୍ୟାଙ୍କର ବିଭିନ୍ନ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ସେ କର୍ପୋରେଶନ ବ୍ୟାଙ୍କର ଜୋନାଲ ମୁଖ୍ୟ, ସର୍କଲ ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ କର୍ପୋରେଟ କାର୍ଯ୍ୟାଳୟରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି। ଋଣ ପରିଚାଳନା, ଅଗ୍ରାଧିକାର କ୍ଷେତ୍ରକୁ ଋଣ ଯୋଗାଣ, ଯୋଜନା, ସୂଚନା ଏବଂ ପ୍ରଯୁକ୍ତି ତଥା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ବିଭିନ୍ନ କ୍ଷେତ୍ରରେ ତାଙ୍କର କାର୍ଯ୍ୟଦକ୍ଷତା ରହିଛି।



## ବିରୁପାକ୍ଷ ମିଶ୍ର କର୍ପୋରେଶନ ବ୍ୟାଙ୍କର ନୂଆ ଇଡି

ଭୁବନେଶ୍ୱର,୩୦-୧୨


ବିରୁପାକ୍ଷ ମିଶ୍ର

କର୍ପୋରେଶନ ବ୍ୟାଙ୍କର ନୂଆ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ବିରୁପାକ୍ଷ ମିଶ୍ର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ସେ ୧୯୮୪ରେ ସେଣ୍ଟ୍ରାଲ ବ୍ୟାଙ୍କର ପ୍ରୋବେସନାରୀ ଅଧିକାରୀ ଭାବେ ଯୋଗ ଦେଇଥିଲେ। ମିଶ୍ର ସେଣ୍ଟ୍ରାଲ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ, ଲକ୍ଷ୍ନୌ, ଚେନ୍ନାଇ, କଲିକତା ଏବଂ ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି। ମିଶ୍ର କଣ୍ଟିଲୋଠାରେ ପ୍ରାଥମିକ ଶିକ୍ଷା ପରେ ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର କଲେଜ ଏବଂ ଉତ୍କଳ ବିଶ୍ୱ ବିଦ୍ୟାଳୟ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ପଦୋନ୍ନତିରେ ଏଆଇବିଓସିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ନନ୍ଦଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀ ତଥା କର୍ମଚାରୀମାନେ ଅଭିନନ୍ଦନ ଜଣାଇଛନ୍ତି।

## ବିମାନ ଯାତ୍ରୀଙ୍କୁ ମିଳିପାରେ ୟୁନିକ୍ ଆଇଡି

ନୂଆଦିଲ୍ଲୀ,୩୦-୧୨

ଜାଲ୍ ଇ-ଟିକେଟ ଜରିଆରେ ବିମାନ ବନ୍ଦରରେ ବେଆଇନ ପ୍ରବେଶ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୪ ବର୍ଷ ମଧ୍ୟରେ ଚଳିତ ବର୍ଷ ଏହି ସଂଖ୍ୟା ସର୍ବାଧିକ କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ଏଜେନ୍ସିଗୁଡିକ ଯାତ୍ରୀଙ୍କ ଲାଗି ବାୟୋମେଟ୍ରିକ ଅଥବା ବାର୍‌କୋଡ୍ ଆଧାରିତ ପ୍ରବେଶ ବ୍ୟବସ୍ଥା (ୟୁନିକ୍ ଆଇଡି) ଆପଣାଇବାକୁ ବିଚାର କରୁଛି। ତେବେ ଆତଙ୍କବାଦ ଅଥବା ଅଧିକ କ୍ଷତି ପହଞ୍ଚାଇବା ଲାଗି ହେଉଥିବା ଉଦ୍ୟମକୁ ଭଣ୍ଡୁର କରିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇନି ବୋଲି ସୁରକ୍ଷା ଏଜେନ୍ସି ଗୁଡିକ ପ୍ରକାଶ କରିଛନ୍ତି। ତେବେ ଭବିଷ୍ୟତରେ ଜାଲ୍ ଇ-ଟିକେଟ ଜରିଆରେ ବିମାନ ବନ୍ଦରର ସୁରକ୍ଷା ଘେରା ଭାଙ୍ଗିବାକୁ ଉଦ୍ୟମ ହୋଇପାରେ ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସିଆଇଏସ୍‌ଏଫ୍ ଡାଟା ଅନୁଯାୟୀ ଚଳିତ ବର୍ଷ ଡିସେମ୍ବର ଆରମ୍ଭ ପର୍ଯ୍ୟନ୍ତ ଜାଲ୍ ଅଥବା ବାତିଲ ଇ-ଟିକେଟ ଜରିଆରେ ବେଆଇନ ଭାବେ ବିମାନ ବନ୍ଦରରେ ପ୍ରବେଶର ୧୪୦ ଘଟଣା ସାମ୍ନାକୁ ଆସିଛି। ଗତ ବର୍ଷ ଏଭଳି ୧୧୧ ମାମଲା ସାମ୍ନାକୁ ଆସିଥିଲା। ୨୦୧୬ରେ ୭୪ ଓ ୨୦୧୫ରେ ଏହା ମାତ୍ର ୪୩ ଥିଲା। ନିୟମ ଜାଣି ନ ଥିବାରୁ ଅଥବା ପରିବାର ସଦସ୍ୟଙ୍କୁ ବିଦାୟ ଜଣାଇବାର ଅଦମ୍ୟ ଇଚ୍ଛା କାରଣରୁ ବିମାନ ବନ୍ଦରରେ ଅଧିକାଂଶ ବେଆଇନ ପ୍ରବେଶ ହେଉଥିବା ଦେଖାଯାଇଛି। ଧରାପଡିଥିବା ମାମଲାଗୁଡିକ ଗୁରୁତର ନ ଥିଲେ ହେଁ ଜାଲ୍ ଅଥବା ବାତିଲ ଇ-ଟିକେଟ ଜରିଆରେ ଆତଙ୍କବାଦ କାର୍ଯ୍ୟକଳାପକୁ ଏଡାଇ ଦିଆଯାଇ ନ ପାରେ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।


PARADIP PORT TRUST
e-Tender Call Notice
Name of the work : "Shore Protection work from North Oil Jetty entrance to existing Stone Pitching and balance portion at Paradip Port". EMD cost : ₹ 14,19,485. Last date & time of submission of Bid : 17.01.2019 upto 17.15 hrs. For details please refer our website : https://eprocure.gov.in/ eprocure/app
Executive Engineer
Harbour Works Division No. 1
PPT/PR/556/18-19 Dt : 29.12.2018

N.P.C.C. Ltd.
(A Govt. of India Enterprises)
Bhubaneswar Zonal Office: Plot No.: VII-HIG/59, Sailashree Vihar, Bhubaneswar-751021, Odisha.
E-NOTICE INVITING FOR PRE-QUALIFICATION
E-Tenders are invited for pre qualification from the interested, reputed construction agencies/ firms for the civil works in different districts of Odisha State by 15.01.2019.
1. NIT No. 600105/BZO/STSC/NIPQ/709 Date : 31.12.2018

| Pkg No. | Place | Est. Cost (in Cr.) |
|---|---|---|
| I | 100 seated hostel in Deogarh, Mayurbhanj & Nawarangpur | 3.38 |
| II | 100 seated OBC hostel in Baripada, Mayurbhanj Dist. | 5.37 |
| III | 100 seated OBC hostel in Jeypore, Koraput Dist. | 10.81 |
| IV | 100 seated OBC hostel in Kendrapara & Puri Dist. | 8.05 |
| V | 120 seated ITI hostel in Koraput, Mayurbhanj, Malkangiri & Sundargarh Dist. | 6.45 |
| VI | Upgradation to high school in Kotiya, Koraput Dist. | 5.60 |
| VII | Upgradation to high school in Budhikhamari, Mayurbhanj Dist | 3.20 |
| VIII | 100 seated hostel in Koraput Dist. | 1.33 |
| IX | 100 seated hostel in Jajpur Dist. | 1.33 |
| 14 | 4 nos. of 100 seated hostel in Malkangiri Dist. | 2.86 |
| 16 | 4 nos. of 120 seated hostel in Nawarangpur Dist. | 3.20 |
| - | Upgradation to higher secondary school at Bolangir Dist. | 5.26 |

2. NIT No. 600208/BZO/DFO/NIPQ/710 Date : 31.12.2018
Development of Govt. Heritage Fish Farm at Angul Dist. 4.70
For further details please visit our official website.
www.npcc.gov.in / https://npcc.tenderpro.in
Zonal Manager

‘ଧରିତ୍ରୀ’ର ସ୍ୱନକ୍ଷତ୍ର ଅବସରରେ ଓଡ଼ିଶାର ଅଗଣିତ ପାଠକ/ପାଠିକାମାନଙ୍କୁ ଶୁଭେଚ୍ଛା ସହିତ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ସମସ୍ତ କୃଷକ ଏବଂ ଗ୍ରାହକବନ୍ଧୁମାନଙ୍କୁ ଶୁଭ କାମନା ସହିତ ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀଯୁକ୍ତ ସୁଶାନ୍ତ କୁମାର ଖମାରୀ, ସମ୍ପାଦକ
ଶ୍ରୀଯୁକ୍ତ ସୁବାସ ପାଢ଼ୀ, ସଭାପତି
ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବାଙ୍କୀ

ORMAS
Odisha Rural Development & Marketing Society, Sundargarh, Panchayati Raj & Drinking Water Department, Govt. of Odisha
Sealed tenders are invited from the Firm/ Agencies/ Organizations for tentage & Allied Works/ Light & Sound in Stage for JATRA-2019 (Sundargarh Mahotsav) to be held from 27th to 31st January' 2019 at Bhawani Bhawan Parade Ground, Sundargarh. The Tender Paper/ Quotations Call Notice along with detail specifications and eligibility criteria of the work are available at ORMAS Office, DRDA Building, Sundargarh, which can be obtained during office hours as well a can be downloaded from the official website **http://sundargarh.nic.in from 1st January to 9th January' 2019 till 1.00 PM.**
The other details along with corrigendum/ addendum/ cancellation of this tender, if any, can be seen from the same official website.
Sd./-
Collector & DM, Sundargarh

GOVERNMENT OF ODISHA
OFFICE OF THE EXECUTIVE ENGINEER
RWS&S DIVISION, BOUDH
E-mail ID- rwssboudh@gmail.com
National competitive Bidding through E-Procurement
Tender Identification No. 27 / E.E. RWSS, Boudh of 2018-19
**No. 1239-O:-** The Executive Engineer, RWS&S Division, Boudh, on behalf of the Government of Odisha invites Percentage Rate Bids in single cover (p, contact) from the eligible class of experienced registered contractors through e-Tendering system for the piped water supply works as detailed in DTCN. The bid should be submitted on-line in the website www.tendersorissa.gov.in separately for the work.

| | | |
|---|---|---|
| 1. | Nature of work | Piped water supply work |
| 2. | Estimated Cost | 39.53 lakhs to 65.72 lakhs |
| 3. | No. of works | 03 Nos. |
| 4. | Tender Cost | 6000.00 to 10000.00 |
| 5. | Class of contractor | “C” & “B” and “B” & “A” |
| 6. | Availability of Bid document in the website | Dt. 05.01.2019 11 hours to 16.01.2019 17 hours |
| 7. | Date of seeking clarification | During the office hours of 05.01.2019 to 14.01.2019 |
| 8. | Date of opening Bid | 17.01.2019 at 12.00 hours |

Further details can be seen in the bidding documents which is available in the e-procurement portal https//www.tendersorissa.gov.in subsequent corrigendum if required shall be appeared in the website: Authority reserves the right to reject any or all tenders without assigning any reason thereof.
25039/11/0019/1819
Sd./- Executive Engineer
RWS&S Division, Boudh

# ବ୍ରହ୍ମପୁର ବ୍ଲାଷ୍ଟର୍ସ ଚାମ୍ପିୟନ




ଉତ୍କଳ ପ୍ରିମିୟର ଲିଗ୍

ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ଭୁବନେଶ୍ୱର, ୩୦।୧୨(ସ୍ପୋର୍ଟ୍ସ ବ୍ୟୁରୋ) ପ୍ରବାସୀ ଓଡ଼ିଆଙ୍କ ଅନୁଷ୍ଠାନ ଉତ୍କଳ ସମାଜ ତରଫରୁ ପୁନେରେ ଅନୁଷ୍ଠିତ ଉତ୍କଳ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ବ୍ରହ୍ମପୁର ବ୍ଲାଷ୍ଟର୍ସ ଚାମ୍ପିୟନ ହୋଇଛି। ଫାଇନାଲ୍‌ରେ ବ୍ରହ୍ମପୁର ବ୍ଲାଷ୍ଟର୍ସ ୬୧ ରନ୍‌ରେ ଢେଙ୍କାନାଳ ଡାଇନାମାଇଟ୍ସକୁ ପରାସ୍ତ କରିଥିଲା। ବ୍ରହ୍ମପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୪୨ ରନ୍ ସଂଗ୍ରହ କରିଥିଲା। ଆଲୋକ ସାହୁ ସର୍ବାଧିକ ୬୩ ଓ ଆଲୋକ ରାଉତ ୪୫ ରନ୍ କରିଥିଲେ। ଢେଙ୍କାନାଳ ପକ୍ଷରୁ ହାବୁ ଓ ଆଲୋକ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ଢେଙ୍କାନାଳ ୮୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବ୍ରହ୍ମପୁରର ଆଲୋକ ସାହୁ ୫ ଉଇକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଆଲୋକ ରାଉତ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ମନୋଜ କୁମାର ମହାପାତ୍ର, ଜାଭେଦ୍ ଶେଖ୍ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାବର୍ଷ ନଭେମ୍ବରରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ ଓ ଅନେକ ନୂଆ ଦଳଙ୍କୁ ଏଥିରେ ସାମିଲ କରାଯିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି। ଡିସେମ୍ବର ୧ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ସମ୍ବଲପୁର ସମୁରାଇଜ୍, ଢେଙ୍କାନାଳ ଡାଇନାମାଇଟ୍ସ, ବାଲେଶ୍ୱର ବୁଲ୍ସ, ମୟୂରଭଞ୍ଜ ମାର୍ବଲ୍ସ, ଭଦ୍ରକ ଚାମ୍ପିୟନ୍ସ, ଭୁବନେଶ୍ୱର ଜାଗୁଆର୍ସ, ବ୍ରହ୍ମପୁର ବ୍ଲାଷ୍ଟର୍ସ ଓ ବଲାଙ୍ଗୀର ଷ୍ଟାଟର୍ସ ଏହିପରି ୮ଟି ଦଳ ସାମିଲ ହୋଇଥିଲେ। ପୁନେର ନିଗ୍‌ଡ଼ିସ୍ଥିତ ମଦନଲାଲ୍ ଡିଙ୍ଗରା ଷ୍ଟାଡିୟମ୍‌ରେ ଏହି ଟୁର୍ନାମେଣ୍ଟ ଖେଳାଯାଉଥିଲା।

# କ୍ରାଉନ୍‌କୁ ହରାଇ ଫାଇନାଲରେ ରାମେଶ୍ୱର

କାକଟପୁର, ୩୦।୧୨

ସ୍ଥାନୀୟ ମିନିଷ୍ଟାଡିୟମରେ ଅନୁଷ୍ଠିତ ୩୦ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ କ୍ରାଉନ୍ ସ୍ପୋର୍ଟିଂକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ୨ୟ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ରାମେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୨୦୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ଭୂୟାଁ ୬୬, ପରେଶ ପଟେଲ ୩୩ ରନ୍ କରିଥିଲେ। କ୍ରାଉନ୍ ପକ୍ଷରୁ ସୁଜିତ୍ କୁଲୁ ୩ ଓ ଓମ୍ ଆରିଆ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ କ୍ରାଉନ୍ ସ୍ପୋର୍ଟିଂ ୨୩.୪ ଓଭରରେ ୧୫୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ସୂର୍ଯ୍ୟକାନ୍ତ ସାମଲ ୪୦, ଭରତ ଦାସ ୩୪ ରନ ସଂଗ୍ରହ କରିଥିଲେ। ରାମେଶ୍ୱର ପକ୍ଷରୁ ପୂର୍ଣ୍ଣ ମହାରଣା, ବିଶ୍ୱଜିତ୍ ଭୂୟାଁ, ପରେଶ ପଟେଲ ଓ ଦୀପକ ମଙ୍ଗରାଜ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ରାମେଶ୍ୱରର ବିଶ୍ୱଜିତ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଏବଂ କ୍ରାଉନ୍‌ର ସୂର୍ଯ୍ୟକାନ୍ତ ସାମଲଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ଓଡିଶା ମତ୍ସ୍ୟଜୀବୀ ସଂଘର ସଭାପତି ପ୍ରସନ୍ନ କୁମାର ବେହେରା ପୁରସ୍କୃତ କରିଥିଲେ। ନିର୍ମଳ କୁମାର ମିଶ୍ର ଓ ସତ୍ୟବ୍ରତ ମହାପାତ୍ର ମ୍ୟାଚ୍ ପରିଚାଳନା ଏବଂ ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା, ପଦୀପ୍ତ ଦିକ୍ଷିତ୍ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ସ୍କୋରିଂରେ ଜ୍ୟୋତି ପ୍ରକାଶ, ସଚିନ ଏବଂ ତ୍ରିଲୋଚନ ସହାୟତା କରିଥିଲେ। ଆସନ୍ତା ଜାନୁୟାରୀ ୬ରେ ଦୁଇ ଭୁବନେଶ୍ୱର ଟିମ୍ ପାରାମାଉଣ୍ଟ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ପ୍ରକାଶ କରାଯାଇଛି।


## State Health Assurance Society, Odisha
## Deptt. of Health & Family Welfare, Govt. of Odisha

Bhubaneswar-751012, District-Khordha (Odisha)
Phone No.-0674-2560311, Email ID: snaodisha@gmail.com

No. 714-E:

Adv. No.: 12/2018 **Contractual Appointment** Date:29.12.2018

Applications are invited from eligible candidates for filling up the following post under State Health Assurance Society (SHAS) on contractual basis with monthly remuneration as noted against and subject to renewal as per State Health Assurance Society terms and conditions. The position is purely temporary and co-terminus with the scheme.

| Name of the Post | Remuneration (Base + PI) | Vacancy |
|---|---|---|
| District Coordinator | Rs.28,300/- + Rs.7,075/- | 1. **Total vacancy-5**<br>2. **Categories: Schedule Tribe-5**(W-2)<br>3. Out of total vacancies one post for **Sport person** is reserved. This post shall be adjusted against the categories to which they belong.<br>4. In the event of non-availability of sufficient number of eligible women candidate(s) belongs to any particular category, the remaining vacancies will be filled up by male candidate(s) of that category. |

Interested candidates can log on to www.nrhmorissa.gov.in for details of vacancy, eligibility criteria, age, selection procedure etc. Online application form will be available from 31.12.2018 to 07.01.2019 by 11.59 P.M. Last date for receipt of the System Generated Application duly signed by the candidate along with self attested copies of all supportive documents is 11.01.2019 (by 5.00 P.M.).

Sd./- Chief Executive Officer
State Health Assurance Society, Odisha

10001/11/0048/1819

## BERHAMPUR MUNICIPAL CORPORATION

**No. 21226 A.12.11-02/2016 Date: 28.12.18**

**QUOTATION CALL NOTICE**

**No.393-C:-** Sealed Quotations are invited to be reached by Speed Post/ Registered Post/ Courier only from reputed agencies/ firms for "Supply of Home appliances for Berhampur AAHAR Kitchen Centre". The detailed terms & conditions are available at our office website www.berhampur.gov.in. The last date of receipt of tenders in this office by 08.01.19 by 5.00 PM and will be opened on 09.01.19 at 11.00 PM in the office of undersigned.

The Authority reserves the right to accept or reject any quotation without assigning any reason thereof.

Sd./- Commissioner
13035/11/0178/1819 Berhampur Municipal Corporation

## STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA

UNIT-VIII, NEAR RAJ BHAWAN, BHUBANESWAR-751 012

No.5141 Dated 28.12.2018

## Tender for Hiring of Manpower on Outsourcing Basis

No.96-KK: Sealed Tenders are invited from reputed Manpower Agencies/Service Providers having related experience for providing Manpower service on outsourcing basis for the day to day official work of SCTE&VT, Odisha. The Tender document can be downloaded from the Council website **http://sctevtodisha.nic.in/en/** w.e.f. 29.12.2018.

For details please visit the council website.

44002/11/0014/1819 Sd./- Vice-Chairman

## BIJU PATTNAIK HOMOEOPATHIC MEDICAL COLLEGE AND HOSPITAL, BRAHMAPUR

E-mail:bphmch@gmail.com, Phone: 0680-2222539

No. 1835 BPHMC&H/2018 Date 26.12.2018

**TENDER CALL NOTICE**

No.718-E: Sealed tenders are invited from the reputed firms / publishers / book supplying agencies for supply of the library books for the college within 10.1.19 by 5 PM.

Details regarding the eligibility criteria, terms and conditions and forms for submission of tenders may be downloaded from the website **https://ganjam.nic.in**. The Tender may be obtained on payment of **Rs. 500/-** + GST in person from the O/O the undersigned on any working days. The tender paper will be submitted in a sealed cover super-scribing as **"Tender for supplying library books"** to the undersigned through **speed post/registered post only. The last date of receipt of the sealed tenders is on 10.01.2019 by 5.00 PM.** Tenders received after due date and time shall not be entertained. The tender paper will be opened on the next working day at 12.00 noon in presence of renderer or their authorized agents.

The undersigned reserves the right to reject any or all the tender without assigning any reason thereof.

10071/11/0006/1819 Sd./- PRINCIPAL

## Government of Odisha
## Department Of Water Resources
## OFFICE OF THE EXECUTIVE ENGINEER JARAKA IRRIGATION DIVISION, JARAKA

E-Mail Id.- eeidjaraka@yahoo.com

No.1032-A:- **"e" Procurement Notice**

**Bid Identification No.– JKID-06/2018-19**

| | | | |
|---|---|---|---|
| 1. | Name of the Work | : | Irrigation Project Works as per DTCN. |
| 2. | Total No. of Works | : | 22 (Twenty two) nos. works. |
| 3. | Estimated Cost | : | Varies from Rs. 9.13 Lakhs to Rs. 47.65 Lakhs. |
| 4. | Period of Completion | : | Sl. No. (1) to Sl. No.(22) - 06 (Six) calendar months. |
| 5. | Date & Time of Availability of Bid Document in the Portal | : | 10.00 A.M. of Dt. 04.01.2019 up to 05.00 P.M. of Dt. 15.01.2019. |
| 6. | Last Date & Time for Receipt of Bids in the Portal | : | Up to 05.00 P.M. of Dt. 15.01.2019 |
| 7. | Date of Opening of Bids | : | Dt. 16.01.2019 at 11.00 A.M. onwards. |
| 8. | Name and Address of the Officer inviting Tender | : | Executive Engineer, Jaraka Irrigation Division, Jaraka. |
| 9. | Further details can be seen from the e-Procurement Portal "https://tendersodisha.gov.in". | | |

Executive Engineer,
Jaraka Irrigation Division,
Jaraka

32098/11/0010/1819

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking), Email ID- eeliangul@gmail.com

**OFFICE OF THE EXECUTIVE ENGINEER, L.I. DIVISION, ANGUL**

e- Tender Notice

**Bid Identification No E.E. ANGUL (OLIC) 05/2018-19 Dt. 27.12.2018**

**NO. 4742 DATE 27.12.2018**

**No. CAD-1181:-** The Executive Engineer, Lift Irrigation Division, Angul, Odisha, on behalf of Governor of Odisha invites Pre-qualification along with Price Bid in shape of item rate basis bids for installation and energisation of different L.I. Projects in different Blocks of Angul District as described in the table below, from Civil 'D' / 'C' Class & above valid license with H.T. License or Tie up with H.T. License issued by E.L.B.O. complying with the terms and conditions. Bids are invited from intending tenderer having valid license as specified against the work for installation & energaisation of new R.L. Projects and revival of defunct R.L. Projects under percentage wise rate contract on turn-key basis.

1. Name of Works : Installation & Energaisation of River Lift Projects with supply of all materials on Turnkey basis.
2. Total Nos. of Packages : 5 Nos.
3. Approximate Estimated Cost : Rs. 58.59 Lakh to 14.12 Lakh
4. Class of Contractor : "D", "C", "B" & "A" with H.T. License
5. Period of completion : 60 Days from the date of issue of work order.
6. Other details as follows.

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Angul | 05/2018-19 | 04.01.2019, 10.00AM | 12.01.2019 Upto 5.00PM | 08.01.2019 | 14.01.2019, 11.00AM |

Due to some technical problem the Critical dates for the above tender notice has been extended as under.

- Details can be seen from the Website www.tendersorissa.gov.in
- Any Corrigendum/ Addendum will be displayed in the above website only.

32327/11/0007/1819 *Sd./- Executive Engineer, L.I. Division, Angul*

No.XXIX-54

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

RDM-LAC-ANG-0059-2017/405 /R&DM Dated : 03.01.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତାଳଚେର-ସମ୍ବଲପୁର (ସମ୍ବଲପୁର-ବାମୁର ସେକସନ) ରେଳପଥ ଦୋହରୀକରଣ ନିମନ୍ତେ ମୌଜା : କୁମଣ୍ଡ, ଥାନା- ଅନୁଗୁଳ, ତହସିଲ- ବଣ୍ଁରପାଳ, ଜିଲ୍ଲା- ଅନୁଗୁଳରେ ନିମ୍ନ ତଫସିଲ ମତେ ପ୍ରାୟ ୦.୩୦୭ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ରେ ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ତାଳଚେର-ସମ୍ବଲପୁର ରେଳପଥ ଦୋହରୀକରଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ନିର୍ମାଣ, ଅନୁଗୁଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ସଂଖ୍ୟା - ୨୯୭୩୧, ତା. ୦୬.୦୯.୨୦୧୭ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଅନୁଗୁଳ।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଣ୍ଁରପାଳ | କୁମଣ୍ଡ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୩୦୭ ଏକର | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ସମ୍ବଲପୁର ରେଳପଥ ଦୋହରୀକରଣ ପ୍ରକଳ୍ପ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ଶାସନ ସଚିବ

### ଭୂମି ଅନୁସୂଚୀ

**ମୌଜା : କୁମଣ୍ଡ, ତହସିଲ - ବଣ୍ଁରପାଳ, ଥାନା: ଅନୁଗୁଳ ନ. ୨୧, ଜିଲ୍ଲା : ଅନୁଗୁଳରେ ସମ୍ବଲପୁର - ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ**

| କ୍ର. ନଂ. | ଖାତା ନମ୍ବର | ପ୍ରଜାଙ୍କର ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୪୩ | ଜଟିଆ ପ୍ରଧାନ, ପି. ପଠାଣି ପ୍ରଧାନ, ଜା. ଗଉଡ, ବା: ନିଜଗାଁ | ୩୪୩ | ଶାରଦ-୨ | ୦.୦୨୦ | ୦.୦୨୦ |
| ୨ | ୩୧୨ | ଦୁଖିଆ ସାହୁ, ପି. ଫକୀର ସାହୁ, ଜା. ଚଷା, ବା. ନିଜଗାଁ | ୩୯୭ | ଶାରଦ ଜଳ ଦୋଫସଲି-୧ | ୦.୦୯୦ | ୦.୦୯୦ |
| ୩ | ୫୪୯ | ବାନାମ୍ବର ସାହୁ, ପ୍ରଭାକର ସାହୁ, ପି. ଦିନବନ୍ଧୁ ସାହୁ, ବା. ନିଜଗାଁ | ୩୪୧ | ଶାରଦ-୨ | ୦.୦୫୦ | ୦.୦୩୦ |
| ୪ | ୭୭୫ | ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି. କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା: କାର୍ତ୍ତିକ ନାୟକ, ବା. ନିଜଗାଁ | ୩୪୦ | ଶାରଦ-୨ | ୦.୦୬୦ | ୦.୦୨୦ |
| ୫ | ୭୭୬ | ଜମ୍ବୁ ନାୟକ, ସ୍ୱା. କାର୍ତ୍ତିକ ନାୟକ, ହରି ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି. କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା. କାର୍ତ୍ତିକ ନାୟକ, ହରି ନାୟକ, ପି. ଦୈତାରୀ ନାୟକ, ବାନାମ୍ବର ନାୟକ, ପ୍ରଭାକର ନାୟକ, ପି. ଦିନବନ୍ଧୁ ସାହୁ, ବା. ନିଜଗାଁ | ୩୩୯ | ଶାରଦ-୧ | ୦.୧୯୦ | ୦.୦୧୦ |
| ୬ | ୭୭୮ | ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି. କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା: କାର୍ତ୍ତିକ ନାୟକ, ହରି ନାୟକ, ପି. ଦୈତାରୀ ନାୟକ, ଗୋପାଳ ନାୟକ, ପିତେଇ ନାୟକ, ଅଧିକାରୀ ନାୟକ, ଭିକାରୀ ନାୟକ, ହିନା ନାୟକ, ପି. ମଟୁ ନାୟକ, ବା. ନିଜଗାଁ, ଟାଁଲୁ ପ୍ରଧାନ, ପି. ଶୁକଦେବ ପ୍ରଧାନ, ପରତରା, ଭୀମ ନାୟକ, ରୁଷି ନାୟକ, ପି. ମହାଦେବ ନାୟକ, ବିପ୍ର ଚରଣ ଜେନା, ପି. ଆକୁଳ ଜେନା, ଅନୁଗୁଳ ଟାଉନ, ହେମସୁରପଡା | ୩୪୫ | ତଇଳା-୧ | ୦.୧୮୦ | ୦.୦୧୦ |
| ୭ | ୯୧୪ | ହାଡିବନ୍ଧୁ ସାହୁ, ପି. ଗୌରାଙ୍ଗ ସାହୁ, ବା: ନିଜଗାଁ | ୩୯୫ | ତଇଳା-୧ | ୦.୨୬୦ | ୦.୧୨୭ |
| | | | | ମୋଟ | | ୦.୩୦୭ |

ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ,
ତାଳଚେର-ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର

24001/14/0494/1819

## Odisha State Agricultural Marketing Board
## ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ

PLOT No.- 1800(P), NEAR RAMAMANI INDIAN OIL PETROL PUMP, BARAMUNDA, KHANDAGIRI, BHUBANESWAR-751030, ODISHA

NIT No. 3839 Date: 29.12.2018

### REQUEST FOR PROPOSAL

**Notice inviting RFP for Engagement of Agencies with OSAMB for its out reach Programme**

**No. CAD-1186:-** Proposals are hereby invited for engagement of agencies by OSAMB for its outreach programme from competent agencies having experience and expertise in mass scale IEC activities involving mobile publicity vans with audio visuals display throughout Odisha for promotion for various government schemes. Proposals to be submitted are to be from individual applicants (Consortium not allowed) by participating in the tender process as per the terms and conditions detailed out in the RFP document.

| Sl. No. | Item Particulars | Bid Processing Fee | Bid Security Deposit |
|---|---|---|---|
| 1 | Selection of Agency for IEC Activities through Special publicity vans with audio visual display facilities. | Rs. 11,800/- (Inclusive of GST) | Rs. 10,000,000/- (Rupees Ten Lakhs only) |

The bid schedule include the details of pre-bid meeting for prospective bidders is as provided below:-

| Sl. No. | Event Description | Date |
|---|---|---|
| 1 | Issue of advertisement & uploading of advertisement | 29.12.2018 |
| 2 | Pre proposal meeting | 03.01.2019 at 11.30AM in the conference hall of OSAMB |
| 3 | Last date of submission of proposal | 09.01.2019 upto 5.00PM |

The agencies interested to participate in the said RFP are required to submit their proposal by Registered Post / Speed Post or Courier only as per the RFP document. The detailed document containing terms and conditions can be downloaded from www.osamboard.org. For any clarification, following may be contacted by prospective bidders:- Telephone: 0674-2351310; Email: kalia.osamb@gmail.com. Contact person: Member Secretary, OSAM Board.

39024/11/0003/1819 *Sd./- Member Secretary, OSAM Board*

## Odisha State Agricultural Marketing Board
## ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ

PLOT No.- 1800(P), NEAR RAMAMANI INDIAN OIL PETROL PUMP, BARAMUNDA, KHANDAGIRI, BHUBANESWAR-751030, ODISHA

NIT No. 3838 Date: 29.12.2018

### EXPRESSION OF INTEREST

**Notice inviting EOI for empanelment as Umbrella/LED Torchlight Manufacturers with OSAMB**

**No. CAD-1185:-** OSAMB intends to empanel the Original Equipment Manufacturers (OEMs) of umbrellas to supply required numebr of regular umbrellas with promotional branding of projects / schemes / plans / campaign of OSAMB or any other schemes by the Govt. of Odisha. The empanelment shall remain valid initially for a period of 3 (three) years. OSAMB reserves the right to extend the empanelment by another 2 (two) years on the same or mutually agreed terms & conditions subject to satisfactory performance by the empanelled agencies. Only OEMs umbrellas are permitted to participate in this EOI and the subsequent RFP stage. Any kind of suppliers, agents, traders, agencies, brokers, retail shops, wholesalers, dealers, vendors, merchants etc. who are involved in buying selling of umbrellas / LED Torchlight but not manufacturers shall not be eligible for this EOI. The detailed specifications of umbrellas and other terms and conditions will be provided during subsequent stage of bidding in the RFP, to the shortlisted (empanelled) manufacturers.

| Sl. No. | Event Description | Date |
|---|---|---|
| 1 | Issue of advertisement & uploading of advertisement | 29.12.2018 |
| 2 | Pre proposal meeting | 03.01.2019 at 3.00PM in the conference hall of OSAMB |
| 3 | Last date of submission of proposal | 07.01.2019 upto 5.00PM |

The agencies interested in supplying of umbrellas / LED Torchlight are required to submit their proposal by Regd. Post / Speed Post / Couriers, as per EOI document. The detailed document containing terms and conditions can be downloaded from www.osamboard.org. For any clarification, following may be contacted by prospective bidders:- Telephone: 0674-2351310; Email: kalia.osamb@gmail.com. Contact person: Member Secretary, OSAM Board.

39024/11/0002/1819 *Sd./- Member Secretary, OSAM Board*

## Odisha State Agricultural Marketing Board
## ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ

PLOT No.- 1800(P), NEAR RAMAMANI INDIAN OIL PETROL PUMP, BARAMUNDA, KHANDAGIRI, BHUBANESWAR-751030, ODISHA

NIT No. 3837 Date: 29.12.2018

### EXPRESSION OF INTEREST

**Notice inviting EOI for empanelment as Event Management Agency with OSAMB**

**No. CAD-1184:-** OSAMB intends to empanel Event Management Agencies to support, coordinate and conduct various events for promotion of projects / schemes / plans / campaign, as detailed out in the relevant sections of the EOI document. The empanelment shall remain valid initially for a period of 3 (Three) years. OSAMB reserves the right to extend the empanelment by another 2 (two) years on the same on mutually agreed terms & conditions subject to satisfactory performance by the empanelled agencies. The empanelment of agencies shall be made in two categories, namely, Category A and Category B as per details below:-

(i) Category A - for events with project cost of more than Rs. 50 Lakhs
(ii) Category B - for events with project cost of upto Rs. 50 Lakhs

| Sl. No. | Event Description | Date |
|---|---|---|
| 1 | Issue of advertisement & uploading of advertisement | 29.12.2018 |
| 2 | Pre proposal meeting | 03.01.2019 at 3.30PM in the conference hall of OSAMB |
| 3 | Last date of submission of proposal | 07.01.2019 upto 5.00PM |

The agencies interested to participate for empanelment as Event Management Agency are required to submit their proposal through Registered Post / Speed Post / Courier as per the EOI document. The detailed document containing terms and conditions can be downloaded from www.osamboard.org. For any clarification, following may be contacted by prospective bidders:- Telephone: 0674-2351310; Email: kalia.osamb@gmail.com. Contact person: Member Secretary, OSAM Board.

39024/11/0001/1819 *Sd./- Member Secretary, OSAM Board*

DADLS-233
କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
www.kalia.co.in
ଓଡ଼ିଶା ସରକାର
ଜୀବନ ବୀମା ସହାୟତା
୫୭ ଲକ୍ଷ ଚାଷୀ ଓ ଭୂମିହୀନ ପରିବାର ପାଇଁ ୨ ଲକ୍ଷ ଟଙ୍କାର ଜୀବନ ବୀମା ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ସହାୟତା
କାଳିଆ ବାର୍ତ୍ତା:
କାଳିଆ ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ମିସ୍‌କଲ୍ ଦିଅନ୍ତୁ - ୦୮୦୬୧୧୭୪୨୨୨

15001/13/0523/1819

## ସର୍ଭିସେସ୍ ବିପକ୍ଷରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

କଟକ ଅଫିସ, ୩୦।୧୨

ନୂଆଦିଲ୍ଲୀ ପାଲମସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ରବିବାରଠାରୁ ଓଡ଼ିଶା ଓ ସର୍ଭିସେସ୍ ମଧ୍ୟରେ ରଣଜୀ ଟ୍ରଫି ମ୍ୟାଚ୍ ଆରମ୍ଭ ହୋଇଛି। ଏଲିଟ୍ ଗ୍ରୁପ୍-ସି'ର ଏହି ମ୍ୟାଚ୍‌ର ପ୍ରଥମ ଦିବସରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ମାତ୍ର ୧୭୭ ରନ୍‌ରେ ଅଲଆଉଟ ହୋଇଛି। ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳୀୟ ସ୍କୋର ୫ ରନ୍ ହୋଇଥିବା ବେଳେ ଓପନର ଅନୁରାଗ ଷଡ଼ଙ୍ଗୀ ଖାତା ଖୋଲିବା ଆଗରୁ ସଚ୍ଚିଦାନନ୍ଦ ପାଣ୍ଡେଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଏହାପରେ ଓଡ଼ିଶାର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ସର୍ଭିସେସ୍ ବୋଲରଙ୍କୁ ସାମ୍ନା କରି ନ ପାରିବାରୁ ଦଳ ୫୫ ରନ୍‌ରେ ୫ ବ୍ୟାଟ୍ସମ୍ୟାନଙ୍କୁ ହରାଇଥିଲା। ଶାନ୍ତନୁ ମିଶ୍ର ୭, ଦେବାଶିଷ ସାମନ୍ତରାୟ ୨୬, ଶୁଭ୍ରାଂଶୁ ସେନାପତି ୩ ରନ୍‌ରେ ଆଉଟ ହୋଇଥିଲେ। ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଚଳିତ ସିଜନ୍‌ରେ ତାଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି ମାତ୍ର ୬ ରନ୍‌ରେ ଆଉଟ ହୋଇଥିଲେ। ତେବେ ୬ଷ୍ଠ ଉଇକେଟ ଭାଗୀଦାରିରେ ଅଧିନାୟକ ବିପ୍ଳବ ଓ ଅଲ୍‌ରାଉଣ୍ଡର ଅଭିଷେକ ୮୨ ରନ୍ ସଂଗ୍ରହ କରି ସ୍ଥିତି ସୁଧାରିଥିଲେ। ପାର୍ଟଟାଇମ ବୋଲର ନରେନ୍ଦର ସିଂଙ୍କୁ ବ୍ୟବହାର କରି ସର୍ଭିସେସ୍ ଏହି ଯୋଡ଼ିକୁ ଭାଙ୍ଗିଥିଲା। ଅଭିଷେକ ଅର୍ଦ୍ଧଶତକ (୫୬) ହାସଲ ପରେ ନରେନ୍ଦରଙ୍କ ଶିକାର ହୋଇଥିଲେ। ଏହାପରେ ସତର୍କତାର ସହ ଖେଳୁଥିବା ବିପ୍ଳବ (୧୨୮ ବଲ୍‌ରୁ ୪୧ ରନ୍) ବାମହାତୀ ସ୍ପିନର ଅରୁଣ ବାମଲଙ୍କ ଦ୍ୱାରା କ୍ୟାଚ୍‌ଆଉଟ ହୋଇଥିଲେ। ଏହାପରେ ନିମ୍ନକ୍ରମରେ ଉଇକେଟକିପର ପି. ରୋଶନ କୁମାର ରାଓ (୯), ସୂର୍ଯ୍ୟକାନ୍ତ ପ୍ରଧାନ (୦), ବସନ୍ତ ମହାନ୍ତି (୭) ନିରାଶ କରିବାରୁ ଓଡ଼ିଶା ୧୭୭ ରନ୍‌ରେ ସୀମିତ ରହିଥିଲା। ସର୍ଭିସେସ୍ ପକ୍ଷରୁ ଅରୁଣ ୪, ଗୁରୁଦେବ ପଠାନିଆ ଓ ସଚ୍ଚିଦାନନ୍ଦ ପାଣ୍ଡେ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସର୍ଭିସେସ୍ ଗୋଟିଏ ଓଭର ଖେଳି ବିନା ଉଇକେଟରେ ୨ ରନ୍ କରିଛି।

# ଭାରତ ୧୩୭ ରନ୍‌ରେ ବିଜୟୀ

## ବକ୍ସିଂ ଡେ ଟେଷ୍ଟ: ବର୍ଡର- ଗାଭାସ୍କର ଟ୍ରଫି ବଜାୟ ରଖିଲା ବିରାଟ ବାହିନୀ

ମେଲବୋର୍ନ,୩୦।୧୨(ପି.ଟି.)

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଅନୁଷ୍ଠିତ ବକ୍ସିଂ ଡେ ଟେଷ୍ଟରେ ଭ୍ରମଣକାରୀ ଭାରତ ବୃହତ୍ ୧୩୭ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ଏଥିସହିତ ଭାରତ ବର୍ଡର- ଗାଭାସ୍କର ଟ୍ରଫିକୁ ବଜାୟ ରଖିଛି। ଏହି ବୃହତ୍ ବିଜୟ ସହ ଭାରତ ଇତିହାସ ସୃଷ୍ଟି କରିବାକୁ ଯାଉଛି। ଗତ ୭ ଦଶନ୍ଧି ମଧ୍ୟରେ ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥର ପାଇଁ ସିରିଜ ବିଜୟ ହାସଲ କରିବାର ସୁଯୋଗ ପାଇଛି। ଜାନୁୟାରୀ ୪ ତାରିଖରେ ସିଡନୀରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟକୁ ଅତିକମରେ ଡ୍ର ରଖିପାରିଲେ ଏହି ହାଇପ୍ରୋଫାଇଲ ସିରିଜ ଜିତି ଇତିହାସ ସୃଷ୍ଟି କରିପାରିବ। ଅଧିନାୟକ ବିରାଟ କୋହଲିଙ୍କ ପାଇଁ ଏହି ସିରିଜ ବିଶେଷ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। କୋହଲି ଅଧିନାୟକ ହିସାବରେ ବିଦେଶରେ ୧୧ଟି ଟେଷ୍ଟ ଜିତି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨୦ଟି ଡିସ୍‌ମିସାଲ କରି ଭାରତୀୟ ଦୃଷ୍ଟିକୋଣରୁ ରେକର୍ଡ କରିଛନ୍ତି। ପୁଣି ଭାରତ ଏଥିସହିତ ୧୫୦ତମ ଟେଷ୍ଟ ବିଜୟ ହାସଲ କରି ଏକ ମାଇଲଖୁଣ୍ଟି ସ୍ଥାପନ କରିଛି। ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୬ ଓ ଦ୍ୱିତୀୟ ଇନିଂସରେ ୩ ସଫଳତା ପାଇ ମୋଟ ୯ ଉଇକେଟ ହାସଲ କରିଥିବା ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ଖେଳାଳି ।

ଅଷ୍ଟ୍ରେଲିଆ ସମ୍ମୁଖରେ ୩୯୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ରବିବାର ପଞ୍ଚମ ତଥା ଅନ୍ତିମ ଦିବସରେ ବିଜୟ ପାଇଁ ଭାରତ ଆଉ ୨ ଉଇକେଟ ଆବଶ୍ୟକ କରୁଥିବା ବେଳେ ଅଷ୍ଟ୍ରେଲିଆ ୧୪୧ ରନ ଆବଶ୍ୟକ କରୁଥିଲା। ତେବେ ଅନ୍ତିମ ଦିନରେ ବର୍ଷା କାରଣରୁ ଖେଳ ସମ୍ଭବ ହୋଇପାରି ନ ଥିଲା। ତେବେ ଦ୍ୱିତୀୟ ସେସନ ଆରମ୍ଭ ହେବା ପରେ ୨୭ଟି ବଲ୍ ମଧ୍ୟରେ ବାକି ଦୁଇଟି ଉଇକେଟ ହାସଲ କରି ବାଜି ମାରିଥିଲା। ଅସମାପ୍ତ ସ୍କୋର ୨୫୮/୮ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ମାତ୍ର ୩ ରନ ଅଧିକ ସଂଗ୍ରହ କରିଥିଲା ଓ ୮୯.୩ ଓଭରରେ ୨୬୧ ରନ କରି ଅଲଆଉଟ ହୋଇ ପରାଜୟ ବରଣ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ପ୍ୟାଟ୍ କୁମିନ୍ସ ୬୧ରୁ ଖେଳ ଆରମ୍ଭ କରି ୬୩ ଓ ନାଥନ ଲିୟନ ୬ରୁ ୭ ରନ କରି ଯଥାକ୍ରମେ ଯଶପ୍ରୀତ ବୁମ୍‌ରା ଓ ଇଶାନ୍ତ ଶର୍ମାଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ବୁମରା ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏ, ଇଶାନ୍ତ ଶର୍ମା ଓ ମହମ୍ମଦ ସାମି ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ପୂର୍ବରୁ ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୭ ଉଇକେଟ ହରାଇ ୪୪୩ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୬୬.୫ ଓଭରରେ ୧୫୧ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭାରତ ପ୍ରଥମ ଇନିଂସରେ ୨୯୨ରନର ବୃହତ ଅଗ୍ରଣୀ ହାସଲ କରିଥିଲା। ଭାରତ ଦ୍ୱିତୀୟ ଇନିଂସରେ ୩୭.୩ ଓଭରରେ ୮ ଉଇକେଟ ହରାଇ ୧୦୬ ରନ କରି ଇନିଂସ ଘୋଷଣା କରିଥିଲା।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ: ୪୪୩/୭(ଘୋଷଣା)।
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:୧୫୧/ଅଲଆଉଟ। ଭାରତ ଦ୍ୱିତୀୟ ଇନିଂସ: ୩୭.୩ ଓଭରରେ ୧୦୬/୮ରେ ଇନିଂସ ଘୋଷଣା।
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୮୯.୩ ଓଭରରେ ୨୬୧ ଅଲଆଉଟ (କୁମିନ୍ସ- ୬୩, ଲିୟନ- ୭, ଶନ୍ ମାର୍ଶ- ୪୪, ହେଡ- ୩୪, ଖ୍ୱାଜା- ୩୩, ପେନ୍- ୨୬, ଜାଡେଜା- ୩/୮୨, ବୁମରା- ୩/୫୩, ସାମି- ୨/୭୧, ଇଶାନ୍ତ- ୨/୪୦)।

### ଅଷ୍ଟ୍ରେଲିଆ ଦଳରେ ମାର୍ନସ୍

ଭାରତଠାରୁ ମେଲବୋର୍ନ ଟେଷ୍ଟ ହାରିବା ପରେ ସିଡ୍‌ନୀଠାରେ ଖେଳାଯିବାକୁ ଥିବା ସିରିଜ୍‌ର ଅନ୍ତିମ ମ୍ୟାଚ୍ ପାଇଁ ଅଷ୍ଟ୍ରେଲିଆ ଦଳରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଏହି ଦଳରେ ଅଲରାଉଣ୍ଡର ମାର୍ନୁସ ଲାବୁସ୍କେନ୍‌ଙ୍କୁ ସାମିଲ କରାଯାଇଛି। ମେଲବୋର୍ନ ଟେଷ୍ଟ ଖେଳିଥିବା ୧୩ ଖେଳାଳିଙ୍କ ମଧ୍ୟରୁ କାହାକୁ ବାଦ୍ ଦିଆଯାଇନାହିଁ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି) ପିଚ୍ ସ୍ପିନରଙ୍କୁ ଅଧିକ ସହାୟକ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମାର୍ନସଙ୍କୁ ଦଳରେ ସାମିଲ କରାଯାଇଛି। ଏହାବାଦ୍ ସେ ଦକ୍ଷ ବ୍ୟାଟ୍ସମ୍ୟାନ ମଧ୍ୟ। ସେ ଆମ ସହ ସିଡ୍‌ନୀ ଗସ୍ତ କରିବେ। ପିଚର ସ୍ଥିତି ଉପରେ ତାଙ୍କ ଖେଳିବା ନିର୍ଭର କରେ। ମିଳିଥିବା ସୂଚନା ମୁତାବକ ସେଠାକାର ପିଚ୍ ସମ୍ଭବତଃ ସ୍ପିନରଙ୍କୁ ସହାୟକ ହେବ। ମାତ୍ର ଏହି ପିଚ୍ ଦେଖିବା ପରେ ହିଁ ଚୂଡ଼ାନ୍ତ ଏକାଦଶ ଚୟନ କରିବୁ ବୋଲି ଅଷ୍ଟ୍ରେଲିଆ ଦଳର ଅଧିନାୟକ ଟିମ ପେନ୍ ମ୍ୟାଚ୍ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ପନ୍ତଙ୍କ ନାମରେ ରେକର୍ଡ

ମେଲବୋର୍ନ,୩୦।୧୨

ଭାରତୀୟ ଦଳର ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଏଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ସିରିଜ୍‌ରେ ସେ ଏପର୍ଯ୍ୟନ୍ତ ଉଇକେଟ ପଛରେ ୨୦ଟି କ୍ୟାଚ୍ ଧରି ସାରିଛନ୍ତି। ଏହା ଯେକୌଣସି ଭାରତୀୟ ଉଇକେଟକିପରଙ୍କ ଲାଗି ଟେଷ୍ଟ ସିରିଜ୍‌ରେ ସର୍ବାଧିକ କ୍ୟାଚ୍। ପୂର୍ବରୁ ସୟଦ କିର୍‌ମାନୀ ଓ ନାରାୟଣ ତାହ୍ମାନେ ଏହି ରେକର୍ଡ ଅଧିକାରୀ ଥିଲେ। ଉଭୟ ପୂର୍ବତନ ଉଇକେଟକିପର ଗୋଟିଏ ସିରିଜ୍‌ରେ ୧୯ଟି ଲେଖାଏ କ୍ୟାଚ୍ ନେଇଥିଲେ। କିର୍‌ମାନୀ ୧୯୭୯-୮୦ ଓ ତାହ୍ମାନେ ୧୯୫୪-୫୫ରେ ପାକିସ୍ତାନ ବିପକ୍ଷରେ ଏହି ରେକର୍ଡ କରିଥିଲେ। କିର୍‌ମାନୀ ଓ ତାହ୍ମାନେ ଯଥାକ୍ରମେ ୬ ଓ ୭ଟି ମ୍ୟାଚ୍‌ରେ ୧୯ଟି କ୍ୟାଚ୍ ନେଇଥିଲେ। ମାତ୍ର ପନ୍ତ ୩ଟି ମ୍ୟାଚ୍‌ରେ ଏହି ରେକର୍ଡକୁ ଭଙ୍ଗ କରିଛନ୍ତି। ପନ୍ତ ଏଠାରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌ର ଅନ୍ତିମ ଦିବସରେ ନାଥାନ ଲିଓନଙ୍କ କ୍ୟାଚ୍ ନେଇ ଟେଷ୍ଟ ସିରିଜ୍‌ରେ ଭାରତୀୟ ଉଇକେଟକିପର ଭାବେ ସର୍ବାଧିକ କ୍ୟାଚ୍ ନେବାର ରେକର୍ଡ ଅଧିକାରୀ ହୋଇଛନ୍ତି। ଏହି ତାଲିକାରେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୧୭ଟି କ୍ୟାଚ୍ ନେଇ ୪ର୍ଥ ସ୍ଥାନରେ ରହିଛନ୍ତି। ସେ ୨୦୦୬ରେ ୱେଷ୍ଟଇଣ୍ଡିଜ୍ ଓ ଇଂଲଣ୍ଡ ବିପକ୍ଷରେ ଏତେସଂଖ୍ୟକ କ୍ୟାଚ ନେଇଥିଲେ।

# କଟକ ଦଳଗତ ଚାମ୍ପିୟନ, ୯ଟି ମିଟ୍ ରେକର୍ଡ





ଦଳଗତ ରନର୍ସଅପ୍ ସୁନ୍ଦରଗଡ଼ର ଖେଳାଳିମାନେ ଅତିଥିଙ୍କ ସହ ।

### ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍ ଉଦ୍‌ଯାପିତ

କଟକ ଅଫିସ,୩୦।୧୨

ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୬୬ତମ ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକ ଜିଲା ସର୍ବାଧିକ ୬୨୪ ପଏଣ୍ଟ ହାସଲ କରି ଦଳଗତ ଚାମ୍ପିୟନ ହୋଇଥିବା ବେଳେ ୩୭୨ପଏଣ୍ଟ ହାସଲ କରିଥିବା ସୁନ୍ଦରଗଡ଼ ଜିଲା ରନର୍ସଅପ୍ ହୋଇଛି। ୧୪ବର୍ଷରୁ କମ୍ ବାଳିକା ବର୍ଗରେ ସୁନ୍ଦରଗଡ଼, ବାଳକ ବର୍ଗରେ ଭୁବନେଶ୍ୱର, ୧୬ବର୍ଷରୁ କମ୍ ବାଳିକା ବର୍ଗରେ ସୁନ୍ଦରଗଡ଼, ବାଳକ ବର୍ଗରେ କଟକ, ୧୮ବର୍ଷରୁ କମ୍ ବାଳିକା ବର୍ଗରେ ସୁନ୍ଦରଗଡ଼, ବାଳକ ବର୍ଗରେ କଟକ, ୨୦ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ବର୍ଗରେ କଟକ, ମହିଳା ବର୍ଗରେ କଟକ ଓ ପୁରୁଷ ବର୍ଗରେ ଓଡ଼ିଶା ପୋଲିସ ଚାମ୍ପିୟନ ହୋଇଥିଲା। ଅନ୍ୟପକ୍ଷରେ ଉଦ୍‌ଯାପନୀ ଦିବସରେ ୩ଟି ନୂତନ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। ମହିଳା ହାମରରେ ପାରାଦୀପର ଦିବ୍ୟା ସାଣ୍ଡିଲ୍ୟ ୫୦.୮୫ମିଟର ଫିଙ୍ଗି ଏହି ନୂତନ ରେକର୍ଡ କରିଛନ୍ତି। ୪୮.୩୨ମିଟର ପୂର୍ବ ରେକର୍ଡ ଥିଲା। ମହିଳା ୩ ହଜାର ମିଟର ଷ୍ଟିପଲରେ କଟକର ରଶ୍ମିତା ମହାନ୍ତି ପୂର୍ବ ରେକର୍ଡ ୧୩ ମିନିଟ ୧୩.୫ ସେକେଣ୍ଡକୁ ଭାଙ୍ଗି ୧୨ମିନିଟ ୪୧.୭ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରିବା ସହ ନୂତନ ମିଟ ରେକର୍ଡ କରିଛନ୍ତି । ଅନ୍ୟ ଏକ ମିଟ୍ ରେକର୍ଡ ହୋଇଛି ୧୬ବର୍ଷରୁ କମ ବାଳକ ହାମର ବିଭାଗରେ। ପାରାଦୀପର ମୋହିତ ନାରାୟଣ ୩୮.୦୬ ମିଟର ଦୂରକୁ ଫିଙ୍ଗି ନୂତନ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଇଭେଣ୍ଟର ପୂର୍ବ ରେକର୍ଡ ୩୫.୨୦ମିଟର ଥିଲା। ଚଳିତବର୍ଷ ମୋଟ୍ ୯ଟି ନୂତନ ମିଟ୍ ରେକର୍ଡ ହୋଇଛି। ପ୍ରଥମ ଦିବସରେ ଗୋଟିଏ ଓ ଦ୍ୱିତୀୟ ଦିବସରେ ୫ଟି ନୂତନ ରେକର୍ଡ ହୋଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାଜ୍ୟ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ରବି ନାୟକ, ସହ ସମ୍ପାଦକ ବିଭୂତି ପଣ୍ଡା, ଉପସଭାପତି ଦୁର୍ଗାମାଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଶ୍ରେଷ୍ଠ ମହିଳା ଆଥଲେଟ୍ ଦୂତୀ ଚାନ୍ଦ ।

## ଜାତୀୟ ସିନିୟର ଭଲିବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୩୦।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଚେନ୍ନାଇର ଏସ୍‌ଡିଏଟି ଇନ୍‌ଡୋର ଷ୍ଟାଡିୟମରେ ଜାନୁୟାରୀ ୨ରୁ ଆରମ୍ଭ ହେବାକୁ ଥିବା ସିନିୟର ଭଲିବଲ ଚାମ୍ପିୟନଶିପ୍ (ମହିଳା/ପୁରୁଷ)ର ୬୭ତମ ସଂସ୍କରଣରେ ଅଂଶଗ୍ରହଣ କରିବା ଲାଗି ରବିବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ଭଲିବଲ ଆସୋସିଏଶନ (ଓଭା) କିଟ୍ ବିଶ୍ୱବିଦ୍ୟାଳୟରେ ଗତ ୨୫ରୁ କୋଚିଂ କମ୍ ସିଲେକ୍ସନ କ୍ୟାମ୍ପ୍ ଚାଲିଥିଲା। ଏହି ଅବସରରେ ଓଭାର ସମ୍ପାଦକ ଡ. ଗଗନେନ୍ଦୁ ଦାସ ଓଡ଼ିଶା ଭଲିବଲ ଦଳର ଶୁଭକାମନା କରିବା ସହିତ କ୍ୟାମ୍ପ୍ ଆୟୋଜନ ପାଇଁ ସମସ୍ତ ପ୍ରକାର ସହଯୋଗ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ଓଡ଼ିଶା ମହିଳା ଭଲିବଲ ଦଳ:** ପୁଷ୍ପୋ ସୋରେନ, କଳ୍ପଶ୍ରୀ ପ୍ରଧାନ, ରଶ୍ମିତା ବାରିକ, ଜୟଶ୍ରୀ ପଲାଇ, ଇତିଶ୍ରୀ ପ୍ରିୟଦର୍ଶିନୀ ନାୟକ, ଶିରେସା କର୍ମି, ରିବିକା ବାଗ୍, ସାଗରିକା ପୁଟିଆ, ସଙ୍ଗୀତା ଦାସ, ମୁକ୍ତି ବାର୍ଲା, ସୁନୀତା ମାର୍ଥା, ଭାଗ୍ୟଶ୍ରୀ ଦାସ, କୋଚ୍- ଅଭୟ କୁମାର ଦାସ, ସହକାରୀ କୋଚ୍- ମଧୁସ୍ମିତା ସାହୁ।

**ଓଡ଼ିଶା ପୁରୁଷ ଦଳ:** ପୁପୁନ ସ୍ୱାଇଁ, ସେକ୍ ଫରିଦ୍, ସେକ୍ ସିରାଜ ଅଲ୍ଲୀ, ଏମ୍. ବିଘ୍ନେଶ୍ୱରମ୍, ଦେବାଶିଷ ରାଉତ, ରାହୁଲ ବାରିକ, ମାନସ ରଞ୍ଜନ ପାଣି, ହିରଣମୟ ଲେଙ୍କା, ଖଗେଶ୍ୱର ଜେନା, ଜଗନ୍ନାଥ ପ୍ରସାଦ ବଳ, ଅକ୍ଷୟ କୁମାର ମିଶ୍ର, ଦୀପ୍ତିରାଜ ମିଶ୍ର, କୋଚ୍- ବିଚିତ୍ରାନନ୍ଦ ବିଶ୍ୱାଳ, ସହକାରୀ କୋଚ୍- ସୁଧାଂଶୁ ଭୂଷଣ ମିଶ୍ର

# ବିଜୟ ସହ ଚର୍ଚ୍ଚିଲର ପ୍ରତ୍ୟାବର୍ତ୍ତନ

### ଆଇ- ଲିଗ୍ ଫୁଟବଲ

ଭୁବନେଶ୍ୱର,୩୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କ୍ରମାଗତ ଦୁଇଟି ପରାଜୟ ପରେ କୋଚ୍ ପିଟର ଗିଗିଓଙ୍କ ତତ୍ତ୍ୱାବଧାନରେ ଗୋଆର ଚର୍ଚ୍ଚିଲ ବ୍ରଦର୍ସ ଆଇ- ଲିଗ୍ ଫୁଟବଲରେ ବିଜୟ ହାସଲ କରିଛି। ଅଧିନାୟକ ତଥା ଫରୱାର୍ଡ ୱିଲିସ୍ ଡିଓନ ପ୍ଲାଜାଙ୍କ ଏକମାତ୍ର ଗୋଲ ବଳରେ ଚର୍ଚ୍ଚିଲ ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଲିଗ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଯୁବ ଦଳ ଇଣ୍ଡିଆନ ଆରୋଜକୁ ପରାସ୍ତ କରିଛି। ୧-୦ ଗୋଲ ବ୍ୟବଧାନରେ ଆରୋଜ ମ୍ୟାଚ୍ ହାତଛଡ଼ା କରିଛି। ପ୍ରଥମାର୍ଦ୍ଧର ୪୦ତମ ମିନିଟ୍‌ରେ ପ୍ଲାଜା ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ଚର୍ଚ୍ଚିଲ ୩ ପଏଣ୍ଟ ହାସଲ କରିଛି। ଅନ୍ୟପଟେ ଆରୋଜ ୩ଟି ମ୍ୟାଚ ଖେଳି ପ୍ରଥମ ପରାଜୟ ବରଣ କରିଛି। ଚର୍ଚ୍ଚିଲ ବ୍ରଦର୍ସ ଆରମ୍ଭରୁ ଓ ପ୍ରଥମାର୍ଦ୍ଧରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ତ୍ରିନିଦାଦ ଓ ଟବାଗୋର ପ୍ଲାଜା ଚତୁର୍ଥ ମିନିଟରେ ଏକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଆରୋଜ ଗୋଲ କିପର ପ୍ରଭସୁଖାନ ଗିଲ୍ ଏହାକୁ ଡାଇଭ୍ କରି ସୁନ୍ଦର ଭାବେ ପ୍ରତିହତ କରିଥିଲେ।

ଫ୍ଲଏଡ ପିଣ୍ଟୋଙ୍କ ଆରୋଜ ଦଳ ଏହା ପୂର୍ବରୁ ଦୁଇଟି ମ୍ୟାଚ୍ ଖେଳି ଦୁଇଟି ବିଜୟ ସହ ୪ ପଏଣ୍ଟ ହାସଲ କରି ପୂରା ଦମ୍‌ଦାର ପ୍ରଦର୍ଶନ କରିବା ଲକ୍ଷ୍ୟରେ ଥିଲା। ଆରୋଜର ରହିମ ଅଲୀ ଓ ଅମରଜିତ୍ ସିଂ ଏକାଧିକ ପ୍ରୟାସ କରିଥିଲେ ମଧ୍ୟ ଚର୍ଚ୍ଚିଲ ଗୋଲ କିପର ଏହା ପଣ୍ଡ କରିବାରେ ସଫଳ ହୋଇଥିଲେ। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ହେବ ବୋଲି ଆଶା କରାଯାଉଥିବା ବେଳେ ୪୦ତମ ମିନିଟରେ ପ୍ଲାଜା ଗୋଲ ଦେଇ ଚର୍ଚ୍ଚିଲକୁ ଅଗ୍ରଣୀ କରାଇଥିଲେ। ଆରୋଜ ସେଣ୍ଟର ଫରୱାର୍ଡ ଜିତେନ୍ଦ୍ର ସିଂ ବଲ୍‌କୁ ଅକ୍ତିଆର କରିବାରେ ସଫଳ ହୋଇ ନ ଥିଲେ। ଫଳରେ ଏହା ଫାଇଦା ଉଠାଇ ପ୍ଲାଜା ଗୋଲ ସ୍କୋର କରିଥିଲେ। ଏହା ପରେ ଆରୋଜ ଗୋଲ ପରିଶୋଧ କରିବାକୁ ପ୍ରୟାସ ଆରମ୍ଭ କରିଥିଲା। ରହିମ ଅଲ୍ଲୀ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ୍ୟ ଚର୍ଚ୍ଚିଲ ଡିଫେନ୍ସକୁ ଭେଦ କରିପାରି ନ ଥିଲେ। ୭୪ ତମ ମିନିଟରେ ଗୋଲ ପରିଶୋଧ କରିବାକୁ ଆରୋଜ ଏକ ସୁଯୋଗ ପାଇଥିଲା। ବୋରିସ୍ ସିଂ ଥଙ୍ଗଜାମ ଶଟ ମାରିଥିଲେ ମଧ୍ୟ ବଲ ଗୋଲ ପୋଷ୍ଟ ଉପରେ ଚାଲିଯାଇଥିଲା। ଅନିକେତଙ୍କୁ ରେଫରୀ ହଳଦିଆ କାର୍ଡ ଦେଖାଇଥିଲେ। ୫ ମିନିଟର ଅତିରିକ୍ତ ସମୟ ଖେଳ ହୋଇଥିଲା। ତେବେ ଆରୋଜ ଗୋଲ ପରିଶୋଧ କରିବାରେ ସଫଳ ହୋଇ ନ ଥିଲା। ଫଳରେ ଶେଷରେ ଚର୍ଚ୍ଚିଲ ୧-୦ ଗୋଲରେ ବିଜୟୀ ହୋଇଥିଲା। ଚର୍ଚ୍ଚିଲ ଡିଫେଣ୍ଡର ନିକଶନ କାଷ୍ଟାନ (ଜର୍ସି ନଂ ୨୪)ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ତଥା କମିଶନର ବିଶାଳ ଦେବ।





ଚର୍ଚ୍ଚିଲ ବ୍ରଦର୍ସ ଓ ଇଣ୍ଡିଆନ୍ ଆରୋଜ ମଧ୍ୟରେ ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଆଇ- ଲିଗ୍ ଫୁଟବଲ ମ୍ୟାଚ ।

## ସଂକ୍ଷେପରେ

### ବିଜୟାଦେବୀ ସଙ୍ଗୀତ କଳା ପ୍ରତିଷ୍ଠାନର ସାଂସ୍କୃତିକ କାର୍ଯ୍ୟକ୍ରମ



ତିର୍ତ୍ତୋଲ,୩୦।୧୨(ଡି.ଏନ.ଏ.): ମା' ବିଜୟାଦେବୀ ସଙ୍ଗୀତ କଳା ପ୍ରତିଷ୍ଠାନ ପରିସରରେ ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ କଳା ପ୍ରତିଷ୍ଠାନର ଧରିତ୍ରୀ ବିଶ୍ୱାଳ, ସୌମ୍ୟାପ୍ରିୟଦର୍ଶିନୀ ସାହୁ, ଅଙ୍କିତା କାଣ୍ଡି, ସୁକନ୍ୟା ନାୟକ, ଗାୟତ୍ରୀ ବିଶ୍ୱାଳ, ଅଙ୍କିତା ରାଉତ, କୌଶଭ ମହାନ୍ତି, ରାଜେନ୍ଦ୍ର ବେହେରା, ରଶ୍ମିତା ସେଠୀ, ବିବି ବୈଜୟନ୍ତଙ୍କ ସମେତ ବହୁ ଛାତ୍ରୀଛାତ୍ର ଯୋଗଦେଇ ନୃତ୍ୟ, ସଙ୍ଗୀତ, ବାଦ୍ୟ ଆଦି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅତିଥି ଭାବେ ଶିକ୍ଷାବିତ ମନୋରଞ୍ଜନ ବସନ୍ତିଆ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିମଳାନନ୍ଦ ନାୟକ, କୃଷ୍ଣଚନ୍ଦ୍ର ବେହେରା, ଆଶିଷ କୁମାର ପାଲ ପରିଚାଳନା କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ବିରିଡ଼ି,୩୦।୧୨(ଡି.ଏନ.ଏ.): ବିରିଡ଼ି ବ୍ଲକ ପଞ୍ଚାୟତରାଜ ହାଇସ୍କୁଲ ଚାନ୍ଦପୁରର ୧୯୮୪ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ଚାରୁଲତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ଚନ୍ଦ୍ରମଣୀ କୁଣ୍ଡୁ, ମିର୍ ଆଜମିର ଅଲ୍ଲୀ, ପ୍ରମୋଦ ମହାନ୍ତି, ନିରଞ୍ଜନ ମହାପାତ୍ର, ଜୟଶ୍ରୀ ପରିଜା, ଦିଲୀପ ତ୍ରିପାଠୀ, ଶଶାଙ୍କ ପ୍ରଧାନ, ତ୍ରିନାଥ ଜେନା, ବୈଜୟନ୍ତୀ ପଶାୟତ, ପୁଷ୍ପଲତା ବିଶ୍ୱାଳ, ଯମୁନା ନାୟକ, ଦିବାକର ନାୟକ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସମସ୍ତେ ପରସ୍ପର ମଧ୍ୟରେ ଭାବ ବିନିମୟ କରିବା ସହ ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ। ଆଗାମୀ ଦିନରେ ହାଇସ୍କୁଲର ଉନ୍ନତିକରଣ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।

■ ପିପିଏଲ ଜମିହରା ସମାଜ ମଙ୍ଗଳ କମିଟିର ଆନ୍ଦୋଳନ ଡାକରା

# ଏକତ୍ରିତ ହେଲେ ୧୦ ପଞ୍ଚାୟତର ଚାଷୀ

କୁଜଙ୍ଗ,୩୦।୧୨(ସ୍ୱ.ପ୍ର.)



ବୈଠକରେ ଉପସ୍ଥିତ ପିପିଏଲ୍ ଜମିହରା ସମାଜ ମଙ୍ଗଳ କମିଟି କର୍ମକର୍ତ୍ତା ଓ ଚାଷୀମାନେ।

ପିପିଏଲ ପ୍ରକଳ୍ପ ପାଇଁ ଜମି ହରାଇଥିବା କୁଜଙ୍ଗ ତହସିଲ ଅଧୀନ ୧୦ ପଞ୍ଚାୟତର ଚାଷୀ ରବିବାର ଫତେପୁର ଜୀବନ ଜ୍ୟୋତି ପାଠାଗାରଠାରେ ଏକ ବିଶାଳ ସମାବେଶ କରିଛନ୍ତି। ଚାଷୀଙ୍କ ନୂତନ ସଙ୍ଗଠନ ପିପିଏଲ ଜମିହରା ସମାଜ ମଙ୍ଗଳ କମିଟି ସଭାପତି ସାମାଜିକ କର୍ମୀ ବାଳକୃଷ୍ଣ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ବଗଦିଆ, କୋଠି, ବିଶ୍ୱାଳି, ପାରାଦୀପ ଗଡ଼, କୁଜଙ୍ଗ, ଗୋପୀଆକୁଦ, ଗଣ୍ଡକୀପୁର, ଫତେପୁର, ବାଲିଆ, ଜିଲ୍ଲାନାସୀ, ମଙ୍ଗରାଜପୁର ପଞ୍ଚାୟତରୁ ଶତାଧିକ ଜମିହରା ଚାଷୀ ଯୋଗଦେଇଥିଲେ। ପିପିଏଲ କର୍ତ୍ତୃପକ୍ଷ ଜମିହରା ଚାଷୀଙ୍କୁ ବକେୟା ଅର୍ଥ ତୁରନ୍ତ ପ୍ରଦାନ କରିବା, କାରଖାନାରେ ଜମିହରାଙ୍କୁ ନିଯୁକ୍ତି ଦେବା, ବ୍ୟବସାୟୀକ ସୁବିଧା ପ୍ରଦାନ, ସ୍ଥାନୀୟ ଅଞ୍ଚଳର ପରିବେଶ ସୁରକ୍ଷା ତଥା ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୧୦ ତାରିଖରେ କମିଟି ପକ୍ଷରୁ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଚାଷୀମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଏଥିରେ କୁହାଯାଇଛି। କମିଟି ସାଧାରଣ ସମ୍ପାଦକ ସୁବାସ ମହାପାତ୍ର, ମନ୍ଦରଧର ସାହୁ, ସମ୍ପାଦକ ଅଭୟ କୁମାର ସାହୁ, ମହେନ୍ଦ୍ର କୁମାର ପ୍ରଧାନ, ଶୀଧର ସାମଲ, ପ୍ରିୟରଞ୍ଜନ ସାମନ୍ତରାୟ, ଭାଗ୍ୟଧର ବିଶ୍ୱାଳ, ରୋହିତ ପ୍ରଧାନ, କେଦାର ପ୍ରଧାନ, କାଶୀନାଥ ସୂତାର,

■ ୧୦ରୁ ପିପିଏଲ ଆଗରେ ଆମରଣ ଅନଶନ

■ ବକେୟା ଅର୍ଥ, ନିଯୁକ୍ତି ପ୍ରଦାନ ସମେତ ବିଭିନ୍ନ ଦାବି

ନିରଞ୍ଜନ ପ୍ରଧାନ, ସୂର୍ଯ୍ୟକାନ୍ତ ପାତ୍ର, ଶିଶିର ସେନାପତି, ବସନ୍ତ କୁମାର ସେଠୀ, ବିଶ୍ୱମ୍ଭର ଲେଙ୍କା, ବୀରବର ଦାସ, ଦ୍ୱିଜବର ନାୟକ, ମଦନ ସାହୁ, ସୁଧୀର ରାଉତ, ନାରାୟଣ ଚୌଧୁରୀ, ପ୍ରମୋଦ କୁମାର ବିଶ୍ୱାଳ, ବିପିନ ବରାଳ, ବିଶ୍ୱମ୍ଭର ସାହୁ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଓ ଚାଷୀ ଏଥିରେ ଉପସ୍ଥିତ ଥିଲେ। ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଆନ୍ଦୋଳନ ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ। ଜମିହରାମାନଙ୍କ ପ୍ରତି ପିପିଏଲ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବକୁ ସେମାନେ ତୀବ୍ର ସମାଲୋଚନା କରିବା ସହ ଆନ୍ଦୋଳନ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବୋଲଗଡ଼,୩୦।୧୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ରାଜସୁନାଖଳା ଗଣେଶ ବଜାର ନିକଟ ଏକ ପୋଖରୀରେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହ ରବିବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ମଲିକାପୁର ଗ୍ରାମର ଉତ୍ତମ ସାହୁ (୩୨)। ପୋଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତମ ରାଜସୁନାଖଳା ବଜାରରେ ଥିବା ବିନୋଦ କୁମାର ପଣ୍ଡାଙ୍କ କାର ଗ୍ୟାରେଜରେ ମିସ୍ତ୍ରି ଭାବେ କାମ କରୁଥିଲେ। ତେବେ ୨ଦିନ ପୂର୍ବରୁ ସେ ଗ୍ରାମକୁ ଯିବାକୁ କହି ବିନୋଦଙ୍କଠାରୁ ୧୫ଶହ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ରବିବାର ସକାଳେ ତାଙ୍କ ମୃତଦେହ ରାଜସୁନାଖଳା ବଜାର ଯାମଳା ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ବୋଲଗଡ ଦମକଳ କେନ୍ଦ୍ର କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରିଥିଲା। ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ସମ୍ପର୍କୀୟ ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ ବୋଲି ବାଙ୍କୋଇ ଫାଣ୍ଡି ଅଧିକାରୀ ସଞ୍ଜୟ ଜେନା କହିଛନ୍ତି। ଏ ସଂକ୍ରାନ୍ତରେ ମୃତକଙ୍କ ପରିବାର ପକ୍ଷରୁ ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ନିଶ୍ଚିନ୍ତକୋଇଲି,୩୦।୧୨(ସ୍ୱ.ପ୍ର.)

ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ତହସିଲ ଛକ ନିକଟରେ ରବିବାର ରାତି ପ୍ରାୟ ୮ଟା୩୦ରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ବିଜୟ ନଗର ଗ୍ରାମର ଚନ୍ଦ୍ରଭାନୁ ରାଉତ(୨୯)। ଗୁରୁତର ହେଲେ ସେହି ଗ୍ରାମର ସତ୍ୟପ୍ରକାଶ ଦାସ(୨୭)। ଉଭୟ ବାଇକ୍‌ଯୋଗେ କଟକରୁ କେନ୍ଦ୍ରାପଡ଼ା ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚନ୍ଦ୍ରଭାନୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସତ୍ୟପ୍ରକାଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ସାଲେପୁର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଓ ବାଇକ୍‌କୁ ଜବତ କରିଛି। ଟ୍ରକ୍ ଚାଳକ ଫେରାର ହୋଇ ଯାଇଛନ୍ତି। ଖବର ଲେଖାହେବାବେଳକୁ ଥାନାରେ ଅଭିଯୋଗ ହୋଇ ନ ଥିଲା।

ଶ୍ରୀମନ୍ଦିରରେ ନୀତି ବନ୍ଦକୁ ଜଗନ୍ନାଥପ୍ରେମୀଙ୍କ ନିନ୍ଦା

# ସ୍ୱତନ୍ତ୍ର ପ୍ରଶାସକ ନିଯୁକ୍ତ କରିବାକୁ ଦାବି

ଜଗତ୍‌ସିଂହପୁର ଅଫିସ, ୩୦।୧୨

ଶ୍ରୀମନ୍ଦିରରେ ପୋଲିସ ଏବଂ ସେବାୟତଙ୍କ ମଧ୍ୟରେ ସାମାନ୍ୟ ମତଭେଦରୁ ମହାପ୍ରଭୁ ଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ଦୀର୍ଘ ୧୪ ଘଣ୍ଟା କାଳ ବନ୍ଦ ହେଲା। ଏଥିସହିତ ମହାପ୍ରଭୁଙ୍କୁ ଉପବାସ ରଖାଗଲା। ଏହି ଘଟଣା କୋଟି କୋଟି ଭକ୍ତଙ୍କ ମନରେ ଗଭୀର ରେଖାପାତ କରିବା ସହ ଯନ୍ତ୍ରଣା ଦେଇଛି। ଶ୍ରୀ ଜୀଉମାନଙ୍କ ପ୍ରତି ଏଭଳି ଆଚରଣକୁ ସ୍ଥାନୀୟ ଶ୍ରୀଜଗନ୍ନାଥ ଭକ୍ତ ସମାଜ, ଶ୍ରୀଜଗନ୍ନାଥ ଭାଗବତ ଚେତନା ପରିଷଦ, ସୁବର୍ଣ୍ଣ ବରାହୀ ଠାକୁରାଣୀ କମିଟି, ନାଗରିକ ମଞ୍ଚ ଏବଂ ଅନେକ ସଙ୍ଗଠନ ତରଫରୁ ନିନ୍ଦା କରାଯାଇଛି। ସେମାନେ କହିଛନ୍ତି ଯେ ଶ୍ରୀ ମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ସ୍ଥାନୀୟ ବିଧାୟକ, ଆଇନମନ୍ତ୍ରୀ ଏପରି କି ଗଜପତି ମହାରାଜ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରି ଅସହାୟତା ପ୍ରକାଶ କରିବା ଦୁର୍ଭାଗ୍ୟଜନକ। ଶ୍ରୀ ମନ୍ଦିରର ସଂସ୍କାର ପ୍ରକ୍ରିୟାକୁ ଶୃଙ୍ଖଳିତ କରାଯାଇଛି। ଏହାଦ୍ୱାରା ସେବାୟତମାନଙ୍କ କର୍ତ୍ତୃତ୍ୱ ହାନୀ ଘଟୁଛି। ରୋଜଗାର ହାନୀ ହେବା ପରେ ସେବାୟତମାନେ ପ୍ରତିକ୍ରିୟାଶୀଳ ହୋଇ ପ୍ରଭୁଙ୍କୁ ଉପବାସରେ ରଖି ଭକ୍ତମାନଙ୍କ ମନରେ ଆଘାତ ସୃଷ୍ଟି କରିଛନ୍ତି। ଶ୍ରୀ ମନ୍ଦିରର ମହାନ ପରମ୍ପରାକୁ ଏଭଳି କଳୁଷିତ କରା ନ ଯାଉ। ଶ୍ରୀ ଜଗନ୍ନାଥଙ୍କ ପୂଜାଠାରୁ ଅନ୍ୟ କିଛି ପ୍ରସଙ୍ଗକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଧରା ନ ଯାଉ। ଅଧ୍ୟାପକ ଭଗବାନ ଦାଶ, ବିଷ୍ଣୁ ଚରଣ ସ୍ୱାଇଁ, ଡା. ରଘୁନାଥ ଜେନା, ବାହୁବଳେନ୍ଦ୍ର ମଲ୍ଲିକ, ପଣ୍ଡିତ ହରେକୃଷ୍ଣ ମିଶ୍ର, ପ୍ରେମାନନ୍ଦ ପଢିଆରୀ, ନାରାୟଣ ନାୟକ, ରବୀନ୍ଦ୍ରନାଥ ସାହୁ, ମାଗୁଣୀ ଚରଣ ସାହୁ, ଅଧ୍ୟାପକ ମହେନ୍ଦ୍ର କୁମାର ଚାନ୍ଦ, ପଣ୍ଡିତ ରବୀନ୍ଦ୍ରନାଥ ମିଶ୍ର ପ୍ରମୁଖ ଭବିଷ୍ୟତରେ ମହାପ୍ରଭୁଙ୍କ ପ୍ରତି ଏଭଳି ଆଚରଣ ନ କରିବାକୁ ନିବେଦନ କରିଛନ୍ତି। ଏଥିସହ ଶ୍ରୀ ମନ୍ଦିର ନୀତିକାନ୍ତିକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବା ପାଇଁ ଜଣେ ସ୍ୱତନ୍ତ୍ର ପ୍ରଶାସକ ନିଯୁକ୍ତି ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

# ବିଜୁ ଯୁବ ବାହିନୀର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ଅତିଥିଙ୍କ ସହ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ବାଲିଆ,୩୦।୧୨

ବିରିଡ଼ି ବ୍ଲକ ବଡ଼ଖଣ୍ଡାଇତା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ବାହିନୀ ସଭାପତି ସୌମେନ୍ଦ୍ର ଖଟେଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ ଫକୀର ଚରଣ ଖଟେଇ, ନାଏବ ସରପଞ୍ଚ ଗାୟତ୍ରୀ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୪୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ମଧ୍ୟରେ ହାଇଜମ୍ପ୍, ଲଙ୍ଗଜମ୍ପ୍, ବ୍ୟାଡ୍‌ମିଣ୍ଟନ ଓ ନୃତ୍ୟଗୀତ ପ୍ରତିଯୋଗିତା କରାଯାଇଥିଲା। ଏହାକୁ ବାଲିଆ ଗୋପୀନାଥପୁର ବାଳିକା ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପରିଚାଳନା କରିଥିଲେ। ଯୁବ ବାହିନୀ ସମ୍ପାଦକ ସାଗର ସ୍ୱାଇଁ, କୋଷାଧ୍ୟକ୍ଷ ଅର୍ଜୁନ ଖୁଣ୍ଟିଆ, ସଭ୍ୟ ଦିଲୀପ ପ୍ରଧାନ, ମଳୟ ପ୍ରଧାନ, ଦିଲୀପ ସାହୁ, ପ୍ରଶାନ୍ତ ପ୍ରଧାନ, ଦେବିପ୍ରସାଦ ମଲ୍ଲିକ, ଦେବାଶିଷ ସ୍ୱାଇଁ, ଜ୍ଞାନ ରଞ୍ଜନ ମିଶ୍ର, ଖୋକନ ପ୍ରଧାନ, ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଭାଗନେଇଥିବା ସମସ୍ତ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା।

# ଆକ୍ରମଣରେ ଜଣେ ଗୁରୁତର, ଅଭିଯୁକ୍ତ ଗିରଫ

ନରସିଂହପୁର,୩୦।୧୨(ସ୍ୱ.ପ୍ର.)

ଘରଡ଼ିହ ସୀମା ଚିହ୍ନଟବେଳେ ଶନିବାର ସନ୍ଧ୍ୟାରେ ନରସିଂହପୁର ବ୍ଲକ ରେଗେଡ଼ା ଗ୍ରାମରେ ୨ ପଡ଼ୋଶୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଗୋଟିଏ ପରିବାର ଜଣେ ସଦସ୍ୟ ଗୁରୁତର ହୋଇଛନ୍ତି। ଏ ନେଇ ଗୁରୁତରଙ୍କ ପରିବାର ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇବାପରେ ଆକ୍ରମଣକାରୀଙ୍କୁ ରବିବାର ଗିରଫ କୋର୍ଟ ଚାଲାଣ କରିଛି। ଆକ୍ରମଣର ଶିକାର ହୋଇଛନ୍ତି ଗ୍ରାମର ଗଣେଶ ବେହେରା। ତାଙ୍କୁ ଆକ୍ରମଣ କରିଛନ୍ତି ଚିତ୍ତରଞ୍ଜନ ଡାଲୁଆ। ସୀମା ଚିହ୍ନଟବେଳେ ବଚସା ହେବାରୁ ହଠାତ୍ ଉତ୍ତ୍ୟକ୍ତ ହୋଇ ଚିତ୍ତରଞ୍ଜନ ଏକ କାତିରେ ଗଣେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଗଣେଶ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦେଇଥିଲେ। ଏ ନେଇ ୧୪୮/୧୮ରେ ଏକ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଅମର ପ୍ରଧାନ ସୂଚନା ଦେଇଛନ୍ତି।

# ପର୍ଯ୍ୟଟକଙ୍କ ପସନ୍ଦ ପାରାଦୀପ





ପାରାଦୀପ ନେହେରୁ ବଙ୍ଗଳା ଓ ମନ୍ମଦ ଉଦ୍ୟାନ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ।

ପାରାଦୀପ,୩୦।୧୨(ସ୍ୱ.ପ୍ର.)

ନବବର୍ଷ ପାଳନ ପାଇଁ ସମଗ୍ର ଉପକୂଳ ଅଞ୍ଚଳରେ ଏବେ ପାରାଦୀପ ସମସ୍ତଙ୍କ ପସନ୍ଦର ସ୍ଥାନ ପାଲଟିଛି। ଏଠାରେ ବନ୍ଦର, ମୁହାଣ, ମାଛଧରା ବନ୍ଦର, ଜଳଜୀବ ସଂଗ୍ରହାଳୟ, ବିଜ୍ଞାନ ପାର୍କ, ଡପ୍‌ଲର ରାଡାର, ନୌବାଣିଜ୍ୟ ସଂଗ୍ରହାଳୟ, ଉଦୟବଟ ଧାମ, ପ୍ରସିଦ୍ଧ ଲୋକନାଥ ମନ୍ଦିର, ପାରେଶ୍ୱର ମନ୍ଦିର ସମେତ ଅନେକ ଆକର୍ଷଣୀୟ ସ୍ଥାନ ରହିଛି। ତେଣୁ ପାରାଦୀପରେ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ରବିବାର ମହାନଦୀ ମୁହାଣ ସଂଲଗ୍ନ ମନ୍ମଦ ଉଦ୍ୟାନରେ ବହୁ ପର୍ଯ୍ୟଟକଙ୍କ ସମାବେଶ ହୋଇଥିଲା। ଗାଡ଼ି ସଂଖ୍ୟା ଏତେ ବଢିଯାଇଥିଲା ଯେ ମେରାଇନ ଥାନା ପାଖରୁ ମୁହାଣ ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଯାଇଥିଲା। ନେହେରୁ ବଙ୍ଗଳା ବ୍ୟତୀତ ପାରାଦୀପ ବତୀଘର ପାଖ ବେଳାଭୂମିରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ବନ୍ଦର ଭିତରକୁ ଯାଇ ଜାହାଜ ଦେଖିବାକୁ ପର୍ଯ୍ୟଟକମାନେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଅତ୍ୟଧିକ ଭିଡ଼ ଯୋଗୁ ବହୁ ପର୍ଯ୍ୟଟକ ଜାହାଜ ଦେଖି ନ ପାରି ନିରାଶ ହୋଇ ଫେରୁଛନ୍ତି। କାରଣ ବନ୍ଦର ଭିତରେ ବୁଲିବା ପାଇଁ ମାତ୍ର ଗୋଟିଏ ବସ୍ ବ୍ୟବସ୍ଥା ରହିଛି। ସେଥିରେ ଥରକେ ମାତ୍ର ୩୨ ଜଣ ଯାଇପାରିବେ। ଏହି ବ୍ୟବସ୍ଥାରେ ସକାଳୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କିଛି ଲୋକ ଜାହାଜ ଦେଖିବାର ସୁଯୋଗ ପାଉଛନ୍ତି। ଅନ୍ୟମାନେ ୪ ନଂ. ଗେଟ୍ ପାଖରେ ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି। ମନ୍ମଦ ଉଦ୍ୟାନ ଓ ବେଳାଭୂମିରେ ଲୋକେ ଭୋଜି କରିବା ସହ ମ୍ୟୁଜିକ ଲଗାଇ ନାଚ ଗୀତର ମଜା ନେଉଛନ୍ତି। ଶୀତର ପ୍ରକୋପ ଅଧିକ ଥିଲେ ମଧ୍ୟ ରାତି ୯ଟା ପର୍ଯ୍ୟନ୍ତ ଲୋକେ ବେଳାଭୂମିରେ ବୁଲୁଛନ୍ତି। କହିବାକୁ ଗଲେ ପାରାଦୀପ ଏବେ ପର୍ଯ୍ୟଟନକ୍ଷେତ୍ରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ନିମନ୍ତେ ନେହେରୁ ବଙ୍ଗଳାଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି ବୋଲି ମେରାଇନ ଥାନା ଅଧିକାରୀ ବବିତା ଦଳେଇ କହିଛନ୍ତି।

■ ବନ୍ଦର ବୁଲିବା, ଜାହାଜ ଦେଖିବାର ମଜା

■ ନେହେରୁ ବଙ୍ଗଳା ଓ ବତିଘର ବେଳାଭୂମିରେ ଭିଡ଼

■ ଜମୁଛି ଭୋଜିଭାତ ଆସର






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DADLS-231
ଓଡ଼ିଶା ସରକାର
କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
www.kalia.co.in
ଅସମର୍ଥ ଚାଷୀଙ୍କୁ ସହାୟତା
ବୃଦ୍ଧାବସ୍ଥା, ଅକ୍ଷମତା, ରୋଗ ତଥା ଅନ୍ୟାନ୍ୟ କାରଣରୁ ଚାଷ ପାଇଁ ଅସମର୍ଥ ୧୦ ଲକ୍ଷ ଚାଷୀଙ୍କୁ ବାର୍ଷିକ ୧୦,୦୦୦ଟଙ୍କା ଲେଖାଏଁ ଆର୍ଥିକ ସହାୟତା
କାଳିଆ ବାର୍ତ୍ତା:
କାଳିଆ ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ମିସ୍‌କଲ୍ ଦିଅନ୍ତୁ - ୦୮୦୬୧୧୭୪୨୨୨
15001/13/0521/1819



## ସଂକ୍ଷେପରେ

### ଅସହାୟ ଶିଶୁଙ୍କୁ ଶୀତବସ୍ତ୍ର ପ୍ରଦାନ ପାଇଁ ନିବେଦନ

**ଯାଜପୁରରୋଡ,୩୦।୧୨(ନି.ପ୍ର.):** ସାରା ରାଜ୍ୟରେ ଶୀତର ଲହରୀ ଦେଖାଦେଇଛି। ବିଭିନ୍ନ ସ୍ଥାନରେ ଅସହାୟ, ଗରିବ ଅନାଥ ଶିଶୁ ରାସ୍ତା ପାର୍ଶ୍ୱ, ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ ଶୋଉଛନ୍ତି। ଏହାକୁ ବିଚାର କରି ଶ୍ରମିକ ନେତା ମାୟାଧର ନାୟକ ରବିବାର ତାଙ୍କ ଇନ୍ଦ୍ରାଶ୍ରମ ବାସ ଭବନରେ ଏକ ଖବରଦାତା ସମ୍ମିଳନୀରେ ପୁରୁଣା ଶୀତବସ୍ତ୍ର ପ୍ରଦାନ ପାଇଁ ନିବେଦନ କରିଛନ୍ତି। ଯାହା ପାଖରେ ପୁରୁଣା ଶୀତବସ୍ତ୍ର ଅଛି, ତାଙ୍କ ସଂସ୍ଥାକୁ ଦେବା ପାଇଁ କହିଛନ୍ତି। ବଳକା ପୁରୁଣା ଶୀତ ବସ୍ତ୍ର, ଲୁଗା, ପ୍ୟାଣ୍ଟ, ଶାର୍ଟ ଅପବ୍ୟବହାର ନ କରି ବୁଢ଼ାବୁଢ଼ୀ, ରୋଗୀ, ଗରିବ ଭିକ୍ଷୁକଙ୍କୁ ପ୍ରଦାନ କରିବାକୁ ନାୟକ କହିଛନ୍ତି। ବ୍ୟାସନଗର, ସୁକିନ୍ଦା, ଦୈତାରୀ, ବଉଳା ପ୍ରଭୃତି ଅଞ୍ଚଳରେ ଅସହାୟ ବ୍ୟକ୍ତିଙ୍କୁ ଶୀତ ବସ୍ତ୍ର ବଣ୍ଟନ କରିବେ। କନ୍ଧମାଳ, ଫୁଲବାଣୀ, କେନ୍ଦୁଝର ପ୍ରଭୃତି ଅଞ୍ଚଳରେ ଆଜାଦୀ ଠେଙ୍ଗା ବାହିନୀ ଯାଇ ଦାନ ମିଳିଥିବା ଶୀତ ବସ୍ତ୍ରକୁ ପ୍ରଦାନ କରିବା ପାଇଁ ଯୋଜନା କରିଛନ୍ତି। ଠେଙ୍ଗା ବାହିନୀର ମୁଖ୍ୟ କୃଷକ ଲକ୍ଷ୍ମଣ ଦାସ, ସାମାଜିକ କର୍ମୀ ଇନ୍ଦିରା ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

### ଖୋଲିଲା ଧାନମଣ୍ଡି

**ରସୁଲପୁର,୩୦।୧୨(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଧୀନ ୧୧ ପ୍ରାଥମିକ ସମବାୟ ସେବା ସମିତି(ପାକ୍ସ) ମଧ୍ୟରୁ ବ୍ରହ୍ମବରଦା ପାକ୍ସରେ ଶନିବାର ଧାନମଣ୍ଡି ଖୋଲିଛି। ସମିତି ସଭାପତି ପଞ୍ଚାନନ ବିଶୋଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ ମୁଖ୍ୟ ଅତିଥି, ସମିତିର ବରିଷ୍ଠ ସଭ୍ୟ ଧ୍ରୁବ ଚରଣ ଜେନା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶରତ ଓଝା, ବାବନ ସାହୁ, ପଞ୍ଚାନନ ସାହୁ, ପ୍ରମୋଦ ମହାନ୍ତି, ସତ୍ୟ ନାରାୟଣ ବିଶୋଇ, ରଣଜିତ୍ ଦଳାଇ, ଅଭିରାମ ବେହେରା, ମହମ୍ମଦ ଅବୁଲ କାଲାମ, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ମଣ୍ଡିରୁ ଚାଷୀମାନେ ଲାଭବାନ ହେବା ସହ ୧୭୫୦ଟଙ୍କାରେ ଧାନ ବିକ୍ରି କରିବାକୁ ପରାମର୍ଶ ଦେଇଥିଲେ। ସମିତି ସମ୍ପାଦକ ପ୍ରସନ୍ନ ବିଶୋଇ, ଚିତ୍ତରଞ୍ଜନ ସ୍ୱାଇଁ, ଅଜିତ୍ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଅମ୍ପାୟାରଙ୍କ ନିଷ୍ପତ୍ତିକୁ ନେଇ ପଡ଼ିଆରେ ତୁମ୍ବୁଳକାଣ୍ଡ

**ରସୁଲପୁର,୩୦।୧୨(ଡିଏନଏ)**

ରସୁଲପୁର ବ୍ଲକର କୃଷ୍ଣପଡା ଖେଳ ପଡ଼ିଆରେ ଆୟୋଜିତ କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗଣ୍ଡଗୋଳ ଉପୁଜିଥିବା ଦେଖିବାକୁ ମିଳିଥିଲା। ଜୋନସ୍ତରୀୟ ଫାଇନାଲ ମ୍ୟାଚରେ ଅମ୍ପାୟାର ନିଷ୍ପତ୍ତିକୁ ନେଇ ଖେଳାଳିଙ୍କ ମଧ୍ୟରେ ବିଶୃଙ୍ଖଳା ଉପୁଜିଥିଲା। ଖେଳାଳି ଓ ଉଭୟ ଦଳର ସମର୍ଥକମାନେ ରାଗି ପଡ଼ିଆ ଚତୁଃପାର୍ଶ୍ୱରେ ଲାଗିଥିବା ହୋର୍ଡିଂକୁ ଭାଙ୍ଗାରୁଜା କରିଥିଲେ।

ପ୍ରକାଶ ଯେ, କୃଷ୍ଣପଡା ଖେଳ ପଡିଆରେ ସୁପର-୬ ପାଇଁ ଶେଷ ମ୍ୟାଚ୍ ବାରବାଟୀ ଓ ଓଡିଶୋ ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଓଡିଶୋ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୫୨ରନ୍ ସଂଗ୍ରହ କରିଥିଲା। ୧୫୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବାରବାଟୀ ପଡିଆ ମଧ୍ୟକୁ ଓହ୍ଲାଇ ଥିଲା। ଇନିଂସର ଶେଷ ବଲରେ ୬ରନ୍ ଆବଶ୍ୟକ ଥିବା ବେଳେ ବାରବାଟୀ ଦଳର ବ୍ୟାଟ୍‌ସମ୍ୟାନ ବଲଟି ଉଠାଇ ମାରିଥିଲେ। ଫିଲଡର ବଲଟିକୁ କ୍ୟାଚ୍ କରିଥିଲେ। ମାତ୍ର ଖେଳ ପରିଚାଳକ ଉକ୍ତ ସଟ୍‌କୁ ଛକା ବୋଲି ଘୋଷଣା କରିଥିଲେ। ଫଳରେ ବିବାଦ ଉପୁଜିଥିଲା। ବାଉଣ୍ଡାରୀ ବାହାରେ କ୍ୟାଚ୍ ଧରିଥିବା ଅମ୍ପାୟାର କହୁଥିବା ବେଳେ ଉକ୍ତ ନିଷ୍ପତ୍ତିକୁ ଓଡିଶୋ ଦଳ ମାନି ନ ଥିଲେ। ଏହାକୁ କେନ୍ଦ୍ରକରି ପଡିଆରେ ତୁମ୍ବୂଳକାଣ୍ଡ ଘଟିଥିଲା। ଖେଳାଳି ଓ ସମର୍ଥକଙ୍କ ମଧ୍ୟରେ ଠେଲାପେଲା ଓ ଗାଳିଗୁଲଜ ଓ ଭଙ୍ଗାରୁଜା ପର୍ଯ୍ୟନ୍ତ କଥା ଯାଇଥିଲା। ଉକ୍ତ ଘଟଣାରେ ପଞ୍ଚାୟତସ୍ତରୀୟ ନେତାଙ୍କ ମାତ୍ରାଧିକ ହସ୍ତକ୍ଷେପ ଯୋଗୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଏପରି କି ଘଟଣା ସମ୍ପର୍କରେ ପୋଲିସର ସହାୟତା ଲୋଡା ଯାଇଥିଲା। ଘଟଣାସ୍ଥଳରେ କୁଆଖିଆ ଥାନା ଅଧିକାରୀ ଆଶିଷ କୁମାର ସାହୁ ପହଞ୍ଚି ଉଭୟ ଦଳର ଖେଳାଳିଙ୍କୁ ବୁଝାଇବାକୁ ପ୍ରୟାସ କରିଥିଲେ। ଏହା ସତ୍ତ୍ୱେ ବି ମାମଲା ନିୟନ୍ତ୍ରଣକୁ ଆସିପାରି ନାହିଁ। ଆୟୋଜକଙ୍କ ପକ୍ଷରୁ କୌଣସି ଠୋସ୍ ନିଷ୍ପତ୍ତି ନେବାରେ ବିଫଳ ହୋଇଛନ୍ତି। ସୋମବାର ଏ ନେଇ ନିଷ୍ପତ୍ତି ନିଆଯାଇପାରେ ବୋଲି ଆଶା କରାଯାଉଛି। ସୂଚନା ଥାଉକି, ପୂର୍ବରୁ ମଧ୍ୟ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଏମା, ଅଞ୍ଜିରା ପଞ୍ଚାୟତ ଖେଳ ପଡିଆରେ ଆୟୋଜିତ ଏହି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗଣ୍ଡଗୋଳ ଉପୁଜିଥିବା ଦେଖିବାକୁ ମିଳିଥିଲା।

# ଭାଜପାର ଜନପରାମର୍ଶ ପଦଯାତ୍ରା

**କୋରେଇ,୩୦।୧୨(ସ୍ୱ.ପ୍ର.)**



କୋରେଇ ମଣ୍ଡଳ ଭାଜପା ପକ୍ଷରୁ ରବିବାର ତୁଳତୀ ପଞ୍ଚାୟତରେ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ କୁଅଁରଙ୍କ ନେତୃତ୍ୱରେ ତୁଳତୀ ଗ୍ରାମର ମହାଦେବ ମନ୍ଦିରଠାରୁ ପଦଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଭାଜପା ନେତା ବିଶ୍ୱଜିତ ନାୟକ ଯୋଗଦେଇ ସାଧରଣ ଲୋକଙ୍କୁ ଭେଟିଥିଲେ। ଏହି ଅବସରରେ ଯୁବ ନେତା ବିକ୍ରମ ବିଶ୍ୱାଳଙ୍କ ସଞ୍ଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ବିଶ୍ୱଜିତ୍ ନାୟକ ମୁଖ୍ୟ ଅତିଥି, କୋରେଇ ବ୍ଲକ ଅଧକ୍ଷା ମାଳତୀ ଟୁଡୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରମୋଦ ସାହୁ, ରବିନ୍ଦ୍ର କୁମାର ବେହେରା, ନୀଳମାଧବ ଚକ୍ର, ନିତ୍ୟାନନ୍ଦ ମହାଳିକ, ଯୁବନେତା ପ୍ରକାଶ କୁମାର ଧଳ, ପ୍ରମୋଦ ନାୟକ, ସୁରଜ ଦାଶ, ଉଦୟନାଥ ପରିଡ଼ା, ଲଲାଟେନ୍ଦୁ ନାୟକ, ବିଷ୍ଣୁଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଶରତ ସାହୁ, ଶିବାନନ୍ଦ ଜେନା, ମନୋରଞ୍ଜନ ବେହେରା, ପୁରସ୍ତମ ମଲ୍ଲିକ, ଉତ୍କଳ ଚନ୍ଦ୍ର ଲେଙ୍କା, ଅକ୍ଷୟ ରାଉତ ପ୍ରମୁଖ ଅନ୍ୟ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଳିଙ୍ଗନଗର,୩୦।୧୨(ଡି.ଏନ୍.ଏ.)**

ଯଖପୁରା ଥାନା ଅନ୍ତର୍ଗତ ମାଣତିରା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଯଖପୁରା ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ମହିଳା ହେଲେ ସୂର୍ଯ୍ୟକାନ୍ତି ଓଝା(୨୭)। ପୋଲିସ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ, ଢେଙ୍କାନାଳ ଜିଲା ସାରିଆପଦା ଗ୍ରାମର ନୀରୋଦ ମହାରଣାଙ୍କ ଝିଅ ସୂର୍ଯ୍ୟକାନ୍ତିଙ୍କୁ ୨୦୧୩ରେ ନିହାଲପ୍ରସାଦ ଥାନା କାଲୁଣି ଘୋଡା ଅଞ୍ଚଳର ଦିଲୀପ ଓଝା ବିବାହ କରିଥିଲେ। ଦୁହେଁ ଦୀର୍ଘଦିନ ଧରି ଯଖପୁରା ଥାନା ମାଣତିରା ଗାଁରେ ଏକ ଭଡା ଘରେ ରହିଆସୁଥିଲେ। ଦିଲୀପ ମେସ୍କୋ ଷ୍ଟିଲ କାରଖାନାରେ ଠିକା ଶ୍ରମିକ ଭାବେ କାମ କରନ୍ତି। ଶନିବାର ରାତିରେ ସେ କାମରୁ ଫେରିବା ବେଳେ ସ୍ତ୍ରୀ ଶିଡ଼ି ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିଲେ। ତୁରନ୍ତ ଘଟଣା ସମ୍ପର୍କରେ ଯଖପୁରା ଥାନାକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ନିରୋଦ ଯଖପୁରା ଥାନାରେ ପହଞ୍ଚି ଯୌତୁକ ପାଇଁ ଝିଅକୁ ମାରିଦେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୧୦୩/୧୮) ରୁଜୁ କରି ଦିଲୀପଙ୍କୁ ଅଟକ ରଖିଛି।

# ରାଜ୍ୟସ୍ତରୀୟ ସଚ୍ଚିକାନ୍ତ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ନିମପୁର ଚାମ୍ପିୟନ୍

**ଧର୍ମଶାଳା,୩୦।୧୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋତପୁର ହାଇସ୍କୁଲ ଖେଳ ପଡିଆରେ ୧୫ତମ ରାଜ୍ୟସ୍ତରୀୟ ସଚ୍ଚିକାନ୍ତ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ନିମପୁର ସ୍ପୋର୍ଟ୍ସ କ୍ଲବ କଟକ ଓ ସ୍କାନ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସ୍କାନ୍ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୪ ଓଭରରେ ୨୪୧ ରନ୍ କରିଥିଲା। ଜବାବରେ ନିମପୁର ସ୍ପୋର୍ଟ୍ସ କ୍ଲବ ୨୪୩ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଅଜୟ ରାଉତକୁ ମ୍ୟାନ ଅଫ ଦି ମ୍ୟାଚ ଓ ରଞ୍ଜନ ଜେନାକୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଭାତ ଜେନା ଓ ଶରତ ଜେନା ଖେଳ ପରିଚାଳନା କରିଥିଲେ। ସନ୍ତୋଷ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ

**ବାସୁଦେବପୁର,୩୦।୧୨(ଡି.ଏନ.ଏ.)**

ଏକ ବାଇକ୍ ଦୁର୍ଘଟଣାରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନୂଆଗାଁର ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଏହି ଗାଁର ସୁଶାନ୍ତ ମଲିକ(୨୧) ଓ ଆଦିକନ୍ଦ ମଲିକ(୪୫)। ସେମାନେ ରବିବାର ରାତି ପ୍ରାୟ ୮ଟା ବେଳେ ବାଇକ୍‌ରେ ବାଲେଶ୍ୱର ଜିଲା ଅନନ୍ତପୁର ଅଭିମୁଖେ ଯାଉଥିଲେ। ଭାଟପଡ଼ା ପୋଲ ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବାରୁ ୨ ଜଣ ଛିଟିକି ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଆଦିକନ୍ଦଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗୁରୁତର ସୁଶାନ୍ତଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାରେ ରଖାଯାଇଛି।

■ ଧର୍ମଶାଳା ମହୋତ୍ସବର ୬ଷ୍ଠ ସନ୍ଧ୍ୟା

# ନୃତ୍ୟ, ଗୀତରେ ଝୁମିଲେ ଦର୍ଶକ

**ଧର୍ମଶାଳା, ୩୦।୧୨(ଡି.ଏନ.ଏ.)**



ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ଧର୍ମଶାଳା ମହୋତ୍ସବର ୬ଷ୍ଠ ସନ୍ଧ୍ୟା ରବିବାର ପାଳିତ ହୋଇଯାଇଛି। ଛୁଟିଦିନ ଥିବାରୁ ମହୋତ୍ସବ ପଡିଆରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଖୋଲା ମଞ୍ଚରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିବା ସହ ମେଳା ବୁଲି ନେଉଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀର ରଙ୍ଗଶାଳା ଡ୍ୟାନ୍ସ ଗ୍ରୁପ୍‌ଙ୍କ ନୃତ୍ୟରେ ଦର୍ଶକମାନେ ଝୁମିଥିଲେ। ପରେ ଭୁବନେଶ୍ୱରର ଏକ ଅର୍କେଷ୍ଟ୍ରା କଳାକାରଙ୍କ ପୁରୁଣା ସିନେମା ଗୀତ ପରିବେଷଣ ବେଶ ହୃଦୟସ୍ପର୍ଶୀ ହୋଇଥିଲା ବେଳେ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସନ୍ଧ୍ୟା ପରେ ଭିଡ ଅଧିକ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଗାଡ଼ି ଦେଖିବାକୁ ମିଳିଥିଲା। ତେବେ ପାର୍କିଂ ପାଇଁ କମିଟି କିମ୍ବା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ରାସ୍ତା ପାର୍ଶ୍ୱରେ ଗାଡି ରହିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ଧର୍ମଶାଳା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗ୍ରୁପ୍ ଡ୍ୟାନ୍ସ ପ୍ରତିଯୋଗିତା ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।




ନୂଆବର୍ଷର ପାର୍ଟି ପ୍ଲେ-ୱିନ୍ ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍ କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଏକ୍‌ସ୍ଟ୍ରା ଟାଇମିଂ ପାଇଁ
Helpline : 09321790671
ଗୁପ୍ତ ରୋଗ ଓ ଶୀଘ୍ରପତନକୁ ଦୂର କରିବା, ପିଲାବେଳର ଭୁଲ୍ କାରଣରୁ ଯଦି ଆପଣ ଗୁପ୍ତ ରୋଗରେ ପୀଡ଼ିତ, ଯେପରିକି ଇନ୍ଦ୍ରିୟର ଢିଲାପଣ, ନପୁଂସକତା ଓ ଅନ୍ୟାନ୍ୟ ପୌରୁଷ ସମସ୍ୟା, ସେଗୁଡ଼ିକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ୍ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ୍ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
only Effect No Side Effect
Play Win Capsule
Play Win Oil
A Quality Product by Rajnish Wellness Limited
ତେଲ କ୍ୟାପ୍‌ସୁଲ
SS : Mahendra Pharma / Orissa Drug Distributors | www.playwincapsule.com
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
ଜୋଶ, ଶକ୍ତି, ଏକ୍‌ସ୍ଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ


## ସୀମା ସୁରକ୍ଷା ବଳରେ କ୍ରୀଡ଼ା କୋଟାରେ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କ (ସିଟି/ଜିଡି)-ପୁରୁଷ ଭାବେ ନିଯୁକ୍ତି - ୨୦୧୮

**ସୀମା ସୁରକ୍ଷା ବଳ**ରେ କ୍ରୀଡ଼ା କୋଟାରେ ବିଭିନ୍ନ ଶୃଙ୍ଖଳାରେ ୭୩ ଗୋଟି କନଷ୍ଟେବଳ (ଜିଡି) (ପୁରୁଷ) ପଦବୀକୁ ପୂରଣ କରିବା ପାଇଁ ଭାରତୀୟ ନାଗରିକ (ପୁରୁଷ)ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଶୃଙ୍ଖଳାଗୁଡ଼ିକର ବିବରଣୀ ନିମ୍ନ ଅନୁଯାୟୀ ହେବ:-

| କ୍ର.ସଂ. | ଶୃଙ୍ଖଳା | ଖାଲି ସ୍ଥାନ |
|---|---|---|
| ୧. | ତୀରନ୍ଦାଜୀ | ୦୨ |
| ୨. | ଆକ୍ୱାଟିକ୍ (ସନ୍ତରଣ, ଡାଇଭିଂ ଓ ୱାଟର ପୋଲୋ) | ୦୫ |
| ୩. | ଆଥ୍‌ଲେଟିକ୍ସ | ୦୬ |
| ୪. | ବାସ୍କେଟବଲ୍ | ୦୩ |
| ୫. | ବକ୍ସିଂ | ୦୩ |
| ୬. | ଫୁଟ୍‌ବଲ୍ | ୦୩ |
| ୭. | ଜିମ୍ନାଷ୍ଟିକ୍ସ | ୦୨ |
| ୮. | ହ୍ୟାଣ୍ଡବଲ୍ | ୦୨ |
| ୯. | ହକି | ୦୨ |
| ୧୦. | ଜୁଡୋ | ୦୨ |
| ୧୧. | କବାଡ଼ି | ୦୪ |
| ୧୨. | ଖୋ-ଖୋ | ୦୩ |
| ୧୩. | ଟାଏକୋଣ୍ଡୋ | ୦୪ |
| ୧୪. | ଉଷୁ (ସାନ୍‌ଶାଉ) | ୦୮ |
| ୧୫. | ଭଲିବଲ୍ | ୦୪ |
| ୧୬. | ଜଳ କ୍ରୀଡ଼ା (କାୟାକିଂ, କାନୋଇଂ ଏବଂ ରୋଇଂ) | ୦୨ |
| ୧୭. | ଭାରୋତ୍ତୋଳନ | ୦୪ |
| ୧୮. | କୁସ୍ତି (ଫ୍ରି ଷ୍ଟାଇଲ୍ ଏବଂ ଗ୍ରେକୋ ରୋମାନ୍) | ୦୪ |
| | ମୋଟ | ୭୩ |

**ଦ୍ରଷ୍ଟବ୍ୟ:-**

ଖାଲି ସ୍ଥାନ ପରିବର୍ତ୍ତନଯୋଗ୍ୟ (ଉପରୋକ୍ତ ଶୃଙ୍ଖଳାଗୁଡ଼ିକ ମଧ୍ୟରେ ବଢ଼ିପାରେ କିମ୍ବା ହ୍ରାସିତ ହୋଇପାରେ)। କୌଣସି କାରଣ ନ ଦର୍ଶାଇ ନିଯୁକ୍ତିକୁ ପରିବର୍ତ୍ତନ କରିବା କିମ୍ବା ରଦ୍ଦ କରିବା କିମ୍ବା ସ୍ଥଗିତ କରିବାର ଅଧିକାର ବିଏସ୍‌ଏଫ୍ ନିକଟରେ ସଂରକ୍ଷିତ।

**୨. ବେତନ ହାର**

କନଷ୍ଟେବଳ (ଜିଡି) : ଟ.୨୧,୭୦୦/- (ବେତନ ମାଟ୍ରିକ୍ସ ସ୍ତର-୩, ସେଲ୍-୧) ଏବଂ ନିୟମ ଅଧୀନରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ସମୟ ସମୟରେ ଅନୁମତିଯୋଗ୍ୟ ଅନ୍ୟାନ୍ୟ ଭତ୍ତା।

**୩. ଯୋଗ୍ୟତା ସର୍ତ୍ତାବଳୀ**

ବୟସ: ୧ ଅଗଷ୍ଟ ୨୦୧୮ ସୁଦ୍ଧା ୧୮ରୁ ୨୩ ବର୍ଷ। ସରକାରୀ ନିର୍ଦ୍ଦେଶ ଅନୁଯାୟୀ କୋହଳ।

**୪. ଶିକ୍ଷାଗତ ଯୋଗ୍ୟତା**

ସ୍ୱୀକୃତିପ୍ରାପ୍ତ ବୋର୍ଡ/ବିଶ୍ୱବିଦ୍ୟାଳୟରୁ ମାଟ୍ରିକୁଲେଶନ୍ କିମ୍ବା ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ।

**୫. ଶାରୀରିକ ମାନକ**

କନଷ୍ଟେବଳ (ଜିଡି) ପଦବୀ ନିମନ୍ତେ ନିର୍ଦ୍ଧାରିତ ଶାରୀରିକ ମାନ ନିମ୍ନ ଅନୁଯାୟୀ ହେବ:-

(i) ଉଚ୍ଚତା - ୧୭୦ ସେମି
(ii) ଛାତି - ୮୦ ସେମି (ଅଣସମ୍ପ୍ରସାରିତ), ସର୍ବନିମ୍ନ ସମ୍ପ୍ରସାରଣ ୫ ସେମି
(iii) ଓଜନ: ସ୍ୱାସ୍ଥ୍ୟଗତ ମାନକ ଅନୁଯାୟୀ ଉଚ୍ଚତା ଓ ବୟସର ସମାନୁପାତିକ

ଦ୍ରଷ୍ଟବ୍ୟ:- ସରକାରୀ ନିର୍ଦ୍ଦେଶ ଅନୁଯାୟୀ କୋହଳ।

**ସ୍ୱାସ୍ଥ୍ୟ ପରୀକ୍ଷା**

**(କ) ଦୃଷ୍ଟି-ଶକ୍ତି**

| ଦୃଷ୍ଟିଗତ ତୀକ୍ଷ୍ଣତା | | ଅଣସଂଶୋଧିତ ଦୃଷ୍ଟିଗତ ତୀକ୍ଷ୍ଣତା | | ପ୍ରତିସରଣ | ବର୍ଣ୍ଣ ଦୃଷ୍ଟି | ମନ୍ତବ୍ୟ |
|---|---|---|---|---|---|---|
| ଭଲ ଆଖି | ଖରାପ ଆଖି | ଭଲ ଆଖି | ଖରାପ ଆଖି | | | |
| ଏନ୍୬ | ଏନ୍୯ | ୬/୬ | ୬/୯ | କୌଣସି ପ୍ରକାରର ଦୃଷ୍ଟିଗତ ସଂଶୋଧନ ଅନୁମତିଯୋଗ୍ୟ ନୁହେଁ, ଏପରିକି ଚଷମା ଦ୍ୱାରା ମଧ୍ୟ ନୁହେଁ। | ସିପି-III ଇଶିହାରା ଦ୍ୱାରା | -ଡାହାଣହାତୀ ବ୍ୟକ୍ତିଙ୍କ ପାଇଁ ଡାହାଣ ଆଖି ହେଉଛି ଭଲ ଆଖି ଓ ବାମହାତୀଙ୍କ ପାଇଁ ବାମ ଆଖି ହେଉଛି ଭଲ ଆଖି। - ଦ୍ୱିନେତ୍ରୀ ଦୃଷ୍ଟି ଆବଶ୍ୟକ। |

(ଖ) ବର୍ଣ୍ଣାନ୍ଧତାରୁ ମୁକ୍ତ ହୋଇଥିବେ।
(ଗ) ପ୍ରାର୍ଥୀ ବକ୍ର ଆଣ୍ଠୁ, ଚଟକା ପାଦ, ସ୍ଫୀତ ଧମନୀ ଏବଂ ତୀର୍ଯ୍ୟକ୍ ଦୃଷ୍ଟି ଭଳି ତ୍ରୁଟିରେ ପୀଡ଼ିତ ହୋଇ ନ ଥିବା ଜରୁରୀ। ଉଚ୍ଚ ସ୍ଥାନ ସମେତ ସମସ୍ତ ସ୍ଥାନରେ କର୍ତ୍ତବ୍ୟ ନିର୍ବାହ କରିବା ଏବଂ ପ୍ରତିକୂଳ ଜଳବାୟୁ ପରିସ୍ଥିତି ରହୁଥିବା ସୀମାଞ୍ଚଳରେ ସେବା କରିବା ପାଇଁ ତାଙ୍କର ଉତ୍ତମ ମାନସିକ ତଥା ସ୍ୱାସ୍ଥ୍ୟ ସ୍ଥିତି ରହିଥିବା ଏବଂ କର୍ତ୍ତବ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବାରୁ ବାଧା ଦେଉଥିବା କୌଣସି ତ୍ରୁଟିରୁ ସେ ମୁକ୍ତ ହୋଇଥିବା ଜରୁରୀ।
(ଘ) ସ୍ୱାସ୍ଥ୍ୟ ପରୀକ୍ଷା ମାମଲା, "ଅସ୍ଥାୟୀ ଅଯୋଗ୍ୟତା" ଅନୁମତିଯୋଗ୍ୟ ହେବନାହିଁ।
(ଙ) ଧର୍ମନିରପେକ୍ଷ ରାଷ୍ଟ୍ର ଭାବେ, ଦେଶବାସୀଙ୍କ ଧାର୍ମିକ ଭାବନାର ସମ୍ମାନ ସର୍ବୋପରି, ତେଣୁ ଧାର୍ମିକ ସଙ୍କେତ କିମ୍ବା ପ୍ରତିଛବି ଏବଂ ନାମ ଦର୍ଶାଉଥିବା ଚିତା ବା ଟାଟୁଗୁଡ଼ିକ ଅନୁମତିଯୋଗ୍ୟ ହେବ। ଶରୀରର ପାରମ୍ପରିକ ଅଂଶ ଯେପରି ବାହୁର ଭିତର ଅଂଶ କିନ୍ତୁ କେବଳ ବାମ ବାହୁରେ, ଅଣ ଅଭିବାଦନକାରୀ ଅବୟବ କିମ୍ବା ହାତର ପୃଷ୍ଠଭାଗରେ କରାଯାଇଥିବା ଟାଟୁଗୁଡ଼ିକ ଅନୁମତିଯୋଗ୍ୟ ହେବ। ତାହାର ଆକାର ଶରୀରର ସମ୍ପୃକ୍ତ ଅଙ୍ଗ (କହୁଣୀ କିମ୍ବା ହାତ)ର ଏକ ଚତୁର୍ଥାଂଶରୁ କମ୍ ହୋଇଥିବା ଆବଶ୍ୟକ।
(ଚ) ସ୍ୱାସ୍ଥ୍ୟ ପରୀକ୍ଷା ପର୍ଯ୍ୟାୟରେ ପ୍ରାର୍ଥୀମାନଙ୍କ ନିଦର୍ଶନର ଯାଞ୍ଚ କରାଯିବ।

**କ୍ରୀଡ଼ା ଯୋଗ୍ୟତା**

| କ୍ର.ସଂ. | ପଦବୀ | କ୍ରୀଡ଼ା ଯୋଗ୍ୟତା |
|---|---|---|
| ୧. | କନଷ୍ଟେବଳ / ଜିଡି | ଅଲିମ୍ପିକ୍, ବିଶ୍ୱକପ୍, ଏସିଆନ୍ ଗେମ୍‌ସ, ଜୁନିୟର/ସିନିୟର ବିଶ୍ୱ ଚାମ୍ପିୟନଶିପ୍, ରାଜ୍ୟଗୋଷ୍ଠୀ, ବିଶ୍ୱବିଶ୍ୱବିଦ୍ୟାଳୟ ଖେଳ ଏବଂ ଏସ୍‌ଏଏଫ୍ ଖେଳରେ ଭାରତୀୟ ଦଳର ପ୍ରତିନିଧିତ୍ୱ। **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ବ୍ୟକ୍ତିଗତ/ଦଳଗତ ଇଭେଣ୍ଟରେ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନଶିପ୍/ ଜାତୀୟ କ୍ରୀଡ଼ାରେ ଯେକୌଣସି ପଦକ ବିଜେତା **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ବ୍ୟକ୍ତିଗତ/ଦଳଗତ ଇଭେଣ୍ଟରେ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନଶିପ୍/ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ରାଜ୍ୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ। |

**ଦ୍ରଷ୍ଟବ୍ୟ:** କେବଳ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନ୍‌ଶିପ୍/ଜାତୀୟ ଖେଳରେ ଅଂଶଗ୍ରହଣ ବର୍ଗ ତଥା ରାଜ୍ୟ ଚାମ୍ପିୟନ୍‌ଶିପ୍‌ର ସ୍ୱର୍ଣ୍ଣ ପଦକ ବର୍ଗରେ ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଇଁ ସମ୍ପୃକ୍ତ ଇଭେଣ୍ଟ/ଶୃଙ୍ଖଳାରେ ଶାରୀରିକ ଦକ୍ଷତା ପରୀକ୍ଷା/ଟ୍ରାଏଲ୍ ପରୀକ୍ଷା ପ୍ରଯୁଜ୍ୟ ହେବ।

### କିପରି ଆବେଦନ କରିବେ

ଯୋଗ୍ୟ ଏବଂ ଇଚ୍ଛୁକ ପ୍ରାର୍ଥୀମାନେ **ଆନେକ୍ସର-'ଏ'**ରେ ଦିଆଯାଇଥିବା ଅନୁଯାୟୀ ନିର୍ଦ୍ଧାରିତ ପ୍ରୋଫର୍ମାକୁ ଫୁଲ୍ ସ୍କେପ୍ କାଗଜରେ ବିଧିବଦ୍ଧ ଭାବେ ଟାଇପ୍ କରି କିମ୍ବା ସ୍ପଷ୍ଟ ଭାବେ ହାତରେ ଲେଖି ଦୁଇଟି ସେଲ୍ଫ ଆଟେଷ୍ଟେଡ୍ ପାସ୍‌ପୋର୍ଟ ଆକାର ଫଟୋଗ୍ରାଫ୍, ଗୋଟିଏ ଆବେଦନ ପତ୍ରରେ ଓ ଅନ୍ୟଟି ପ୍ରବେଶ ପତ୍ରରେ ସେହି ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ ଜାଗାରେ ଲଗାଇ ଏବଂ ସବୁ ଦିଗରୁ ପୂରଣ କରି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ **"ଦି କମାଣ୍ଡାଣ୍ଟ, ୯୫ ବିଏନ୍ ବିଏସ୍‌ଏଫ୍, ଭୋଣ୍ଡସି, ଡାକ- ଭୋଣ୍ଡସି, ଜିଲ୍ଲ- ଗୁରୁଗ୍ରାମ, ହରିୟାଣା - ୧୨୨୧୦୨"**ଙ୍କ ଠିକଣାରେ ଲଫାପାରେ ଉପରିଭାଗରେ **"ବିଏସ୍‌ଏଫ୍‌ରେ କ୍ରୀଡ଼ା କୋଟାରେ କ୍ରୀଡ଼ାବିତ୍ ସିଟି (ଜିଡି)ଙ୍କ ନିଯୁକ୍ତି ନିମନ୍ତେ ଆବେଦନ-୨୦୧୮"** ଲେଖି ଆବଶ୍ୟକ କାଗଜପତ୍ର ସହ ଦାଖଲ କରିପାରିବେ। ହେଲେ, ଉତ୍ତରପୂର୍ବାଞ୍ଚଳ, ଜାମ୍ମୁ ଓ କାଶ୍ମୀରର ଲଦାଖ ଡିଭିଜନ, ସିକିମ୍, ହିମାଚଳ ପ୍ରଦେଶର ଚାମ୍ବା ଜିଲ୍ଲାର ପାଙ୍ଗୀ ସବ୍-ଡିଭିଜନ, ଲାହୌଲ ଓ ସ୍ପିତି ଜିଲ୍ଲା, ଆଣ୍ଡାମାନ ଓ ନିକୋବର ଦ୍ୱୀପ, ଲାକ୍ଷାଦ୍ୱୀପର ଦୂର ଦୂରାନ୍ତ ଅଞ୍ଚଳର ପ୍ରାର୍ଥୀମାନେ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୪୫ ଦିନ ମଧ୍ୟରେ ସେମାନଙ୍କର ଦରଖାସ୍ତ ଦାଖଲ କରିପାରିବେ।

### ମନୋନୟନ ପ୍ରକ୍ରିୟା

ସୁବ୍ୟବସ୍ଥିତ ଭାବେ ଆବେଦନ ପତ୍ର ଦାଖଲ କରିଥିବା ସମସ୍ତ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ପ୍ରବେଶ ପତ୍ର/କଲ୍ ଲେଟର୍ ଇସ୍ୟୁ କରାଯିବ ଅର୍ଥାତ୍ ପ୍ରାର୍ଥୀମାନଙ୍କୁ ନିଯୁକ୍ତିର ନିମ୍ନଲିଖିତ ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ:-

i. ନିଦର୍ଶନ/କାଗଜପତ୍ର ଯାଞ୍ଚ
ii. ଶାରୀରିକ ମାପ
iii. ଶାରୀରିକ ଦକ୍ଷତା ପରୀକ୍ଷା/ସମ୍ପୃକ୍ତ ଇଭେଣ୍ଟ ପାଇଁ ଟ୍ରାଏଲ୍ ପରୀକ୍ଷା (**କେବଳ ଜାତୀୟ ଅଂଶଗ୍ରହଣ ବର୍ଗ ଏବଂ ରାଜ୍ୟରେ ସ୍ୱର୍ଣ୍ଣ ପଦକ ବର୍ଗ ଅଧୀନରେ ଆବେଦନ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ପ୍ରଯୁଜ୍ୟ**)।
iv. ସ୍ୱାସ୍ଥ୍ୟ ପରୀକ୍ଷା
v. ମେଧା ତାଲିକା

ନିଯୁକ୍ତି ସଂକ୍ରାନ୍ତୀୟ ବିସ୍ତୃତ ନିର୍ଦ୍ଦେଶାବଳୀ ପାଇଁ ଦୟାକରି ବିଏସ୍‌ଏଫ୍ ୱେବ୍‌ସାଇଟ୍ ଅର୍ଥାତ୍ www.bsf.nic.in ଦେଖନ୍ତୁ।
ଏହି ନିଯୁକ୍ତି ସଂକ୍ରାନ୍ତୀୟ ଅଧିକ ଅଧିସୂଚନା କେବଳ ବିଏସ୍‌ଏଫ୍ ୱେବ୍‌ସାଇଟ୍‌ରେ ଜାରି କରାଯିବ। ପ୍ରାର୍ଥୀମାନଙ୍କୁ ନିୟମିତ ଭାବେ ଏହି ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଉଛି।

ସ୍ୱା./- (ଅଶ୍ୱିନୀ କୁମାର ସିଂହ)
କମାଣ୍ଡାଣ୍ଟ (କ୍ରୀଡ଼ା)
୧୭ ଡିସେମ୍ବର ୨୦୧୮

davp 19110/11/0095/1819



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ସନ୍ଦିହାନ ହେବା ଉଚିତ।
-କଲମ୍ବସ୍








## ସଂକ୍ଷେପରେ

### ଉଦୟବଟର ୧୫ତମ ବାର୍ଷିକୋତ୍ସବ

**ଯାଜପୁର ରୋଡ,୩୦।୧୨(ଡି.ଏନ.ଏ.):** ଉଦୟବଟର ୧୫ତମ ବାର୍ଷିକୋତ୍ସବ ରବିବାର ଯାଜପୁରରୋଡର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ୟାସନଗର ପୌର ପରିଷଦର ପ୍ରାକ୍ତନ ନଗରପାଳ ତଥା ଯାଜପୁର ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଅଧକ୍ଷା ସବିତା ରାଉତ, ଯାଜପୁର ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଆଲେକଜାଣ୍ଡାର ଦାସ, ଜିଲା ବନ୍ୟ ପ୍ରାଣୀ ୱାର୍ଡେନ କୈଳାସ ଚନ୍ଦ୍ର ସାସମଲ ସମ୍ମାନିତ ଅତିଥି ଏବଂ କେନ୍ଦ୍ରାପଡ଼ା ଜିଲା କରିଲୋପାଟଣା କଲେଜର ପ୍ରାକ୍ତନ ଅଧକ୍ଷ ସର୍ବେଶ୍ୱର ସେଣ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପତ୍ରିକାର ସହଯୋଗୀ ସମ୍ପାଦକ ଅଧାପକ ଅକ୍ଷୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସମ୍ପାଦିକା ବିଦ୍ୟୁତପ୍ରଭା ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ଜଣଙ୍କୁ ଉଦୟବଟ ସମ୍ମାନ-୨୦୧୮'ରେ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ସାମ୍ବାଦିକତା ପାଇଁ 'ଧରିତ୍ରୀ' ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା, 'ସୂର୍ଯ୍ୟପ୍ରଭା' ଜିଲା ପ୍ରତିନିଧି ଶରତ ପଥାଳ, ପାରାଦୀପ ଖବରଦାତା ଚକ୍ରଧର ଦାଶ, ଯାଜପୁର ରୋଡ଼ ଆଇଆଇସି ଅମିତାଭ ମହାପାତ୍ର, ପାରାଦୀପ ବନ୍ଦରର ସହାୟକ ସୂଚନା ଅଧିକାରୀ ପ୍ରକାଶ ଚନ୍ଦ୍ର ଦାଶ, ସାମାଜିକ କର୍ମୀ ରାମଚନ୍ଦ୍ର ବାରିକ ଓ ଦାମୋଦର ପ୍ରଧାନ, ଯାଜପୁରରୋଡର ଯୁବ ବ୍ୟବସାୟୀ ବିନୟ ରାଉତ, ଶିକ୍ଷୟିତ୍ରୀ ଅଂଗୁରବାଳା ରଥ ଓ ସୁକିନ୍ଦାର ଯୁବ କୃଷି ଉଦ୍ୟୋଗୀ ଲାଲବାହାଦୂର ମହାନ୍ତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା ଉଦୟବଟର ବାର୍ଷିକ କ୍ୟାଲେଣ୍ଡର-୨୦୧୯କୁ ଉନ୍ମୋଚନ କରାଯାଇଥିଲା। ପତ୍ରିକାର ବାର୍ତ୍ତା ସମ୍ପାଦକ ବିଶ୍ୱରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଶୋକ ଦାସ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ

**ବିରଜାକ୍ଷେତ୍ର,୩୦।୧୨(ଡି.ଏନ୍.ଏ):** ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଶନିବାରଠାରୁ ଆରମ୍ଭ ହୋଇଥିବା ଅଶୋକ ଦାସ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଭୁବନେଶ୍ୱର ଗ୍ରୀନ କ୍ଲବ୍ ସହ ଯାଜପୁର ଟାଉନର ଏମ୍‌ସିସି କ୍ଲବ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଗ୍ରୀନ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୨୨ଓଭରରେ ସମସ୍ତ ୱିକେଟ୍ ହରାଇ ୯୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଏମ୍‌ସିସି କ୍ଲବ୍ ୨୦ ଓଭରରେ ୩ ୱିକେଟ୍ ହରାଇ ୯୭ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏମସିସି କ୍ଲବ୍‌ର ଅମିନ ଇକବାଲ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଦ୍ୱିତୀୟ ଦିବସ ମ୍ୟାଚକୁ ପରାଶର ବିଶ୍ୱାଳ ଓ ରଞ୍ଜନ ମହାନ୍ତି ଅମ୍ପାୟାର ଭାବେ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଜଗନ୍ନାଥ ସାମଲ, ଶୁଭ୍ରାଂଶୁ ବେହୁରିଆ କାର୍ଯ୍ୟ ସମ୍ପାଦନ କରିଥିଲେ। ଦ୍ୱିତୀୟ ଦିବସର ଖେଳକୁ ଶ୍ରୀଜୟ ମହାପାତ୍ର, ଅଭୟ ପଣ୍ଡା, ଶଙ୍କର୍ଷଣ ବାରିକ, ଅୟସକାନ୍ତ ଧଳ, ଏସ୍.କେ. ସାହାଜୁଦ୍ଦିନ୍, ମନୋଜ ସାହୁ, ସଞ୍ଜୟ ବେହେରା ଏବଂ ଅଶୋକ ଦାସ ଫାଉଣ୍ଡେଶନର ସଭ୍ୟମାନେ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ୨ଦିନ ପରେ କଳିଙ୍ଗନଗର ଗୁଳିକାଣ୍ଡକୁ ପୂରିବ ୧୩ବର୍ଷ

# ଅସମାହିତ ବିସ୍ଥାପନ ସମସ୍ୟା

**ଯାଜପୁର ଅଫିସ,୩୦।୧୨**

- କୋଟିପତି ସାଜିଛନ୍ତି ଆଦିବାସୀ ନେତା
- ୬୦୫ ପୁନର୍ବାସ ଓ ଥଇଥାନ ମାମଲା ଗଡୁଛି

ଆଉ ମାତ୍ର ୨ଦିନ ପରେ ଅର୍ଥାତ୍ ଜାନୁୟାରୀ ୨ରେ କଳିଙ୍ଗନଗର ଗୁଳିକାଣ୍ଡ ଘଟଣାକୁ ୧୩ ବର୍ଷ ପୂରିବ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶିଳ୍ପାୟନ ଓ ବେସରକାରୀ କମ୍ପାନୀର ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଏହି ଗୁଳିକାଣ୍ଡ କଷ୍ଟଦାୟକ ଥିଲା। ସେତେବେଳେ ଏହାର ପ୍ରତିବାଦରେ ୧୪ମାସ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହାର ନେତୃତ୍ୱ ନେଇଥିବା କେତେଜଣ ଆଦିବାସୀ ନେତା ଟାଟା ଷ୍ଟିଲ କମ୍ପାନୀ ପାଖରେ ଆତ୍ମସମର୍ପଣ କରିବା ଆହୁରି ଯନ୍ତ୍ରଣାଦାୟକ ଥିଲା। ନିରୀହ, ସରଳ ଆଦିବାସୀଙ୍କୁ ଢାଲ କରି ସମ୍ପୃକ୍ତ କେତେଜଣ ନେତା ଆଜି ଟାଟା ଷ୍ଟିଲ କମ୍ପାନୀର ଛତ୍ରଛାୟା ତଳେ ରହି କୋଟିପତି ସାଜିଛନ୍ତି। ହେଲେ ଟାଟା ଷ୍ଟିଲ ଉଦ୍‌ଘାଟନର ୩ବର୍ଷ ପରେ ବି ବିସ୍ଥାପିତ ହୋଇଥିବା ଅନେକ ପରିବାର ଥଇଥାନ ଅପେକ୍ଷାରେ ରହିଛନ୍ତି।

ବାସଚ୍ୟୁତଙ୍କୁ କ୍ଷତିପୂରଣ, ପୁନର୍ବାସ ଏବଂ ନିଯୁକ୍ତି ଦେବା କ୍ଷେତ୍ରରେ ସରକାରଙ୍କ ଅନେକ ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ। ଆଦିବାସୀ ବିସ୍ଥାପିତଙ୍କ ଅନେକ ସମସ୍ୟା ଏବେ ବି ଅସମାହିତ ହୋଇ ପଡିରହିଛି। ତାହାର ସମାଧାନ ପାଇଁ ସରକାରୀସ୍ତରରେ ଆନ୍ତରିକତା ନ ଥିବା ଉକ୍ତ ଆଦିବାସୀଙ୍କ ଜୀବନଶୈଳୀକୁ ଅବଲୋକନ କଲେ ସ୍ପଷ୍ଟ ପ୍ରମାଣିତ ହେଉଛି। ଏହି ପ୍ରସଙ୍ଗକୁ ନେଇ ଗତ ନଭେମ୍ବରରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆରଆଣ୍ଡଡିଏମ)ବିଭାଗର ସମୀକ୍ଷା ବୈଠକରେ ପ୍ରିନ୍ସିପାଲ ସେକ୍ରେଟାରୀ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ମର୍ମରେ ଡିସେମ୍ବର ୧ରେ ଜିଲାପାଳଙ୍କୁ ତୁରନ୍ତ ସମସ୍ୟାଗୁଡିକର ସମାଧାନ କରିବାକୁ ଦେଇଥିବା ନିର୍ଦ୍ଦେଶରୁ ବିସ୍ଥାପିତଙ୍କ ପାଇଁ ହେଉଥିବା ଅବିଚାର ଜଳଜଳ ହୋଇ ଦିଶୁଛି । ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରି ୨୦୦୬ ଜାନୁୟାରୀ ୨ରେ ୧୪ମୁଣ୍ଡ ଗଡିବା ପରେ କେତେଜଣ ଆଦିବାସୀ ନେତା ଏହାକୁ ନେଇ ରାଜନୀତି ଆରମ୍ଭ କରିଥିଲେ। ସେହିଦିନ ଅପରାହ୍ଣ ୩ଟାରୁ ହଜାର ହଜାର ଆଦିବାସୀ ଗୁଳିକାଣ୍ଡ ପ୍ରତିବାଦରେ ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥକୁ ଦୀର୍ଘ ୧୪ମାସ ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଏହି ଆନ୍ଦୋଳନ ଐତିହାସିକ ବୋଲି ସେତେବେଳେ ଅଭିହିତ କରାଯାଇଥିଲା। ହେଲେ ଟାଟା ଷ୍ଟିଲ ଓ ପ୍ରଶାସନର ମିଳିତ ଚାଲ୍‌ରେ ସେତେବେଳ ନେତୃତ୍ୱ ନେଉଥିବା କେତେଜଣ ଆଦିବାସୀ ନେତା କମ୍ପାନୀ ନିକଟରେ ମୁଣ୍ଡ ବିକ୍ରି କରି ଦେଇଥିଲେ । ଏପରିକି ବିଭିନ୍ନ ରାଜନୈତିକ ଦଳଗୁଡିକ ମଧ ନୀରବି ଯାଇଥିବାରୁ ନିରୀହ, ଗରିବ ଆଦିବାସୀ ନିଜର ହକ ପାଇଁ ଆଉ ସ୍ୱର ଉତ୍ତୋଳନ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି । ଆର ଆଣ୍ଡ ଡିଏମ ବିଭାଗ ସମୀକ୍ଷା ବୈଠକର ବିବରଣୀ ଅନୁସାରେ ଟାଟା ଷ୍ଟିଲରେ ଏଯାଏ ୬୦୫ ପୁନର୍ବାସ ଓ ଥଇଥାନ ମାମଲା ଗଡୁଛି। ଏଥିରେ ନିଯୁକ୍ତି ୩୭୭ ଜଣ, ଘରବାଡି ଜମି ଆବଣ୍ଟନ ୬୮ ଜଣ, ଘର ନିର୍ମାଣ ସହାୟତା ୭୦, ଅସ୍ଥାୟୀ ବାସସ୍ଥଳୀ ସହାୟତା ୪୨ ଜଣ ଓ ରକ୍ଷଣାବେକ୍ଷଣ ୪୮ ମାମଲା ବାକି ରହିଛି। ତେଣୁ ବିଭାଗୀୟ ପ୍ରିନ୍ସିପାଲ ସେକ୍ରେଟାରୀ ଟାଟା ଷ୍ଟିଲରେ ବାକି ଥିବା ପୁନର୍ବାସ ଓ ଥଇଥାନ ପ୍ୟାକେଜ ୧ବର୍ଷ ସମୟ ସୀମା ମଧ୍ୟରେ ବ୍ୟବସ୍ଥା କରି ପ୍ରୋଗ୍ରେସ ରିପୋର୍ଟ ବିଭାଗକୁ ଜଣାଇବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ଟାଟା ଷ୍ଟିଲ କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ୨୪୦ ବିସ୍ଥାପିତ ପରିବାରଙ୍କୁ ଖୁବଶୀଘ୍ର ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉଛି। ଅନ୍ୟ ୮୦ ଛାତ୍ରୀଛାତ୍ର ଓ ୫୩ ଜଣ ନାବାଳକ ରହିଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ଟାଟା ଷ୍ଟିଲ ସମ୍ପ୍ରସାରଣ ହେବାକୁ ଯାଉଛି । କିନ୍ତୁ ସମ୍ପ୍ରତି ନେତୃତ୍ୱ ବିହୀନ ଆଦିବାସୀ ବିସ୍ଥାପିତଙ୍କୁ କିପରି ଅବହେଳା କରାଯାଉଛି, ତାର ଜ୍ୱଳନ୍ତ ଉଦାହରଣ ଏଠାରେ ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ସମୀକ୍ଷା ବୈଠକ ପରେ ବିସ୍ଥାପନ ଓ ଥଇଥାନକୁ ନେଇ ଟାଟା ଷ୍ଟିଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ତାଗିଦା କରାଯାଉଛି । ହେଲେ ଏହି କମ୍ପାନୀ ପ୍ରଶାସନର ତାଗିଦାକୁ ଭୃକ୍ଷେପ କରୁନାହିଁ। ୩ମାସରେ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ହୋଇଛି। ହେଲେ ବିଭିନ୍ନ ଆଳ କରି କମ୍ପାନୀ ସମୟ ଗଡ଼ାଉଛି ବୋଲି ମିଶ୍ର କହିଛନ୍ତି ।

### ମଞ୍ଜି କମ୍ପାନୀ ପକ୍ଷରୁ ଚାଷୀ ସମ୍ମିଳନୀ

**ରସୁଲପୁର,୩୦।୧୨(ଡିଏନଏ)**

ରସୁଲପୁର ବ୍ଲକ ବାରବାଟୀ ଅଞ୍ଚଳର ଓଡିଶୋ ପଞ୍ଚାୟତରେ ଚାଷୀଙ୍କୁ ନେଇ ଶନିବାର ସିମିନ୍ସ ମଞ୍ଜି କମ୍ପାନୀ ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କର୍ମକର୍ତ୍ତା ଚାଷୀଙ୍କ ନିକଟରେ ପହଞ୍ଚି ତାଙ୍କର ଭଲମନ୍ଦ ବୁଝିବା ସହ ଅଗ୍ରଣୀ ଚାଷୀଙ୍କୁ କମ୍ପାନୀ ସମ୍ମାନିତ କରିଥିଲା। ବର୍ଷା ଦିନରେ କୋବି ଅମଳ ପାଇଁ ୪୦୫୧, ଖରାରେ ଶଙ୍କର ଓ ବରଖା କିସମର ମଞ୍ଜି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହ କମ୍ପାନୀ ପକ୍ଷରୁ ନୂଆ କିସମର ଭେଣ୍ଡି ଓ ବାଇଗଣ ମଞ୍ଜି ପ୍ରଦର୍ଶନ କରାଯାଇଥିଲା। କମ୍ପାନୀ ବ୍ୟବସାୟ ପରିଚାଳକ ପ୍ରଶିକ୍ଷକ ମାନସ ରଞ୍ଜନ ସ୍ୱାଇଁ, ଉନ୍ନୟନ ପରୀକ୍ଷଣ ପ୍ରଶିକ୍ଷକ, ହିମାଂଶୁ ଶତପଥୀ, ବଜାର ଉନ୍ନୟନ ସଂଗଠକ ଦେବୀପ୍ରସାଦ ସାମଲ ପ୍ରମୁଖ ଚାଷୀଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଉକ୍ତ ସମ୍ମିଳନୀରେ ଅଗ୍ରଣୀ ଚାଷୀ ଶ୍ୟାମସୁନ୍ଦର ପଣ୍ଡା, ବିଚିତ୍ର ସ୍ୱାଇଁ, ସନାତନ ସ୍ୱାଇଁ, ପୁରୋତ୍ତମ ପରିଡା, ଅମିୟ ସାମଲ, ପ୍ରଫୁଲ ସ୍ୱାଇଁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ଟାଉନଶିପ ମାର୍କେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଅରଣ୍ୟ କ୍ଲବ ଚାମ୍ପିୟନ

**କାଳିଆପାଣି,୩୦।୧୨(ଡିଏନଏ)**



ଅତିଥିଙ୍କ ଗହଣରେ ଚାମ୍ପିଅନ ଟିମ୍।

ଟାଉନସିପ ମାର୍କେଟ କ୍ରିକେଟ କ୍ଲବ ପକ୍ଷରୁ କାଳିଆପାଣି ପଞ୍ଚାୟତର ଓଡ଼ିଶା ଖଣିନିଗମ ବଜାରରେ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୪ଟି ଦଳ ଭାଗ ନେଇଥିଲେ। ପୂର୍ବାହ୍ନରେ ଖେଳ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ ଶ୍ରମିକ ସଂଘ ନେତା ନାରାୟଣ ଚନ୍ଦ୍ର ଧିର ମୁଖ୍ୟଅତିଥି ଓ ଉତ୍କଳ ସମ୍ବାଦିକ ସଂଘ ଯାଜପୁର ଜିଲା ତଥା ସୁକିନ୍ଦା ପ୍ରେସ କ୍ଲବ ସଭାପତି ବିଶ୍ୱଜିତ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଓଆଇଏସ୍ଏଫ ଓ ଅରଣ୍ୟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଓଆଇଏସ୍ଏଫ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ୱିକେଟ ହରାଇ ୮୫ କରିଥିଲେ। ଅରଣ୍ୟ କ୍ଲବ ୯ ଓଭରରେ ମ୍ୟାଚ ଜିତି ଯାଇଥିଲା। ଦ୍ୱିତୀୟ ମ୍ୟାଚ ଓଡ଼ିଶ ଓ ଟାଉନସିପ ବଜାର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଓଡ଼ିଶ ଓ ବଜାର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିବା ମ୍ୟାଚରେ ବଜାର କ୍ଲବ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ ଅରଣ୍ୟ କ୍ଲବ ଓ ବଜାର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏହା ୧୨ଓଭର ବିଶିଷ୍ଟ ହୋଇଥିଲା । ଅରଣ୍ୟ କ୍ଲବ ୧୨ ଓଭରରେ ୯୫ ରନ କରିଥିବା ବେଳେ ବଜାର କ୍ରିକେଟ କ୍ଲବ ୧୨ ଓଭରରେ ୯୪ ରନ କରି ପରାଜିତ ହୋଇଥିଲା। ଚଳିତ ବର୍ଷ ଅରଣ୍ୟ କ୍ଲବ ଚାମ୍ପିୟନ ହୋଇଥିବା ଜଣାପଡ଼ୁଛି। ବସନ୍ତ ରଥ, ଆଲୋକ ଦେବତା, ପତିତପାବନ ପାଣିଗ୍ରାହୀ, ମଦନ ମଲ୍ଲିକ, କାସିନାଥ ପାଣିଗ୍ରାହୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଅୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ କ୍ଲବ ପକ୍ଷରୁ ବସନ୍ତ ରଥ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଖଣି ନିଗମ ବିଦ୍ୟୁତ ବିଭାଗ ବରିଷ୍ଠ ପରିଚାଳକ ପ୍ରତାପ କିଶୋର ନାୟକ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ।

### ପରିବେଶ ସୁରକ୍ଷା ପାଇଁ ଶପଥ

**ରସୁଲପୁର,୩୦।୧୨(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳର ଖ୍ୟାତି ସମ୍ପନ୍ନ ବିଦ୍ୟାଳୟ ମଧୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ୧୯୯୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ପୁରାତନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ । ନିଆରା ଢଙ୍ଗରେ ଏହି ଉତ୍ସବ ପାଳନ କରିବା ନେଇ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ବିଦ୍ୟାଳୟକୁ ଗୌରବମୟ କରିବା ପାଇଁ ସହାୟତା ପ୍ରଦାନ, ଗରିବ ସାଥୀଙ୍କ ପିଲାଙ୍କୁ ଉଚ୍ଚ ଶିକ୍ଷାରେ ସହାୟତା ପ୍ରଦାନ ପାଇଁ ଆୟୋଜିତ ବୈଠକରେ ମତ ପ୍ରକାଶ ପାଇଥିଲା। ସର୍ବୋପରି ପ୍ରତ୍ୟେକ ବନ୍ଧୁ ପରିବେଶକୁ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରତିବର୍ଷ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରିବା ସହ ନିଜ ପରିବେଶକୁ ସଫାସୁତରା ରଖିବାକୁ ଶପଥ ନେଇଥିଲେ।

### ୩୮ବର୍ଷ ତଳର ସ୍ମୃତି ଉଜ୍ଜୀବିତ କଲେ ଛାତ୍ରୀଛାତ୍ର

**ବିଞ୍ଝାରପୁର,୩୦।୧୨(ଡିଏନଏ)**

ସ୍କୁଲ ଜୀବନର ପୁରୁଣାସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ସୋସିଆଲ ମିଡିଆ ସହାୟତାରେ ପୁରୁଣା ବନ୍ଧୁମାନେ ପରସ୍ପର ଯୋଡି ହୋଇ ପୁରୁଣା ସ୍ମୃତିକୁ ସାଉଁଟି ଥିଲେ। ଦୀର୍ଘ ୩୮ବର୍ଷର ବ୍ୟବଧାନ ପରେ ଏଭଳି ଏକ ଭାବ ବିହ୍ୱଳ ପରିବେଶ ରବିବାର ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଦେଖିବାକୁ ମିଳିଥିଲା। ୧୯୮୧ର ଛାତ୍ରୀଛାତ୍ରଙ୍କ ଏକ ନିଆରା ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନ ଉତ୍ସବରେ ବିଦ୍ୟାଳୟର ପୁରାତନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ନିଜର ସହପାଠୀ ଶହୀଦ ପ୍ରମୋଦଙ୍କୁ ଭୁଲି ନ ଥିଲେ। ଏଥିରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନଟବର ଦାଶ, ସୂର୍ଯ୍ୟମଣି ସାମଲ, ରତିକାନ୍ତ ମହାନ୍ତି , ବିଚିତ୍ରାନନ୍ଦ ସାହୁ, ରବିପ୍ରସାଦ ସାହୁ, ଶିକ୍ଷୟିତ୍ରୀ ପ୍ରଭାବତୀ ଦେବୀଙ୍କୁ ଛାତ୍ରୀଛାତ୍ରମାନେ ପାଦ ପୂଜା କରି ସମ୍ମାନିତ କରିଥିଲେ। ଦେଶ ମାତୃକା ପାଇଁ ଶହୀଦ ହୋଇଥିବା ନିଜ ସହପାଠୀ ବାଘା ଓରଫ ପ୍ରମୋଦ ଶତପଥିଙ୍କୁ ଭୁଲି ନ ଥିଲେ। ଏହି ଅବସରରେ ସମସ୍ତେ ପରସ୍ପରର ମଧ୍ୟରେ ସୁଖଦୁଃଖ ବାଣ୍ଟିବା ସହିତ ଛାତ୍ର ଜୀବନର ସ୍ମୃତି ସାଉଁଟି ଥିଲେ। ସମସ୍ତେ ଶହୀଦ ପ୍ରମୋଦଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ସମାଜସେବା କରିବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମକୁ ଜୟକୃଷ୍ଣ ଦାସ, ଅକ୍ଷୟ କୁମାର ବିଶ୍ୱାଳ, ସରୋଜ ସାହୁ, ଦିବାକର ସାହୁ, ସୁଶାନ୍ତ ମିଶ୍ର, ସିଦ୍ଧାର୍ଥ ପଟ୍ଟନାୟକ, ସୁଶାନ୍ତ ନାୟକ, ସଞ୍ଜୀବ ମିଶ୍ର ସମେତ ୫୦ ଉର୍ଦ୍ଧ୍ୱ ସହପାଠିନୀ ଓ ସହପାଠୀ ଏକତ୍ରିତ ହୋଇଥିଲେ।

### କୋରେଇ ବିଧାୟକଙ୍କ ଦ୍ୱାରା ପ୍ରକଳ୍ପ ଶିଳାନ୍ୟାସ



ବିଧାୟକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

**ରସୁଲପୁର,୩୦।୧୨(ଡିଏନଏ)**

ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତରେ ରବିବାର କୋରେଇ ବିଧାୟକ ଆକାଶ ଦାସନାୟକଙ୍କ କରକମଳରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ପ୍ରଦତ୍ତ ୧୦ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣ ନରସିଂହପୁରସ୍ଥିତ ପଞ୍ଚାୟତ ହାଇସ୍କୁଲର ଶ୍ରେଣୀ ଗୃହର ଶିଳାନ୍ୟାସ ଓ ବିଧାୟକଙ୍କ ହାତପାଣ୍ଠି ଅନୁଦାନରୁ ୭୫ହଜାର ଟଙ୍କା ବ୍ୟୟରେ ନିର୍ମିତ ପାଲାମଣ୍ଡପର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ପ୍ରାକ୍ତନ ସମିତି ସଭ୍ୟ ଗୋପୀନାଥ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଦାସନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଜିଲା ବିଜେଡି ଉପସଭାପତି ପ୍ରହ୍ଲାଦ ପଣ୍ଡା, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଉତ, ଜଇରାମ ସାହୁ, ସଞ୍ଜୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଯୁବନେତା କଳ୍ପତରୁ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୂର୍ବତନ ସରପଞ୍ଚ ଜଗବନ୍ଧୁ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ବିଧାୟକ ବ୍ରାହ୍ମଣଦେବୀ କ୍ରିକେଟ୍ କପ୍‌ର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିଲେ।

### ଟ୍ରକ୍ ମାଲିକ ସଂଘର ବନ୍ଧୁ ମିଳନ

**ସୁକିନ୍ଦା,୩୦।୧୨(ଡି.ଏନ.ଏ.):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଙ୍ଗଳପୁରସ୍ଥିତ ଟସର ଫାର୍ମ ପରିସରରେ କ୍ରୋମାଇଟ ଖଣି ଟ୍ରକ ମାଲିକ ସଂଘର ଏକ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅମଳେନ୍ଦୁ ବେହୁରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଶତାଧିକ ଟ୍ରକ ମାଲିକ ଯୋଗ ଦେଇଥିଲେ। କ୍ରୋମାଇଟ ଖଣି ଅଞ୍ଚଳରେ ଦୀର୍ଘଦିନ ହେବ ଲୋଡ଼ିଂ କ୍ଷେତ୍ରରେ ଅନୀୟମିତତା ହେଉଥିବା ଜିଲା ପ୍ରଶାସନଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଜିଲାପ୍ରଶାସନ ପକ୍ଷରୁ ଲୋଡ଼ିଂ କ୍ଷେତ୍ରରେ ହେଉଥିବା ଅନୀୟମିତତାକୁ ରୋକିବା ପାଇଁ ପଦକ୍ଷେପ ନ ନେଲେ ସଂଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସମ୍ପାଦକ ଅରୁଣ କୁମାର ପରିଡ଼ା କହିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ରଞ୍ଜନ ନାୟକ, ବିରଷ୍ଠ ସଭ୍ୟ ରସାନନ୍ଦ ନାୟକପ୍ରମୁଖଙ୍କ ସମେତ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।

## ଜିଲା ଶିଶୁ ସୁରକ୍ଷା ବୈଠକ

# ୨୦୧୮ରେ ଉଦ୍ଧାର ହୋଇଛନ୍ତି ୧୧୩ ଶିଶୁ

**ଯାଜପୁର ଅଫିସ,୩୦।୧୨**



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କିତ ଏକ ବୈଠକ ଶନିବାର ଜିଲା ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଏଥିରେ ଯୋଗଦେଇ ଜିଲାରେ ଶିଶୁ ସୁରକ୍ଷାର ସ୍ଥିତି ଓ ବିବିଧ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୧୮ ଜାନୁୟାରୀରୁ ଅଦ୍ୟାବଧି ଜିଲାରେ ୧୧୩ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେଥିରୁ ୨୯ ଜଣ ଜିଲା ବାହାରର ଥିବାରୁ ନିୟମ ଅନୁସାରେ ସେମାନଙ୍କ ଜିଲା ଶିଶୁ ମଙ୍ଗଳ ସମିତି ଓ ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରାଯାଇଛି। ସେହିପରି ଅନ୍ୟ ରାଜ୍ୟରେ ରହିଥିବା ଯାଜପୁର ଜିଲାର ୫ଜଣ ପିଲାଙ୍କୁ ଜିଲାକୁ ଅଣାଯାଇଛି। ଅସହାୟ ପିଲାଙ୍କୁ ବିଭିନ୍ନ ଶିଶୁ ପରିଚର୍ଯ୍ୟାକାରୀ ଗୃହରେ ରଖାଯାଇଛି। ସେହିପରି ବିଭିନ୍ନ ସ୍ଥାନରୁ ଉଦ୍ଧାର ୧୩ଜଣ ଅସହାୟ ପିଲାଙ୍କ ମଧ୍ୟରୁ ୧୧ ଜଣଙ୍କୁ ଲିଗାଲ ଫ୍ରି କରାଯାଇ ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ ପୋଷ୍ୟ ସନ୍ତାନ ଭାବେ ଥଇଥାନ କରାଯାଇଛି। ସେମାନଙ୍କ ସମ୍ପର୍କରେ ନିରନ୍ତର ତଥ୍ୟ ଆଦାନ ପ୍ରଦାନ କରାଯାଉଛି । ଅନ୍ୟ ଜଣେ ପିଲାଙ୍କୁ ସ୍ପେନର ଏକ ଦମ୍ପତି ପୋଷ୍ୟ ଭାବେ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିବା ଶିଶୁ ସୁରକ୍ଷା ଅଧିକାରୀ କର ପ୍ରକାଶ କରିଛନ୍ତି । ୩ଟି ବାଲ୍ୟ ବିବାହକୁ ରୋକା ଯାଇଥିବାବେଳେ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ଉଦ୍ୟମ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟୁଲତା ମହାପାତ୍ର, ଅତିରିକ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ମିହିର କୁମାର ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ଶିଶୁ ସୁରକ୍ଷା ଲିଗାର ଅଫିସର ତପନ ପଣ୍ଡା, ପରାମର୍ଶଦାତା ମିହିର ଜେନା, ଅର୍ଚ୍ଚନା କୁମାର ସାମନ୍ତ, କାଳନ୍ଦୀଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଡିସେମ୍ବର, ୨୦୧୮



ବୟସ ଯେତେବେଳେ ମନୁଷ୍ୟର ଭୋଗ କରିବାର ସାମର୍ଥ୍ୟକୁ ଊଣା କରିଦେବାରେ ଲାଗିଥାଏ, ସେତିକିବେଳେ ସେ ଅଧିକ ଭୋଗର ଇଚ୍ଛାକରେ।

-ବୁଦ୍ଧଦେବ



DADLS-231

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
www.kalia.co.in

ଓଡ଼ିଶା ସରକାର

ଅସମର୍ଥ ଚାଷୀଙ୍କୁ ସହାୟତା

ବୃଦ୍ଧାବସ୍ଥା, ଅକ୍ଷମତା, ରୋଗ ତଥା ଅନ୍ୟାନ୍ୟ କାରଣରୁ ଚାଷ ପାଇଁ ଅସମର୍ଥ ୧୦ ଲକ୍ଷ ଚାଷୀଙ୍କୁ ବାର୍ଷିକ ୧୦,୦୦୦ଟଙ୍କା ଲେଖାଏଁ ଆର୍ଥିକ ସହାୟତା

କାଳିଆ ବାର୍ତ୍ତା:
କାଳିଆ ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ମିସ୍‌କଲ୍ ଦିଅନ୍ତୁ - ୦୮୦୬୧୧୭୪୨୨୨



15001/13/0521/1819

## ସଂକ୍ଷେପରେ

### ବସ୍‌କୁ ଧକ୍କା ଦେଲା ମିନିଟ୍ରକ୍: ଡ୍ରାଇଭର ମୃତ, ବର୍ତ୍ତିଲେ ବସ୍‌ଯାତ୍ରୀ

**ଦଶପଲ୍ଲା,୩୦।୧୨ (ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ସ୍ଥାନୀୟ ସୁବଲୟା ନିକଟରେ ଶନିବାର ରାତିରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତିଶଗଡ କୁରୁଜ ଅଞ୍ଚଳର ଯୋଗେଶ କୁମାର ସାହୁ(୨୨)। ଏହି ଦୁର୍ଘଟଣାରୁ ବସ୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶନିବାର ରାତି ପ୍ରାୟ ସାଢେ ୩ଟାରେ ମାଣିକେଶ୍ୱରୀ ନାମକ(ଓଡି୦୮ଏ-୪୨୧୮) ଏକ ଘରୋଇ ବସ୍ କଳାହାଣ୍ଡି ମୁଖିଗୁଡାରୁ କଟକ ଅଭିମୁଖେ ବାହାରିଥିଲା। ଏହି ସମୟରେ ବରଗଡରୁ ଭୁବନେଶ୍ୱର ଯାଉଥିବା ମାଲ ବୋଝେଇ ମିନିଟ୍ରକ୍ (ସିଜି୦୭ଡିକେ-୭୩୫୭) ସ୍ଥାନୀୟ ସୁବଲୟା ନିକଟରେ ଅତିକ୍ରମ କରିବାକୁ ଯାଇ ବସ୍ ପଛପଟେ ଧକ୍କା ଦେଇଥିଲା। ଏହା ସହ ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଟ୍ରକ୍ ଡ୍ରାଇଭର ଯୋଗେଶଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ବସ୍‌ର ପଛପାଖ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ବସଯାତ୍ରୀ। ଖବରପାଇ ଦଶପଲ୍ଲା ଦମକଳ ବାହିନୀ ଓ ପୋଲିସ ପହଞ୍ଚି ଟ୍ରକରେ ଚାପିହୋଇ ରହିଥିବା ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାଗ୍ରସ୍ତ ୨ଟି ଗାଡିକୁ ପୋଲିସ ଜବତ କରିଛି।



# ମରୁଡ଼ି କ୍ଷତିଗ୍ରସ୍ତଙ୍କୁ ମିଳୁନି ସହାୟତା



ମରୁଡି ସହାୟତା ରାଶି ପାଇବାରୁ ବଞ୍ଚିତ ଚାଷୀମାନେ।

**ନୟାଗଡ଼ ଅଫିସ,୩୦।୧୨**

- ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମ
- ୨୨୯ ଚାଷୀ ପାଇବେ ୪ ଲକ୍ଷ ୬୦ ହଜାର ଟଙ୍କା

ବିଭିନ୍ନ ସମୟରେ ଜିଲାରେ ମରୁଡ଼ି ଓ ଅନ୍ୟାନ୍ୟ ଦୁର୍ବିପାକ ସମୟରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସବ୍‌ସିଡ଼ି ଘୋଷଣା କରାଯାଇଥାଏ। ନୟାଗଡ଼ ଜିଲାରେ ୨୦୧୭ ମସିହାରେ ମରୁଡ଼ି ହୋଇଥିଲା। ଏଥିରେ ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମର ଚାଷୀମାନଙ୍କ ଧାନଫସଲ କ୍ଷତି ହୋଇଥିଲା। ଗ୍ରାମର ୨୨୯ ଜଣ ଚାଷୀଙ୍କ ଫସଲ କ୍ଷତି ହୋଇଥିବାରୁ ସେମାନଙ୍କୁ ୪ଲକ୍ଷ ୬୦ ହଜାର ଟଙ୍କା ଦିଆଯିବାକୁ ଆକଳନ କରାଯାଇଥିଲା। ଇତିମଧ୍ୟରେ ଏକବର୍ଷ ବିତିଯାଇଥିଲେ ମଧ୍ୟ ସହାୟତା ଅର୍ଥରାଶି ମିଳି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଚାଷୀ ସନାତନ ଲେଙ୍କାଙ୍କ ଅଭିଯୋଗ ଅନୁସାରେ ଖଣ୍ଡପଡ଼ା ତହସିଲଦାରଙ୍କୁ ଏ ବିଷୟରେ ବାରମ୍ବାର କହିବା ପରେ ମଧ୍ୟ କୌଣସି ସମାଧାନ ହୋଇପାରୁନାହିଁ। ତହସିଲଦାର କହୁଛନ୍ତି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଫାଇଲ୍ ଅଛି। ସେହିଭଳି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦେଖା କରିବାରୁ ଏ ନେଇ ଖଣ୍ଡପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରୁ କୌଣସି ଚିଠି ଆସି ନ ଥିବା କୁହାଯାଉଛି। ଏହାକୁ ନେଇ ଚାଷୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ ମରୁଡ଼ି ସହାୟତା ପାଇଁ ତହସିଲ କାର୍ଯ୍ୟାଳୟଠାରେ ଆବେଦନ କରିଥିଲେ। ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଗଲା ପରେ ସେମାନଙ୍କୁ କୁହାଗଲା ଯେ, ୧୮ ଜାନୁୟାରୀ ୨୦୧୮ରେ ଚିଠି ନମ୍ବର ୧୦୭ରେ ୪ ଲକ୍ଷ ୬୦ ହଜାର ୫୨୧ଟଙ୍କା ମଞ୍ଜୁର କରାଯିବା ପାଇଁ ଉପଜିଲାପାଳଙ୍କ ଅନୁମୋଦନ ଲାଗି ପଠାଯାଇଛି। ପରେ ଚାଷୀମାନେ ଏ ନେଇ ଉପଜିଲାପାଳଙ୍କୁ ପଚାରିବାରୁ ସେ କୌଣସି ଚିଠି ପାଇ ନ ଥିବା ସୂଚନା ଦେଇଥିଲେ। ତେଣୁ ସେମାନେ ପୁନର୍ବାର ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସି ବୁଝିଥିଲେ। ଆଜି ଆସ କାଲି ଆସ କହି ତହସିଲ କର୍ମଚାରୀମାନେ ଦିନ ଗଡ଼ାଇ ଚାଲୁଛନ୍ତି। ତେଣୁ ଏହାର ସମାଧାନ ପାଇଁ ଚାଷୀମାନେ ଚଳିତ ମାସ ୨୦ ତାରିଖରେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସମସ୍ତ ଚାଷୀଙ୍କୁ ସବ୍‌ସିଡ଼ି ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ଚାଷୀ ରବୀନ୍ଦ୍ର ଦାସ, ନାରାୟଣ ମହାରଣା, ତ୍ରିନାଥ ପରିଡ଼ା, ଗଣେଶ ଲେଙ୍କା, ବିନୋଦ ଦାସ, ସୁଧାକର ମହାପାତ୍ର, ଘନଶ୍ୟାମ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ କହନ୍ତି, ଚାଷୀ ମରୁଡ଼ି ଟଙ୍କା ପାଇଛନ୍ତି କି ନାହିଁ ତାହା ତହସିଲଦାର କହିପାରିବେ। ଅନ୍ୟପଟେ ତହସିଲ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ କହିବା କଥା ଯେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଥିବା ଚିଠିର କୌଣସି ଉତ୍ତର ଆସିନାହିଁ, ତେଣୁ କିପରି ମରୁଡ଼ି ସବ୍‌ସିଡ଼ି ଟଙ୍କା ପ୍ରଦାନ କରାଯିବ।

# ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

**ଗଣିଆ,୩୦।୧୨(ଡି.ଏନ.ଏ.)**

ଗତ କିଛିଦିନ ଧରି ଗଣିଆ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଏଥିନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରତ୍ୟହ ଦିନବେଳା ବିନା ସୂଚନାରେ ୪ରୁ ୫ ଘଣ୍ଟା ଓ ରାତି ୧୦ଟାରୁ ସକାଳ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଉଛି ବିଶେଷ କରି ଛାମୁଣ୍ଡିଆ ଓ ବଡଶିଲିଙ୍ଗା ଅଞ୍ଚଳରେ ରାତି ସମୟରେ କୌଣସି କାରଣ ନ ଥାଇ ବିଦ୍ୟୁତ୍ କାଟ ଯୋଗୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ମାଟ୍ରିକ ପରୀକ୍ଷା ହେବାକୁ ଥିବାବେଳେ ଏହିସମସ୍ୟା ଯୋଗୁ ଛାତ୍ରୀଛାତ୍ର ପାଠ ପଢିବାରେ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ପଚାରିଲେ ବିଭାଗୀୟ ଅଧିକାରୀଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରୁନାହିଁ। କେତେବେଳେ ଖଣ୍ଡପଡାରୁ ମେନ୍‌ଲାଇନ ଖରାପ ଥିବା କହୁଥିବା ବେଳେ ଆଉ କେତେବେଳେ ବିଦ୍ୟୁତ୍ ଷ୍ଟାଣ୍ଡ କରୁ ନ ଥିବା କହୁଛନ୍ତି। ପ୍ରକାଶ ଯେ, ଛାମୁଣ୍ଡିଆ, ବଡଶିଲିଙ୍ଗା ଓ ରାସଙ୍ଗ ପଞ୍ଚାୟତର କିଛି ଅଞ୍ଚଳକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଛାମୁଣ୍ଡିଆଠାରେ ଏକ ନୂତନ ୩୩କେଭି ଷ୍ଟକଚର ନିର୍ମାଣ କରାଯାଇଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହି ଷ୍ଟକଚରଟି ୯ମାସ ଧରି କାର୍ଯ୍ୟକ୍ଷମ ଆରମ୍ଭରୁ ଅଚଳ ହୋଇ ପଡିରହିଛି। ଫଳରେ ଏହି ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ଗଣିଆ ସେସୁ କନିଷ୍ଠ ଯନ୍ତ୍ରୀ ଜ୍ଞାନରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ରାତିରେ ବିଦ୍ୟୁତ୍ ଷ୍ଟାଣ୍ଡ କରୁନାହିଁ। ଏହାଛଡା ଯେଉଁପଟେ ଫଲ୍ଟ ମିଳୁଛି ସେହି ଅଞ୍ଚଳରୁ ବିଦ୍ୟୁତ୍ କାଟ କରାଯାଉଛି।




# ଦୋକାନ କାନ୍ଥକୁ ଧକ୍କାଦେଲା ପିକଅପ୍: ଜଣେ ମୃତ, ୨ ଗୁରୁତର

**ଓଡ଼ଗାଁ, ୩୦।୧୨(ସ୍ୱ.ପ୍ର.)**

ଏକ ଅଭାବନୀୟ ଘଟଣାକ୍ରମେ ରବିବାର ସନ୍ଧ୍ୟାରେ ଓଡଗାଁ ଥାନା ଅନ୍ତର୍ଗତ ନନ୍ଦିଘୋର ବସ୍‌ଷ୍ଟାଣ୍ଡରେ ଥିବା ଦୋକାନ କାନ୍ଥକୁ ଏକ ପିକଅପ୍ ଭ୍ୟାନ ଧକ୍କା ଦେଇଥିଲା। ଏଥିରେ ସମ୍ପୃକ୍ତ ଦୋକାନୀଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ନନ୍ଦିଘୋର ନେଳିଆ ସାହିର ସୁବାସ ଚନ୍ଦ୍ର ସାହୁ(୫୮)। ଗୁରୁତର ଦ୍ୱୟ ହେଲେ ଦୋକାନୀ ସୁବାସଙ୍କ ପୁଅ ପିଣ୍ଟୁ ସାହୁ (୨୫) ଓ ନିକଟସ୍ଥ ଓସ୍ତିଆ ଗ୍ରାମର ଗଙ୍ଗାଧର ପରିଡା(୩୫)। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଓଡଗାଁ-ନୟାଗଡ଼ ରାସ୍ତା ଅବରୋଧ କରିଥିଲେ।

ସୂଚନା ଅନୁସାରେ ଓଡି୩୩ଏସ୧୬୧୪ ନମ୍ବର ବିଶିଷ୍ଟ ଏକ ପିକଅପ ଭ୍ୟାନ ଭୁବନେଶ୍ୱରରୁ ଭଞ୍ଜନଗର ଅଭିମୁଖେ ଯାଉଥିଲା। ନନ୍ଦିଘୋର ବସ୍‌ଷ୍ଟାଣ୍ଡ ପୂର୍ବରୁ ଥିବା ମୋଡରେ ଭାରସାମ୍ୟ ହରାଇ ଗାଡିଟି ଏକ ଲୁହା ଦୋକାନ କାନ୍ଥକୁ ଖୁବ୍ ଜୋରରେ ଧକ୍କା ଦେଇଥିଲା। ଏଥିରେ ଦୋକାନ କାନ୍ଥ ଭାଙ୍ଗି ଯାଇଥିଲା। ଗାଡି ଧକ୍କାରେ ଦୋକାନ ମାଲିକ ସୁବାସଙ୍କ ସହିତ ତାଙ୍କ ପୁଅ ପିଣ୍ଟୁ ଓ ଦୋକାନକୁ ରଙ୍ଗ କିଣିବାକୁ ଆସିଥିବା ଗ୍ରାହକ ଗଙ୍ଗାଧର ଗୁରୁତର ହୋଇଥିଲେ। ସମସ୍ତଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ସୁବାସଙ୍କୁ ମୃତ ଘୋଷଣା କରିଥିଲେ। ପିଣ୍ଟୁ ଓ ଗଙ୍ଗାଧର ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣାରେ ଗଙ୍ଗାଧରଙ୍କ ସାଇକେଲ ସହ ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନ ଭାଙ୍ଗିରୁଜି ଯାଇଛି। ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ନୟାଗଡ-ଓଡ଼ଗାଁ ୨୧ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ସମ୍ପୃକ୍ତ ଗାଡି ଡ୍ରାଇଭରଙ୍କୁ ମଧ୍ୟ ଲୋକେ ଏକ ଘରେ ବନ୍ଦ କରି ରଖିଥିବା ଜଣାଯାଇଛି। ଓଡ଼ଗାଁ ଥାନା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡାଙ୍କ ସମେତ ଶରଣକୁଳ, ନୟାଗଡ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ରିପୋର୍ଟ ଲେଖା ହେବା ସୁଦ୍ଧା ସେମାନେ ରାସ୍ତା ଅବରୋଧ ଜାରି ରଖିଥିଲେ।



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**


## ସୀମା ସୁରକ୍ଷା ବଳରେ କ୍ରୀଡ଼ା କୋଟାରେ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କ (ସିଟି/ଜିଡି)-ପୁରୁଷ ଭାବେ ନିଯୁକ୍ତି - ୨୦୧୮

**ସୀମା ସୁରକ୍ଷା ବଳ**ରେ କ୍ରୀଡ଼ା କୋଟାରେ ବିଭିନ୍ନ ଶୃଙ୍ଖଳାରେ ୬୩ ଗୋଟି କନଷ୍ଟେବଳ (ଜିଡି) (ପୁରୁଷ) ପଦବୀକୁ ପୂରଣ କରିବା ପାଇଁ ଭାରତୀୟ ନାଗରିକ (ପୁରୁଷ)ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଶୃଙ୍ଖଳାଗୁଡ଼ିକର ବିବରଣୀ ନିମ୍ନ ଅନୁଯାୟୀ ହେବ:-

| କ୍ର.ସଂ. | ଶୃଙ୍ଖଳା | ଖାଲି ସ୍ଥାନ |
|---|---|---|
| ୧. | ତୀରନ୍ଦାଜୀ | ୦୨ |
| ୨. | ଆକ୍ୱାଟିକ୍ (ସନ୍ତରଣ, ଡାଇଭିଂ ଓ ୱାଟର ପୋଲୋ) | ୦୫ |
| ୩. | ଆଥ୍‌ଲେଟିକ୍ସ | ୦୬ |
| ୪. | ବାସ୍କେଟବଲ୍ | ୦୩ |
| ୫. | ବକ୍ସିଂ | ୦୩ |
| ୬. | ଫୁଟ୍‌ବଲ୍ | ୦୩ |
| ୭. | ଜିମ୍ନାଷ୍ଟିକ୍ସ | ୦୨ |
| ୮. | ହ୍ୟାଣ୍ଡବଲ୍ | ୦୨ |
| ୯. | ହକି | ୦୨ |
| ୧୦. | ଜୁଡୋ | ୦୨ |
| ୧୧. | କବାଡ଼ି | ୦୪ |
| ୧୨. | ଖୋ-ଖୋ | ୦୩ |
| ୧୩. | ଟାଏକୋଣ୍ଡୋ | ୦୪ |
| ୧୪. | ଉଷୁ (ସାନ୍‌ଶାଉ) | ୦୮ |
| ୧୫. | ଭଲିବଲ୍ | ୦୪ |
| ୧୬. | ଜଳ କ୍ରୀଡ଼ା (କାୟାକିଂ, କାନୋଇଂ ଏବଂ ରୋଇଂ) | ୦୨ |
| ୧୭. | ଭାରୋତ୍ତୋଳନ | ୦୪ |
| ୧୮. | କୁସ୍ତି (ଫ୍ରି ଷ୍ଟାଇଲ୍ ଏବଂ ଗ୍ରେକୋ ରୋମାନ୍) | ୦୪ |
| | ମୋଟ | ୬୩ |

**ଦ୍ରଷ୍ଟବ୍ୟ:-**
ଖାଲି ସ୍ଥାନ ପରିବର୍ତ୍ତନଯୋଗ୍ୟ (ଉପରୋକ୍ତ ଶୃଙ୍ଖଳାଗୁଡ଼ିକ ମଧ୍ୟରେ ବଢ଼ିପାରେ କିମ୍ବା ହ୍ରାସିତ ହୋଇପାରେ)। କୌଣସି କାରଣ ନ ଦର୍ଶାଇ ନିଯୁକ୍ତିକୁ ପରିବର୍ତ୍ତନ କରିବା କିମ୍ବା ରଦ୍ଦ କରିବା କିମ୍ବା ସ୍ଥଗିତ କରିବାର ଅଧିକାର ବିଏସ୍‌ଏଫ୍ ନିକଟରେ ସଂରକ୍ଷିତ।

୨. **ବେତନ ହାର**
କନଷ୍ଟେବଳ (ଜିଡି) : ଟ.୨୧,୭୦୦/- (ବେତନ ମାଟ୍ରିକ୍ସ ସ୍ତର-୩, ସେଲ୍-୧) ଏବଂ ନିୟମ ଅଧୀନରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ସମୟ ସମୟରେ ଅନୁମତିଯୋଗ୍ୟ ଅନ୍ୟାନ୍ୟ ଭତ୍ତା।

୩. **ଯୋଗ୍ୟତା ସର୍ତ୍ତାବଳୀ**
ବୟସ: ୧ ଅଗଷ୍ଟ ୨୦୧୮ ସୁଦ୍ଧା ୧୮ରୁ ୨୩ ବର୍ଷ। ସରକାରୀ ନିର୍ଦ୍ଦେଶ ଅନୁଯାୟୀ କୋହଳ।

୪. **ଶିକ୍ଷାଗତ ଯୋଗ୍ୟତା**
ସ୍ୱୀକୃତିପ୍ରାପ୍ତ ବୋର୍ଡ/ବିଶ୍ୱବିଦ୍ୟାଳୟରୁ ମାଟ୍ରିକୁଲେଶନ୍ କିମ୍ବା ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ।

୫. **ଶାରୀରିକ ମାନକ**
କନଷ୍ଟେବଳ (ଜିଡି) ପଦବୀ ନିମନ୍ତେ ନିର୍ଦ୍ଧାରିତ ଶାରୀରିକ ମାନ ନିମ୍ନ ଅନୁଯାୟୀ ହେବ:-
(i) ଉଚ୍ଚତା - ୧୭୦ ସେମି
(ii) ଛାତି - ୮୦ ସେମି (ଅଣସମ୍ପ୍ରସାରିତ), ସର୍ବନିମ୍ନ ସମ୍ପ୍ରସାରଣ ୫ ସେମି
(iii) ଓଜନ: ସ୍ୱାସ୍ଥ୍ୟଗତ ମାନକ ଅନୁଯାୟୀ ଉଚ୍ଚତା ଓ ବୟସର ସମାନୁପାତିକ
ଦ୍ରଷ୍ଟବ୍ୟ:- ସରକାରୀ ନିର୍ଦ୍ଦେଶ ଅନୁଯାୟୀ କୋହଳ।

**ସ୍ୱାସ୍ଥ୍ୟ ପରୀକ୍ଷା**
**(କ) ଦୃଷ୍ଟି-ଶକ୍ତି**

| ଦୃଷ୍ଟିଗତ ତୀକ୍ଷ୍ଣତା | | ଅଣସଂଶୋଧିତ ଦୃଷ୍ଟିଗତ ତୀକ୍ଷ୍ଣତା | | ପ୍ରତିସରଣ | ବର୍ଣ୍ଣ ଦୃଷ୍ଟି | ମନ୍ତବ୍ୟ |
|---|---|---|---|---|---|---|
| ଭଲ ଆଖି | ଖରାପ ଆଖି | ଭଲ ଆଖି | ଖରାପ ଆଖି | | | |
| ୦ନ୍୬ | ୦ନ୍୯ | ୬/୬ | ୬/୯ | କୌଣସି ପ୍ରକାରର ଦୃଷ୍ଟିଗତ ସଂଶୋଧନ ଅନୁମତିଯୋଗ୍ୟ ନୁହେଁ, ଏପରିକି ଚଷମା ଦ୍ୱାରା ମଧ୍ୟ ନୁହେଁ। | ସିପି-III ଇଶିହାରା ଦ୍ୱାରା | -ଡାହାଣହାତୀ ବ୍ୟକ୍ତିଙ୍କ ପାଇଁ ଡାହାଣ ଆଖି ହେଉଛି ଭଲ ଆଖି ଓ ବାମହାତୀଙ୍କ ପାଇଁ ବାମ ଆଖି ହେଉଛି ଭଲ ଆଖି। - ଦ୍ୱିନେତ୍ରୀ ଦୃଷ୍ଟି ଆବଶ୍ୟକ। |

(ଖ) ବର୍ଣ୍ଣାନ୍ଧତାରୁ ମୁକ୍ତ ହୋଇଥିବେ।
(ଗ) ପ୍ରାର୍ଥୀ ବକ୍ର ଆଣ୍ଠୁ, ଚଟକା ପାଦ, ସ୍ଫୀତ ଧମନୀ ଏବଂ ତୀର୍ଯ୍ୟକ୍ ଦୃଷ୍ଟି ଭଳି ତ୍ରୁଟିରେ ପୀଡ଼ିତ ହୋଇ ନ ଥିବା ଜରୁରୀ। ଉଚ୍ଚ ସ୍ଥାନ ସମେତ ସମସ୍ତ ସ୍ଥାନରେ କର୍ତ୍ତବ୍ୟ ନିର୍ବାହ କରିବା ଏବଂ ପ୍ରତିକୂଳ ଜଳବାୟୁ ପରିସ୍ଥିତି ରହୁଥିବା ସୀମାଞ୍ଚଳରେ ସେବା କରିବା ପାଇଁ ତାଙ୍କର ଉତ୍ତମ ମାନସିକ ତଥା ସ୍ୱାସ୍ଥ୍ୟ ସ୍ଥିତି ରହିଥିବା ଏବଂ କର୍ତ୍ତବ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବାରୁ ବାଧା ଦେଉଥିବା କୌଣସି ତ୍ରୁଟିରୁ ସେ ମୁକ୍ତ ହୋଇଥିବା ଜରୁରୀ।
(ଘ) ସ୍ୱାସ୍ଥ୍ୟ ପରୀକ୍ଷା ମାମଲା, "ଅସ୍ଥାୟୀ ଅଯୋଗ୍ୟତା" ଅନୁମତିଯୋଗ୍ୟ ହେବନାହିଁ।
(ଙ) ଧର୍ମନିରପେକ୍ଷ ରାଷ୍ଟ୍ର ଭାବେ, ଦେଶବାସୀଙ୍କ ଧାର୍ମିକ ଭାବନାର ସମ୍ମାନ ସର୍ବୋପରି, ତେଣୁ ଧାର୍ମିକ ସଙ୍କେତ କିମ୍ବା ପ୍ରତିଛବି ଏବଂ ନାମ ଦର୍ଶାଉଥିବା ଚିତା ବା ଟାଟୁଗୁଡ଼ିକ ଅନୁମତିଯୋଗ୍ୟ ହେବ। ଶରୀରର ପାରମ୍ପରିକ ଅଂଶ ଯେପରି ବାହୁର ଭିତର ଅଂଶ କିନ୍ତୁ କେବଳ ବାମ ବାହୁରେ, ଅଣ ଅଭିବାଦନକାରୀ ଅବୟବ କିମ୍ବା ହାତର ପୃଷ୍ଠଭାଗରେ କରାଯାଇଥିବା ଟାଟୁଗୁଡ଼ିକ ଅନୁମତିଯୋଗ୍ୟ ହେବ। ତାହାର ଆକାର ଶରୀରର ସମ୍ପୃକ୍ତ ଅଙ୍ଗ (କହୁଣୀ କିମ୍ବା ହାତ)ର ଏକ ଚତୁର୍ଥାଂଶରୁ କମ୍ ହୋଇଥିବା ଆବଶ୍ୟକ।
(ଚ) ସ୍ୱାସ୍ଥ୍ୟ ପରୀକ୍ଷା ପର୍ଯ୍ୟାୟରେ ପ୍ରାର୍ଥୀମାନଙ୍କ ନିଦର୍ଶନର ଯାଞ୍ଚ କରାଯିବ।

**କ୍ରୀଡ଼ା ଯୋଗ୍ୟତା**

| କ୍ର.ସଂ. | ପଦବୀ | କ୍ରୀଡ଼ା ଯୋଗ୍ୟତା |
|---|---|---|
| ୧. | କନଷ୍ଟେବଳ / ଜିଡି | ଅଲିମ୍ପିକ୍, ବିଶ୍ୱକପ୍, ଏସିଆନ୍ ଗେମ୍‌ସ, ଜୁନିୟର/ସିନିୟର ବିଶ୍ୱ ଚାମ୍ପିୟନଶିପ୍, ରାଜ୍ୟଗୋଷ୍ଠୀ, ବିଶ୍ୱବିଶ୍ୱବିଦ୍ୟାଳୟ ଖେଳ ଏବଂ ଏସ୍‌ଏଏଫ୍ ଖେଳରେ ଭାରତୀୟ ଦଳର ପ୍ରତିନିଧିତ୍ୱ। **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ବ୍ୟକ୍ତିଗତ/ଦଳଗତ ଇଭେଣ୍ଟରେ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନଶିପ୍/ ଜାତୀୟ କ୍ରୀଡ଼ାରେ ଯେକୌଣସି ପଦକ ବିଜେତା **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ବ୍ୟକ୍ତିଗତ/ଦଳଗତ ଇଭେଣ୍ଟରେ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନଶିପ୍/ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ରାଜ୍ୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ। |

**ଦ୍ରଷ୍ଟବ୍ୟ:** କେବଳ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନ୍‌ଶିପ୍/ଜାତୀୟ ଖେଳରେ ଅଂଶଗ୍ରହଣ ବର୍ଗ ତଥା ରାଜ୍ୟ ଚାମ୍ପିୟନ୍‌ଶିପ୍‌ର ସ୍ୱର୍ଣ୍ଣ ପଦକ ବର୍ଗରେ ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଇଁ ସମ୍ପୃକ୍ତ ଇଭେଣ୍ଟ/ଶୃଙ୍ଖଳାରେ ଶାରୀରିକ ଦକ୍ଷତା ପରୀକ୍ଷା/ଟ୍ରାଏଲ୍ ପରୀକ୍ଷା ପ୍ରଯୁଜ୍ୟ ହେବ।

### କିପରି ଆବେଦନ କରିବେ

ଯୋଗ୍ୟ ଏବଂ ଇଚ୍ଛୁକ ପ୍ରାର୍ଥୀମାନେ **ଆନେକ୍ସର**-'ଏ'ରେ ଦିଆଯାଇଥିବା ଅନୁଯାୟୀ ନିର୍ଦ୍ଧାରିତ ପ୍ରୋଫର୍ମାକୁ ଫୁଲ୍ ସ୍କେପ୍ କାଗଜରେ ବିଧିବଦ୍ଧ ଭାବେ ଟାଇପ୍ କରି କିମ୍ବା ସ୍ପଷ୍ଟ ଭାବେ ହାତରେ ଲେଖି ଦୁଇଟି ସେଲ୍‌ଫ ଆଟେଷ୍ଟେଡ୍ ପାସ୍‌ପୋର୍ଟ ଆକାର ଫଟୋଗ୍ରାଫ୍, ଗୋଟିଏ ଆବେଦନ ପତ୍ରରେ ଓ ଅନ୍ୟଟି ପ୍ରବେଶ ପତ୍ରରେ ସେହି ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ ଜାଗାରେ ଲଗାଇ ଏବଂ ସବୁ ଦିଗରୁ ପୂରଣ କରି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ **"ଦି କମାଣ୍ଡାଣ୍ଟ, ୯୫ ବିଏନ୍ ବିଏସ୍‌ଏଫ୍, ଭୋଣ୍ଡସି, ଡାକ- ଭୋଣ୍ଡସି, ଜିଲ୍ଲା- ଗୁରୁଗ୍ରାମ, ହରିୟାଣା - ୧୨୨୧୦୨"**ଙ୍କ ଠିକଣାରେ ଲଫାପାରେ ଉପରିଭାଗରେ **"ବିଏସ୍‌ଏଫ୍‌ରେ କ୍ରୀଡ଼ା କୋଟାରେ କ୍ରୀଡ଼ାବିତ୍ ସିଟି (ଜିଡି)ଙ୍କ ନିଯୁକ୍ତି ନିମନ୍ତେ ଆବେଦନ-୨୦୧୮"** ଲେଖି ଆବଶ୍ୟକ କାଗଜପତ୍ର ସହ ଦାଖଲ କରିପାରିବେ। ହେଲେ, ଉତ୍ତରପୂର୍ବାଞ୍ଚଳ, ଜାମ୍ମୁ ଓ କାଶ୍ମୀରର ଲଦାଖ ଡିଭିଜନ, ସିକିମ୍, ହିମାଚଳ ପ୍ରଦେଶର ଚାମ୍ବା ଜିଲ୍ଲାର ପାଙ୍ଗୀ ସବ୍-ଡିଭିଜନ, ଲାହୌଲ ଓ ସ୍ପିତି ଜିଲ୍ଲା, ଆଣ୍ଡାମାନ ଓ ନିକୋବର ଦ୍ୱୀପ, ଲାକ୍ଷାଦ୍ୱୀପର ଦୂର ଦୂରାନ୍ତ ଅଞ୍ଚଳର ପ୍ରାର୍ଥୀମାନେ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୪୫ ଦିନ ମଧ୍ୟରେ ସେମାନଙ୍କର ଦରଖାସ୍ତ ଦାଖଲ କରିପାରିବେ।

### ମନୋନୟନ ପ୍ରକ୍ରିୟା

ସୁବ୍ୟବସ୍ଥିତ ଭାବେ ଆବେଦନ ପତ୍ର ଦାଖଲ କରିଥିବା ସମସ୍ତ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ପ୍ରବେଶ ପତ୍ର/କଲ୍ ଲେଟର୍ ଇସ୍ୟୁ କରାଯିବ ଅର୍ଥାତ୍ ପ୍ରାର୍ଥୀମାନଙ୍କୁ ନିଯୁକ୍ତିର ନିମ୍ନଲିଖିତ ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ:-
i. ନିଦର୍ଶନ/କାଗଜପତ୍ର ଯାଞ୍ଚ
ii. ଶାରୀରିକ ମାପ
iii. ଶାରୀରିକ ଦକ୍ଷତା ପରୀକ୍ଷା/ସମ୍ପୃକ୍ତ ଇଭେଣ୍ଟ ପାଇଁ ଟ୍ରାଏଲ ପରୀକ୍ଷା **(କେବଳ ଜାତୀୟ ଅଂଶଗ୍ରହଣ ବର୍ଗ ଏବଂ ରାଜ୍ୟରେ ସ୍ୱର୍ଣ୍ଣ ପଦକ ବର୍ଗ ଅଧୀନରେ ଆବେଦନ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ପ୍ରଯୁଜ୍ୟ)।**
iv. ସ୍ୱାସ୍ଥ୍ୟ ପରୀକ୍ଷା
v. ମେଧା ତାଲିକା

ନିଯୁକ୍ତି ସଂକ୍ରାନ୍ତୀୟ ବିସ୍ତୃତ ନିର୍ଦ୍ଦେଶାବଳୀ ପାଇଁ ଦୟାକରି ବିଏସ୍‌ଏଫ୍ ୱେବ୍‌ସାଇଟ୍ ଅର୍ଥାତ୍ www.bsf.nic.in ଦେଖନ୍ତୁ।
ଏହି ନିଯୁକ୍ତି ସଂକ୍ରାନ୍ତୀୟ ଅଧିକ ଅଧିସୂଚନା କେବଳ ବିଏସ୍‌ଏଫ୍ ୱେବ୍‌ସାଇଟ୍‌ରେ ଜାରି କରାଯିବ। ପ୍ରାର୍ଥୀମାନଙ୍କୁ ନିୟମିତ ଭାବେ ଏହି ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଉଛି।

ସ୍ୱା./- (ଅଶ୍ୱିନୀ କୁମାର ସିଂହ)
କମାଣ୍ଡାଣ୍ଟ (କ୍ରୀଡ଼ା)
୧୭ ଡିସେମ୍ବର ୨୦୧୮

davp 19110/11/0095/1819

## ସଂକ୍ଷେପରେ

### ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ଭାରତୀ ଯୁଥ୍ କ୍ଲବ ବିଜୟୀ



**ଗଞ୍ଜାମ,୩୦।୧୨(ଡି.ଏନ.ଏ.):** ଗଞ୍ଜାମ ବ୍ଲକ କୁଶପଲି ଗ୍ରାମ ନିକଟ ପଡ଼ିଆରେ ମା’ ଚାମୁଣ୍ଡା ଯୁଥ୍ କ୍ଲବ ପକ୍ଷରୁ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମଲାଡ଼ ପଞ୍ଚାୟତ ସରପଞ୍ଚ ପ୍ରଭାତ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଯୁବ ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ଜେ. ରାଜେଶ ରେଡ୍ଡୀ, ବଟକୃଷ୍ଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ପୁରୁଷୋତ୍ତମପୁର କୁମ୍ଭାରେଶ୍ୱର ଟିମ ସହ ଗଞ୍ଜାମର ଭାରତୀ ଯୁଥ୍ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଭାରତୀ ଯୁଥ୍ କ୍ଲବ ଦଳ ବିଜୟୀ ହୋଇଥିଲା। ଚାମୁଣ୍ଡା ଯୁଥ୍ କ୍ଲବ ସଭାପତି ମିଥୁନ ବିଶ୍ୱାଳ, ଉପସଭାପତି ସନ୍ତୋଷ ମହାଙ୍ଗୁଡ଼, ସିମା ନାହାକ କ୍ରୀଡ଼ା ପରିଚାଳନା କରୁଛନ୍ତି।

### ମା’ ଡୁମାଣୀ ଭଲିବଲ ଟୁର୍ଣ୍ଣାମେଣ୍ଟ: ସେମି ଫାଇନାଲରେ ଅଡବା




**ଭଞ୍ଜନଗର,୩୦।୧୨(ଡି.ଏନ.ଏ.):** ନୂଆଗାଁଠାରେ ଚାଲିଥିବା ମା’ ଡୁମାଣୀ ଭଲିବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ଖେଳ ରବିବାର ବ୍ରହ୍ମପୁର କାରଗିଲ୍ ଟିମ୍ ଓ ଅଡ଼ବା ମଧ୍ୟରେ ଖେଳା ଯାଇଥିଲା। ଅଡ଼ବା ୩-୨ ସେଟ୍‌ରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଅନୁ ପରିଡ଼ା, ଲାଇନ୍ସ ମ୍ୟାନ ଶରତ ନାୟକ ଓ ମାନସ ରଞ୍ଜନ ରେଫରୀ ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଦାୟିତ୍ୱରେ ପୂର୍ଣ୍ଣଚନ୍ଦ୍ର ନାୟକ ଥିଲେ। ଉଡ୍ରା ସରପଞ୍ଚ ଟୁକୁନା ସାମଲ, ସମିତିସଭ୍ୟ ବଳରାମ ସ୍ୱାଇଁ, ଧୁମୁଛାଇ ସରପଞ୍ଚ ମନୋଜ ପ୍ରଧାନ, ନୂଆଗାଁ ସରପଞ୍ଚ ରାଜେନ୍ଦ୍ର ସାହୁ, ସମିତିସଭ୍ୟ ପବିତ୍ର ଗୌଡ଼ ଅତିଥି ଭାବେ ଯୋଗ ଦେଇଥିଲେ। ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚ ଆୟୋଜକ ନୂଆଗାଁ ଓ ଅଡବା ମଧ୍ୟରେ ହେବ।

### ଏମ୍‌ବିକେ ରାଓଙ୍କ ଶୋକସଭା



**ପୁରୁଷୋତ୍ତମପୁର, ୩୦।୧୨(ଡି.ଏନ୍.ଏ.):** ତାରାତାରିଣୀ ମନ୍ଦିର ବିକାଶର ମୁଖ୍ୟ ପୁରୋଧା ପୁରୁଷୋତ୍ତମପୁରର ପ୍ରଥମ ତହସିଲଦାର ଏମ୍‌ବିକେ ରାଓ (୮୧)ଙ୍କ ମୃତ୍ୟୁକୁ ନେଇ ରବିବାର ସନ୍ଧ୍ୟାରେ ପୁରୁଷୋତ୍ତମପୁର ମନ୍ଦିର ପରିସରରେ ଏକ ଶୋକ ସଭା ଡ. ସରୋଜ କୁମାର ଦଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସର ପ୍ରାପ୍ତ କର୍ମଚାରୀ ସଂଘ ସଭାପତି ରଘୁନାଥ ସାହୁ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ, ସ୍ୱପ୍ନେଶ୍ୱର ମନ୍ଦିର ଟ୍ରଷ୍ଟ ଲକ୍ଷ୍ମୀଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କାଶିନଗର ଖାଣ୍ଡବା ଗ୍ରାମର ରାଓ ୧୯୮୪ରେ ପୁରୁଷୋତ୍ତମପୁରର ତହସିଲଦାର ରୂପେ ଯୋଗ ଦେଇଥିଲେ। ୧୯୯୬ରେ ସେ ଚାକିରିରୁ ଅବସର ନେବା ପରେ ୨୦୦୫ରୁ ୨୦୦୮ ପର୍ଯ୍ୟନ୍ତ ତାରାତାରିଣୀ ମନ୍ଦିରର ନିର୍ବାହୀ ଅଧିକାରୀ ଭାବେ ଦାଇତ୍ୱ ତୁଲାଇ ମନ୍ଦିରର ବହୁ ବିକାଶ କରିଥିଲେ। ମୃତ୍ୟୁ ବେଳେ ତାଙ୍କ ସାନପୁଅଙ୍କ ଘରେ କଲିକତାରେ ଥିଲେ। ଶୁକ୍ରବାର ସକାଳେ ବାଥରୁମ୍‌କୁ ଗାଧୋଇବାକୁ ଯିବାବେଳେ ତାଙ୍କର ଗୋଡ଼ ଖସିଯିବାରୁ ମୃତ୍ୟୁ ଘଟିଥିଲା।

### ଆଇନ ଶୃଙ୍ଖଳା ନେଇ ପ୍ରସ୍ତୁତି ବୈଠକ

**କବିସୂର୍ଯ୍ୟନଗର,୩୦।୧୨:** କବିସୂର୍ଯ୍ୟନଗର ବିଡିଓ ପ୍ରକୋଷ୍ଠରେ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨୦୧୯ ନିର୍ବାଚନ ଆଇନ ଶୃଙ୍ଖଳା ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ମୋଟ ୧୧୮ ବୁଥ୍‌ରେ ଆଇନ ଶୃଙ୍ଖଳା ରହିବା ସହ ଶାନ୍ତି ଶୃଙ୍ଖଳାରେ ଭୋଟଦାନ ହେବ ସେ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିରେ ଆଇଆଇସି ତପନ କୁମାର ପତି, ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ■ ବୟସ ବଢ଼ିଲେ ଅଲୋଡ଼ା

# ଲୋପ ପାଇବାକୁ ବସିଲାଣି ଘୁମୁସରୀ ଗାଈବଂଶ

ବାବୁଲା ପ୍ରଧାନ
ଭଞ୍ଜନଗର,୩୦।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ବେଲଗୁଣ୍ଠା ହାଟରୁ ଦିନକୁ ଦିନ ଗାଈ ଗୋରୁ ଅନ୍ୟ ରାଜ୍ୟକୁ ଚାଲାଣ ବୃଦ୍ଧି ପାଉଛି। ଗୋ ମାଂସ ପାଇଁ ବିଶେଷକରି ପଶ୍ଚିମବଙ୍ଗ, କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ପ୍ରମୁଖ ଅଞ୍ଚଳକୁ ଗୋଚାଲାଣ ହେଉଛି। ତେଣୁ ଭଞ୍ଜନଗର ଅଞ୍ଚଳରେ ଗାଈ ସଂଖ୍ୟା କମିବାରେ ଲାଗିଛି। ବିଶେଷ କରି ଘୁମୁସରର ପ୍ରସିଦ୍ଧ ଘୁମୁସରୀ ଗାଈ ସଂଖ୍ୟା ବହୁ ପରିମାରଣରେ ହ୍ରାସ ପାଇଛି। ପ୍ରତି ଜଳବାୟୀ ସହ ଖାପଖୁଆଇ ପାରୁଛି ଘୁମୁସରୀ ଗାଈ। ତାହାର ରୋଗ ପ୍ରତିରୋଧକ ଶକ୍ତି ଅଧିକ। ଏହି ଗାଈର କ୍ଷୀର, ଗୋବର, ମୁତ୍ର ଆୟୁର୍ବେଦିକ ଔଷଧରେ ବ୍ୟବହୃତ ହୁଏ। ଗାଈ ସଂଖ୍ୟା ଲୋପ ପାଇବାରୁ ଘୁମୁସରୀ ଗୋ ପ୍ରଜାତି ସଂରକ୍ଷଣ ସମିତି ପକ୍ଷରୁ ଗାଈର ସୁରକ୍ଷା ପାଇଁ ଉଦ୍ୟମ ହୋଇଥିଲା। ଏହାପରେ ନ୍ୟାସନାଲ ବ୍ୟୁରୋ ଅଫ୍ ଆନିମଲ ଜେନେଟିକ୍ ରିସର୍ଚ୍ଚ ସଂସ୍ଥା ପକ୍ଷରୁ ୨୦୧୦ରେ ଘୁମୁସରୀ ଗାଈକୁ ବିରଳ ଗାଈ ଭାବେ ପଞ୍ଜିକୃତ କଲେ। ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଅନ୍ତର୍ଗତରେ ଏମାନଙ୍କ ସାମୁହିକ ବିକାଶ ପାଇଁ ସମିତି ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବା କଥା, କିନ୍ତୁ ତାହା ଏହି ଅଞ୍ଚଳରେ ହେଉନାହିଁ। ଗାଈ ଚରିବା ପାଇଁ ସହର ଓ



ଘୁମୁସରୀ ଗାଈ।

■ବୃଦ୍ଧି ପାଉଛି ଗୋଚାଲାଣ
■ଗୋଶାଳା ନିର୍ମାଣର ଅଭାବ

ଗ୍ରାମାଞ୍ଚଳରେ ଗୋଚର ଜମିର ଅଭାବ। ଲୋକେ ଗୋଚର ଜମିକୁ ଜବରଦଖଲ କରିନେଲେଣି। ଏହିଭଳି ଏକର ଏକର ଜମିକୁ ଭଞ୍ଜନଗର ସହର ଓ ଗ୍ରାମାଞ୍ଚଳ ଲୋକେ ଜବରଦଖଲ କରି ରଖିଛନ୍ତି। ଗୋଚର ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଦାବି ହେଉଛି। ଗାଈ ଚରାଇବା ପାଇଁ ଚରାଳି ଅଭାବ। ଗାଈର ମୁଖ୍ୟ ଖାଦ୍ୟ ପାଳ। ଧାନକୁ ଅଧିକାଂଶ ଚାଷୀ ବର୍ତ୍ତମାନ ମେଶିନ ସହାୟତାରେ ଅମଳ କରୁଥିବା ଯୋଗୁ ଉକ୍ତ ପାଳକୁ ଗାଈ ଗୋରୁ ଖାଉନାହାଁନ୍ତି। ଅଧିକ ଲାଭ ଆଶାରେ କୃତିମ ପ୍ରଜନନ ପ୍ରକ୍ରିୟା ବଢ଼ୁଛି। ଗାଈ ଗୋରୁ ଗୁଡ଼ିକର ବୟସ ବଢ଼ିଲେ ମାଲିକମାନେ ସେବା କରିବା ବଦଳରେ ବିକ୍ରି କରିବାକୁ ଆଗ୍ରହ ଦେଖାନ୍ତି। ଫଳରେ ବ୍ୟବସାୟୀମାନେ ଉକ୍ତ ଗୋରୁମାନଙ୍କୁ କମ୍ ଦରରେ କିଣି କଂସାରୀଖାନାରେ ବିକି ଦିଅନ୍ତି। ଘୁମୁସରୀ ଗାଈର ସୁରକ୍ଷା ପାଇଁ ବିଭିନ୍ନ ସମୟରେ ସରକାରୀସ୍ତରରେ ମଧ୍ୟ ଉଦ୍ୟମ ହୋଇଛି। କିନ୍ତୁ ତାହା ସଫଳ ହୋଇପାରୁନାହିଁ। ବୃଦ୍ଧ ଅକର୍ମଣ୍ୟ ପରିତ୍ୟକ୍ତ ଗାଈ ଗୋରୁର ସେବା କରିବା ପାଇଁ ଭଞ୍ଜନଗର ଅଞ୍ଚଳରେ ଏକାଧିକ ଗୋଶାଳାର ଆବଶ୍ୟକତା ରହିଛି। ତନରଡ଼ାରେ ଥିବା ଏକମାତ୍ର ବେସରକାରୀ ଶ୍ରୀବତ୍ସ ଗୋରକ୍ଷା ଆଶ୍ରମରେ ବର୍ତ୍ତମାନ ୪୦ଟି ଗୋରୁ ଅଛି। ୧୯୨୩ ମସିହାରେ ସଂସ୍କାରକ ଶ୍ରୀବତ୍ସ ପଣ୍ଡା ଉକ୍ତ ଗୋରକ୍ଷାଶ୍ରମ ସ୍ଥାପନ କରିଥିଲେ। ଅପରପକ୍ଷେ ବିଭିନ୍ନ ସମୟରେ ଯାନବାହାନରେ ଗୋଚାଲାଣ ବେଳେ ଧରାପଡ଼ି ଅନେକ ଲୋକ ମାଡ଼ ଖାଇଛନ୍ତି। ତେଣୁ ବ୍ୟବସାୟୀମାନେ ମଧ୍ୟ ଗୋଚାଲାଣ ତରିକା ବଦଳାଇ ଦେଇଛନ୍ତି। ହାଟରୁ କିଣିବା ପରେ ବ୍ୟବସାୟୀମାନେ ଶ୍ରମିକ ଲଗାଇ ଶହଶହ କିଲୋମିଟର ଗୋରୁମାନଙ୍କୁ ଚଲାଇ ନେଉଛନ୍ତି। ଏହାପରେ ସୁରକ୍ଷିତ ସ୍ଥାନ ଆସିବା ପରେ ଯାନବାହାନରେ ଭର୍ତି କରି ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ସମସ୍ତଙ୍କ ସହଯୋଗ ରହିଲେ ହିଁ ଘୁମୁସରୀ ଗାଈ ସୁରକ୍ଷିତ ରହିପାରିବ।

### ସେମାନେ କହନ୍ତି...

“ବୃଦ୍ଧ ଅକର୍ମଣ୍ୟ ପରିତ୍ୟକ୍ତ ଗାଈଗୋରୁର ସେବାପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଗୋସେବା କରୁଥିବା ଆଶ୍ରମ ଗୁଡ଼ିକୁ ସରକାରୀ ସହାୟତା ଯୋଗାଇ ଦେଉଛନ୍ତି। ତେଣୁ ତନରଡ଼ା ଗୋରକ୍ଷା ଆଶ୍ରମକୁ ମଧ ସହାୟତା ଯୋଗାଇ ଦେବାପାଇଁ ଆଶ୍ରମ ପକ୍ଷରୁ ଆବେଦନ କରାଯାଇଛି। ଚଳିତ ବର୍ଷ ଅନୁଦାନ ଆସିବାର ସମ୍ଭାବନା ରହିଛି। ଏହାହେଲେ ଆଶ୍ରମରେ ଅଧିକ ଗାଈ ଗୋରୁ ରହିପାରିବେ।

**- ଡ଼.ଉଷା ପାଢ଼ୀ**
**ପୁର୍ବତନ ଟ୍ରଷ୍ଟି,ତନରଡ଼ା ଗୋରକ୍ଷା ଆଶ୍ରମ**

“ଲୋକଙ୍କ ମଧ୍ୟରେ ସଚେତନତାର ଆବଶ୍ୟକତା ରହିଛି। ଏହାହେଲେ ହିଁ ଯାଇ ଗୋରୁ ସୁରକ୍ଷିତ ରହିପାରିବ। କୈଣସି ଧର୍ମ ବା ଅନୁଷ୍ଠାନ ଚାହିଁଲେ ସାମୟିକ ଭାବେ ଗୋଚାଲାଣକୁ ରୋକିପାରିବ। ତେଣୁ ଗୋମାତାର ମୁଲ୍ୟ ସମସ୍ତେ ବୁଝିବାକୁ ପଡ଼ିବ। ଏହା ହେଲେ ହିଁ ଯାଇ ଗୋମାତା ସୁରକ୍ଷିତ ରହିପାରିବ।

**- ମୁରଲିଧର ପଣ୍ଡା**
**ବିଶ୍ୱହିନ୍ଦୁ ପରିଷଦ ରାଜ୍ୟ ସାମାଜିକ ସମରସତା ପ୍ରମୁଖ**

“ଯୋଜନା ବାଟେ ଯୋଜନା ଥାଉଛି କିନ୍ତୁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଗୋଚର ଜମି ଜବରଦଖଲକାରୀଙ୍କୁ ହଟାଇବାକୁ ପଡ଼ିବ। ସଚେତନତା କାର୍ଯ୍ୟକ୍ରମ ସମସ୍ତ ଅଞ୍ଚଳରେ ହେଉ। ଗୋଚାଲାଣ ଆଇନକୁ କଡ଼ାକଡ଼ି କରାଯାଉ। ଗୋରୁର ବୟସ ବଢ଼ିଗଲେ ବୋଝ ଭାବି ବିକ୍ରିକରିବା ମାନସିକତା ଲୋକଙ୍କ ମଧ୍ୟରେ ପରିବର୍ତ୍ତନ ଲୋଡା।

**- ପ୍ରକାଶ ସାହୁ, କୁଲାଡ଼,ବାର୍ଡ଼ ସମ୍ପାଦକ**

## ଇସକଫ୍ ଜାତୀୟ ପରିଷଦରେ ୩ ଓକିଲ

**ଛତ୍ରପୁର,୩୦।୧୨(ଡି.ଏନ.ଏ)**

ଇସକଫ୍ (ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି) ର ନୂତନ ଜାତୀୟ ପରିଷଦ ଗଠନ ହୋଇଛି । ଏଥିରେ ଗଞ୍ଜାମ ଜିଲାର ୩ ଜଣ ଓକିଲଙ୍କୁ ସାମିଲ କରାଯାଇଛି । ଛତ୍ରପୁରର ଓକିଲ ଗୋକୁଳ ଚନ୍ଦ୍ର ପଣ୍ଡାଙ୍କୁ ଉପସଭାପତି ମଣ୍ଡଳୀରେ ସାମିଲ କରାଯାଇଥିବା ବେଳେ ଦିଗପହଣ୍ଡିର ଓକିଲ ହରପ୍ରସାଦ ରଥଙ୍କୁ ଜାତୀୟ ପରିଷଦର କାର୍ଯ୍ୟକାରୀ କମିଟି ସଭ୍ୟ ଏବଂ ଆସିକାର ଓକିଲ ବିଦେଶୀ ନାହାକଙ୍କୁ ପରିଷଦ ସଭ୍ୟ ଭାବେ ମନୋନୀତ କରାଯାଇଛି। ରବିବାର ଏ ସମ୍ପର୍କରେ ଓକିଲ ପଣ୍ଡା ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ଇସ୍‌କଫର ୩ ଦିନିଆ ସର୍ବଭାରତୀୟ ସମ୍ମିଳନୀ ତାମିଲନାଡୁର କୋଏମ୍ବାଟୁରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ୩ ଜଣ ଓକିଲଙ୍କ ସମେତ ରଙ୍ଗନାଥ ସ୍ୱାଇଁ, ପୀତବାସ ମହାପାତ୍ର, ଦେବହରି ମହାନ୍ତି, ପଞ୍ଚାନନ ସ୍ୱାଇଁ, ଅରୁଣ ପଣ୍ଡା, ହୃଷୀକେଶ ମହାନ୍ତି, ଅନନ୍ତ ମହାଙ୍କୁଡ, ମନୋରମା ଷଡଙ୍ଗୀ, ଭାଗ୍ୟଲତା ପଣ୍ଡା ପ୍ରମୁଖ ଯୋଗ ଦେଇ ଫେରିଛନ୍ତି । ସେଠାରେ ଜାତୀୟ ସଂହତି, ସମ୍ବିଧାନର ସୁରକ୍ଷା, ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଏବଂ ଭାରତୀୟ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବା ସୂଚନା ଦିଆଯାଇଛି ।

## ବିଭିନ୍ନ ଦାବି ନେଇ ଭାଜପାର ଗଣଧାରଣା

**କବିସୂର୍ଯ୍ୟନଗର, ୩୦।୧୨**

କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ଓ କର୍ମଚାରୀ ଅଭାବରୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଯାଇଛି। ଜଣେ ଇନଚାର୍ଜରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର। ତେଣୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଜଣିଆ ଡାକ୍ତର ଟିମ ସହ ଅଲଟ୍ରା ସାଉଣ୍ଡ, ଏକ୍ସରେ ମେଶିନ, ଟେକ୍ନିସିଆନ, ଷ୍ଟାଫ ଓ ଭିତ୍ତିଭୂମି ସୁଦୃଢ଼ କରିବାକୁ ଭାଜପା ଦାବି କରିଛି। ଏ ନେଇ ନଗର ସଭାପତି ଶିବରାମ ପଣ୍ଡା ଓ ଉପସଭାପତି ଶ୍ୱେତ ଦୋରାଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଗଣଧାରଣା




ଭାଜପାର ଗଣଧାରଣା।

ଦେଇଥିଲେ। ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ପୂର୍ବକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଇନଚାର୍ଜଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବତନ ଭାଜପା ଜିଲା ସଭାପତି ଉମା ଚରଣ ପ୍ରଧାନ, ପ୍ରବୋଧ ପଣ୍ଡା, ତପନ କୁମାର ନାହାକ, ନବଘନ ଜେନା ପ୍ରମୁଖ ଧାରଣାରେ ବସିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଦିଗପହଣ୍ଡି,୩୦।୧୨(ଡି.ଏନ.ଏ.)**

ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟାଦଶ ବାର୍ଷିକୋତ୍ସବ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିରର ପ୍ରକାଶ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାସ, ଭଗବତୀ ପ୍ରସାଦ ମିଶ୍ରଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଉତ୍ସବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ.କୁଳମଣି ଓଝା ମୁଖ୍ୟଅତିଥି




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଭାବେ ଯୋଗଦେଥିଲେ। ଗଜପତି ଜିଲା ପାରଳାଖେମୁଣ୍ଡି ଦେବୀ ମଠର ମଠାଧୀଶ ମହନ୍ତ ରାମାନନ୍ଦ ଦାସ, ବିଦ୍ୟା ମନ୍ଦିର ସମ୍ପାଦକ କୈଳାସ ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷୀ ଲବ ମହାପାତ୍ର, ତ୍ରିନାଥ ରେଡ୍ଡୀ ଓ ଶିକ୍ଷକ ପଦ୍ମଚରଣ ମେକାପଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ଭଞ୍ଜ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

**କବିସୂର୍ଯ୍ୟନଗର,୩୦।୧୨**

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପବ୍ଲିକ ସ୍କୁଲର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଭାଗବତ ପାତ୍ର ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଡିଓ ପ୍ରଦୀପ କୁମାର ପଣ୍ଡା, ମୁଖ୍ୟବକ୍ତା ଆସିକା ବିଜ୍ଞାନ କଲେଜର ପ୍ରଫେସର ତାରା ପ୍ରସାଦ ଦାଶ, ସ୍କୁଲ କମିଟିର ଜି. ଶମ୍ଭୁଲିଙ୍ଗମ ଆଚାରୀ, ଶିକ୍ଷାବିତ ରଞ୍ଜିତ କୁମାର ସ୍ୱାଇଁ, ଚେୟାରମ୍ୟାନ ଉମା ପୋଲାଇ ଓ ପ୍ରିନ୍ସିପାଲ, ସ୍କୁଲ ସେକ୍ରେଟେରୀ ବିଦେଶୀ ଖଟେଇ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା ପଡିଆରୀ, ପ୍ରଫୁଲ୍ଲ ପରିଡ଼ା ଓ ସ୍କୁଲ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ମଞ୍ଚାସୀନ ଅତିଥି।

## ଲକେବାଡିରେ ଖ୍ରୀଷ୍ଟ ଜନ୍ମ ମହୋତ୍ସବ

**କ. ନୂଆଗାଁ, ୩୦।୧୨(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକର ଗୁଞ୍ଜିବାଡି ପଞ୍ଚାତ ଲକେବାଡିରେ ଗ୍ରେସ ଇଣ୍ଡିଆ ପକ୍ଷରୁ ଖ୍ରୀଷ୍ଟ ଜନ୍ମ ମହୋତ୍ସବ ପାଳନ ହୋଇଯାଇଛି। ଏଥିରେ ଅତିଥିଭାବେ ଜିଲା ବିଜେଡି ସମ୍ପାଦକ କୃଷ୍ଣମୋହନ ପାଣିଗ୍ରାହୀ, ବିଜେଡି ନେତା ବାସୁଦେବ ପଣ୍ଡା, ଗୁଞ୍ଜିବାଡି ସମିତିସଭ୍ୟ ଧବଳେଶ୍ୱର ପାତ୍ର, ରାମେଶ୍ୱର ମାଝି ପ୍ରମୁଖ ଯୋଗଦେଇଥିଲେ। ଗ୍ରେସ୍ ଇଣ୍ଡିଆର ମୁଖ୍ୟ ଥମାସ୍ ନାୟକଙ୍କ ଅଧ୍ୟକ୍ଷତାରେ ବାବୁଲା ଦିଗାଲ, ନିକଦମ୍ ନାୟକ, ସାମୁଏଲ ନାୟକ, ପ୍ରମୁଖ ପରିଚାଳନା କରିଥିଲେ। ଜିଡୁବାଡି, ବାଲିଗାଡା, ସାସିମାହା, ଗୁଞ୍ଜିବାଡିର ବୃଦ୍ଧାବୃଦ୍ଧମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ଲଳିତ ନାୟକଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟ କରାଯାଇଥିଲା।



ଖ୍ରୀଷ୍ଟ ଜନ୍ମ ମହୋତ୍ସବ ପାଳନ କରାଯାଉଛି।

## ସଚେତନତା ଶିବିର

**ସୋରଡ଼ା,୩୦।୧୨(ଡି.ଏନ୍.ଏ.):** କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କୃଷିବିଜ୍ଞାନ କେନ୍ଦ୍ର ଭଞ୍ଜନଗର ମିଳିତରେ କୃଷି କ୍ଷେତ୍ରରେ ଜଳର ସୁପରିଚାଳନା, ଜଳସେଚନ, ଖାଦ୍ୟ ସାରର ବ୍ୟବହାର ଶୈଳି ଉପରେ ବ୍ଲକର ଏକଲପୁର ଗ୍ରାମରେ ପ୍ରଫେସର ଲଳିତ ମୋହନ ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଭରତ ଚନ୍ଦ୍ର ସାହୁ, ମୃତ୍ତିକା ବୈଜ୍ଞାନିକ ଜିତେନ୍ଦ୍ର ନାରାୟଣ ମିଶ୍ର, ପ୍ରଶାନ୍ତ ପଣ୍ଡା, ଇଞ୍ଜିନିୟର ଦ୍ୱାରିକା ମୋହନ ଦାଶ, ଭଞ୍ଜନଗର କେବିକେ ବୈଜ୍ଞାନିକ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ମାଟିର ପରୀକ୍ଷା, ଅମ୍ଳ ଓ ଜଳସେଚନ, ସବୁଜସାର ଆଦି ଉପରେ କହିଥିଲେ। ଏଥିରେ ହରଭଙ୍ଗା ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ବ୍ଲକର ଚାଷୀମାନେ ଯୋଗଦେଇଥିଲେ।

## ବିଜେଡି ପକ୍ଷରୁ ୱାର୍ଡ କମିଟି ସଭା

**ଖଲ୍ଲିକୋଟ,୩୦।୧୨(ଡି.ଏନ୍.ଏ)**

ଖଲ୍ଲିକୋଟ ମର୍ଦ୍ଦରାଜ କଲ୍ୟାଣମଣ୍ଡପରେ ଖଲ୍ଲିକୋଟ ଏନ୍.ଏ.ସି. ବିଜେଡି ପକ୍ଷରୁ ୱାର୍ଡ କମିଟି ସଭା ବିପିନ ବିହାରୀ ସାମନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ବିଜେଡି ସମ୍ପାଦକ ବ୍ରଜ କିଶୋର ସ୍ୱାଇଁ, ପୂର୍ବତନ ଏନ୍.ଏ.ସି. ଅଧ୍ୟକ୍ଷ ଶଙ୍କର ପ୍ରସାଦ ନାହାକ, ଜ୍ୟୋତ୍ସ୍ନା ନାହାକ, ପୂର୍ବତନ କାଉନସିଲର ଗୀତାଞ୍ଜଳୀ ପ୍ରଧାନ, ସକୁନ୍ତଳା ବେହେରା, ଯୁବ ବିଜେଡି ସଭାପତି ଦୟାନିଧି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ନିର୍ବାଚନରେ ବିଜେଡିର ସଫଳତା ପାଇଁ ପ୍ରତ୍ୟେକ ୱାର୍ଡର ବିଜେଡି କର୍ମୀ ସାଧାରଣ ଜନତାଙ୍କ ସାମିଲ ହେବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ପୂର୍ବତନ ଏନ୍.ଏ.ସି. ଅଧ୍ୟକ୍ଷ ଶଙ୍କର ପ୍ରସାଦ ନାହାକ ବିଧାୟକଙ୍କ ଜନସମର୍ଥନ ଦିନକୁଦିନ ବଢ଼ିବାରେ ଲାଗିଛି। ଆଗାମୀ ନିର୍ବାଚନରେ ବିରୋଧିଙ୍କୁ ସମୁଚିତ ଜବାବ୍ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ଭ୍ରମର ଦଳେଇ, ପଦ୍ମ ସୁବୁଦ୍ଧି, ପ୍ରଫୁଲ୍ଲ ସାହୁ, ଶଶି ମହାରଣାଙ୍କ ସମେତ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।




ବୈଠକରେ ଯୋଗଦେଇଥିବା ନେତା ଓ କର୍ମୀ।

## ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୪୭ତମ ରାଜ୍ୟ ସମ୍ମିଳନୀ

# ବିଚିତ୍ର ସଭାପତି, ସତ୍ୟଜିତ ସମ୍ପାଦକ ମନୋନୀତ

**ଦିଗପହଣ୍ଡି, ୩୦।୧୨(ଡି.ଏନ.ଏ.)**

ଦିଗପହଣ୍ଡିରେ ରବିବାର ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୪୭ତମ ରାଜ୍ୟ ସମ୍ମିଳନୀ ଶିଶିର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ନିରଞ୍ଜନ ନାୟକଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ଡ. ସୁଧାଂଶୁ ଶେଖର ପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ରବି ପାଣିଗ୍ରାହୀ, ଅକ୍ଷୟ କୁମାର ପତି, ବିଶ୍ୱଜିତ ସାହୁ, ବିଚିତ୍ର ବଡ଼ଜେନା, ହିମାଂଶୁ ଧଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଭାଗିରଥି ପାଣିଗ୍ରାହୀ ମୁଖ୍ୟବକ୍ତା, ସାନଖେମୁଣ୍ଡିର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀମାନଙ୍କ ପାଇଁ ରାଜ୍ୟ



ସମ୍ମିଳନୀକୁ ଉଦ୍‌ଘାଟନ କରୁଛନ୍ତି ମନ୍ତ୍ରୀ।

### ନୂତନ କର୍ମକର୍ତ୍ତା ନିର୍ବାଚନ

ସରକାର ସଚେତନ ଅଛନ୍ତି। ସେମାନଙ୍କ ଅଭାବ ଅସୁବିଧା ଅଭିଯୋଗ ଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଟକ, ଯାଜପୁର, ଅନୁଗୁଳ, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ ସମେତ ବିଭିନ୍ନ ଜିଲାରୁ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଆଇନଜୀବୀ ସଂଘର ରାଜ୍ୟ ଉପସଭାପତି ପ୍ରଭାକର ରାଉତ, ରାଜେନ୍ଦ୍ର କୁମାର ପ୍ରଧାନ, ରାଜ୍ୟ ବାର କାଉନସିଲ ସଭ୍ୟ ଦୀପକ କୁମାର ପଟ୍ଟନାୟକଙ୍କ ସମେତ ଖେମୁଣ୍ଡି ଓକିଲ ସଂଘ ସଭାପତି ରସାନନ୍ଦ ରାଉତ, ଉପସଭାପତି ହର ପ୍ରସାଦ ରଥ, ସମ୍ପାଦକ ଅଶେଷ ନାଥ ମିଶ୍ର, ସହ ସମ୍ପାଦକ ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପରେଶ ଚନ୍ଦ୍ର ରଥ, ସୂର୍ଯ୍ୟ ନାରାୟଣ ସାହୁ, ହେମନ୍ତ କୁମାର ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ଗିରିଜା ନନ୍ଦନ ମେକାପ, ଟୁକୁନା ପ୍ରଧାନ, ନୀଳାମ୍ବର ମହାପାତ୍ର, ସନ୍ତୋଷ କୁମାର ସାହୁ, ମନୋଜ କୁମାର ପଣ୍ଡା, ରାଜେନ୍ଦ୍ର ତ୍ରିପାଠୀ, ଗଜାନନ ତ୍ରିପାଠୀ, ସତ୍ୟ ନାରାୟଣ ରଥ, ସମସ୍ତ ଆଇନଜୀବୀ ସମ୍ମିଳନୀ ପରିଚାଳନାର ସହାୟତା କରିଥିଲେ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଖୋର୍ଦ୍ଧା ଓକିଲ ସଂଘ ସଦସ୍ୟ ବିଚିତ୍ର ବଡ଼ଜେନାଙ୍କୁ ସଂଘର ନୂତନ ରାଜ୍ୟ ସଭାପତି ଏବଂ ଅନୁଗୁଳ ଓକିଲ ସଂଘ ସଦସ୍ୟ ସତ୍ୟଜିତ ସାହୁଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯିବା ସହ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ସର୍ବସମ୍ମତକ୍ରମେ ଚୟନ କରାଯାଇଥିଲା।

DADLS-232

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
www.kalia.co.in

ଓଡ଼ିଶା ସରକାର

ବିନା ସୁଧରେ କୃଷି ଋଣ
୧% ସୁଧରେ ଋଣ ପାଉଥିବା ଚାଷୀ ଏଣିକି ବିନା ସୁଧରେ ପାଇବେ କୃଷି ଋଣ

କାଳିଆ ବାର୍ତ୍ତା:
କାଳିଆ ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ମିସ୍‌କଲ୍ ଦିଅନ୍ତୁ - ୦୮୦୬୧୧୭୪୨୨୨



15001/13/0522/1819

## ସଂକ୍ଷେପରେ

### ଚଳନ୍ତା କାର୍‌ରେ ଅଗ୍ନିକାଣ୍ଡ



**ଭାପୁର,୩୦।୧୨(ଡି.ଏନ୍.ଏ.):** ଏକ ଚଳନ୍ତା କାର୍‌ରେ ଅଗ୍ନିକାଣ୍ଡ ଘଟି ଶନିବାର ରାତିରେ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। କାର୍ ଚଳାଉଥିବା ମାଲିକ ଗାଡ଼ିରୁ ଡେଇଁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବରରୁ ପ୍ରକାଶ ଯେ, ନୟାଗଡ଼ ଜିଲା ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ନୂଆଗାଁ ଗ୍ରାମର ସୁଶାନ୍ତ କୁମାର ମହାପାତ୍ର ହୁଣ୍ଡାଇ ଏକ୍ସିମ୍ ନମ୍ବର ଓଡି-୦୨ଏଆର-୬୮୯୬ କାର୍‌ରେ ରାତି ୯ଟା ୩୦ମିନିଟ୍ ସମୟରେ ଭୁବନେଶ୍ୱର ଯାଉଥିଲେ। ଗ୍ରାମଠାରୁ କିଛି ଦୂର ଗଲାପରେ ବାରବାଟି-ଜାମୁସାହି ରାସ୍ତାର ନମାଣଶଙ୍ଖଠାରେ ସଟସର୍କିଟ ଘଟି ଗାଡ଼ିରେ ନିଆଁ ଲାଗିଯାଇଥିଲା। ଗାଡିଟି ଚାହୁଁ ଜଳି ଯାଉଥିବାବେଳେ ସେ ଏଥିରୁ ଡେଇଁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଖବରପାଇ ଭାପୁର ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଏ ନେଇ ଫତେଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଭାପୁର ଟି୨୦ ଟୁର୍ଣ୍ଣାମେଣ୍ଟ: ଭାପୁର ଫାଇନାଲ୍‌ରେ

**ଭାପୁର,୩୦।୧୨(ଡି.ଏନ୍.ଏ.):** ଭାପୁର ବ୍ଲକର ସଦରମହକୁମା ଭାପୁର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ମ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଛି। ଆୟୋଜକ ଦଳ ୬ ଉଇକେଟ୍‌ରେ ମାଣିବନ୍ଧକୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି। ଟସ୍ ଜିଣି ପ୍ରଥମେ ମାଣିବନ୍ଧ କ୍ରିକେଟ କ୍ଲବ୍ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୧ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଭାପୁର ଦଳ ହରିହରଙ୍କ ୪୮ ଓ କାବୁଙ୍କ ୩୦ ରନ ସହାୟତାରେ ୧୫ ଓଭରରେ ମାତ୍ର ୪ ଉଇକେଟ ହରାଇ ୧୨୨ ରନ୍ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଛି। ହରିହରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ରଞ୍ଜନ ବଳିଆରସିଂହ ଓ ପ୍ରତିବଲ୍ଲଭ ସାହୁ।

# ବିକ୍ରି ହୋଇପାରୁନି: ମଣ୍ଡିରେ ପଡିରହିଛି ଧାନ

**ରଣପୁର,୩୦।୧୨(ସ୍ୱ.ପ୍ର.)**

- ଶୀତ କାକରରେ ଅପେକ୍ଷା କରି ଚାଷୀ ହତାଶ
- ଧାନ ନ କିଣି ପଳାଇଲେ ମିଲର

ସରକାର ବିଭିନ୍ନ ବ୍ଲକ, ଜିଲା ଓ ପଞ୍ଚାୟତସ୍ତରରେ ଧାନ ମଣ୍ଡି ଖୋଲି ଚାଷୀଙ୍କ ଧାନ ବିକିବା ପାଇଁ ବ୍ୟବସ୍ଥା କରୁଥିବା ଘୋଷଣା କରିଛନ୍ତି। ତେବେ ଚାଷୀମାନେ ଏହାର କେତେଦୂର ସୁଫଳ ପାଇପାରୁଛନ୍ତି ସେ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ । ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଚାନ୍ଦପୁର ସୋସାଇଟ୍ ଅଧୀନ ମଣ୍ଡିରେ ୭୦୦ କୁଇଣ୍ଟାଲ୍ ଧାନ ବିକିବା ପାଇଁ ଶନିବାର ସକାଳ ୯ଟାରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଆସିଥିଲେ। ଅପରାହ୍ନ ୧୨ଟାରେ ଧାନ କିଣିବାକୁ ସୁନାଖଳା ଅଞ୍ଚଳର ମିଲର୍ ଆସି ମଣ୍ଡିରେ ପହଞ୍ଚିଥିଲେ । ମାତ୍ର ଧାନର ମାନ ଠିକ୍ ନ ଥିବା କହି ମିଲର୍ କୁଇଣ୍ଟାଲ ପିଛା ୭ରୁ ୮ କେଜି ଧାନ କାଟିବାକୁ କହିଥିଲେ । ମାତ୍ର ଚାଷୀମାନେ କୁଇଣ୍ଟାଲ ପିଛା ମାତ୍ର ୨କେଜି ଧାନର ମୂଲ୍ୟ କାଟିବାକୁ କହିଥିଲେ ମଧ୍ୟ ମିଲର୍ ଏଥିରେ ରାଜି ହୋଇ ନ ଥିଲେ । ଏ ଘଟଣା ନେଇ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହେବାରୁ ମିଲର୍ ସେଠାରୁ ଚାଲିଯାଇଥିଲେ। ତେଣୁ ୨ଦିନ ହେଲା ଶୀତ କାକରରେ ଚାଷୀମାନେ ହତାଶ ହୋଇ ମଣ୍ଡିରେ ଧାନକୁ ଜଗି ରହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ନବ ନିର୍ମାଣ କୃଷକ ସଂଘର ବ୍ଲକ ସଂଯୋଜକ ପ୍ରଦୀପ୍ତ କୁମାର ବେହେରା ଅଭିଯୋଗ କରିଛନ୍ତି। ଧାନର ଉପଯୁକ୍ତ ସହାୟକ ମୂଲ୍ୟ ବଦଳରେ ଏଠାରେ ମିଲର, ସୋସାଇଟ୍ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସଲାସୁତରା ହୋଇ କମ୍ ମୂଲ୍ୟରେ କିଣିବା ନେଇ ଚକ୍ରାନ୍ତ ଚାଲିଥିବା କୁହାଯାଇଛି। ଏନେଇ ଚାନ୍ଦପୁର ଖୋର୍ଦ୍ଧା କୋପରେଟିଭ ସୋସାଇଟ୍‌ର ସମ୍ପାଦକ ମଧୁସୂଦନ ପ୍ରଧାନ କହିଛନ୍ତି, ମିଲର୍ କୁଇଣ୍ଟାଲ ପିଛା ଧାନ କାଟିବାକୁ କହିବାରୁ ଚାଷୀମାନେ ରାଜି ହୋଇ ନ ଥିଲେ। ତେଣୁ ସୁନାଖଳା ମିଲର୍ ଧାନ ନ ନେଇ ମଣ୍ଡିରୁ ପଳାଇଗଲେ । ଫଳରେ ଚାଷୀମାନେ ମଣ୍ଡି ଆଗରେ ଧାନ ରଖି ବସି ରହିଛନ୍ତି ।



ମଣ୍ଡିରେ ପଡ଼ିରହିଥିବା ଧାନବସ୍ତା।

ଧାନ ମଣ୍ଡିରେ ଅବ୍ୟବସ୍ଥା

# ୩ ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ ଭାଜପା

**ନୟାଗଡ଼ ଅଫିସ,୩୦।୧୨**

ଜିଲାର ବିଭିନ୍ନ ଧାନମଣ୍ଡିରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ଆସନ୍ତା ୩ତାରିଖରେ ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ରବିବାର ଏକ ଖବରଦାତା ସମ୍ମିଳନୀରେ ଏ ବିଷୟରେ ସୂଚନା ଦେଇଛନ୍ତି କୃଷକମୋର୍ଚ୍ଚାର ଜିଲା ସଭାପତି ଶ୍ରୀନିବାସ ପ୍ରଧାନ। ଶନିବାର ଓଡ଼ଗାଁ ବ୍ଲକ ବାଲିସିଂସା ସେବା ସମବାୟ ସମିତିରେ କୁଇଣ୍ଟାଲ ପିଛା ୫ କିଲୋ କାଟିବାକୁ କହିଲା ପରେ ଚାଷୀମାନେ ଧାନ ବିକ୍ରି କରି ନ ଥିଲେ। ୪୦ରୁ ୫୦ ଜଣ ଚାଷୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାର ବିଭିନ୍ନ ସମିତିରେ ଚାଷୀମାନଙ୍କଠାରୁ ମିଲରମାନେ ଧାନ କଟ୍‌ନୀଛଟ୍‌ନୀ କରୁଥିବାରୁ ଚାଷୀମହଲରେ ତୀବ୍ର ଅସନ୍ତୋଷ ଦେଖାଦେଉଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଜିଲାରେ ଥିବା ସମସ୍ତ ଧାନମଣ୍ଡି ଠିକ୍ ଭାବରେ ଖୋଲିବା ସହ ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ଦଳ ଦାବି କରିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ସନ୍ନ୍ୟାସୀ ନାୟକ, ସାଧାରଣ ସମ୍ପାଦକ ପ୍ରଦୀପ୍ତ ମହାପାତ୍ର, ଭାଜପା ନେତା ଲାଲା ମନୋଜ ରାୟ, ଓଡ଼ଗାଁ ମଣ୍ଡଳ ସଭାପତି କାଳିଆ ଦାସ, ଜିଲା କୃଷକ ମୋର୍ଚ୍ଚା ପ୍ରଭାରୀ ଗଗନ ମଲ୍ଲ, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ରାମଚନ୍ଦ୍ର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଭାଜପା ନେତାମାନେ।

ବଣଭୋଜିଟ୍ରେ ବିତିଲା ଶେଷ ରବିବାର

# ସୁନାମୁହିଁ, ନୀଳମାଧବ, ଗୋକୁଳାନନ୍ଦ ପୀଠରେ ଭିଡ଼

**ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.)**

୨୦୧୯ ନୂତନ ବର୍ଷକୁ ସ୍ୱାଗତ କରିବା ପୂର୍ବରୁ ଚଳିତବର୍ଷର ଶେଷ ରବିବାର ନୟାଗଡ଼ ଜିଲା ଖଣ୍ଡପଡ଼ା ଓ କଣ୍ଟିଲୋର ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଭିଡ଼ ଦେଖାଦେଇଛି। ସୁନାମୁହିଁ, ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ଓ ଶ୍ରୀ ନୀଳମାଧବ ଜୀଉଙ୍କ ପୀଠରେ ହଜାର ହଜାର ପର୍ଯ୍ୟଟକ ସମାଗମ ହୋଇଛନ୍ତି। ପର୍ଯ୍ୟଟକମାନେ ତମ୍ବୁ ଟାଣି ବଣଭୋଜି କରୁଥିବା ଦେଖିବାକୁ ମିଳିଛି। ପ୍ରାକୃତିକ ଓ ପାହାଡଘେରା ସୁନାମୁହିଁ ପର୍ଯ୍ୟଟନସ୍ଥଳର ସୌନ୍ଦର୍ଯ୍ୟ ରାଜ୍ୟ ତଥା ବାହାର ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକର୍ଷିତ କରିଛି। ସେହିପରି କଣ୍ଟିଲୋ ନୀଳମାଧବ ପୀଠ ଓ ମହାନଦୀ କୂଳରେ ଅବସ୍ଥିତ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଗୋକୁଳାନନ୍ଦ ପୀଠ ସିଧାମୂଳାକୁ ପ୍ରତିଦିନ ବଣଭୋଜି ପାଇଁ ଶତାଧିକ ଯାତ୍ରୀଙ୍କ ସମାଗମ ହୋଇଛି। ନାରାୟଣୀ ପୀଠ, ଗୋକୁଳାନନ୍ଦ ପୀଠ ଓ ହନୁମନ୍ତପ୍ରସାଦ ଶ୍ରୀରଘୁନାଥ ଆଶ୍ରମରେ ବେଶ୍ ଆନନ୍ଦ ଓ ଉଲ୍ଲାସର ସହ ପର୍ଯ୍ୟଟକମାନେ ସପରିବାର ଭ୍ରମଣ ସହ ବଣଭୋଜିର ମଜା ଉଠାଇଥିବା ଦୃଷ୍ଟିଗୋଚର ହୋଇଛି।





ସୁନାମୁହିଁ ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟଟକଙ୍କ ଭିଡ଼।

### ମା'ସଞ୍ଜେଇଦେବୀ ଟି୨୦: ବୋଲଗଡ଼ ଚାମ୍ପିୟନ

**ଭାପୁର,୩୦।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକ ବିଜିପୁର ଗ୍ରାମର ମା' ସଞ୍ଜେଇଦେବୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୬ଷ୍ଠ ପ୍ରଶାନ୍ତ ମେମୋରିଆଲ ଟି୨୦ ର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ବୋଲଗଡ଼ ଦଳ ମାତ୍ର ୪ ରନରେ ବାଘମାରୀ ଦଳକୁ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିଣି ବୋଲଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୪୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବାଘମାରୀ ଦଳ ୨୦ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୩୬ ରନ୍ କରି ହାରି ଯାଇଥିଲେ। ବିଜୟୀ ଦଳର ବଳଭଦ୍ର ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ମାନସ ରଞ୍ଜନ ଦାଶ ଓ ଗୋବର୍ଦ୍ଧନ ବାରିକ। ଖେଳ ଆରମ୍ଭରୁ ଗ୍ରାମର ଯୁବକମାନେ ଏକ ବିରାଟ ମୋଟର ସାଇକେଲ ରାଲିରେ ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ଗ୍ରାମପରିକ୍ରମା କରାଇ ଟୁର୍ଣ୍ଣାମେଣ୍ଟ ହେଉଥିବା ମିନି ଷ୍ଟାଡିୟମକୁ ଆଣିଥିଲେ। ବିଜୟୀ ଦଳକୁ ବିଧାୟକ ଟ୍ରଫି ପ୍ରଦାନ କରିଥିଲେ ଓ ରନର୍ସ ଅପ୍ ଦଳକୁ ସାମାଜିକ କର୍ମୀ ବିଜୟ କୁମାର ପଟ୍ଟନାୟକ ଓ ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ରାଉତରାୟ ଟ୍ରଫି ପ୍ରଦାନ କରିଥିଲେ। ବିଜୁ ଯୁବବାହିନୀର ଜିଲା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ସାହୁ, ସମ୍ପାଦକ ଅଭିଜିତ ପଟ୍ଟନାୟକ, ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ସଭାପତି ଗିରିଧାରୀ ସ୍ୱାଇଁ ଓ ଭାପୁର ବ୍ଲକ ସଭାପତି ଜିତେନ୍ଦ୍ର କୁମାର ଧଳ ସଭାରେ ଉପସ୍ଥିତ ରହିଥିଲେ।

# ସାନିଟାରୀ ନାପ୍‌କିନ୍ ପ୍ରସ୍ତୁତି ଓ ଯୋଗାଣର ଶୁଭାରମ୍ଭ

**ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମସ୍ଥିତ ମା' ମଙ୍ଗଳାଙ୍କ ପୀଠ ପରିସରରେ ରବିବାର ଉଜ୍ଜ୍ୱଳା ସାନିଟାରୀ ନାପ୍‌କିନ୍‌ର ପ୍ରସ୍ତୁତି ଓ ଯୋଗାଣ ବ୍ୟବସ୍ଥା ସମ୍ପର୍କିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଓ ତୈଳକମ୍ପାନୀଗୁଡିକର ସହଯୋଗରେ ଆୟୋଜିତ ବୈଠକରେ ନୟାଗଡ଼ ଜିଲା ଭାଜପା ସଭାପତି ସନ୍ନ୍ୟାସୀ ନାୟକ ମୁଖ୍ୟଅତିଥି ଓ ଭାଜପା ନେତା କ୍ୟାପଟେନ୍ ଶିବପ୍ରସାଦ ଭଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାଜପା ନେତ୍ରୀ ଜୟନ୍ତୀ ବେହେରା, ସଂଗଠକ ତ୍ରିନାଥ ବେହେରା ପ୍ରମୁଖ ମହିଳାଙ୍କ ବିକାଶ ନେଇ ବକ୍ତବ୍ୟ ରଖିଥିଲେ। ଉଜ୍ଜ୍ୱଳା ଯୋଜନାର ସହକାରୀ ନୋଡାଲ ଅଧିକାରୀ ରାଜେଶ ମହାନ୍ତି ଓ ଜନ ସେବାକେନ୍ଦ୍ର ମ୍ୟାନେଜର ଆଶୁତୋଷ ଶତପଥୀ ପ୍ରମୁଖ କହିଥିଲେ ଯେ, ପ୍ରତ୍ୟେକ ବର୍ଗର ମହିଳାମାନଙ୍କୁ ସୁଲଭ ମୂଲ୍ୟରେ ସାନିଟାରୀ ନାପ୍‌କିନ ଯୋଗାଇ ଦିଆଯିବ । ଏହି ନାପ୍‌କିନ୍ ପ୍ରସ୍ତୁତ ନିମନ୍ତେ ମହିଳାମାନଙ୍କୁ ପ୍ରଶିକ୍ଷଣ କରାଯିବା ନେଇ ଅତିଥିମାନେ ସୂଚନା ଦେଇଥିଲେ। ୧ ହଜାରରୁ ଊର୍ଦ୍ଧ୍ୱ ଗୃହିଣୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉଜ୍ଜ୍ୱଳା ଯୋଜନାର ଖଣ୍ଡପଡ଼ା ବ୍ଲକ ସଂଯୋଜକ ଅର୍ଜୁନ ଗୁରୁ, ଶିକ୍ଷକ ପ୍ରମୋଦ କୁମାର ନନ୍ଦ, ଟାଇନା ମହାପାତ୍ର, ସୁକାନ୍ତ ବେହେରା, ବବିତା ସାହୁ, ରୀତା ରାଉତ, ସ୍ନେହମୟୀ ସାହୁ ଓ ପ୍ରଭାତ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ସାନିଟାରି ନାପ୍‌କିନ ବ୍ୟବହାର ନେଇ ସଚେତନତା ସୃଷ୍ଟି କରାଯାଉଛି।

# ପିକ୍‌ନିକ୍ ପାଇଁ ଯାଉଥିବାବେଳେ ଦୁର୍ଘଟଣା: ୩ ଗୁରୁତର

**ନୟାଗଡ଼ ଅଫିସ,୩୦।୧୨**

ଖଣ୍ଡପଡ଼ା ବ୍ଲକ ସୁନାମୁହିଁ ପର୍ଯ୍ୟଟନ କ୍ଷେତ୍ରକୁ ରବିବାର ପିକ୍‌ନିକ୍ ପାଇଁ ଯାଉଥିବା ବେଳେ ଦୁର୍ଘଟଣା ଘଟି ୩ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଲୁଗାଁ ଗ୍ରାମର ପପୁ ନାୟକ (୨୨), ବିଜୟ ସ୍ୱାଇଁ (୨୧) ଓ ସୌମ୍ୟରଞ୍ଜନ ସାହୁ (୨୨)। ପୂର୍ବାହ୍ନରେ ଏମାନେ ଏକ ବାଇକ୍‌ରେ ସୁନାମୁହିଁ ଯାଉଥିବାବେଳେ ଖେଡ଼ପଡ଼ା ଛକଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ଯୁବକମାନଙ୍କ ପଛରେ ଏକ କାର୍ ଓ ଆଗରେ ଏକ ଟ୍ରାଭେରା ଆସୁଥିଲା। ବାଇକ୍ ଚାଳକ ଭାରସାମ୍ୟ ହରାଇ ଆଗରେ ଆସୁଥିବା ଟ୍ରାଭେରାକୁ ପିଟି ଦେଇଥିଲା। ଘଟଣାସ୍ଥଳରେ ୩ ଯୁବକ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକ ଜବତ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ମନୋରମା ମଲ୍ଲିକ ପ୍ରକାଶ କରିଛନ୍ତି।



ଗୁରୁତର ୩ ଯୁବକ।

# ବ୍ଲକସ୍ତରୀୟ କୃଷକ ସମ୍ପର୍କମେଳା

**ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ପଞ୍ଚାୟତରେ ବ୍ଲକସ୍ତରୀୟ କୃଷକ ସମ୍ପର୍କମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାକୁ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଆମ୍ବାର ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ଡ. ପ୍ରେମ ନାରାୟଣ ଜଗଦେବ ମୁଖ୍ୟବକ୍ତା ଓ ସରପଞ୍ଚ ଲକ୍ଷ୍ମୀପ୍ରିୟା ଜୟସିଂ, ପାଣିପୋଇଲାସ୍ଥିତ ଆଖୁ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ପ୍ରମୋଦ ନାୟକ, ସହକାରୀ ଯନ୍ତ୍ରୀ ଇଂ.ସୁଧାଂଶୁ ଶେଖର ନାୟକ, ଜିଲା କୃଷି ଅଧିକାରୀ ବାସୁଦେବ ବେହେରା, ନୋଡ଼ାଲ ଅଫିସର ଶରତ ଚନ୍ଦ୍ର ସାହୁ, ବୈଜ୍ଞାନିକ ପ୍ରମୋଦ କୁମାର ପୃଷ୍ଟି, ସହକାରୀ ପଶୁ ଚିକିତ୍ସାଧିକାରୀ ଡ.ଲିକେସ୍ କାନୁନଗୋ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ୍ ସହକାରୀ କୃଷି ଅଧିକାରୀ ରଶ୍ମିତା ସ୍ୱାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ମିଲନ୍ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଏ ଅବସରରେ କୃଷକ ଓ କୃଷି ବିକାଶକୁ ନେଇ ପାଲା ପରିବେଷଣ ହୋଇଥିଲା। କୃଷକ ସାଥୀ ସୁରେନ୍ଦ୍ର କୁମାର ମହାନ୍ତିଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍‌ଗୁଡ଼ିକ ଖୋଲାଯାଇଥିଲା। ମେଳାରେ ଚାଷୀମାନଙ୍କୁ କୃଷିଭିତ୍ତିକ ସୂଚନା ଦିଆଯାଇଥିଲା ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ନୂତନ କର୍ମକର୍ତ୍ତା ମନୋନୀତ

**ନୟାଗଡ଼ ଅଫିସ,୩୦।୧୨**

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ଅନୁମୋଦନ କ୍ରମେ ନୟାଗଡ଼ ଜିଲା ସଭାପତି ସତ୍ୟବ୍ରତ ନାୟକ ଜିଲାର ନୂତନ କର୍ମକର୍ତ୍ତା ମନୋନୀତ କରିଛନ୍ତି। କୃଷି ଶ୍ରମିକ, ଅସଂଗଠିତ ଶ୍ରମିକ, ନିର୍ମାଣ ଶ୍ରମିକ, ଆଶା, ଅଙ୍ଗନୱାଡି, ପାଚିକା ଓ ବିଭିନ୍ନ କ୍ଷୁଦ୍ରଶିଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କୁ ସଂଗଠିତ କରି ଜିଲା ସଂଗଠନକୁ ମଜବୁତ କରିବା ଲକ୍ଷ୍ୟରେ ଏହା କରାଯାଇଥିବା ନାୟକ ପ୍ରକାଶ କରିଛନ୍ତି। ଉପସଭାପତି ଭାବେ ସଞ୍ଜୟ ଦାସ, ସତ୍ୟରଞ୍ଜନ ମଣ୍ଡା, ସୁରେନ୍ଦ୍ରନାଥ କଳସ, ସତ୍ୟବାନ ନାୟକ, ବିମଳ କୁମାର ଦାସଙ୍କୁ ମନୋନୀତ କରାଯାଇଛି। ବିଭୂତି କୁମାର ଜେନା କୋଷାଧ୍ୟକ୍ଷ, ସାଧାରଣ ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ, ବାଳକୃଷ୍ଣ ଷଡଙ୍ଗୀ, ପ୍ରଭାତ କୁମାର ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦିଲୀପ ବେହେରା ମନୋନୀତ ହୋଇଛନ୍ତି। ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ପ୍ରଦୀପ କୁମାର ସାମନ୍ତରାୟ, କବିରାଜ ଦଳବେହେରା, ଶିଶିର କୁମାର ଭ, ହୃଦାନନ୍ଦ କାଣ୍ଡି, ପ୍ରଭାତ ମହାନ୍ତି ମନୋନୀତ ହୋଇଛନ୍ତି। ସମ୍ପାଦକ ଭାବରେ ରବୀନ୍ଦ୍ର କୁମାର ଦାସ, ପ୍ରମୋଦ କୁମାର ସାହୁ, ପ୍ରତୀକ ମହାପାତ୍ର, ସଂସାରୀ ମହାରଣା, ଶାନ୍ତିଲତା ସାହୁ, ଛାଟିଆ ପ୍ରଧାନ(ମିଟୁ), କପିଳେନ୍ଦ୍ର ପରିଡା, ନବକିଶୋର ସାଥୁଆ, ତାରେଣୀ ପ୍ରସାଦ ରାୟ, ଗୋପାଳ ଖୁଣ୍ଟିଆ, ମୋହନ ନନ୍ଦ, ଦେବାଶିଷ ସାହୁଙ୍କୁ ମନୋନୀତ କରାଯାଇଛି। ସଂଗଠନ ସମ୍ପାଦକ ଭାବେ ସୁରେନ୍ଦ୍ର କୁମାର ବିଷୋୟୀ, ସଂଗ୍ରାମ ପାଇକରାୟ, ଉମାରାଣୀ ଶତପଥୀ, ରଞ୍ଜନ କୁମାର ପ୍ରଧାନ, ହେମନ୍ତ ପଟ୍ଟନାୟକ, ବୁଲୁ ନାୟକ, ଉପେନ୍ଦ୍ର କୁମାର ମୁଦୁଲି, ଲକ୍ଷ୍ମୀଧର ଜେନା, ଫଗୁ ଓଝା, କନକଲତା ପ୍ରଧାନ, ରୀନା ବାଘୁଆସିଂହ, ଅଶୋକ କୁମାର ନାୟକ, କାମନା ଲେଙ୍କା, ବାସନ୍ତି ବେହେରା, ସୁକାନ୍ତି ପ୍ରଧାନ ପ୍ରମୁଖ ରହିଛନ୍ତି। ସେହିପରି ବ୍ଲକ ସଭାପତି ଭାବରେ ରଣପୁର ପାଇଁ ସାରଙ୍ଗଧର ପ୍ରଧାନ, ଓଡଗାଁ ପ୍ରକାଶ ଚନ୍ଦ୍ର ମହାପାତ୍ର, ନୟାଗଡ ସଚ୍ଚିକାନ୍ତ ସାହୁ, ଖଣ୍ଡପଡା ଭୁବନେଶ୍ୱର ପତି, ଭାପୁର ବାଙ୍କବିହାରି ଦଳାଇ, ନୂଆଗାଁ ବ୍ଲକ ପାଇଁ ରବୀନ୍ଦ୍ର କୁମାର ଶତପଥୀଙ୍କୁ ମନୋନୀତ କରାଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଅପରପକ୍ଷେ ପ୍ରଭାତ କୁମାର ଅଧିକାରୀଙ୍କୁ ନୟାଗଡ଼ ଜିଲା ଯୁବ ଆଇଏନ୍‌ଟିୟୁସିର କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଛି।